# ବୈଷ୍ଣବ ପଦାବଳୀ



ପ୍ରଫେସର ଜାନକୀବଲ୍ଲଭ ମହାନ୍ତି

# ବୈଷ୍ଣବ ପଦାବଳୀ


ସଂକଳନ ଓ ସଂପାଦନା

ଡକ୍ଟର ଜାନକୀବଲ୍ଲଭ ମହାନ୍ତି



ଓଡ଼ିଶା ବୁକ୍ ଷ୍ଟୋର

# ବୈଷ୍ଣବ ପଦାବଳୀ

ସଂକଳନ ଓ ସଂପାଦନା
**ଡକ୍ଟର ଜାନକୀବଲ୍ଲଭ ମହାନ୍ତି**
ପ୍ରଫେସର୍ : ଓଡ଼ିଆ ବିଭାଗ
ରେଭେନ୍ସା କଲେଜ, କଟକ

ପ୍ରକାଶକ :
**ଶ୍ରୀ ଗୋବିନ୍ଦ ଚରଣ ପାତ୍ର**
ଓଡ଼ିଶା ବୁକ୍ ଷ୍ଟୋର
ବିନୋଦ ବିହାରୀ
କଟକ-୭୫୩୦୦୨

ପ୍ରଥମ ସଂସ୍କରଣ—୧୯୮୦

ମୁଦ୍ରାକର :
**ପାୟୋନିଅର ପ୍ରେସ,**
ଶେଖବଜାର, କଟକ-୮

ମୂଲ୍ୟ :
ଶୋଭନ : କୋଡ଼ିଏ ଟଙ୍କା
(ସାଧାରଣ : ଟ ୧୮/ )

## BAISHNABA PADABALI

*Edited by*
**Dr. Janaki Ballav Mohanty**
Prof : Oriya Department
Ravenshaw College, Cuttack

*Published by* :
**Sri Govind Charan Patra**
Orissa Book Store
Binod Behari
Cuttack-753002

First Edition
1980

*Printer* :
**Pioneer Press**
Shaik Bazar, Cuttack-8

*Price* :
**Rupees : Twenty only**

# ମୁଖବନ୍ଧ

ଭାରତରେ କୃଷ୍ଣ ଉପାସନା ପ୍ରଚଳିତ ହେବା ପରେ ସଂସ୍କୃତ, ପ୍ରାକୃତ ତଥା ଅପଭ୍ରଂଶ ପ୍ରଭୃତି ପ୍ରାଚୀନ ଭାରତୀୟ ସାହିତ୍ୟରେ କୃଷ୍ଣଲୀଳାକୁ ଉପଜୀବ୍ୟ କରି ବହୁ ଗୀତ ରଚିତ ହୋଇଥିଲା । ତନ୍ମଧ୍ୟରୁ ସଂସ୍କୃତରେ ରଚିତ ଜୟଦେବଙ୍କ "ଗୀତ ଗୋବିନ୍ଦ" ଯେ ସର୍ବାଧିକ ଜନପ୍ରିୟ ଗୀତି ରଚନା, ଏ ବିଷୟରେ ସନ୍ଦେହର ଅବକାଶ ନାହିଁ । ଏହାର ରଚନାକାଳ ଆନୁମାନିକ ଭାବେ ଦ୍ୱାଦଶ ଶତାବ୍ଦୀ । ସମକାଳରେ ପ୍ରାକୃତ ଓ ଅପଭ୍ରଂଶ ଭାଷାରେ କୃଷ୍ଣଲୀଳାତ୍ମକ ବହୁ ଗୀତ ରଚିତ ହୋଇଥିଲେ ହେଁ ସେ ସମ୍ପର୍କରେ ଆମ୍ଭମାନଙ୍କ ଜ୍ଞାନ ଅତୀବ ସୀମିତ । ଏତାଦୃଶ ଗୀତର ଦୃଷ୍ଟାନ୍ତ ସ୍ୱରୂପ ପ୍ରାକୃତ ଭାଷାରେ ରଚିତ ଏକ ଗୀତ ଏଠାରେ ଉଲ୍ଲେଖ କରାଯାଇପାରେ ।

"ଜିଣି କଂସ ବିଣାସିଅ କିତ୍ତି ପଆସିଅ
ମୁଟ୍ଠି ଅରିଟ୍ଠି ବିଣାସ କରେ, ଗିରି ହତ୍ଥ ଧରେ ।
ଜମ ଲଜ୍ଜୁଣ ଭଂଜିଅ, ପଅଭର ଗଂଜିଅ
କାଲିଅ କୁଲ ସଂହାର କରେ, ଜସ ଭୁଅଣ ଭରେ ।
ଚାଣୁର ବିହଂଡିଅ, ଣିଅ କୁଲ ମଂଡିଅ
ରାହାମୁହ ମହୁ ପାଣକରେ, ଜିମି ଭମରବରେ ।
ସୋ ତୁମ୍ହ ଣରାଅଣ, ବିପ୍ପ ପରାଅଣ
ଚିତ୍ତହ ଚିଂତିଅ ଦେଉବରା, ଭଅ ଭୀଅ ହରା ।"

( ପ୍ରାକୃତ ପିଙ୍ଗଳ-ମାତ୍ରାବୃତ୍ତମ୍ ନଂ ୨୦୭ )

ଅର୍ଥାତ୍ ଯିଏ କଂସକୁ ମାରିଥିଲେ, କୀର୍ତ୍ତି ପ୍ରକାଶ କରିଥିଲେ, ମୁଷ୍ଟିକ ଓ ଅରିଷ୍ଟକୁ ନାଶ କରିଥିଲେ ଓ ପର୍ବତକୁ ହାତରେ ଧାରଣ କରିଥିଲେ, ଯିଏ ଯାମଲାର୍ଜୁନ ଓପାଡ଼ି ଦେଇଥିଲେ, ପାଦଭାରରେ କାଳୀୟ ନାଗର ଦର୍ପ ଚୂର୍ଣ୍ଣ କରିଥିଲେ ତଥା ତାହାର କୁଳ ସଂହାର କରିଥିଲେ, ଯଶକୁ ଭୁବନରେ ପୂର୍ଣ୍ଣ କରିଥିଲେ, ଯେ ଚାଣୂରକୁ ଖଣ୍ଡନ କରିଥିଲେ, ନିଜ କୁଳକୁ ମଣ୍ଡନ କରିଥିଲେ ଓ ଭ୍ରମର ଭଳି ରାଧାଙ୍କ ମୁଖରୁ ମଧୁପାନ କରିଥିଲେ, ସେହି ଭୟଭୀତି ଅପହରଣକାରୀ ବିପ୍ରପରାୟଣ ନାରାୟଣ ତୁମକୁ ଚିତ୍ତଚିନ୍ତିତବର ପ୍ରଦାନ କରନ୍ତୁ ।

ଉଦାହୃତ ଗୀତଟି ଏକ ଆଶୀର୍ବାଦ ଶ୍ଳୋକ ହେଲେହେଁ ରାଧାକୃଷ୍ଣ ଲୀଳାର ବିବିଧ ପ୍ରସଙ୍ଗକୁ ଉପଜୀବ୍ୟ କରି ପ୍ରାଚୀନ ଭାରତୀୟ ସାହିତ୍ୟରେ ବହୁ କ୍ଷୁଦ୍ର ଗୀତ ଏହିପରି ରଚିତ ହୋଇଥିବା ଏକାନ୍ତ ସ୍ୱାଭାବିକ ।

କୃଷ୍ଣଲୀଳାତ୍ମକ ଗୀତ ଭାରତର ପୂର୍ବାଞ୍ଚଳରେ ବହୁକାଳରୁ ପଦାବଳୀ ଭାବରେ ଅଭିହିତ ହୋଇ ଆସୁଅଛି । ସଂଗୀତ ଅର୍ଥରେ 'ପଦାବଳୀ' ଶବ୍ଦର ପ୍ରଥମ ପ୍ରୟୋଗକାରୀ ଭାବେ ଜୟଦେବଙ୍କ ନାମ ଉଲ୍ଲେଖଯୋଗ୍ୟ । ଆପଣାର କୃଷ୍ଣଲୀଳାତ୍ମକ ଗୀତକୁ 'ଲଳିତ କୋମଳ କାନ୍ତ ପଦାବଳୀ' ନାମରେ ଅଭିହିତ କରି ସେ 'ଗୀତଗୋବିନ୍ଦ'ରେ ଲେଖିଥିଲେ—

"ଯଦି ହରି ସ୍ମରଣେ ସରସଂ ମନୋ
ଯଦି ବିଳାସ କଳାସୁ କୁତୂହଳମ୍
ମଧୁର କୋମଳ କାନ୍ତ ପଦାବଳୀଂ
ଶୃଣୁ ତଦା ଜୟଦେବ ସରସ୍ୱତୀମ୍ ।" ( ୧।୩ )

ଦ୍ୱାଦଶ ଶତାବ୍ଦୀର ପରବର୍ତ୍ତୀ କାଳରେ ଭାରତର ପୂର୍ବାଞ୍ଚଳୀୟ ସାହିତ୍ୟରେ କୃଷ୍ଣଲୀଳାତ୍ମକ ଗୀତ ଅର୍ଥରେ ଏହି ପଦାବଳୀ ଶବ୍ଦର ପ୍ରୟୋଗ ତାତ୍ପର୍ଯ୍ୟପୂର୍ଣ୍ଣ ମନେହୁଏ । ମିଥିଳା ଓ ବଙ୍ଗଳାର କବିଗଣ କୃଷ୍ଣଲୀଳାତ୍ମକ ଗୀତକୁ 'ପଦାବଳୀ' ନାମରେ ସର୍ବାଦୌ ଅଭିହିତ କରିଥିଲେ । ପରବର୍ତ୍ତୀ କାଳରେ ଓଡ଼ିଶାରେ ଶ୍ରୀଚୈତନ୍ୟଙ୍କ ମାଧ୍ୟମରେ କୃଷ୍ଣଲୀଳାତ୍ମକ ସଂଗୀତ ପ୍ରସାରଲାଭ କରିଥିଲା ଓ କ୍ରମେ ଓଡ଼ିଶାର ବହୁ କବି ଏତାଦୃଶ ଗୀତ ରଚନାରେ ମନୋନିବେଶ କରିଥିଲେ । ସଂପ୍ରତି ଓଡ଼ିଶାରେ ଏହି ଗୀତଗୁଡ଼ିକୁ ମଧ୍ୟ ପଦାବଳୀ ନାମରେ ଅଭିହିତ କରାଯାଉଅଛି । ମାତ୍ର ଅତୀତରେ କୃଷ୍ଣଲୀଳାତ୍ମକ ଗୀତ ଅବସ୍ଥାଭେଦରେ ଝୁଲଣଗୀତ, ରାସଗୀତ ବା ଚୌପଦୀ ନାମରେ ଓଡ଼ିଶାରେ ପରିଚିତ ଥିଲା ।

## ବୈଷ୍ଣବ ପଦାବଳୀର ସୃଷ୍ଟି :—

ସଂସ୍କୃତ ଭାଷାରେ କୃଷ୍ଣଲୀଳାତ୍ମକ ଗୀତ ରଚିତ ହେବା ପରେ ଅପଭ୍ରଂଶ ଭାଷାରେ ମଧ୍ୟ ଏତାଦୃଶ ବହୁ ଗୀତ ରଚିତ ହୋଇଥିବା ଅନୁମେୟ । ମାତ୍ର ଏପର୍ଯ୍ୟନ୍ତ ସେଗୁଡ଼ିକର ସନ୍ଧାନ ମିଳିପାରି ନାହିଁ । ଯେତେଦୂର ଜଣାଯାଏ, ପୂର୍ବାଞ୍ଚଳୀୟ ସାହିତ୍ୟ କ୍ଷେତ୍ରରେ ମିଥିଳାର କବି ବିଦ୍ୟାପତି (ଖ୍ରୀ: ୧୩୭୦-୧୪୬୮) ସର୍ବାଦୌ ଏତାଦୃଶ ଗୀତ ରଚନା କରିଥିଲେ । ପଞ୍ଚଦଶ ଶତାବ୍ଦୀରେ 'ଶ୍ରୀକୃଷ୍ଣ କୀର୍ତ୍ତନ' ପ୍ରଣେତା ବଡ଼ୁ ଚଣ୍ଡୀଦାସ ମଧ୍ୟ କୃଷ୍ଣଲୀଳାତ୍ମକ ଗୀତରଚୟିତା ଭାବେ ସୁପ୍ରସିଦ୍ଧ ।

ଶ୍ରୀଚୈତନ୍ୟଙ୍କ ଜୀବନୀକାର କୃଷ୍ଣଦାସ କବିରାଜଙ୍କ ଉକ୍ତିରୁ ଜଣାଯାଏ, ଶ୍ରୀଚୈତନ୍ୟ ଶ୍ରୀକ୍ଷେତ୍ରରେ ଅବସ୍ଥାନ କାଳରେ ଚଣ୍ଡୀଦାସ, ବିଦ୍ୟାପତି, ରାୟରାମାନନ୍ଦ, ଜୟଦେବ ଓ ବିଲ୍ୱମଙ୍ଗଳ (ଶ୍ରୀକୃଷ୍ଣ କର୍ଣ୍ଣାମୃତ) ପ୍ରଭୃତି କବିମାନଙ୍କ ସଂସ୍କୃତ, ପ୍ରାକୃତ ବା ଦେଶୀୟ ଭାଷାରେ ରଚିତ ଗୀତକୁ ଶ୍ରଦ୍ଧାର ସହିତ ଗାନ କରୁଥିଲେ—

"ଚଣ୍ଡୀଦାସ ବିଦ୍ୟାପତି                    ରାୟେର ନାଟକ ଗୀତି
କର୍ଣ୍ଣାମୃତ ଶ୍ରୀ ଗୀତଗୋବିନ୍ଦ
ସ୍ୱରୂପ ଦାମୋଦର ସନେ                    ମହାପ୍ରଭୁ ରାତ୍ରଦିନେ
ଗାଏ ଶୁନେ ପରମ ଆନନ୍ଦ ।"

ଶ୍ରୀଚୈତନ୍ୟଙ୍କ ଅନ୍ତିମ ଜୀବନର ଅଠର ବର୍ଷ ଶ୍ରୀକ୍ଷେତ୍ରରେ ଅତିବାହିତ ହୋଇଥିବାରୁ ଓଡ଼ିଶାରେ ତାହାଙ୍କ ଆଚରିତ ଓ ପ୍ରଚାରିତ ଧର୍ମମତ ଜନସାଧାରଣଙ୍କୁ ଆକୃଷ୍ଟ କରିବା ସ୍ୱାଭାବିକ । ମାତ୍ର ଯେତେଦୂର ଜଣାଯାଏ, ଚୈତନ୍ୟଙ୍କ ସମକାଳରେ ତାହାଙ୍କ ଧର୍ମମତ ସମାଜର ଉଚ୍ଚସ୍ତରରେ ହିଁ ପ୍ରଭାବ ବିସ୍ତାର କରିଥିଲା । ଓଡ଼ିଶାର ରାଜା ପ୍ରତାପରୁଦ୍ର, ତାହାଙ୍କ ବିଶିଷ୍ଟ କର୍ମଚାରୀ ରାମାନନ୍ଦଙ୍କ ପରିବାର ଓ ଶିଖିମହାନ୍ତିଙ୍କ ପରିବାର ପ୍ରଭୃତି ଏଥିରେ ଅନୁପ୍ରାଣିତ ହୋଇଥିଲେ ହେଁ ଓଡ଼ିଶାର ପ୍ରାକ୍ତନ ବୈଷ୍ଣବ ଉପାସନା ପ୍ରତି ଜନସାଧାରଣଙ୍କ ନିଷ୍ଠା ଅତୁଟ ଥିଲା । ଉତ୍କଳୀୟ ପ୍ରାକ୍ତନ ବୈଷ୍ଣବଗୋଷ୍ଠୀ ଓ ଭକ୍ତମଣ୍ଡଳୀ ବଙ୍ଗଦେଶାଗତ ଭକ୍ତଗୋଷ୍ଠୀକୁ ଉଦାରତାର ସହିତ ଗ୍ରହଣ କରିନେଇଥିଲେ ହେଁ ସେମାନଙ୍କ ମଧ୍ୟରେ ଈର୍ଷା ଓ ତିକ୍ତତା ପ୍ରଚ୍ଛନ୍ନଭାବରେ ରହିଥିଲା । ଓଡ଼ିଶାର ତାତ୍କାଳିକ ଭକ୍ତ ଓ କବିମାନେ ଚୈତନ୍ୟ ଓ ରାମାନନ୍ଦଙ୍କ ବିଷୟରେ ଯେପରି ନୀରବତା ଅବଲମ୍ବନ କରିଛନ୍ତି, ସେହିପରି ଚୈତନ୍ୟଙ୍କ ବଂଗୀୟ ଜୀବନୀକାରଗଣ ଓଡ଼ିଶାର ତତ୍କାଳୀନ ବିଶିଷ୍ଟ ଧର୍ମ-ପ୍ରଚାରକ ଓ ସାଧକମାନଙ୍କ ସମ୍ପର୍କରେ ଅନାବଶ୍ୟକ ଉଦାସୀନତା ପ୍ରକାଶ କରିଛନ୍ତି । ମାତ୍ର କାଳକ୍ରମେ ଅଷ୍ଟାଦଶ ଶତକ ବେଳକୁ ଓଡ଼ିଶାରେ ଏହି ଦ୍ୱିବିଧ ସାଧନପଦ୍ଧତି ମଧ୍ୟରେ ଏକ ସମନ୍ୱୟ ସାଧିତ ହୋଇଥିଲା ।

## ବୈଷ୍ଣବ ପଦାବଳୀର କେତେକ ବୈଶିଷ୍ଟ୍ୟ :—

ଉତ୍କଳୀୟ ପାରଂପରିକ ଧର୍ମସାଧନ ପଦ୍ଧତି ଥିଲା ମୁଖ୍ୟତଃ ତନ୍ତ୍ରପ୍ରଭାବିତ । ବୌଦ୍ଧ ଓ ହିନ୍ଦୁତନ୍ତ୍ରର ମିଳନପୀଠ ଥିଲା ଓଡ଼ିଶା । ୬ଷ୍ଠ ଓ ୭ମ ଶତାବ୍ଦୀରୁ ଯାଜପୁର, ଭୁବନେଶ୍ୱର, ପୁରୀ ଶକ୍ତିପୀଠ ଭାବେ ଥିଲା ସୁପ୍ରସିଦ୍ଧ । ଫଳତଃ ଶ୍ରୀଚୈତନ୍ୟଙ୍କ ପୂର୍ବରୁ ଏ ଦେଶରେ ଯେଉଁ ବୈଷ୍ଣବ ଧର୍ମଧାରାର ପ୍ରବର୍ତ୍ତନ

ହୋଇଥିଲା, ତାହା ତନ୍ତ୍ରପ୍ରଭାବିତ ହେବା ଏକାନ୍ତ ସ୍ୱାଭାବିକ । ମାତ୍ର ଚୈତନ୍ୟଙ୍କ ପ୍ରେମଭକ୍ତି ତତ୍ତ୍ୱ ବୈଷ୍ଣବୀୟ ସାଧନା କ୍ଷେତ୍ରରେ ଥିଲା ଏକ ଅଭିନବ ପଦକ୍ଷେପ । ଉପାସ୍ୟ କୃଷ୍ଣଙ୍କୁ ଆପଣାର ପ୍ରେମିକ ଓ ନିଜକୁ ତାଙ୍କର ପ୍ରେମିକା ଭାବି ଶ୍ରୀକୃଷ୍ଣଙ୍କ ଭାବନାରେ ତନ୍ମୟ ହେବା ଥିଲା ଏହି ଉପାସନାର ମୂଳ ଲକ୍ଷ୍ୟ । ଶ୍ରୀମଦ୍‌ଭାଗବତରେ ବର୍ଣ୍ଣିତ ଗୋପୀମାନେ ଥିଲେ ଏହି ସାଧନାର ଆଦର୍ଶ । ସେହି ବ୍ରଜବଧୂମାନଙ୍କର ମୁଖ୍ୟ ଭାବେ ପରିକଳ୍ପିତ ହୋଇଥିଲେ ଶ୍ରୀରାଧା ଓ ତାଙ୍କର ସଖୀଭାବେ ପରିକଳ୍ପିତ ହୋଇଥିଲେ ଲଳିତା, ବିଶାଖା, ରୂପମଂଜରୀ ପ୍ରଭୃତି ଅଷ୍ଟସଖୀ । ରାଧାକୃଷ୍ଣଙ୍କର ମିଳନ ସଂପାଦନ ଓ ସେମାନଙ୍କ ପ୍ରଣୟଲୀଳାକୁ ଅଧିକ ମାଧୁର୍ଯ୍ୟମଣ୍ଡିତ କରିବା ଥିଲା ଏହି ସଖୀମାନଙ୍କର ପ୍ରଧାନ କର୍ତ୍ତବ୍ୟ । ସଖୀର କର୍ମ ସଂପର୍କରେ ଗୌଡ଼ୀୟ ବୈଷ୍ଣବମାନଙ୍କ ସର୍ବଶ୍ରେଷ୍ଠ ଗ୍ରନ୍ଥ କୃଷ୍ଣଦାସ କବିରାଜଙ୍କ 'ଚୈତନ୍ୟ ଚରିତାମୃତ'ରେ କୁହାଯାଇଛି :—

"ସଖୀର ସ୍ୱଭାବ ଏକ ଅକଥ୍ୟ କଥନ
କୃଷ୍ଣ ସହ ନିଜ ଲୀଳାୟ ସଖୀର ନାହିଁ ମନ ।
କୃଷ୍ଣ ସହ ରାଧିକାର ଲୀଳା ସେ କରାୟ
ନିଜ କେଲି ହୈତେ ତାହେ କୋଟି ସୁଖ ପାୟ ।
× × ×
ଅନ୍ୟୋନ୍ୟେ ବିଶୁଦ୍ଧ ପ୍ରେମ କରେ ରସ ପୁଷ୍ଟ
ତା' ସବାର ପ୍ରେମ ଦେଖି କୃଷ୍ଣ ହୟ ତୁଷ୍ଟ ।"

( ମଧ୍ୟଲୀଳା )

ଗୌଡ଼ୀୟପନ୍ଥୀ ସାଧକ ଏହି ସଖୀଭାବରେ ରାଧାକୃଷ୍ଣଙ୍କ ସେବାଭିଳାଷୀ ହୋଇ କ୍ରମେ ଶ୍ରୀକୃଷ୍ଣଙ୍କ ପ୍ରେମାନୁକଂପାଲାଭର କାମନା କରିଥାଆନ୍ତି । ଏହି ପ୍ରସଙ୍ଗକୁ ଉପଜୀବ୍ୟ କରି ବୈଷ୍ଣବ କବିଗଣ ବହୁ ସଂଗୀତ ରଚନା କରିଯାଇଛନ୍ତି । ଏହା ହିଁ ବୈଷ୍ଣବୀୟ କବିତା ବା ପଦାବଳୀ । ଭାବ ଏହାର ମୁଖ୍ୟ ଅବଲମ୍ବନ । ପ୍ରସଙ୍ଗକ୍ରମେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳାକୁ ଉପଜୀବ୍ୟ କରି ବାତ୍ସଲ୍ୟ ଭାବସମ୍ବଳିତ ବହୁ କବିତା ମଧ୍ୟ ସେମାନେ ରଚନା କରିଥିଲେ ।

ମୋଟାମୋଟି ଭାବେ କୃଷ୍ଣଲୀଳାର ଶାନ୍ତ, ଦାସ୍ୟ, ସଖ୍ୟ, ବାତ୍ସଲ୍ୟ ଓ ମଧୁର ଭେଦରେ ପଞ୍ଚଭାବ ଓ ପଞ୍ଚବିଧ ଚରିତ୍ର ପରିକଳ୍ପିତ ହୋଇଅଛି । ଜ୍ଞାନ ସାହାଯ୍ୟରେ ତତ୍ତ୍ୱ ଦୃଷ୍ଟିରୁ ଭଗବାନଙ୍କୁ ଉପଲବ୍‌ଧି କରିବା ହେଉଛି ଶାନ୍ତଭାବ । ଭଗବାନଙ୍କୁ ସେବ୍ୟ ଓ ନିଜକୁ ତାଙ୍କର ସେବକ ଭାବିବା ହେଉଛି ଦାସ୍ୟଭାବ । ଭଗବାନଙ୍କୁ ଆପଣାର ସଖା ବା ବନ୍ଧୁ ମନେକରିବା ସଖ୍ୟଭାବ । ଅକ୍ରୂର ଓ ଉଦ୍ଧବ ଯଥାକ୍ରମେ

ଏହି ଦାସ୍ୟ ଓ ସଖ୍ୟ ଭାବର ପ୍ରତୀକ । ନନ୍ଦ-ଯଶୋଦା କୃଷ୍ଣଙ୍କୁ ସନ୍ତାନ ଜ୍ଞାନରେ ତାଙ୍କ ପ୍ରତି ଆପଣାର ସମସ୍ତ ଚିତ୍ତବୃତ୍ତି ସମର୍ପଣ କରିଥିଲେ । ଏହା ବାତ୍ସଲ୍ୟଭାବ ଉପାସନାର ପ୍ରତୀକ । ମାତ୍ର ଏହି ପଞ୍ଚଭାବ ମଧ୍ୟରେ ସର୍ବଶ୍ରେଷ୍ଠ ହେଉଛି ମଧୁରଭାବ ବା ଆପଣାର ପ୍ରେମାନୁଭୂତିକୁ ଭଗବାନଙ୍କ ପ୍ରତି ଅର୍ପଣ କରିବା । କବିଙ୍କ ଭାଷାରେ—

"ଭକ୍ତିର ଭକ୍ତି ମଧ୍ୟେ ପ୍ରେମ ଭକ୍ତି ଅଟେ ସାର
ସେ ଭକ୍ତି ଅଟଇ କୋଠ ଗୋପୀମାନଙ୍କର ।"

## ବ୍ରଜବୋଲି ଓ ବୈଷ୍ଣବ କବିତା :—

ଗୋପୀଭାବସମ୍ବଳିତ ଗୀତ ଗାନରେ ଅନୁରକ୍ତ ଥିଲେ ଶ୍ରୀଚୈତନ୍ୟ । ତାହାଙ୍କ ପୂର୍ବରୁ ଏଭଳି ଗୀତ ଆଞ୍ଚଳିକ ଭାଷାରେ ଯତ୍ରସାମାନ୍ୟ ଲିଖିତ ହୋଇଥିଲି । ବିଦ୍ୟାପତି ଚଣ୍ଡୀଦାସ ଓ ରାୟ ରାମାନନ୍ଦଙ୍କ ଗୀତାବଳୀ ତାହାର ପ୍ରକୃଷ୍ଟ ନିଦର୍ଶନ । ମିଥିଳାର କବି ବିଦ୍ୟାପତିଙ୍କ ପ୍ରାଚୀନ ମୈଥିଳୀ ଭାଷାରେ ରଚିତ ସୁଲଳିତ କୃଷ୍ଣଲୀଳାତ୍ମକ ଗୀତ କାଳକ୍ରମେ ବ୍ରଜଭୂମିର ଭାଷା ବା ବ୍ରଜବୋଲି ରୂପାୟିତ ହୋଇଯାଇଥିଲି । ବଙ୍ଗଳା, ଆସାମ ଓ ଓଡ଼ିଶାର କେତେକ କବି ଏହି ଭାଷାରେ ମଧ୍ୟ କୃଷ୍ଣଲୀଳାତ୍ମକ ଗୀତ ଲେଖିବାକୁ ଆକୃଷ୍ଟ ହୋଇଥିଲେ । ପ୍ରତ୍ୟେକ ଆଂଚଳିକ ଭାଷାର କବି ପ୍ରତ୍ୟକ୍ଷରେ ହେଉ ବା ପରୋକ୍ଷରେ ହେଉ, ନିଜ ଭାଷାର ଶବ୍ଦକୁ ଏହି ଗୀତରେ ବ୍ୟବହାର କରୁଥିଲେ । ଏହିପରି ଭାବେ ବ୍ରଜବୋଲି ନାମିତ ଏହି କୃତ୍ରିମ ଭାଷା ଏକଦା ଓଡ଼ିଶା, ବଙ୍ଗଳା ଓ ଆସାମ ପ୍ରଭୃତି ଅଞ୍ଚଳର ବୈଷ୍ଣବ କବିମାନଙ୍କ ନିକଟରେ ବିଶେଷ ସମାଦର ଲାଭ କରିଥିଲି ।

ଯାହା ଜଣାଯାଇଅଛି, ଶ୍ରୀଚୈତନ୍ୟଙ୍କ ସମସାମୟିକ ଉତ୍କଳୀୟ କବି ରାୟ ରାମାନନ୍ଦ ହିଁ ସର୍ବପ୍ରଥମେ ଏହି କୃତ୍ରିମ ବ୍ରଜବୋଲି ଭାଷାରେ କୃଷ୍ଣଲୀଳାତ୍ମକ ଗୀତ ରଚନା କରିଥିଲେ । ତାହାଙ୍କ ରଚିତ ସୁବିଖ୍ୟାତ ଗୀତଟି କବିରାଜ ଗୋସ୍ୱାମୀ ଚୈତନ୍ୟ ଚରିତାମୃତରେ ଉଦ୍ଧାର କରିଛନ୍ତି । ଏହି ସମୟରେ ରାଜା ପ୍ରତାପରୁଦ୍ର ଦେବଙ୍କ ମନ୍ତ୍ରୀ ଯଦୁପତି, ଦାମୋଦର ଚଂପତିରାୟ, ଗୃନ୍ଦକବି, ମାଧବୀ ଦାସୀ ପ୍ରଭୃତି ମଧ୍ୟ ଏତାଦୃଶ ଗୀତ ରଚନାରେ ଆପଣାର କୃତିତ୍ୱ ଦର୍ଶାଇ ଯାଇଅଛନ୍ତି । ଏଣୁ ବ୍ରଜବୋଲି ଭାଷାରେ ରଚିତ କୃଷ୍ଣଲୀଳାତ୍ମକ ଗୀତ ହିଁ ପଦାବଳୀର ଆଦିରୂପ । ଏହି ସଂକଳନରେ ସେଥିପାଇଁ ବ୍ରଜବୋଲି ଭାଷାରେ ରଚିତ କେତେଗୋଟି ଗୀତକୁ ଅନ୍ତର୍ଭୁକ୍ତ କରାଯାଇଅଛି ।

କାଳକ୍ରମେ ବ୍ରଜବୋଲି ଭାଷା ପରବର୍ତ୍ତେ ଓଡ଼ିଆ ଭାଷାରେ କୃଷ୍ଣଲୀଳାତ୍ମକ ଗୀତରଚନା ପ୍ରବର୍ତ୍ତିତ ହୋଇଥିଲା । ସମ୍ଭବତଃ ଷୋଡ଼ଶ ଶତାବ୍ଦୀର ଶେଷାର୍ଦ୍ଧରେ ଶ୍ରୀକୃଷ୍ଣଙ୍କ ରାସଲୀଳାକୁ ଭିତ୍ତିକରି ଉଲ୍ଲେଖଯୋଗ୍ୟ ଗୀତ ରଚନାରେ ସର୍ବାଦୌ ମନୋନିବେଶ କରିଥିଲେ ରାସପ୍ରଣେତା ବନମାଳୀ ଦାସ । ଏତଦ୍ ବ୍ୟତୀତ ଯବନ କବି ସାଲବେଗ ମଧ୍ୟ ଏହି ସମୟରେ କେତେକ କୃଷ୍ଣଲୀଳାତ୍ମକ ଗୀତ ରଚନା କରିଥିଲେ । ଷୋଡ଼ଶ ଶତାବ୍ଦୀରେ ପ୍ରେମଭକ୍ତିତତ୍ତ୍ୱ ଯେ ବିଶେଷ ଜନପ୍ରିୟତା ଅର୍ଜନ କରିପାରି ନ ଥିଲା ତାହାର ବଡ଼ ପ୍ରମାଣ ହେଉଛି ଏହି ଶତାବ୍ଦୀରେ ଏତାଦୃଶ ଗୀତ ରଚନାର ସ୍ୱଳ୍ପତା । କହିବା ଅନାବଶ୍ୟକ, ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀରେ ହିଁ ଓଡ଼ିଶାର ବହୁ କବି କୃଷ୍ଣଲୀଳାତ୍ମକ ଗୀତ ରଚନା ପ୍ରତି ଆକୃଷ୍ଟ ହୋଇଥିଲେ ।

**ଓଡ଼ିଆ ପଦାବଳୀର ବିକାଶଧାରା :—**

ଓଡ଼ିଶାର ବିଶିଷ୍ଟ ପଞ୍ଚ ଭକ୍ତକବି ଜଗନ୍ନାଥ ଦାସ, ବଳରାମ ଦାସ, ଅଚ୍ୟୁତାନନ୍ଦ ଦାସ, ଅନନ୍ତ ଦାସ ଓ ଯଶୋବନ୍ତ ଦାସ ପ୍ରଭୃତିଙ୍କ ଗୀତ ରଚନାରେ ରାଧାକୃଷ୍ଣଙ୍କ ପ୍ରଣୟ ଲୀଳାର ବର୍ଣ୍ଣନା ସ୍ଥାନ ପାଇ ନାହିଁ । ପରନ୍ତୁ ସେମାନେ ରାଧାକୃଷ୍ଣଙ୍କ ଯୁଗଳମିଳନ ପ୍ରସଙ୍ଗକୁ ଧ୍ୟାନରେ ଅନୁଭବ କରିବା ବିଷୟକୁ ସେମାନଙ୍କ ଗୀତାବଳୀରେ ଉଲ୍ଲେଖ କରିଛନ୍ତି । ଉଦାହରଣ ସ୍ୱରୂପ ଅଚ୍ୟୁତାନନ୍ଦଙ୍କ ଗୋଟିଏ ଗୀତରେ ଗୌଡ଼ୀୟ ବୈଷ୍ଣବଙ୍କ ମାଳା ଭଜନ ପ୍ରତି କଟାକ୍ଷ ପ୍ରକାଶ ପାଇଛି—

"ମାଳା ଭଜୁଛୁ ରେ ଭଜନ ରହିବ ନାହିଁ । ୦ ।
ତୁ କିସ ଭଜିବୁ ଭଜନ ଲାଗିଛୁ
ତ୍ରିକୂଟ ସନ୍ଧିରେ ଯାଇ
ତ୍ରିଭଂଗିମା ରୂପ ଲୟ ବୁଦ୍ଧି କଲେ
ରାଧାକୃଷ୍ଣ ଭେଟ ପାଇ ।"

କୃଷ୍ଣଲୀଳାତ୍ମକ ଗୀତ ରଚନା ପରବର୍ତ୍ତେ କୃଷ୍ଣଲୀଳାତ୍ମକ କାବ୍ୟରଚନା ପ୍ରତି ହିଁ ଓଡ଼ିଶାର କବିମାନେ ଥିଲେ ଅଧିକ ଅନୁରାଗୀ । ସପ୍ତଦଶ ଶତାବ୍ଦୀର ପଦାବଳୀ ରଚୟିତାମାନଙ୍କ ମଧ୍ୟରୁ ଦୀନକୃଷ୍ଣ ଦାସ, ଦୀନବନ୍ଧୁ ହରିଚନ୍ଦନ, ଫକୀର ଭଞ୍ଜ ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ ।

ଅଷ୍ଟାଦଶ ଶତକରେ କୃଷ୍ଣଲୀଳାତ୍ମକ ଗୀତ ରଚନା ଜନସମାଜରେ ଅଧିକ ସମାଦର ଲାଭ କରିଥିଲା ଓ ଉପାସ୍ୟ ଦେବତାଙ୍କ ଗୁଣକୀର୍ତ୍ତନ ନାମରେ ଲୌକିକ ଆଦିରସାଶ୍ରୟୀ ଭାବନାକୁ କୃଷ୍ଣଲୀଳା ମାଧ୍ୟମରେ ପ୍ରକାଶ କରିବା ଏକ ସାହିତ୍ୟିକ

ଚଳଣିରେ ପରିଣତ ହୋଇଯାଇଥିଲା । ଏଣୁ ଏଭଳି ଗୀତ ନ ଲେଖିବାରୁ ଏହି ଶତାବ୍ଦୀର ବରିଷ୍ଠ କବି ଉପେନ୍ଦ୍ରଭଞ୍ଜ ଖେଦୋକ୍ତି ପ୍ରକାଶ କରି ଲେଖିଥିଲେ—

"କବିପୁତ୍ର ଅନ୍ତରେ ଯେ ଏମନ୍ତ ଭ୍ରମିତ
କଳି କାମିନୀ ବର୍ଣ୍ଣନା କରି ବହୁ ଗୀତ !
କେଉଁ କାର୍ଯ୍ୟ ଅଛୁ ତହିଁ କୃଷ୍ଣ କଥା ଆଉ
କଲ୍ପୁଛି ଯାହା ଅବିଘ୍ନେ ସମାପତି ହେଉ ।"

( କଳାକଉତୁକ—୧ମ/୪ର୍ଥ ପଦ )

ତଥାପି ଉପେନ୍ଦ୍ରଭଞ୍ଜଙ୍କ ରଚିତ ଆଠଦଶଗୋଟି କୃଷ୍ଣଲୀଳାତ୍ମକ ଗୀତର ସନ୍ଧାନ ମିଳିଅଛି । * (୧) ଏହି ଯୁଗର ରାଜନୈତିକ ଓ ସାମାଜିକ ପରିବେଶ ମଧ୍ୟ ଏତାଦୃଶ ଗୀତ ରଚନା ଓ ତାହାର ପ୍ରସାର ଲାଗି କେତେକ ପରିମାଣରେ ସହାୟତା କରିଥିଲା । ଅଳସ ସାମନ୍ତ ରାଜାମାନଙ୍କ ତଥାକଥିତ ଦରବାରରେ ଗାୟକମାନେ ଏହି ଲୀଳାସମ୍ବଳିତ ଗୀତ ଗାନ କରୁଥିଲେ । କୀର୍ତ୍ତନ, ରାସ, ଝୁଲଣ ପ୍ରଭୃତିର ପ୍ରଚଳନ ମଧ୍ୟ ଏହି ସମୟରେ ହୋଇଥିଲା ଓ ଏହି ଉପଲକ୍ଷେ ବହୁ କବି ବିବିଧ ଗୀତ ରଚନାରେ ମନୋନିବେଶ କରିଥିଲେ ।

ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରୁ ଊନବିଂଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ସମୟକୁ ଓଡ଼ିଆ ସାହିତ୍ୟର ସଂଗୀତଯୁଗ କୁହାଯାଇଥାଏ । ଏହି ସମୟରେ ଯଥାର୍ଥତଃ ଓଡ଼ିଆ ପଦାବଳୀ ସାହିତ୍ୟର ବିକାଶ ହୋଇଥିଲା । ନାନା ବୃତ୍ତ, ରାଗ ଓ କଳ୍ପନାବିଳାସରେ ଏହା ହୋଇଥିଲା ସୁସମୃଦ୍ଧ । ଅଷ୍ଟାଦଶ ଶତକର ଶେଷ ଭାଗର କବି ବନମାଳୀଙ୍କଠାରୁ ଆରମ୍ଭ କରି ରାମକୃଷ୍ଣ ପଟ୍ଟନାୟକ, ଗୋପାଳକୃଷ୍ଣ ପଟ୍ଟନାୟକ (୧୭୮୫—୧୮୬୨), କବିସୂର୍ଯ୍ୟ ବଳଦେବ ରଥ (୧୭୭୯—୧୮୪୫), 'କୀର୍ତ୍ତନପଦ୍ମ' ରଚୟିତା—ଭୁବନେଶ୍ୱର କବିଚନ୍ଦ୍ର, ସୋମନାଥ ସିଂହ ୧୮୧୪—୧୮୫୩), ଗୌରଚରଣ ଅଧିକାରୀ (୧୮୧୪—୧୮୯୦), ହନୁମାନ ରାୟଗୁରୁ (୧୮୨୭—୧୮୯୧), ଗୋବିନ୍ଦ ରାୟଗୁରୁ (୧୮୬୧—୧୯୦୧), ହରିବନ୍ଧୁ ବେବର୍ତ୍ତା ପଟ୍ଟନାୟକ (୧୮୨୭—୧୮୯୬), କିଶୋରଚନ୍ଦ୍ର ରାଜେନ୍ଦ୍ର (୧୮୮୭—୧୯୦୩),

* (୧) ଏତାଦୃଶ ଗୀତଗୁଡ଼ିକର ଆଦ୍ୟଛନ୍ଦ ହେଉଛି—'ଶ୍ରୀମତୀ ଶ୍ରୀପତି ବୃନ୍ଦାବନେ କେଳି ରଚିଲେ', 'କମଳଲୋଚନୀ କରିଛି ମାନ', 'ଦୂତୀ କହିବୁ ଟିଗୋ','କହି କି ବୁଦ୍ଧି କରିବି', 'ସଂଗାତ ମନା କଲୁ ପରି', 'କାଲି ରଜନୀ ଗୋ', 'ମଲ୍ଲୀମାଳ ଶ୍ୟାମକୁ ଦେବି', ନ ଅନାଅ ସୁନା ବରନା, 'ପରମାନନ୍ଦଙ୍କୁ ପଚାରିବୁ ସଖୀ' ।

'ରାଧାମାଧବ ବିଳାସ', 'ସଂଗୀତ କୃଷ୍ଣଲୀଳା', 'ଗୋପୀନାଥ ବଲ୍ଲଭ ନାଟକ' ପ୍ରଣେତା ରଘୁନାଥ ପରିଚ୍ଛା (୧୮୦୨-୭୨), 'ରାଧା ପ୍ରେମଲୀଳା' 'କୃଷ୍ଣ ପ୍ରେମଲୀଳା' ରଚୟିତା ବିଶ୍ୱମ୍ଭର ରାଜେନ୍ଦ୍ର (୧୮୫୧—୧୮୫୫ ଖ୍ରୀ: କାଳ) ଗୌରହରି ପରିଚ୍ଛା, 'ରାଧାକୃଷ୍ଣଲୀଳା ଚଉପଦୀ', 'ଶରତକେଳି', 'ବସନ୍ତକ୍ରୀଡ଼ା' ପ୍ରଭୃତି ଗୀତଗୁଚ୍ଛ ପ୍ରଣେତା, ଶ୍ୟାମସୁନ୍ଦର ଭଂଜ ପ୍ରଭୃତିଙ୍କର ନାମ ଉଲ୍ଲେଖଯୋଗ୍ୟ । ଏତଦ୍ ବ୍ୟତୀତ ଏହି ଶତକରେ ନାରାୟଣ ପଟ୍ଟନାୟକ, ନିତ୍ୟାନନ୍ଦ, ନୀଳମଣି ରାୟ, ପଙ୍କଜଚରଣ, ମହେନ୍ଦ୍ରସିଂହ ସାମନ୍ତ, ମାନଗୋବିନ୍ଦ ହୋତା ପ୍ରଭୃତି ବହୁ ଗୀତିକାର ରାଧାକୃଷ୍ଣଲୀଳାସମ୍ବଳିତ ବହୁ ସଂଗୀତ ରଚନା କରିଥିଲେ । ଏହି ସମୟରେ ହିଁ ଓଡ଼ିଆ ସାହିତ୍ୟର ଶ୍ରେଷ୍ଠ ପଦାବଳୀ ରଚୟିତା ଗୋପାଳକୃଷ୍ଣଙ୍କ ଅନୁପମ ସଂଗୀତାବଳୀ ରଚିତ ।

ଏ ସମ୍ପର୍କରେ ଏହା ମଧ୍ୟ ଉଲ୍ଲେଖଯୋଗ୍ୟ ଯେ ପଦାବଳୀ ରଚନା କ୍ଷେତ୍ରରେ ଦକ୍ଷିଣ ଓଡ଼ିଶାର କବିମାନଙ୍କ ଦାନ ସର୍ବାଧିକ । ବସ୍ତୁତଃ ଦକ୍ଷିଣ ଓଡ଼ିଶାରେ ହିଁ ଏହା ଅଧିକ ସମାଦୃତ ଓ ଏହି ଅଂଚଳରୁ ଗୀତିନାଟ୍ୟଭାବେ ରାଧାପ୍ରେମଲୀଳା ଓ କୃଷ୍ଣପ୍ରେମଲୀଳାର ଉଦ୍ଭବ ହୋଇଛି । ଦକ୍ଷିଣ ଓଡ଼ିଶାର ବହୁ ସ୍ୱନାମଧନ୍ୟ କବି ଏହି ଉପଲକ୍ଷେ ବହୁ ସଂଗୀତ ରଚନା କରିଯାଇଛନ୍ତି ।

ପାଶ୍ଚାତ୍ୟ ସଭ୍ୟତା ଓ ସଂସ୍କୃତିର ପ୍ରସାର, ସାମାଜିକ ଓ ରାଜନୈତିକ ଅବସ୍ଥାର ପରିବର୍ତ୍ତନ, ନୂତନ ଶିକ୍ଷା ଓ କବିତାର ପ୍ରଚଳନ ଫଳରେ ପାଠକରୁଚିର ପରିବର୍ତ୍ତନ ଯୋଗୁଁ ରାଧାକୃଷ୍ଣ ଲୀଳାତ୍ମକ ଗୀତିରଚନା ପ୍ରତି ଲେଖକ ତଥା ପାଠକମଣ୍ଡଳୀ କ୍ରମେ ବୀତସ୍ପୃହ ହେଲେ ଓ ଏହା ଧୀରେ ଧୀରେ ଅନ୍ତରାଳକୁ ଚାଲିଗଲା । ତଥାପି ଚଳିତ ଶତାବ୍ଦୀରେ ପାର୍ବତୀ ଚରଣ ଦାସ, ଜଗବନ୍ଧୁ ସିଂହ, ମୋହନ ସୁନ୍ଦର ଦେବ ଗୋସ୍ୱାମୀ, ବାବାଜୀ ବୈଷ୍ଣବଚରଣ ଦାସ (ବେଣୁଧର ପଟ୍ଟନାୟକ), କାଳୀଚରଣ ପଟ୍ଟନାୟକ, ଲୋକନାଥ ପଟ୍ଟନାୟକ ପ୍ରଭୃତି ଏତାଦୃଶ ଗୀତି ରଚନାରେ ମନୋନିବେଶ କରିଥିଲେ ।

**ପଦାବଳୀର ଆଙ୍ଗିକ—**

ଓଡ଼ିଆ ପଦାବଳୀ ବା କୃଷ୍ଣଲୀଳାତ୍ମକ ଗୀତ ଓଡ଼ିଶାର ପାରଂପରିକ ସଂଗୀତ ବା ଚଉପଦୀର ଆଙ୍ଗିକଦ୍ୱାରା ବିଶେଷ ଭାବେ ପ୍ରଭାବିତ । ପ୍ରଥମେ ଘୋଷା ବା ଧ୍ରୁବ ପଦ ପରେ ଚାରି ପାଞ୍ଚଗୋଟି ଅନ୍ତରାପଦ ରହିବା ଏହାର ଏକ ସାଧାରଣ ବିଧି । ଗୀତର ଶେଷ ପଦରେ ଭଣିତା ବା କବିଙ୍କ ନାମର ଉଲ୍ଲେଖ ଥାଏ । ଏହି

ଗୀତଗୁଡ଼ିକ ସାଧାରଣତଃ ଉକ୍ତି ପ୍ରତ୍ୟୁକ୍ତିମୂଳକ । ବୈଷ୍ଣବ କବିତାର ରଚନାକାଳ ଥିଲା ଓଡ଼ିଆ ସାହିତ୍ୟରେ ସଂସ୍କୃତ ରୀତିପ୍ରଧାନ କାବ୍ୟ ଅନୁକୃତିର ଯୁଗ । ଏଣୁ ଓଡ଼ିଆ ବୈଷ୍ଣବ ପଦାବଳୀରେ ପ୍ରଚୁର ଆଲଙ୍କାରିକତା ପରିଲକ୍ଷିତ ହୁଏ । ଅଳଂକାରର ଆତିଶଯ୍ୟ ଯୋଗୁଁ ବହୁ ସଙ୍ଗୀତର ସୌନ୍ଦର୍ଯ୍ୟ ଯେ ସ୍ଥାନେ ସ୍ଥାନେ କ୍ଷୁଣ୍ଣ ହୋଇଛି ଏହା କହିବା ଅନାବଶ୍ୟକ । ତଥାପି ଅଳଂକାରର ପରିମିତ ପ୍ରୟୋଗ ଯୋଗୁଁ କେତେକ ଗୀତ ଅଧିକ ସୌନ୍ଦର୍ଯ୍ୟସଂପନ୍ନ ହୋଇଛି ଓ ଅନୁପ୍ରାସ, ଯମକ ପ୍ରଭୃତି ଶବ୍ଦାଲଙ୍କାର ଓ ଉପମା, ରୂପକ, ଉତ୍ପ୍ରେକ୍ଷା ପ୍ରଭୃତି ଅର୍ଥାଲଙ୍କାରର ସୁଷ୍ଠୁ ପ୍ରୟୋଗ ଯୋଗୁଁ ତାହା ଯେ ଉଚ୍ଚକୋଟୀକୁ ଉନ୍ନୀତ ହୋଇପାରିଛି, ଏହା ଅନସ୍ୱୀକାର୍ଯ୍ୟ ।

ବଙ୍ଗଳାର ବହୁ ବୈଷ୍ଣବ କବି ବ୍ରଜବୋଲି ଭାଷାରେ ପଦ ବା କୃଷ୍ଣଲୀଳାତ୍ମକ ସଙ୍ଗୀତ ରଚନା କରିଛନ୍ତି । ମାତ୍ର ଓଡ଼ିଶାରେ ବ୍ରଜବୋଲି ଭାଷାରେ ଅଧିକ ପଦାବଳୀ ରଚିତ ହୋଇ ନାହିଁ । ୧୯ଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ଓଡ଼ିଶାର କେତେକ ବୈଷ୍ଣବ କବି ବ୍ରଜବୋଲି ଓ ବଙ୍ଗଭାଷାରେ ଗୀତରଚନା କରିଥିଲେ ହେଁ ମୁଖ୍ୟତଃ ଓଡ଼ିଆ ଭାଷାରେ ହିଁ କୃଷ୍ଣଲୀଳାତ୍ମକ ଗୀତ ରଚନାରେ ସେମାନଙ୍କ ଅନୁରାଗ ଓ ସାଫଲ୍ୟର ସ୍ୱାକ୍ଷର ପ୍ରକଟିତ । ଶୁଦ୍ଧ ବଙ୍ଗଳାରେ କପିଳ ଷୋଡ଼ଶ ଶତାବ୍ଦୀର କବି କହ୍ନାଇ (କାନାଇ) ଖୁଣ୍ଟିଆ ପଦାବଳୀ ରଚନା କରିଥିଲେ ନିମ୍ନୋକ୍ତ ରଚନାରୁ ତାହା ଅନୁମେୟ । ଗୀତଟିରେ ରାଧିକାଙ୍କ ଆକ୍ଷେପାନୁରାଗ (ବଂଶୀନିନ୍ଦା) ଅଭିବ୍ୟକ୍ତି ଲାଭ କରିଛି ।

"ମନ ଚୋରାର୍ ବାଁଶୀ ବାଜଓ ଧୀରେ ଧୀରେ
ଆକୁଲ କରିଲି ତୋମାର ସୁମଧୁର ସୁରେ (ଧ୍ରୁ)
ଆମରା କୁଲେର ନାରୀ ହଇ, ଗୁରୁଜନାର ମାଝେ ରଇ
ନ ବାଜଓ ଖଲେର ବଦନେ
ଆମାର ବଚନ ରାଖ      ନୀରବ ହଇଆ ଥାକ
ନା ବଧିଅ ଅବଲାର ପ୍ରାଣେ ।

× × × ×

ତରଲେ ଜନମ ତୋର      ସରଲ ହୃଦୟ ମୋର
ଠେକିଆଛି ଗୋସ୍ୱାଁରେର ହାତେ
କାନାଇ ଖୁଣ୍ଟିଆ କୟ      ମୋର ମନେ ହେନ ଲୟ
ବାଁଶୀ ହୈଲ ଅବଲା ବଧିତେ ।"

ବଙ୍ଗଳାରେ ଗୀତ ରଚନା କରିଥିବା ଓଡ଼ିଶାର କବିମାନଙ୍କ ମଧ୍ୟରୁ ମାଧବୀ ଦାସୀ, ପଣ୍ଡିତ ଶ୍ରୀଚନ୍ଦନ, ବ୍ରଜବନ୍ଧୁ ସିଂହ, ବ୍ରଜନାଥ ବଡ଼ଜେନା, ଗୌରଚରଣ ଅଧିକାରୀ ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ ।

କହିବା ଅନାବଶ୍ୟକ, ପଦାବଳୀ ଗାନ ହେବା ଉଦ୍ଦେଶ୍ୟରେ ରଚିତ । ଓଡ଼ିଶାରେ ଏହା ରାସ, ଝୁଲଣ, ଲୀଳା, କୀର୍ତ୍ତନ ଅବକାଶରେ ଗାନ କରାଯାଇଥାଏ । ଗୋଟି ପୁଅ ( ସଖୀନାଟକାରୀ ) ମାନେ ଏହି ଗୀତଗୁଡ଼ିକୁ ନୃତ୍ୟାଭିନୟ ସହ ଗାଇ ଶୁଣାଇଥାନ୍ତି । ବୈଠକୀ ସଙ୍ଗୀତ ଭାବେ ମଧ୍ୟ ଏହା ଗାନ କରାଯାଇଥାଏ । ପାଲାକାରମାନେ ପାଲାରେ ଏହାକୁ ବ୍ୟବହାର କରିଥାନ୍ତି । ଏହି ଗୀତଗୁଡ଼ିକ ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ଜୀବନର ବହୁ ସ୍ତର ସହ ସଂପୃକ୍ତ । ସ୍ୱରଯୋଜନା ଯୋଗୁଁ ଏଗୁଡ଼ିକ ଯେପରି ସୁଗେୟ ସେହିପରି ସାହିତ୍ୟିକକୃତି ଭାବେ ସୁପାଠ୍ୟ ଓ ସୌଷ୍ଠବସଂପନ୍ନ । ବଙ୍ଗଳା କୀର୍ତ୍ତନ ସ୍ୱରରେ କେତେକ ଗୀତ ଓଡ଼ିଆରେ ରଚିତ ହୋଇଥିଲେ ହେଁ ଓଡ଼ିଶାର କବିମାନେ ଏତାଦୃଶ ଗୀତକୁ ମୁଖ୍ୟତଃ ଓଡ଼ିଆ ଚୌପଦୀର ପାରମ୍ପରିକ ରାଗ ଓ ତାଳରେ ନିବଦ୍ଧ କରିଯାଇଅଛନ୍ତି । ଏଣୁ ଏଗୁଡ଼ିକୁ ଗାନ କରିବା ଲାଗି କୌଣସି ସ୍ୱତନ୍ତ୍ର ଗାନରୀତି ଓଡ଼ିଶାରେ ପ୍ରଚଳିତ ବା ପ୍ରତିଷ୍ଠିତ ହୋଇପାରି ନାହିଁ ।

କେତେକ ବୈଷ୍ଣବ କବି ସଂସ୍କୃତ ମାତ୍ରାବୃତ୍ତ ଛନ୍ଦରେ ପଦାବଳୀ ଲେଖିବାକୁ ପ୍ରୟାସ କରିଅଛନ୍ତି । ମାତ୍ର ଓଡ଼ିଆ ଉଚ୍ଚାରଣରେ ହ୍ରସ୍ୱ ଦୀର୍ଘ ଭେଦ ନ ଥିବାରୁ ଏହି ବୃତ୍ତ ପଦାବଳୀ ରଚନା କ୍ଷେତ୍ରରେ ଜନପ୍ରିୟତା ଅର୍ଜନ କରିପାରି ନାହିଁ ।

ଓଡ଼ିଶାରେ ଅନୁଷ୍ଠିତ ହେଉଥିବା ବସନ୍ତ ଓ ଶରତକାଳୀନ ରାସୋତ୍ସବ ନିମନ୍ତେ କେତେକ କବି ବସନ୍ତରାସ ଓ ଶରଦରାସ ଗୀତ ରଚନା କରିଅଛନ୍ତି । ତନ୍ମଧ୍ୟରୁ ପଣ୍ଡିତ ଶ୍ରୀଚନ୍ଦନଙ୍କ 'ବସନ୍ତରାସ' ଓ ବିଶ୍ୱମ୍ଭର ରାଜେନ୍ଦ୍ର ଓ ଗୌରଚରଣ ଅଧିକାରୀଙ୍କ 'ଶରଦରାସ' ଅଧିକ ଜନପ୍ରିୟ । ପୁରୀଜିଲ୍ଲାରେ ସମ୍ଭବତଃ ଗୀତଗୋବିନ୍ଦ ପ୍ରଭାବରୁ ବସନ୍ତରାସର ଅଧିକ ପ୍ରଚଳନ ଦେଖିବାକୁ ମିଳେ । ପୁରୀ ଶ୍ରୀମନ୍ଦିରରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ବସନ୍ତରାସ ଅନୁଷ୍ଠିତ ହୋଇଥାଏ ଓ ଏହି ଅବକାଶରେ ମଦନମୋହନ ଜଗନ୍ନାଥ ବଲ୍ଲଭ ମଠକୁ ଯାଇଥାଆନ୍ତି । ମାତ୍ର ଓଡ଼ିଶାରେ ଅନ୍ୟ କେତେକ ସ୍ଥାନରେ ଶ୍ରୀମଦ୍‌ଭାଗବତ ପ୍ରଭାବରେ ଶରଦରାସୋତ୍ସବ ଅନୁଷ୍ଠିତ ହୋଇଥାଏ । ଷୋଡ଼ଶ ଶତାବ୍ଦୀରୁ ଓଡ଼ିଶାରେ ରାସୋତ୍ସବ ଅନୁଷ୍ଠିତ ଓ ଏହି ଉପଲକ୍ଷେ ଗୀତ-ସମୂହ ରଚିତ ହୋଇଥିବାର ପ୍ରମାଣ ମିଳୁଅଛି । ରାସଉତ୍ସବ ଅବକାଶରେ ଏହି ଗୀତଗୁଡ଼ିକ ଗାନ ହେଲାବେଳେ ଗାୟକ ଓ ଶ୍ରୋତାମାନଙ୍କ ମଧ୍ୟରେ ସମପ୍ରାଣତା ବା ଏକାତ୍ମତା ସୃଷ୍ଟି ହୋଇଥାଏ ।

## ପଦାବଳୀର ଭାବ ଓ ରସାଭିବ୍ୟକ୍ତି—

ଓଡ଼ିଆ ପଦାବଳୀମାନଙ୍କୁ ପ୍ରାୟ ପଚିଶଗୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ । ଏଥିରେ ରାଧାକୃଷ୍ଣଙ୍କ ବନ୍ଦନା, ରୂପଶୋଭା, ଶୈଶବଲୀଳା, ନବାନୁରାଗ, ଘାଟଲୀଳା, ଉତ୍ତରଗୋଷ୍ଠ ବା ଗୋଧନ ବାହୁଡ଼ା, ମାନ, ଶ୍ରୀକୃଷ୍ଣଙ୍କ ଗ୍ରହ୍ଣୋକ୍ତି, ବିରହୋତ୍କଣ୍ଠା, ଆକ୍ଷେପାନୁରାଗ, ସଖା-ସଖୀ ପରିହାସ, ହୋରି, ଅଷ୍ଟକାଳ ସେବା, ଶ୍ରୀରାଧାଙ୍କ ଅଷ୍ଟକାଳ ସେବା ଭାବ, ଶ୍ରୀରାଧାଙ୍କ ଅଷ୍ଟବିଧ ନାୟିକା ଭାବ ଯୁଗଲମିଳନ ପ୍ରଭୃତି ପ୍ରସଙ୍ଗ ସରସ ଓ ସୁଲଳିତ ଭାଷାରେ ବର୍ଣ୍ଣିତ ହୋଇଥାଏ । ସଖୀଙ୍କୁ ସମ୍ବୋଧନ ଛଳରେ ରାଧା ଓ କୃଷ୍ଣଙ୍କ ମାନସିକ ଅବସ୍ଥାର ଚିତ୍ର ହିଁ ମୁଖ୍ୟତଃ ଏହି ଗୀତିକାମାନଙ୍କରେ ଅଭିବ୍ୟକ୍ତ । କେତେକ କବିତାରେ ସଖୀସମୂହଙ୍କ ରାଧା ଅଥବା କୃଷ୍ଣଙ୍କ ପ୍ରତି ଉକ୍ତି ମଧ୍ୟ ବର୍ଣ୍ଣିତ । ଓଡ଼ିଆ ବୈଷ୍ଣବ ପଦାବଳୀରେ ଶ୍ରୀକୃଷ୍ଣଙ୍କ ଗ୍ରହ୍ଣୋକ୍ତିମୂଳକ ଗୀତର ସଂଖ୍ୟା ପରିମାଣ ଦୃଷ୍ଟିରୁ ସର୍ବାଧିକ ମନେହୁଏ ; ମାତ୍ର ଚୈତନ୍ୟ ଲୀଳାତ୍ମକ ଅଥବା ଶ୍ରୀରାଧାଙ୍କ ଆକ୍ଷେପାନୁରାଗ ବା ପ୍ରେମ ବୈଚିତ୍ର୍ୟମୂଳକ ଗୀତର ସଂଖ୍ୟା ସ୍ୱଳ୍ପତମ ।

## ପଦାବଳୀରେ ଅଷ୍ଟନାୟିକା—

ସାହିତ୍ୟ ଦର୍ପଣକାର ବିଶ୍ୱନାଥ କବିରାଜ କାବ୍ୟନାୟିକାମାନଙ୍କୁ ଅବସ୍ଥା ଭେଦରେ ସ୍ୱାଧୀନଭର୍ତ୍ତୃକା, ଖଣ୍ଡିତା, ଅଭିସାରିକା, କଳହାନ୍ତରିତା, ବିପ୍ରଲବ୍ଧା, ପ୍ରୋଷିତଭର୍ତ୍ତୃକା, ବାସକସଜ୍ଜା, ବିରହୋତ୍କଣ୍ଠିତା ରୂପେ ଆଠ ପ୍ରକାର ବୋଲି ବର୍ଣ୍ଣନା କରିଅଛନ୍ତି (୧) । ସାହିତ୍ୟଦର୍ପଣ ପୂର୍ବରୁ ରଚିତ ଗୀତ ଗୋବିନ୍ଦରେ ମଧ୍ୟ ଶ୍ରୀରାଧାଙ୍କର ଅବସ୍ଥା ଭେଦରେ ସ୍ୱାଧୀନଭର୍ତ୍ତୃକା, ଖଣ୍ଡିତା, ଅଭିସାରିକା, କଳହାନ୍ତରିତା, ବିପ୍ରଲବ୍ଧା, ପ୍ରୋଷିତଭର୍ତ୍ତୃକା, ବାସକସଜ୍ଜା, ବିରହୋତ୍କଣ୍ଠିତା ପ୍ରଭୃତି ରୂପର ବର୍ଣ୍ଣନା ଦେଖିବାକୁ ମିଳେ । ଗୌଡ଼ୀୟ ଭକ୍ତିତତ୍ତ୍ୱର ବିଶିଷ୍ଟ ବ୍ୟାଖ୍ୟାକାର ରୂପ ଗୋସ୍ୱାମୀ ତାହାଙ୍କ 'ଉଜ୍ଜ୍ୱଳ ନୀଳମଣି'ରେ ଏହି ନାୟିକାଭେଦର ବିଶଦ ଚର୍ଚ୍ଚା କରିଅଛନ୍ତି । ବଙ୍ଗଳା ଓ ଓଡ଼ିଶାର ବୈଷ୍ଣବ କବିଗଣ ଅଳଂକାର ଶାସ୍ତ୍ର ଅନୁରୂପ ଶ୍ରୀରାଧାଙ୍କୁ ଅବସ୍ଥାଭେଦରେ ଅଷ୍ଟବିଧ ରୂପେ ମଧ୍ୟ ବର୍ଣ୍ଣନା କରିଥିବା ଦେଖାଯାଏ ।

---

(୧) ସ୍ୱାଧୀନଭର୍ତ୍ତୃକା ତଦ୍‌ବତ ଖଣ୍ଡିତାଥାଭିସାରିକା
କଳହାନ୍ତରିତା ବିପ୍ରଲବ୍ଧା ପ୍ରୋଷିତଭର୍ତ୍ତୃକା
ଅନ୍ୟା ବାସକସଜ୍ଜା ସ୍ୟାଦ୍ ବିରହୋତ୍କଣ୍ଠିତା ତଥା ।
(ସା. ଦ. ୩ୟ ପରିଚ୍ଛେଦ )

ପ୍ରାସଙ୍ଗିକ ଭାବେ ସେଇ ଅଷ୍ଟବିଧ ନାୟିକାଙ୍କ ପରିଚୟ ଏଠାରେ ପ୍ରଦତ୍ତ ହେଲା ।

୧ । ରତି ଗୁଣରେ ଆକୃଷ୍ଟ ହୋଇ ଯେଉଁ ନାୟିକାର ସ୍ୱାମୀ କେବେ ହେଲେ ତାହାକୁ ପାଖରୁ ଛାଡ଼େ ନାହିଁ, ବିଚିତ୍ର ହାବ ଭାବ ପ୍ରକାଶରେ ନିପୁଣା ସେହି ନାୟିକାକୁ ସ୍ୱାଧୀନଭର୍ତ୍ତୃକା କହନ୍ତି (୧) । ବୈଷ୍ଣବ କବିମାନେ ଏହି ଭାବେ ଶ୍ରୀରାଧାଙ୍କୁ କୋପନା (ବିଳାସରେ ଆପାତ ରୋଷଯୁକ୍ତା), ମୁଗ୍ଧା ( କୃଷ୍ଣ ତାହାଙ୍କ ବେଶବିନ୍ୟାସ କରନ୍ତି ), ମଧ୍ୟା ( କୃଷ୍ଣ ତାହାଙ୍କ ନିକଟରେ କୃତଜ୍ଞତା ନିବେଦନ କରନ୍ତି ), ସମୁତ୍ସୁକା ( ସମୀଚୀନ ଉକ୍ତିଯୁକ୍ତା ), ସୋଲ୍ଲାସା ( ପ୍ରିୟ ବ୍ୟବହାରରେ ଉଲ୍ଲାସଯୁକ୍ତା ), ଅନୁକୂଳା ( କୃଷ୍ଣ ତାଙ୍କ ପ୍ରତି ଅନୁକୂଳ ) ପ୍ରଭୃତି ରୂପେ ପରିକଳ୍ପନା କରିଅଛନ୍ତି ।

ଗୀତ ଗୋବିନ୍ଦର 'କୁରୁ ଯଦୁନନ୍ଦନ ଚନ୍ଦନ ଶିଶିର ତରେଣ କରେଣ ପୟୋଧରେ' ଗୀତରେ ଶ୍ରୀରାଧା କୃଷ୍ଣଙ୍କୁ ତାହାଙ୍କ ବେଶବିନ୍ୟାସ କରିଦେବାକୁ ଅନୁରୋଧ କରିଛନ୍ତି ।

୨ । ନାୟକ ଅନ୍ୟ ନାୟିକାର ସମ୍ଭୋଗ ଚିହ୍ନକୁ ଧାରଣ କରି ଯେଉଁ ନାୟିକା ନିକଟକୁ ଯାଏ ଓ ଅନ୍ୟ ନାୟିକାର ଚିହ୍ନକୁ ନାୟକଠାରେ ଦେଖି ଯେଉଁ ନାୟିକା ଈର୍ଷାନ୍ୱିତ ଓ ଦୁଃଖିତ ହୁଏ, ତାହାକୁ ଖଣ୍ଡିତା କହନ୍ତି (୨) ।

ବୈଷ୍ଣବ କବି ଏହି ପରିସ୍ଥିତିରେ ରାଧାଙ୍କୁ ନିନ୍ଦ୍ୟା ( ନିନ୍ଦାକାରିଣୀ ), କ୍ରୋଧା ( ତିରସ୍କାରକାରିଣୀ ), ଭୟାନକା ( ଭୀତା ), ପ୍ରଗଲ୍ଭା ( କଳହପରାୟଣା ), ମଧ୍ୟା ( ଲଜ୍ଜାନ୍ୱିତା ), କମ୍ପିତା ( ରୋଦନପରାୟଣା ), ସନ୍ତପ୍ତା ( ତାପଯୁକ୍ତା ) ରୂପେ ବର୍ଣ୍ଣନା କରିଅଛନ୍ତି । ଜୟଦେବଙ୍କ 'ରଜନୀ ଜନିତ ଗୁରୁ ଜାଗର ରାଗ କଷାୟିତମଳସନିମେଷମ' ଗୀତରେ 'ରତି ବଞ୍ଚିତା ଖଣ୍ଡିତ ଯୁବତିବିଳାପମ୍' ବର୍ଣ୍ଣିତା ହୋଇଅଛି ।

---

(୧) କାନ୍ତୋ ରତିଗୁଣାକୃଷ୍ଟୋ ନ ଜହାତି ଯଦନ୍ତିକମ୍
ବିଚିତ୍ର ବିଭ୍ରମାସକ୍ତା ସା ସ୍ୟାତ ସ୍ୱାଧୀନଭର୍ତ୍ତୃକା । ( ସା. ଦ. )

(୨) ପାର୍ଶ୍ୱମେତି ପ୍ରିୟୋ ଯସ୍ୟା ଅନ୍ୟସମ୍ଭୋଗଚିହ୍ନିତାଃ
ସା ଖଣ୍ଡିତେତି କଥିତା ଧୀରୈରୀର୍ଷ୍ୟାକଷାୟିତା । (ସା. ଦ )

୩ । ଯେଉଁ ନାୟିକା କାମାସକ୍ତା ହୋଇ ଦୂତୀ ସାହାଯ୍ୟରେ ନାୟକଙ୍କୁ ଅଭିସାର କରାଏ ବା ନିଜେ ନାୟକ ପାଖକୁ ଅଭିସାର କରେ ତାହାକୁ ଅଭିସାରିକା କହନ୍ତି (୧) । ବୈଷ୍ଣବ କବିମାନେ ରାଧାଙ୍କୁ ଶୁକ୍ଲାଭିସାରିକା, ତମିସ୍ରାଭିସାରିକା, ଉନ୍ମତ୍ତାଭିସାରିକା ( ବଂଶୀ ଧ୍ୱନି ଶୁଣିବା ଯୋଗୁ ), ଅସମଞ୍ଜସାଭିସାରିକା ( ବିଶୃଙ୍ଖଳ ବେଶସମ୍ପନ୍ନା ) ଭେଦରେ ବିବିଧ ରୂପର ପରିକଳ୍ପନା କରିଅଛନ୍ତି । ଗୀତ ଗୋବିନ୍ଦର ସୁପରିଚିତ ଗୀତ 'ରତିସୁଖସାରେ' ଗୀତରେ ରାଧାଙ୍କ ପ୍ରତି ସଖୀର ଉକ୍ତି ଛଳରେ ଏହି ଅଭିସାରିକାର ଚିତ୍ର ଅଙ୍କିତ ।

୪ । ଗୁହାରି କରୁଥିବା ପ୍ରିୟତମଙ୍କୁ କ୍ରୋଧରେ ତଡ଼ି ଦେଇ ଯେଉଁ ନାୟିକା ପଶ୍ଚାତ୍ତାପ କରେ ତାହାକୁ କଳହାନ୍ତରିତା କହନ୍ତି (୨) । ଶ୍ରୀରାଧାଙ୍କୁ କଳହାନ୍ତରିତା ରୂପେ ଆଂଶିକା, କ୍ଷୁବ୍ଧା, ଧୀରା, ଅଧୀରା, କୁପିତା, ସମା, ମୃଦୁଳା, ବିଧୁରା ପ୍ରଭୃତି ରୂପରେ ମଧ୍ୟ ବୈଷ୍ଣବ କବିମାନେ ବର୍ଣ୍ଣନା କରିଅଛନ୍ତି ।

୫ । ପ୍ରିୟ ସଙ୍କେତ ଦେଇ ମଧ୍ୟ ଦୈବାତ୍ କୌଣସି କାରଣରୁ ନ ଆସିବାରୁ ଯେଉଁ ନାୟିକା ଅପମାନିତା ବା ଚିନ୍ତାରେ ନିର୍ବେଦପରାୟଣା ହୁଏ, ତାହାକୁ ବିପ୍ରଲବ୍ଧା କହନ୍ତି (୩) । ବୈଷ୍ଣବ କବିମାନେ ରାଧାଙ୍କୁ ଏହି ନାୟିକା ରୂପେ ବିକଳା (ନାୟକଙ୍କୁ ନ ପାଇ ସବୁ ବିଫଳ ହେଲା ଭାବି ଖେଦଯୁକ୍ତା) ପ୍ରେମମତ୍ତା ( ଅନ୍ୟ ନାୟିକା ସଙ୍ଗେ ମିଳିତ ହୋଇଥିବେ ଭାବି ଆଶଙ୍କାଯୁକ୍ତା ), କ୍ଲିଷ୍ଟା ( ଯାହାଙ୍କୁ ସବୁ ବିଷୟ ବିଷମୟ ପ୍ରତୀତ ହୁଏ ), ବିନୀତା ( ବିଳାପଯୁକ୍ତା ), ନିର୍ଦ୍ଦୟ ( ନାୟକଙ୍କୁ ନିର୍ଦ୍ଦୟ କହି ଖେଦଯୁକ୍ତା) ପ୍ରଭୃତି ରୂପରେ ବର୍ଣ୍ଣନା କରିଅଛନ୍ତି ଗୀତ ଗୋବିନ୍ଦରେ ଏତାଦୃଶ ଭାବ ସଙ୍କଳିତ ତିନିଗୋଟି ଗୀତ ସନ୍ନିବିଷ୍ଟ । 'ସମୁଦିତ ମଦନେ ରମଣୀ ବଦନେ', 'ଅନିଳ ତରଳ କୁବଳୟ ନୟନେନ', 'ସ୍ମର ସମରୋଚିତ ବିରଚିତ ବେଶା' ପ୍ରଭୃତି ଗୀତରେ କୃଷ୍ଣ ଅନ୍ୟ ନାୟିକା ସଙ୍ଗେ ମିଳିତ ହୋଇଥିବେ ଭାବି ରାଧାଙ୍କ ଖେଦୋକ୍ତି ଏଗୁଡ଼ିକରେ ବର୍ଣ୍ଣିତ ହୋଇଅଛି ।

---

(୧) ଅଭିସାରୟତେ କାନ୍ତଂ ଯା ମନ୍ମଥ ବଶଂବଦା
ସ୍ୱୟଂ ବାଭିସରତ୍ୟେଷା ଧୀରୈରୁକ୍ତାଭିସାରିକା । (ସା. ଦ.)

(୨) ଚାଟୁକାରମପି ପ୍ରାଣନାଥ ରୋଷାଦପାସ୍ୟ ଯା
ପଶ୍ଚାତ୍ତାପମବାପ୍ନୋତି କଳହାନ୍ତରିତା ତୁସା । (ତତ୍ରୈବ)

(୩) ପ୍ରିୟଃ କୃତ୍ୱାପି ସଂକେତଂ ଯସ୍ୟା ନାୟାତି ସନ୍ନିଧିମ୍
ବିପ୍ରଲବ୍ଧାପି ସା ଜ୍ଞେୟା ନିତାନ୍ତମବମାନିତା । (ତତ୍ରୈବ)

୬। ନାନା କାର୍ଯ୍ୟ ହେତୁ ନାୟକ ବିଦେଶ ଯାଇଥିବା ଯୋଗୁ କାମ-ପୀଡ଼ିତା ନାୟିକାକୁ ପ୍ରୋଷିତଭର୍ତ୍ତୃକା କହନ୍ତି (୧) । କୃଷ୍ଣଙ୍କର ବନଗମନଜନିତ ଅଦର୍ଶନ ହେତୁ ଖେଦଯୁକ୍ତା ଶ୍ରୀରାଧାଙ୍କ ଅବସ୍ଥାକୁ 'ଅଦୂର ପ୍ରବାସ' ଓ ମଥୁରାଗମନ ଅବସ୍ଥାକୁ 'ସୁଦୂର ପ୍ରବାସ' କୁହାଯାଏ ।

୭। ନାୟକ ନିଶ୍ଚୟ ଆସିବେ ଏହା ଭାବି ଯେଉଁ ନାୟିକା ସଜ୍ଜିତ ବାସର ଗୃହକୁ ଓ ନିଜକୁ ସଜାଉଥାଏ ତାହାକୁ ବାସକସଜ୍ଜା କହନ୍ତି (୨) । ବୈଷ୍ଣବ କବିମାନେ ରାଧାଙ୍କୁ ମୋହିନୀ ( ସୁବେଶଧାରିଣୀ ), ଜାଗ୍ରତିକା ( ପ୍ରତୀକ୍ଷା ଯୋଗୁଁ ଜାଗ୍ରତା, ରୋଦିତା ( କ୍ରନ୍ଦନଶୀଳା ), ମଧ୍ୟୋକ୍ତିକା ( କାନ୍ତ ଆସି ପ୍ରିୟ ବାକ୍ୟ କହିବେ ଏତାଦୃଶ ଚିନ୍ତାଯୁକ୍ତା ), ସୁପ୍ତିକା (କପଟ ନିଦ୍ରାରେ ନିଦ୍ରିତା), ଚକିତା ( ନିଜ ଛାୟାରେ ଶ୍ରୀକୃଷ୍ଣଙ୍କ ଭ୍ରମ ଯୋଗୁଁ ତ୍ରସ୍ତା ), ସୁରସା ( ସଙ୍ଗୀତପରାୟଣା ), ଉଦ୍ଦେଶା ( ଦୂତୀ ପ୍ରେରଣକାରିଣୀ ) ରୂପେ ପରିକଳ୍ପନା କରି ଅଛନ୍ତି । ଗୀତ ଗୋବିନ୍ଦରେ 'ପଶ୍ୟତି ଦିଶି ଦିଶି ରହସି ଭବନ୍ତମ୍—ତଦଧର ମଧୁର ମଧୂନି ପିବନ୍ତମ୍—ନାଥ ହରେ ସୀଦତି ରାଧା ବାସ ଗୃହେ'—ଗୀତଟିରେ ଏହି ଭାବ ଅଭିବ୍ୟକ୍ତ । ଏଠାରେ ଶ୍ରୀକୃଷ୍ଣଙ୍କୁ ସଖୀ କହୁଛନ୍ତି—ହେ ନାଥ ହରି, ରାଧା ଲତା କୁଞ୍ଜରେ ବିଷାଦରେ ବସିଅଛନ୍ତି । ସେ ନିର୍ଜନରେ ବସି ତାହାଙ୍କ ମଧୁର ଅଧର ମଧୁପାନକୁଶଳ ତୁମକୁ ସବୁ ଦିଗରେ ଖୋଜୁଅଛନ୍ତି ।

ନାୟକ ଦୈବାତ୍ ନ ଆସିବାରୁ ଉତ୍କଣ୍ଠାଯୁକ୍ତା ନାୟିକାକୁ ବିରହୋତ୍-କଣ୍ଠିତା କହନ୍ତି (୩) । ଦୁର୍ମତି ( ଖଳ ବାକ୍ୟରେ କାହିଁକି ବିଶ୍ୱାସ କଲି ଏଥିପାଇଁ ଚିନ୍ତିତା ), ବିକଳା ( ପରିତାପପରାୟଣା ), ସ୍ତବ୍ଧା ( ଚିନ୍ତିତା ), ଉଚ୍ଚକିତା ( ପତ୍ର ପଡ଼ିବା ଅଥବା ପକ୍ଷୀର ପକ୍ଷ ସଂଚାଳନ ପ୍ରଭୃତି ଯୋଗୁ କାନ୍ତ ଆସୁଛନ୍ତି ଭାବି ଚିନ୍ତିତା), ଅଚେତନା, ସୁଖୋତ୍କଣ୍ଠିତା ( କୃଷ୍ଣ ଗୁଣ କଥନନିରତା ), ମୁଖରା ( ଦୂତୀ ସହ କଳହପରାୟଣା ), ନିବନ୍ଧା ( ମୋ କର୍ମ ଦୋଷରୁ ସେ ଆସିଲେ ନାହିଁ, ମୁଁ ବଞ୍ଚିବି

(୧) ନାନାକାର୍ଯ୍ୟବଶାଦ୍ ଯସ୍ୟା ଦୂରଦେଶଂ ଗତଃ ପତିଃ
ସା ମନୋଭବ ଦୁଃଖାର୍ତ୍ତା ଭବେତ୍ ପ୍ରୋଷିତଭର୍ତ୍ତୃକା । (ସା. ଦ.)

(୨) କୁରୁତେ ମଣ୍ଡନଂ ଯସ୍ୟାଃ ସଜ୍ଜିତେ ବାସବେଶ୍ମନି
ସାତୁ ବାସକସଜ୍ଜା ସ୍ୟାଦ୍ ବିଦିତ ପ୍ରିୟସଙ୍ଗମା ।

(୩) ଆଗନ୍ତୁଂ କୃତଚିତ୍ତୋଽପି ଦୈବାନ୍ନାୟାତି ଯତ୍ପ୍ରିୟଃ
ତଦନାଗମ ଦୁଃଖାର୍ତ୍ତା ବିରହୋତ୍କଣ୍ଠିତା ତୁସା ।

ନାହିଁ—ଏହି ଭାବନାରେ ଖେଦଯୁକ୍ତା) ରୂପେ ବୈଷ୍ଣବ କବିମାନେ ଶ୍ରୀରାଧାଙ୍କୁ ଚିତ୍ରଣ କରିଅଛନ୍ତି । ଗୀତ ଗୋବିନ୍ଦରେ କବି ରାଧାଙ୍କ ଖେଦୋକ୍ତି ବର୍ଣ୍ଣନା କରି ଲେଖିଛନ୍ତି— କଥିତ ସମୟ ଅତିବାହିତ ହୋଇଗଲା, ହରି ତ ଆସିଲେ ନାହିଁ, ମୋର ଅମଳ ରୂପ ଯୌବନ ବିଫଳ ହେଲା । ସଖୀମାନେ ମୋତେ ବଂଚନା କରିଛନ୍ତି, ହାୟ, ମୁଁ ଆଉ କାହାର ଶରଣ ନେବି ?

'କଥିତ ସମୟେହପି ହରିରହହ ନବଯୌବନମ୍
ମମ ବିଫଳମିଦମମଲମପି ରୂପଯୌବନମ୍
ଯାମିହେ କମିହ ଶରଣମ୍ ସଖୀଜନବଚନବଂଚିତା । ( ଧ୍ରୁ )

ଆଧୁନିକ ଯୁଗରେ ଚତୁର୍ଦ୍ଦଶପଦୀ କବିତା ( ସନେଟ ), ସମ୍ବୋଧନ ଗୀତ ( ଓଡ଼ ), ଗାଥା କବିତା ( ବାଲାଡ଼ ) ପ୍ରଭୃତି ଇଂରାଜୀ ଗୀତିକାବ୍ୟ ରୂପସମୂହ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ପ୍ରବର୍ତ୍ତିତ ହେବା ପୂର୍ବରୁ ପ୍ରାଚୀନ ଓ ମଧ୍ୟକାଳୀନ ବହୁ କବି କୃଷ୍ଣଲୀଳାତ୍ମକ ଗୀତି କବିତା ମାଧ୍ୟମରେ ସେମାନଙ୍କ କଳ୍ପନା ଓ ଜୀବନାନୁଭୂତିକୁ ଭାବ ରୂପ ଦେଇଯାଇଅଛନ୍ତି । ଏହି କବିତାରେ ରାଧାକୃଷ୍ଣ ଓ ତାହାଙ୍କ ସଖୀମାନଙ୍କ ପ୍ରଚୁର ଭାବାବେଗ ଅଭିବ୍ୟକ୍ତି ଲାଭ କରିଅଛି । ମାତ୍ର ଏହି ଭାବାବେଗ ଓ ଜୀବନାନୁଭୂତି ଏକ ସଂକୀର୍ଣ୍ଣ ପରିସରରେ ହିଁ ସୀମିତ । ପ୍ରେମ, ବାତ୍ସଲ୍ୟ, ସଖ୍ୟ ବ୍ୟତୀତ ଅନ୍ୟ ଅନୁଭୂତିର ଚିତ୍ର ଏଥିରେ ବିରଳ । ଏପରି କି ବହିଃପ୍ରକୃତିର ଶ୍ରୀ ମଧ୍ୟ ଏତାଦୃଶ କବିତାରେ ଗୌଣ ହୋଇଯାଇଛି । ଏଣୁ ପଦାବଳୀର ଭାବ ବା ବିଷୟବସ୍ତୁର ପରିସର ସଂକୀର୍ଣ୍ଣ କୁହାଯାଇପାରେ ।

ବୈଷ୍ଣବ ସାଧକ କବିମାନଙ୍କ ପକ୍ଷେ ଏହି କବିତାର ପ୍ରେରଣାର ଉତ୍ସ ଦିବ୍ୟ ବା ଅତିମାନବିକ କୁହାଯାଇଥାଏ । କେହି କେହି ଏହାକୁ ରୂପକଧର୍ମୀ ରହସ୍ୟବାଦୀ ଓ ଆଧ୍ୟାତ୍ମିକ ବ୍ୟଞ୍ଜନାପୂର୍ଣ୍ଣ କବିତା ଓ ବୈଷ୍ଣବ ଭକ୍ତକବିମାନଙ୍କ ଦିବ୍ୟାନୁଭୂତି ଧର୍ମ ବିଶ୍ୱାସର ପରିଣାମ ବୋଲି କହିଥାନ୍ତି । ମାତ୍ର ଅଧିକ ସଂଖ୍ୟକ କବି ରାଧାକୃଷ୍ଣ, ସଖୀ ଓ ଯଶୋଦାଙ୍କ ଅନୁଭବ ସମ୍ବଳିତ କବିତାକୁ ମାନବିକ ଅନୁଭୂତି କ୍ରମରେ ଶ୍ରୀକୃଷ୍ଣଙ୍କ ଆରାଧନା ଭାବରେ ଚିତ୍ରଣ କରିଯାଇଅଛନ୍ତି । ତତ୍ତ୍ୱଦୃଷ୍ଟିରୁ ଶ୍ରୀକୃଷ୍ଣଙ୍କ ବ୍ରଜଲୀଳା ପ୍ରସଙ୍ଗର ତାତ୍ପର୍ଯ୍ୟ ଯାହା ହେଉ ନା କାହିଁକି, ମାନବିକ ଭାବ ଅନୁଭୂତି ସ୍ତରରେ ବର୍ଣ୍ଣିତ ଏହି ଗୀତଗୁଡ଼ିକୁ ସାଧାରଣ ପାଠକ ଶ୍ରଦ୍ଧାର ସହିତ ଗ୍ରହଣ କରି ନେଇଅଛନ୍ତି । ବୈଷ୍ଣବ କବିତାର ଆଧ୍ୟାତ୍ମିକ ଓ ଲୌକିକ ଏହି ଦ୍ୱିବିଧ ଉପାଦାନର ମହତ୍ତ୍ୱକୁ ସ୍ୱୀକାର କରି କବି ରବୀନ୍ଦ୍ରନାଥ ଏଇ କବିତା ସମ୍ପର୍କରେ ଏକଦା ଯେଉଁ ପ୍ରଶ୍ନ ଉତ୍ଥାପନ କରିଥିଲେ, ତାହା ଏବେ ମଧ୍ୟ ଯଥାର୍ଥ ମନେହୁଏ ।

"ଶୁଧୁ ବୈକୁଣ୍ଠେର ତରେ ବୈଷ୍ଣବେର ଗାନ,
ପୂର୍ବରାଗ, ଅନୁରାଗ, ମାନ-ଅଭିମାନ ।
ଅଭିସାର, ପ୍ରେମ ଲୀଳା, ବିରହ ମିଲନ,
ବୃନ୍ଦାବନ ଗାଥା—ଏଇ ପ୍ରଣୟ ସ୍ୱପନ ।
ଶ୍ରାବଣେର ଶର୍ବରୀତେ କାଳିନ୍ଦୀର କୂଳେ,
ଚାରି ଚକ୍ଷେ ଚେୟେ ଦେଖା କଦମ୍ବେର ମୂଳେ ।
ଶରମେ ସମ୍ଭ୍ରମେ, ଏକି ଶୁଧୁ ଦେବତାରି,
ଏ ସଂଗୀତ ରସଧାରା ନହେ ମିଟାବାରି ।
ଦୀନ ମର୍ତ୍ତ୍ୟବାସୀ ଏଇ ନରନାରୀଦେର,
ପ୍ରତି ରଜନୀର ଆର ପ୍ରତି ଦିବସେର ।
ତପ୍ତ ପ୍ରେମ ତୃଷା । ଏ ଗୀତ ଉତ୍ସବ-ମାଝେ,
ଶୁଧୁ ତିନି ଆର ଭକ୍ତ ନିର୍ଜନେ ବିରାଜେ ।"

× × × ×

"ସତ୍ୟ କରେ କହୋ ମୋରେ ବୈଷ୍ଣବ କବି,
କୋଥା ତୁମେ ପେୟେଛିଲେ ଏଇ ପ୍ରେମ ଛବି ।
କୋଥା ତୁମି ଶିଖେଛିଲେ ଏଇ ପ୍ରେମ ଗାନ,
ବିରହତାପିତ । ହେରି କାହାର ନୟାନ ।
ରାଧିକାର ଅଶ୍ରୁ-ଆଖି ପଡ଼େଛିଲ ମନେ ?
ବିଜନ ବସନ୍ତ ରାତେ ମିଲନ ଶୟନେ ।
କେ ତୋମାରେ ବେଁଧେଛିଲ ଦୁଟି ବାହୁଡୋରେ,
ଆପନାର ହୃଦୟେର ଅଗାଧ ସାଗରେ
ରେଖେଛିଲ ମଗ୍ନକରି ?"

ଏଣୁ ପରିଶେଷରେ କବି ବୈଷ୍ଣବ କବିତାସମୂହ ଦିବ୍ୟାନୁଭୂତିସମ୍ବଳିତ ହୋଇଥିଲେ ହେଁ ଏହାର ମାନବିକ ଆବେଦନର ଗୁରୁତ୍ୱକୁ ସ୍ୱୀକାର କରି ଲେଖିଛନ୍ତି—

"ବୈଷ୍ଣବ କବିର ଗାଁଥା ପ୍ରେମ-ଉପହାର,
ଚଲିୟାଛେ ନିଶିଦିନ କତ ଭାରେ ଭାର ।
ବୈକୁଣ୍ଠେର ପଥେ । ମଧ୍ୟପଥେ ନର ନାରୀ,
ଅକ୍ଷୟ ସେ ସୁଧାରାଶି କରି କାଡ଼ାକାଡ଼ି ।
ଲଇତେଛେ ଅପନାର ପ୍ରିୟ ଗୃହତରେ,
ଯଥାସାଧ୍ୟ ଯେ ଯାହାର ; ଯୁଗେ ଯୁଗାନ୍ତରେ ।" ( ବୈଷ୍ଣବ କବିତା )

ରାଧାକୃଷ୍ଣ ଲୀଳାପ୍ରସଙ୍ଗ ମୁଖ୍ୟତଃ ମାନବିକ ଆବେଦନସମ୍ବଳିତ ହୋଇଥିବାରୁ ମଧ୍ୟକାଳୀନ ବହୁ ଅବୈଷ୍ଣବ କବି ମଧ୍ୟ ଏହାକୁ କାବ୍ୟସୃଷ୍ଟିର ଉପାଦାନ ଭାବେ ଗ୍ରହଣ କରି ନେଇଥିଲେ । ଓଡ଼ିଶାର ଶହ ଶହ କବି ଏହି ବିଷୟକୁ ଉପଜୀବ୍ୟ କରି ସହସ୍ର ସହସ୍ର କବିତା ରଚନା କରିଯାଇଛନ୍ତି । ସେସବୁ ଏପର୍ଯ୍ୟନ୍ତ ସଂଗୃହୀତ ହୋଇପାରି ନାହିଁ । ଏ ଯାବତ୍ ଲୋକଲୋଚନକୁ ଆସିଥିବା ଗୀତାବଳୀ ପରିମାଣ ଦୃଷ୍ଟିରୁ ବଙ୍ଗଳା ପଦାବଳୀ ତୁଳନାରେ କମ୍ । ଗୁଣାତ୍ମକ ଦୃଷ୍ଟିରୁ ମଧ୍ୟ ବଙ୍ଗଳାର ବହୁ କବିଙ୍କ ରଚନା ଯେ ଅତୀବ ଉଚ୍ଚକୋଟୀର ଏହା ଅନସ୍ୱୀକାର୍ଯ୍ୟ । ସମ୍ଭବତଃ ଓଡ଼ିଶାରେ ଜଗନ୍ନାଥ ଉପାସନାର ପ୍ରାଧାନ୍ୟ ଯୋଗୁଁ ଶ୍ରୀ ଚୈତନ୍ୟଙ୍କ ପ୍ରବର୍ତ୍ତିତ ପ୍ରେମ ଭକ୍ତିତତ୍ତ୍ୱ ଆଶାନୁରୂପ ପ୍ରାଧାନ୍ୟ ଲାଭ କରିପାରି ନ ଥିଲା ଓ ଏହାର ପରିମାଣ ମଧ୍ୟ କମ୍ ହୋଇଥିବା ଅନୁମେୟ । ତଥାପି ଷୋଡ଼ଶ ଶତାବ୍ଦୀର ମଧ୍ୟ ଭାଗରୁ ଚଳିତ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ଏତାଦୃଶ ଗୀତି ରଚନାର ଧାରା ଓଡ଼ିଶାରେ ଅବ୍ୟାହତ ରହିଛି । ବୈଷ୍ଣବୀୟ ଭାବରେ କିପରି ବହୁ କବି ବିବିଧ ଗୀତି ରଚନାରେ ମନୋନିବେଶ କରିଥିଲେ, ତାହା ଏହି ସଂକଳନରୁ ଅନୁମେୟ ।

ବୈଷ୍ଣବ ଗୀତାବଳୀ ମାଧ୍ୟମରେ ଓଡ଼ିଶାର ସଙ୍ଗୀତ ପରିପୁଷ୍ଟ ହୋଇଛି ଓ ଗୀତାଭିନୟର ଭିତ୍ତି ଦୃଢ଼ତର ହୋଇଛି । କୀର୍ତ୍ତନ, ରାସ, ଲୀଳା, ଗୋଟିପୁଅ ନାଚ ପ୍ରଭୃତିର ପ୍ରଚଳନ ଫଳରେ ଓଡ଼ିଶାର ଗାନରୀତିରେ ଯେ ନାନା ସୌଷ୍ଠବ ଓ ବୈଚିତ୍ର୍ୟ ସଂପାଦିତ ହୋଇଛି, ଏହା କହିବା ଅନାବଶ୍ୟକ । ମାତ୍ର କାଳକ୍ରମେ ଏହି କବିତା ଗତାନୁଗତିକ ଓ ପ୍ରଥାସିଦ୍ଧ ବିଷୟର ଅନୁବର୍ତ୍ତନ ଯୋଗୁଁ ବୈଚିତ୍ର୍ୟହୀନ ହୋଇପଡ଼ିଥିଲା ଏବଂ ସାହିତ୍ୟକ୍ଷେତ୍ରରୁ ତାର ସମସ୍ତ ଆବେଦନ ହରାଇ ବସିଲା । ତଥାପି ଏହି ଗୀତି କବିତା ଯେ ଏକଦା ସର୍ବାଧିକ ଜନପ୍ରିୟତା ଅର୍ଜନ କରିଥିଲା ଓ ଏହାର ମାଧ୍ୟମରେ ଓଡ଼ିଆ ସାହିତ୍ୟରେ ବହୁ ଉଚ୍ଚକୋଟୀର ସୃଷ୍ଟି ସମ୍ଭବ ହୋଇଥିଲା, ଏହା ଅସ୍ୱୀକାର କରାଯାଇ ନ ପାରେ ।

## ସଂକଳନର ଇତିବୃତ୍ତ—

ଓଡ଼ିଶାର ବୈଷ୍ଣବ କବି ତଥା ବୈଷ୍ଣବ ତତ୍ତ୍ୱ ପ୍ରଭାବିତ କବିମାନଙ୍କ ରଚିତ ରାଧାକୃଷ୍ଣ ଲୀଳାତ୍ମକ ଗୀତାବଳୀର ବିଧିବଦ୍ଧ ସଂକଳନ ଯେ ଏପର୍ଯ୍ୟନ୍ତ ହୋଇପାରି ନାହିଁ, ଏହା ପୂର୍ବରୁ ସୂଚିତ । ବୈଷ୍ଣବ କବି ବନମାଳୀ, ଗୋପାଳକୃଷ୍ଣ, ଗୌରଚରଣ, ଗୌରହରି, ହନୁମାନ ରାୟଗୁରୁ, ବେଣୁଧର ପ୍ରଭୃତିଙ୍କ ଗୀତାବଳୀ ସ୍ୱତନ୍ତ୍ର ପୁସ୍ତକ ଆକାରରେ ଅବଶ୍ୟ ପ୍ରକାଶ ପାଇଅଛି । ମାତ୍ର ବହୁ କବିଙ୍କ ଏତାଦୃଶ ରଚନାବଳୀ ଏବେ ମଧ୍ୟ ଅପ୍ରକାଶିତ । ସଙ୍କଳୟିତା ଏ ଦିଗରେ ବହୁ ବର୍ଷ ଧରି ଅନୁଶୀଳନ

କରି ଯେଉଁ କବିମାନଙ୍କ ରଚନାର ସନ୍ଧାନ ପାଇଛି ତନ୍ମଧ୍ୟରୁ କେତେକଙ୍କୁ ଏହି ସଙ୍କଳନରେ ସନ୍ନିବେଶିତ କରିଅଛି । ଏଥିରେ ମୋଟ ପ୍ରାୟ ୬୩ ଜଣ କବିଙ୍କ ରଚିତ ପ୍ରାୟ ଦୁଇ ଶହରୁ ଅଧିକ ଗୀତ ସନ୍ନିବିଷ୍ଟ ହୋଇଅଛି । ଏହି କବିମାନଙ୍କ ରଚନାବଳୀରୁ ଅଳ୍ପ କେତେଗୋଟି ନିର୍ବାଚନ କରାଯାଇଥିଲେ ହେଁ ବିଶିଷ୍ଟ ବୈଷ୍ଣବ କବି ଭାବେ ବନମାଳୀ, ଗୋପାଳକୃଷ୍ଣ ପ୍ରଭୃତିଙ୍କ ରଚନାରୁ ଅଧିକ ସଂଖ୍ୟକ ଗୀତ ନିର୍ବାଚନ କରାଯାଇଅଛି ।

ବଙ୍ଗଳା ପଦାବଳୀ ଯେ ଓଡ଼ିଶାର କେତେକ କବିଙ୍କୁ ବଙ୍ଗଭାଷାରେ କୃଷ୍ଣଲୀଳାତ୍ମକ କବିତା ରଚନା କରିବାକୁ ପ୍ରରୋଚିତ କରିଥିଲା, ଏହା ଅନସ୍ୱୀକାର୍ଯ୍ୟ । ଠିକ୍ ସେହିପରି ଏକଦା ବ୍ରଜବୋଲି ଭାଷାର ଆକର୍ଷଣକୁ ମଧ୍ୟ ଓଡ଼ିଶାର କବିମାନେ ଉପେକ୍ଷା କରିପାରି ନ ଥିଲେ । ସଙ୍କଳନରେ ଏଣୁ କେତେକ ବ୍ରଜବୋଲି ଓ ଓଡ଼ିଆ କବିଙ୍କ ରଚିତ ବଙ୍ଗଳା ଗୀତକୁ ସନ୍ନିବେଶ କରାଯାଇଅଛି ।

ଗୀତଗୁଡ଼ିକର ସଙ୍କଳନ ଲାଗି ସଙ୍କଳୟିତାଙ୍କୁ ପ୍ରକାଶିତ ପୁସ୍ତକ ବ୍ୟତୀତ ରାଜ୍ୟ ସଂଗ୍ରହାଳୟ ପୋଥି ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ ପୋଥି ବିଭାଗ ଓ 'ପ୍ରାଚୀ ସମିତି'ର ଗୀତ ସଂଗ୍ରହ ଓ କେତେକ ପୁରାତନ ଗୀତ ଖାତାର ସାହାଯ୍ୟ ନେବାକୁ ପଡ଼ିଛି । ସଙ୍କଳନ ଲାଗି ଯେଉଁ ପୁସ୍ତକର ସହାୟତା ଆବଶ୍ୟକ ହୋଇଛି ତାହାର ତାଲିକା ଏହା ସହ ପ୍ରଦତ୍ତ ହେଲା । ଏହି କାର୍ଯ୍ୟରେ ପ୍ରିୟ ସୁହୃଦ ଓ ଅଧ୍ୟାପକ ଶ୍ରୀମାନ୍ ସୁଧୀର ଚନ୍ଦ୍ର ମହାନ୍ତିଙ୍କ ସାହାଯ୍ୟ ଏକାନ୍ତ ସ୍ମରଣୀୟ ।

କହିବା ଅନାବଶ୍ୟକ, ଗୀତଗୁଡ଼ିକର ଶୁଦ୍ଧପାଠ ଓ ଶୀର୍ଷକ ମୋତେ ପ୍ରସ୍ତୁତ କରିବାକୁ ପଡ଼ିଛି । ଏହି ଶୀର୍ଷକ ସମ୍ପର୍କରେ ମତାନୈକ୍ୟର ସମ୍ଭାବନାକୁ ଅସ୍ୱୀକାର କରାଯାଇ ନ ପାରେ । ପରିଶେଷରେ ପ୍ରକାଶକ ବନ୍ଧୁ ଶ୍ରୀଯୁକ୍ତ ଗୋବିନ୍ଦ ଚରଣ ପାତ୍ରଙ୍କ ଆଗ୍ରହ ଓ ଆନୁକୂଲ୍ୟରେ ଏହା ଯଥାଶୀଘ୍ର ପ୍ରକାଶ ପାଇବାରୁ ମୁଁ ତାହାଙ୍କୁ ଶୁଭେଚ୍ଛା ଜଣାଉଛି ।

ଏହି ସଙ୍କଳନ ଓଡ଼ିଶାର ପାଠକ ଓ ଗବେଷକମାନଙ୍କୁ ପଦାବଳୀ ସମ୍ପର୍କରେ ଅଧିକ ଅନୁରାଗୀ ଓ ଆଗ୍ରହାନ୍ୱିତ କରାଇପାରିଲେ ମୋର ଶ୍ରମ ସାର୍ଥକ ହେଲା ଭାବି ଆନନ୍ଦବୋଧ କରିବି ।

**ଜାନକୀବଲ୍ଲଭ ମହାନ୍ତି**
ତା ୧୧-୧୧-୮୦
କଟକ

# ସୂଚୀ


| ଆଦ୍ୟଛନ୍ଦ | ପ୍ରସଙ୍ଗ | ପୃଷ୍ଠା |
|---|---|---|
| **ଉପେନ୍ଦ୍ର ଭଂଜ (ଆନୁମାନିକ ୧୬୭୦ —୧୭୨୦)** | | |
| ୧। ଶ୍ରୀମନ୍ତ ଶ୍ରୀପନ୍ଥ ବୃନ୍ଦାବନେ | ଯୁଗଳମିଳନ | ୧ |
| ୨। ମଲ୍ଲୀମାଳ ଶ୍ୟାମକୁ ଦେବ | ଭାବୋଚ୍ଛ୍ୱାସ | ୨ |
| ୩। ଦେଖିଲୁଟି କୃଷ୍ଣଙ୍କୁ ଗୋ | ନବାନୁରାଗ | ୩ |
| ୪। ଆହା କେ ଗଢ଼ିଛି ଭଲ୍ଲ | ରୂପାନୁରାଗ | ୪ |
| **କାହ୍ନୁଚରଣ** | | |
| ୧। ମୋହନ ହେଲାତ ଭ୍ରମର | ଖଣ୍ଡିତା | ୫ |
| ୨। ଭୁଛାରେ ଯାହା ମୁଁ ଶ୍ୟାମେ | ଆକ୍ଷେପାନୁରାଗ | ୬ |
| **କୁଳମଣି ରାଜେନ୍ଦ୍ର** | | |
| ୧। କହଗୋ ଦୂତି ମୋତେ | ବିରହୋତ୍କଣ୍ଠିତା | ୭ |
| **ଗୁଣମଣି ସୁତ (ଊନବିଂଶ ଶତାବ୍ଦୀ)** | | |
| ୧। କରିବି କି ବେଶ ଗୋ | ଶ୍ରୀକୃଷ୍ଣଙ୍କ ସେବାଭିଳାଷ | ୮ |
| ୨। ଶ୍ୟାମବନ୍ଧୁ ଆସିବେ | ବାସକସଜ୍ଜା ଶ୍ରୀରାଧା | ୯ |
| **ଗୋପାଳକୃଷ୍ଣ (୧୭୮୫—୧୮୫୬)** | | |
| ୧। ସଂଗିନୀରେ ରାସ ରଂଗିନୀରେ | ଶ୍ରୀକୃଷ୍ଣ ରାଟ୍‌ଭକ୍ତି | ୧୧ |
| ୨। ଆଜ କା ରସେ ରସିଲେ | ବିରହୋତ୍କଣ୍ଠିତା | ୧୨ |
| ୩। ମୋହନ ରାତି ଚହ୍ଲା | ବିରହୋତ୍କଣ୍ଠିତା | ୧୩ |
| ୪। ସଖିରେ କର ବିଳମ୍ବ କେଣେ | ବାସକସଜ୍ଜା | ୧୪ |
| ୫। ଶୁଣ ହେ ମାଧବ ତୁମ୍ଭେ | ବିପ୍ରଲବ୍‌ଧା | ୧୫ |
| ୬। ନନ୍ଦ ନନ୍ଦନ ହୃଦ ପଦ | କଳହାନ୍ତରିତା | ୧୬ |
| ୭। ଯାଅ ଯାଅ ମୋ ପାଶରୁ | ଖଣ୍ଡିତା | ୧୬ |
| ୮। ହେ ନିର୍ଲଜ ବିଦଗ୍‌ଧ | ସ୍ୱାଧୀନ ଭର୍ତ୍ତୃକା | ୧୭ |

| ଆଦ୍ୟଛନ୍ଦ | ପ୍ରସଙ୍ଗ | ପୃଷ୍ଠା |
|---|---|---|
| ୯ । ରେ ସଂଗିନୀ କୃଷ୍ଣାନୁରାଗିଣୀ | କୃଷ୍ଣାଭିସାରିକା | ୧୮ |
| ୧୦ । ରେ ସଂଗିନୀ କୃଷ୍ଣାନୁରାଗିଣୀ | କୃଷ୍ଣାଭିସାରିକା | ୧୯ |
| ୧୧ । କେଡ଼େ ସୁନ୍ଦର ସ୍ୱପନ ରାତିରେ | ବାତ୍ସଲ୍ୟ | ୨୦ |
| ୧୨ । ଶ୍ରୀଗୌରଚନ୍ଦ୍ର ପଦ ବନ୍ଦରେ ମାନସ | ଗୌର ବନ୍ଦନା | ୨୧ |
| ୧୩ । ସୁର ମନ ଶଚୀ ସୁତ | ଗୌର ବନ୍ଦନା | ୨୨ |
| ୧୪ । କଦମ୍ବବନେ ବଂଶୀ ବାଜିଲାରେ | ବଂଶୀ ବିଭବ | ୨୩ |
| ୧୫ । ଦେଖିଲେ ଦେଖିଲି ପରି | ବନବାହୁଡ଼ା ରୂପଶ୍ରୀ | ୨୪ |
| ୧୬ । ଦୟା ନ କରନ୍ତୁ ମୁଁ ଦାସୀ ହିନାରେ | ନବାନୁରାଗ | ୨୫ |
| ୧୭ । ମୋତେ ଲଗାନାରେ | ଆକ୍ଷେପାନୁରାଗ | ୨୬ |
| ୧୮ । ଉଠିଲୁ ଏଡ଼େ ବେଗି | ବାତ୍ସଲ୍ୟ | ୨୭ |
| ୧୯ । ବ୍ରଜକୁ ଫେରି ଆସିଛୁ | ବାତ୍ସଲ୍ୟ | ୨୮ |
| ୨୦ । ବ୍ରଜବଧୂ ପରି ମୋତେ | ରସୋଚ୍ଛ୍ୱାସ | ୨୯ |
| ୨୧ । ମୁହାମୁହିଁ କିଶୋର ଚନ୍ଦ୍ରମାଙ୍କର | ରସୋଚ୍ଛ୍ୱାସ | ୩୦ |
| ୨୨ । ବ୍ରଜେନ୍ଦ୍ର କୁମାର | ନୌକାବିଳାସ | ୩୧ |
| ୨୩ । ସଖିରେ ଏ ମୋ ଦୃଢ଼ ଭରସା | ରସୋଚ୍ଛ୍ୱାସ | ୩୨ |
| ୨୪ । ଆହା କି ଶୋଭା ମାଧୁରୀ | ଯୁଗଳମିଳନ | ୩୩ |
| ୨୫ । କେଶର କୁଂଜ ଶେଜରେ | ଶ୍ରୀରାଧାଙ୍କ ପୌଗଣ୍ଡ | ୩୪ |
| ୨୬ । ରସମାନସ ରାଧିକେଶ | ଶ୍ରୀକୃଷ୍ଣ ବନ୍ଦନା | ୩୪ |


## ଗୌର ଚରଣ ଅଧିକାରୀ (୧୮୧୪—୧୮୯୦)


| | | |
|---|---|---|
| ୧ । ଗାନକର ହରିନାମ ମନୁଆ | ଶ୍ରୀକୃଷ୍ଣ ବନ୍ଦନା | ୩୯ |
| ୨ । ଜୟ ଜୟ ବୃଷଭାନୁ ନନ୍ଦନୀ | ଯୁଗଳ ବନ୍ଦନା | ୪୦ |
| ୩ । ଜୟ ଜୟ ବ୍ରଜରାଜ ତନୟ | ଶ୍ରୀକୃଷ୍ଣ ବନ୍ଦନା | ୪୧ |
| ୪ । ବୃନ୍ଦାବନ ମେ | ଝୁଲଣ ମାଧୁରୀ | ୪୨ |
| ୫ । କାହିଁ ରଖିବି ଏ ନେହ | ରସୋଚ୍ଛ୍ୱାସ | ୪୩ |
| ୬ । ଜୟ ଜୟ ଚୈତନ୍ୟ ଚନ୍ଦ୍ର | ଗୌର ଚନ୍ଦ୍ରିକା | ୪୪ |
| ୭ । ଭବ ଭୟ ଭଂଜନ | ଗୌର ବନ୍ଦନାଷ୍ଟକ | ୪୫ |
| ୮ । ନନ୍ଦ କୋଳେ ଗୋବିନ୍ଦ | ବାଳ ମୁକୁନ୍ଦ | ୪୬ |
| ୯ । ଉଠ ଉଠ ବେଣୁପାଣି | ପ୍ରଭାତ ଅବକାଶ | ୪୭ |

| ଆଦ୍ୟଛନ୍ଦ | ପ୍ରସଙ୍ଗ | ପୃଷ୍ଠା |
|---|---|---|
| **ଗୌରହରି ପରିଚ୍ଛା (ଊନବିଂଶ ଶତାବ୍ଦୀ)** | | |
| ୧। ଧୂର୍ତ୍ତ କି ଧରି କେନ୍ତୁ | ଖଣ୍ଡିତା ଉପାସ | ୪୮ |
| ୨। ଏଡେ ହେଲେ ଜାଣିଲି | ସଖୀ ଛଳୋକ୍ତି | ୪୯ |
| ୩। ଗୁମାନ କରି ଗୋପୀ | ସଖୀ ଛଳୋକ୍ତି | ୫୦ |
| **ଘନଶ୍ୟାମ କର (ଊନବିଂଶ ଶତାବ୍ଦୀ)** | | |
| ୧। ଫେରିଯାଅ ମୋ ପାଶରୁ | ଖଣ୍ଡିତା | ୫୧ |
| ୨। ଆହା କି ଶୋଭା | ଯୁଗଳ ମିଳନ | ୫୨ |
| **ଚନ୍ଦ୍ରମଣି ଦାସ** | | |
| ୧। ଏହାଥିଲା କରମରେ | ଆକ୍ଷେପାନୁରାଗ | ୫୩ |
| **ଚମ୍ପତି ରାୟ (୧୪୭୯ ୧୫୩୨)** | | |
| ୧। ସଖୀ ହେ କାହେ କହସି | ଦୁର୍ଜୟମାନ | ୫୪ |
| ୨। ଶରଦ ରାତି କୁନ୍ଦ କାନ୍ତି | ଶ୍ରୀରାଧା ବିରହ | ୫୫ |
| **ଗୃନ୍ଦ କବି** | | |
| ୧। ପୂତନାଦି ବକ ଶକଟ | ଶ୍ରୀକୃଷ୍ଣ ବନ୍ଦନା | ୫୬ |
| **ଜଗବନ୍ଧୁ ସିଂହ (୧୮୭୨—୧୯୪୮)** | | |
| ୧। ଦଧିମନ୍ଥନ ଧ୍ୱନି ଶୁଣି | ବାତ୍ସଲ୍ୟ | ୫୬ |
| ୨। ଆସ ମୋ ଜୀବନ ଧନ | ବାତ୍ସଲ୍ୟ | ୫୭ |
| ୩। ଜୟ ରାଧାକୃଷ୍ଣ | ଯୁଗଳ ବନ୍ଦନା | ୫୯ |
| ୪। ବଡ଼ଦାଣ୍ଡେ ମହାନନ୍ଦ ସିନ୍ଧୁ | ଚୈତନ୍ୟ ବନ୍ଦନା | ୬୦ |
| **ଦନାଇ ଦାସ (୧୮ଶ ଶତାବ୍ଦୀ)** | | |
| ୧। ଗୋପାଳମାନେ ଯେ | ପହିଲି | ୬୧ |

| ଆଦ୍ୟଛନ୍ଦ | ପ୍ରସଙ୍ଗ | ପୃଷ୍ଠା |
|---|---|---|
| **ଦଶପଲ୍ଲା ଯୁବରାଜ (ଅଷ୍ଟାଦଶ ଶତାବ୍ଦୀ)** | | |
| ୧ । ଆରେ ସଖୀରେ | ବାସକ ସଜ୍ଜା | ୬୧ |
| ୨ । ମୋ କାନ୍ତ ମୋହର | ପ୍ରୋଷିତ ଭର୍ତ୍ତୃକା | ୬୩ |
| ୩ । ଶୁଣ ସଖୀରେ | କଳହାନ୍ତରିତା | ୬୪ |
| ୪ । ଶ୍ୟାମ ଦଶା କର ଯାଇ ଲୋକନ | ଶ୍ରୀକୃଷ୍ଣ ବିରହ | ୬୫ |
| **ଦାମୋଦର ଦ୍ୱିଜ** | | |
| ୧ । ଗତକର ସ୍ନେହ ହର | ବିରହୋତ୍କଣ୍ଠିତା | ୬୬ |
| ୨ । ଘନବରନ ଏ କିସ | ବିପ୍ରଲବ୍ଧା | ୬୬ |
| **ଦାମୋଦର ରାୟ (ଷୋଡ଼ଶ ଶତାବ୍ଦୀ)** | | |
| ୧ । ଘନ ଘନ ଗର୍ଜନ | ବିରହିଣୀ | ୬୭ |
| ୨ । ଦିବସ ତାପଇ ତପନ ଖରତର | ବିରହିଣୀ | ୬୮ |
| ୩ । ଶୁଣ ସଖୀ ଚରଣ | ବିରହିଣୀ | ୬୭ |
| **ବିଦ୍ୟସିଂହ ଦେବ** | | |
| ୧ । ପ୍ରାଣ ସଜନୀ ପବନ୍ଧ ହେଲା | ନବାନୁରାଗ | ୬୯ |
| **ଧନକୃଷ୍ଣ (ସପ୍ତଦଶ ଶତାବ୍ଦୀର ଶେଷଭାଗ)** | | |
| ୧ । ଶ୍ରୀମତୀ ଅରୁଣ | ଶ୍ରୀରାଧା ପ୍ରଶସ୍ତି | ୭୦ |
| ୨ । ସଖୀ ଗୃହୁଁ ଏ ପରା | ରୂପାନୁରାଗ | ୭୧ |
| ୩ । ଶ୍ୟାମ ପ୍ରୀତିରେ ସଖୀ ମୁଁ | ଆକ୍ଷେପାନୁରାଗ | ୭୧ |
| ୪ । ରେ ସଂଗାତ ଅନୁଭବୀ ଥିଲେ | ଭାବୋଚ୍ଛ୍ୱାସ | ୭୨ |
| ୫ । କେ ବୋଲେ ପୀରତି ଭଲ | ପ୍ରୀତି ପ୍ରଭାବ | ୭୩ |
| ୬ । ହଟ ନାଗର ହେ | ପଥାବରୋଧ | ୭୪ |
| ୭ । ଛୁଡ଼ ମୋତେ ବାଟ | ଘାଟ ସଧା | ୭୪ |
| ୮ । ବାଜେ ମୋହନ ବାଂଶରୀ | ବଂଶୀ ବଭବ | ୭୫ |
| ୯ । ରାଧିକେ ଅକଳଙ୍କ ଚନ୍ଦ୍ରମୁହୀଁ | ଶ୍ରୀକୃଷ୍ଣ ବିରହ | ୭୬ |
| ୧୦ । ରାଧେ ହୋଇଥା ବେଶ | ସଖ୍ୟୁକ୍ତି | ୭୭ |

| ଆଦ୍ୟଛନ୍ଦ | ପ୍ରସଙ୍ଗ | ପୃଷ୍ଠା |
|---|---|---|
| **ଦୀନବନ୍ଧୁ ରାଜ ହରିଚନ୍ଦନ** | | |
| ୧। ଏକାଳେ ମୋ ବଂଧୁ | ବିରହୀ ଶ୍ରୀକୃଷ୍ଣ | ୭୮ |
| ୨। ମଧୁ ଋତୁ ସଂଗରେ | ହୋରି | ୭୯ |
| ୩। ଝର ଝର ନୀର ଧାର | ଶ୍ରୀକୃଷ୍ଣଙ୍କ ବିରହାନୁଚିନ୍ତା | ୮୦ |
| ୪। ରେ ସଂଗୀ ମୁଁ ହୁଡ଼ିଲି | ଆକ୍ଷେପାନୁରାଗ | ୮୧ |
| ୫। ବଲ୍ଲଭିରତନ ମୋ ପରାଣଧନ | ଶ୍ରୀକୃଷ୍ଣଙ୍କ ବିରହାନୁଚିନ୍ତା | ୮୨ |
| ୬। ପାହି ପାହିଆ | ଶ୍ରୀକୃଷ୍ଣ ବନ୍ଦନା | ୮୩ |
| ୭। ବନ୍ଦେ ଶ୍ରୀ ଶଚିସୁତ | ଚୈତନ୍ୟ ବନ୍ଦନା | ୮୪ |
| ୮। ଆହାରେ ଗଜ ଗମନୀ | ଶ୍ରୀକୃଷ୍ଣଙ୍କ ବିରହାନୁଚିନ୍ତା | ୮୫ |
| ୯। ନଜାଣି ମୁଁ କଲି ପିରତି | ଆକ୍ଷେପାନୁରାଗ | ୮୯ |
| ୧୦। ବର ବରନାରେ ମୋ କି ଦୋଷୁ | ଗୁଣ୍ଠୁଳି | ୯୦ |
| ୧୧। ମଧୁ ନଗରରେ ହରି | ବିରହୀ କୃଷ୍ଣ | ୯୧ |
| ୧୨। କଂସ କଟକରେ ହରି | ଶ୍ରୀକୃଷ୍ଣଙ୍କ ଚଟାଉ | ୯୨ |
| **ଦୁଃଖିଶ୍ୟାମ ଦାସ (୧୮ଶ ଶତାବ୍ଦୀ)** | | |
| ୧। ମୋହନ ମନମୋହନ | ବଂଶୀ ବିଭବ | ୯୩ |
| ୨। ତୋଳ ତୋଳ ଏହୁ ଫୁଲ | ବନବିହାର | ୯୩ |
| **ନାରାୟଣ ପଟ୍ଟନାୟକ (୧୯ଶ ଶତାବ୍ଦୀ)** | | |
| ୧। ଥିଲ କାହିଁ ଗୋ ଶ୍ୟାମ | ଖଣ୍ଡିତା | ୯୪ |
| ୨। ସଖୀ ଗୋ ଦେଖ କେଢ଼େ | ଶ୍ରୀକୃଷ୍ଣଙ୍କ ରୂପାନୁରାଗ | ୯୫ |
| ୩। ପ୍ରବର ଅନଙ୍ଗରଂଗେ | ହୋରି | ୯୫ |
| **ପଂକଜ ଚରଣ (୧୯ଶ ଶତାବ୍ଦୀ)** | | |
| ୧। କୁଂଜକୁ ସଜ ହୁଅ | ଅଭିସାର ପ୍ରରୋଚନା | ୯୬ |
| ୨। ମୁଁ କି ହୁଡ଼ିଲି | କଳହାନ୍ତରିତା | ୮୬ |
| ୩। ହେ ମୋହନ ଯା ଯା ମୋ ପାଶୁ | ଖଣ୍ଡିତା | ୮୭ |
| ୪। ନାଗର ଗଣେ ସାର | ରୂପାନୁରାଗ | ୮୮ |
| ୫। ମିତ କହ ସତ | ଉତ୍କଣ୍ଠିତା | ୯୭ |

| ଆଦ୍ୟଛନ୍ଦ | ପ୍ରସଙ୍ଗ | ପୃଷ୍ଠା |
|---|---|---|
| **ପଦନ (୧୯ଶ ଶତାବ୍ଦୀ)** | | |
| ୧। ସୁନା ବରନା ମୋର | ମାନଭଂଜନ ଗୃଷ୍ଟୁ | ୯୮ |
| **ପରମାନନ୍ଦ ଦାସ (୧୯ଶ ଶତାବ୍ଦୀ)** | | |
| ୧। ଅହୋ ମୋହନା | ଆକ୍ଷେପାନୁରାଗ | ୯୯ |
| **ପାର୍ବଣଚରଣ ଦାସ** | | |
| ୧। ସଖି କି କହିବ ବନ୍ଧୁଗୁଣ | ରସୋଲ୍ଲାସ/ସ୍ୱାଧୀନ ଭର୍ତ୍ତୃକା | ୧୦୦ |
| ୨। ଘନ ଘନ ଶୁକ ବଚନ ଶୁଣି | କୁଂଜ ଭଂଗ | ୧୦୧ |
| ୩। ମୋ ପ୍ରାଣଟିରେ କହ୍ନାଇ | ଗୋଷ୍ଠ | ୧୦୨ |
| ୪। କାହ୍ନାନ୍ତ ମୋ ପ୍ରାଣନାଥ | ମାଥୁର/ପ୍ରୋଷିତ ଭର୍ତ୍ତୃକା | ୧୦୩ |
| **ପିଣ୍ଡିକ ଶ୍ରୀଚନ୍ଦନ (୧୮ଶ ଶତାବ୍ଦୀ)** | | |
| ୧। ଓହେ ମାଧବ ତବ ବିରହେ | ବିପ୍ରଲବ୍ଧା | ୨୦୩ |
| **ପୁରୁଷୋତ୍ତମ** | | |
| ୧। ଭଲ ତା ମୁଖ ଛବି | ଶ୍ରୀକୃଷ୍ଣଙ୍କ ରୂପାନୁରାଗ | ୧୦୪ |
| **ଫକୀର ଭଂଜ (୧୭ଶ ଶତାବ୍ଦୀର ଶେଷଭାଗ)** | | |
| ୧। କାହ୍ନୁ ଆସିବେରେ | ଉତ୍କଣ୍ଠିତା | ୧୦୫ |
| ୨। କହୁଛ ଯାହା କାହ୍ନୁ | ଖଣ୍ଡିତା | ୧୦୬ |
| ୩। ଆରେ ସଜନୀ | ସ୍ୱାଧୀନ ଭର୍ତ୍ତୃକା | ୧୦୭ |
| ୪। ସଜନୀ ନଭାଲ ମନେ | ସଖୀ ପ୍ରବୋଧ | ୧୦୮ |
| **ବନମାଳୀ (ଅଷ୍ଟାଦଶ ଶତାବ୍ଦୀ ବୀରକିଶୋରଙ୍କ (୧୭୩୬-୯୩) ସମକାଳୀନ)** | | |
| ୧। ଦୁଃଖି ସଙ୍ଗାଳୀ | ବାତ୍ସଲ୍ୟ | ୧୦୮ |
| ୨। ସେ ଶ୍ୟାମ ନାଗରକୁ | ଶ୍ରୀରାଧାଙ୍କ ନବାନୁରାଗ | ୧୦୯ |
| ୩। କି ଦେଖିଲି ଆଜ ନେଣ | ପୂର୍ବରାଗ | ୧୧୦ |
| ୪। ବାଟ ଛାଡ଼ ସୁହଟ ନାଗର | ପଥାବରୋଧ | ୧୧୧ |
| ୫। ଜୟ ହେ ବ୍ରଜରାଜ ନନ୍ଦନ | ବନ୍ଦନା | ୧୧୨ |

| ଆଦ୍ୟଛନ୍ଦ | ପ୍ରସଙ୍ଗ | ପୃଷ୍ଠା |
|---|---|---|
| ୬ । ଦନୁ ଦନୁ ନନ୍ଦ ତନୟ | ନବାନୁରାଗ | ୧୧୩ |
| ୭ । ତୋ ଲଗି ଗୋପଦାଣ୍ଡ | ଘାଟଲୀଳା | ୧୧୪ |
| ୭ । ଝୁଲନ୍ତ ରଂଗେ ରାଇ | ଝୁଲଣ | ୧୧୫ |
| ୯ । ନ ଭେଜବ ମୂରଲୀଧର | ନବାନୁରାଗ | ୧୧୬ |
| ୧୦ । କହ୍ନ ନାଗରକର ମୋତେ | ସୁଦୂର ପ୍ରବାସ | ୧୧୬ |
| ୧୧ । ଶ୍ୟାମ ବିନେ ସଜନୀ | ଉତ୍କଣ୍ଠିତା | ୧୧୭ |
| ୧୨ । ଶ୍ୟାମ ଶ୍ରୀଅଙ୍ଗେ ନେଣ | ନବାନୁରାଗ | ୧୧୮ |
| ୧୩ । ସଂଗିନୀରେ ଜଣେ କେହ୍ନ | ଅଭିସାରିକା | ୧୧୯ |
| ୧୪ । ସଖି ନିକୁଂଜ ବନେ ବଂଶୀ | ବଂଶୀ ବିଭବ | ୧୨୦ |

ବନମାଳୀ (ଷୋଡ଼ଶ ଶତାବ୍ଦୀ)

| ଆଦ୍ୟଛନ୍ଦ | ପ୍ରସଙ୍ଗ | ପୃଷ୍ଠା |
|---|---|---|
| ୧ । ଗୋପୀ ସଂଗେ ବନମାଳୀ | ଶାରଦ ମିଳନ | ୧୨୧ |

କବିସୂର୍ଯ୍ୟ ବଳଦେବ ରଥ (କବିସୂର୍ଯ୍ୟ ୧୭୭୯—୧୮୪୫)

| ଆଦ୍ୟଛନ୍ଦ | ପ୍ରସଙ୍ଗ | ପୃଷ୍ଠା |
|---|---|---|
| ୧ । କାହିଁରେ ମନ ସଖି | ରସୋଚ୍ଛ୍ୱାସ | ୧୨୨ |
| ୨ । ସଜ ହୋଇଥାରେ | ମିଳନ ଭାବନା | ୧୨୩ |
| ୩ । ଘେନ ଘେନ ମନ ଘନ | ଶ୍ରୀକୃଷ୍ଣ ବନ୍ଦନା | ୧୨୪ |
| ୪ । ସଜନୀ ଆଜ ରଜନୀ | ଖଣ୍ଡିତା | ୧୨୫ |
| ୫ । ଷଟ୍‌ପଦ ନୀଳକେଶୀ | ଗୋଧନ ବାହୁଡ଼ା କୃଷ୍ଣ | ୧୨୬ |
| ୬ । ଶ୍ୟାମ ସମ କମନୀୟ | ରସୋଚ୍ଛ୍ୱାସ | ୧୨୭ |
| ୭ । ରେ ସଂଗାତ ରୂପି ମୁଁ | ରସୋଚ୍ଛ୍ୱାସ | ୧୨୮ |
| ୮ । ରେ ସଂଗାତ ନନ୍ଦଲେ ନନ୍ଦବେ | ରସୋଚ୍ଛ୍ୱାସ | ୧୨୯ |
| ୯ । ଘୋଷାବର ରେ | ସ୍ତୁଟୂକ୍ତି | ୧୩୦ |
| ୧୦ । ନାହିଁ କର ନାହିଁ ତ ମୁଁ | ଆତ୍ମସମର୍ପଣ | ୧୩୧ |
| ୧୧ । ରୂପପର ମୋ ହୃଦୟ | ସ୍ତୁତି | ୧୩୨ |
| ୧୨ । ତାର ଗିରେ କି ବିଶ୍ୱାସ | ଆକ୍ଷେପାନୁରାଗ | ୧୩୩ |
| ୧୩ । ବଚନ ବେଶ ମଂଜୁଳା | ସଖୀ ପରିହାସ | ୧୩୪ |

ବ୍ରଜବନ୍ଧୁ ସିଂହ

| ଆଦ୍ୟଛନ୍ଦ | ପ୍ରସଙ୍ଗ | ପୃଷ୍ଠା |
|---|---|---|
| ୧ । ଜୟଶ୍ରୀ ନନ୍ଦନନ୍ଦନ | ଶ୍ରୀକୃଷ୍ଣ ବନ୍ଦନା | ୧୩୫ |
| ୨ । ପ୍ରବେଶି ପୌର୍ଣ୍ଣମାସୀ | ବାତ୍ସଲ୍ୟ | ୧୩୬ |

| ଆଦ୍ୟଛନ୍ଦ | ପ୍ରସଙ୍ଗ | ପୃଷ୍ଠା |
|---|---|---|
| **ବିନାୟକ ସିଂହ (୧୭୮୮—୧୮୦୮)** | | |
| ୧ । ନବଘନ ବରନ ଶୋଭ | ଚୈତନ୍ୟ ବନ୍ଦନା | ୧୩୬ |
| ୨ । ମୁରଲୀପାଣି | ସ୍ୱପ୍ନ ମିଳନ | ୧୩୭ |
| **ବିଶ୍ୱମ୍ବର ରାଜେନ୍ଦ୍ର (୧୮୫୬—୧୮୮୫୬)** | | |
| ୧ । ରେ ସଂଗାତ ଗୁହାଁ | ଶ୍ରୀକୃଷ୍ଣ ରୂପଶ୍ରୀ | ୧୩୮ |
| ୨ । ନୀଳମଣି ଏତେ ମୁଁ ମାଗୁଛୁ | ବାତ୍ସଲ୍ୟ | ୧୩୯ |
| ୩ । କୃଷ୍ଣ ହେ ଦଅ | ବନ୍ଦନା | ୧୪୦ |
| ୪ । ସଖି ଗଲି ଗୋ | ନବାନୁରାଗ | ୧୪୨ |
| ୫ । ଚାଲ ଚାଲରେ | ଅଭିସାର ପ୍ରରୋଚନା | ୧୪୩ |
| ୬ । ନୂଆ ଛଇଲରେ | ମିଳନ ମାଧୁରୀ | ୧୪୪ |
| ୭ । କହ ଗୋ କହ ଶ୍ୟାମବନ୍ଧୁ | ମାଥୁର | ୧୪୬ |
| **ବୀରକେଶରୀ (୧୭୩୬—୯୩)** | | |
| ୧ । ଶ୍ୟାମବିନା ସଜନୀ | ବାସକ ସଜ୍ଜା | ୧୪୭ |
| **ବେଣୁଧର ପଟ୍ଟନାୟକ (ବୈଷ୍ଣବ ଚରଣ) ୧୮୯୦—୧୯୬୧** | | |
| ୧ । ଆହେ ଶ୍ରୀକୃଷ୍ଣ ଚୈତନ୍ୟ | ଗୌର ବନ୍ଦନା | ୧୪୮ |
| ୨ । ଦେଖିଲେ କାହ୍ନିକି | ପ୍ରେମ ବୈଚିତ୍ର୍ୟ | ୧୪୯ |
| ୩ । କହ ହେ ନିମାଇଁ | ଗୌରାଙ୍ଗ ସନ୍ନ୍ୟାସ | ୧୫୦ |
| ୪ । କିଏ ସେ ସଜନୀ | ନବାନୁରାଗ | ୧୫୧ |
| ୬ । ରସମୟୀ ଶ୍ରୀ କିଶୋରୀ | କୁଂଜ ଅଭିସାର | ୧୫୩ |
| **ବ୍ରଜବିହାରୀ** | | |
| ୧ । ଶ୍ୟାମ ବଡ଼ ଦୁଃଖୀ | ବିରହୀ କୃଷ୍ଣ | ୧୫୪ |
| **ବ୍ରଜନାଥ ବଡ଼ଜେନା** | | |
| ୧ । ଆଲି ! ବନମାଳୀ ଗୁଣ | ଆକ୍ଷେପାନୁରାଗ | ୧୫୫ |
| ୨ । ସଖୀ ଦେଖିଲି ଆଜ ମୁଁ | ନବାନୁରାଗ | ୧୫୬ |

| ଆଦ୍ୟଛନ୍ଦ | ପ୍ରସଙ୍ଗ | ପୃଷ୍ଠା |
|---|---|---|
| **ଭରତ –(?)** | | |
| ୧ । ମାଧବ ସଙ୍ଗେ ଖେଳଲ୍ ପଶା | କ୍ରୀଡ଼ାମାଧୁର୍ଯ୍ୟ | ୧୫୭ |
| ୨ । ଚଉରାଶି କୋଶ ମଧ୍ୟରେ | ଯୁଗଳ ମିଳନ | ୧୫୮ |
| **ଭ୍ରମରବର ନରେନ୍ଦ୍ର - (?)** | | |
| ୧ । ଆଜ କଣ ଥିଲା | ନବାନୁରାଗୀ ଶ୍ରୀକୃଷ୍ଣ | ୧୫୯ |
| **ମଦନମୋହନ ସିଂହ** | | |
| ୧ । ଆସରେ ରାସ ରଙ୍ଗିଣୀ | ସଖୀ ପ୍ରରୋଚନା | ୨୧୦ |
| ୨ । ଶ୍ୟାମବନ୍ଧୁ ଛାଡ଼ ଯା | ବିରହୋତ୍କଣ୍ଠିତା | ୨୧୧ |
| **ମର୍ଦ୍ଧରାଜ—(?)** | | |
| ୧ । ସୁନ୍ଦରୀ ନେଲା ଚିତ୍ତ ମୋହ | ନବାନୁରାଗୀ ଶ୍ରୀକୃଷ୍ଣ | ୧୬୦ |
| ୨ । କହ କହ ସଖୀ ସେ | ନବାନୁରାଗିଣୀ ଶ୍ରୀରାଧା | ୧୬୧ |
| **ମଧୁ ଦାସ—(?)** | | |
| ୧ । ସଜନୀ ପଥେ ବଜେ ଗୋବିନ୍ଦ | ରୂପାନୁରାଗିଣୀ ଗୋପିକା | ୧୬୨ |
| ୨ । କେ ଦେବ ଶ୍ୟାମ ବଂଧୁଙ୍କୁ | ମିଳନୋତ୍କଣ୍ଠିତା | ୧୬୨ |
| **ମହେନ୍ଦ୍ର ସିଂହ (୧୭୭୮—?)** | | |
| ୧ । ନବ ନୀପ କୁଂଜେ | ବିରହୀ ଶ୍ରୀକୃଷ୍ଣ | ୧୬୩ |
| **ମାଧବୀ ଦାସୀ (ଷୋଡ଼ଶ ଶତାବ୍ଦୀ)** | | |
| ୧ । ରାଧାମାଧବ ବିଳସଇ | ପ୍ରେମ ବୈଚିତ୍ତ୍ୟ | ୧୬୪ |
| ୨ । କଳହ କରନ୍ତି ଛଳ | ଗୌରଲୀଳା | ୧୬୫ |
| **ମାନଗୋବିନ୍ଦ ହୋତା (୧୯ଶ ଶତାବ୍ଦୀ)** | | |
| ୧ । ଦର୍ଶିଲି ଜକ ଜକ | ନବାନୁରାଗିଣୀ ଶ୍ରୀରାଧା | ୧୬୬ |
| ୨ । ଉଠରେ ଧନ | ବାତ୍ସଲ୍ୟ | ୧୬୭ |

| ଆଦ୍ୟଛନ୍ଦ | ପ୍ରସଙ୍ଗ | ପୃଷ୍ଠା |
|---|---|---|
| **ମୁକୁନ୍ଦଦେବ (୧୯ଶ ଶତାବ୍ଦୀ)** | | |
| ୧। ପାଶୋରି ଦେଲେ କି ମନୁ | କଳହାନ୍ତରିତା | ୧୬୮ |
| **ଯଦୁମଣି ମହାପାତ୍ର (୧୭୯୫—୧୮୬୬)** | | |
| ୧। କୁଟିଳ କୁନ୍ତଳ | ତମିସ୍ରାଭିସାରିକା | ୧୬୯ |
| **ରଘୁନାଥ ମହାପାତ୍ର** | | |
| ୧। ଏତେ ବେଳକୁ ଯେ | ଖଣ୍ଡିତା | ୧୭୦ |
| ୨। ଶ୍ୟାମ ସୁନ୍ଦର ହେ | ଖଣ୍ଡିତା | ୨୭୧ |
| **ରାମକୃଷ୍ଣ (୧୮ଶ ଶତାବ୍ଦୀ)** | | |
| ୧। ପ୍ରାଣ ମିତ ! ପ୍ରୀତି ରୀତି | ପ୍ରୀତି ପ୍ରଭାବ | ୧୭୨ |
| ୨। ଯାହା ମନ ଯହିଁରେ | ପ୍ରୀତି ପ୍ରଭାବ | ୧୭୩ |
| ୩। ସେ ନବୀନ ଯୁବାବର | ରସୋଚ୍ଛ୍ୱାସ | ୧୭୪ |
| ୪। ହଠ ନକର ମୋରେ | ପଥାବରୋଧ | ୧୭୫ |
| ୫। ବ୍ରଜ ଯୁବରାଜ ଆଜ | ନବାନୁରାଗିଣୀ ରାଧା | ୧୭୬ |
| ୬। ମନ ଉନ୍ମାଦ ମାଦକ | ନବାନୁରାଗୀ ଶ୍ରୀକୃଷ୍ଣ | ୧୭୭ |
| ୭। ମୁଁ ରତ ହେଲି ଯହିଁରେ | ପ୍ରେମ ବୈଚିତ୍ର୍ୟ | ୧୭୮ |
| ୮। ନନ୍ଦ ନନ୍ଦନ | କଳହାନ୍ତରିତା | ୧୭୯ |
| **ରାମଚନ୍ଦ୍ର ଦେଓ (୧୯ଶ ଶତାବ୍ଦୀ ?)** | | |
| ୧। କାହିଁକି ନଇଲେ ଶ୍ୟାମ | ବାସକସଜ୍ଜା | ୧୮୦ |
| ୨। ପ୍ରାଣ ସଂଗିମାରେ | ବଂଶୀ ବିଭବ | ୧୮୦ |
| ୩। ସଖୀ ଗଲ ସବେ ଯିବା | ମାଥୁର | ୧୮୧ |
| ୪। କୃଷ୍ଣଚନ୍ଦ୍ର ବନକୁ ନ ଯିବୁରେ | ବାତ୍ସଲ୍ୟ | ୧୮୨ |
| **ରାମାନନ୍ଦ ରାୟ (୧୬ଶ ଶତାବ୍ଦୀ)** | | |
| ୧। ପହିଲହି ରାଗ ନୟନ | କଳହାନ୍ତରିତା | ୧୮୩ |
| **ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା (୧୭୩୮—?)** | | |
| ୧। ଆହେ କୃଷ୍ଣ ଚଇତନ୍ୟ | ଚୈତନ୍ୟ ବନ୍ଦନା | ୧୮୪ |
| ୨। କୁଂଜ ମନ୍ଦରେ ଦଂପତି | ଝୁଲଣ ମାଧୁରୀ | ୧୮୫ |

| ଆଦ୍ୟଛତ୍ର | ପ୍ରସଙ୍ଗ | ପୃଷ୍ଠା |
|---|---|---|
| **ସାଲବେଗ (୧୭ଶ ଶତାବ୍ଦୀର ପ୍ରଥମାର୍ଦ୍ଧ)** | | |
| ୧। ସଖୀ କୁଞ୍ଜବନେ ବଂଶୀ | ବଂଶୀ ବିଭବ | ୧୮୬ |
| ୨। ବାଦ୍ୟେ ସଖୀଗଣ ବିବିଧ ବାଜନ | ମିଳନ | ୧୮୭ |
| **ସିଂହ ଭୂପାଳ—(?)** | | |
| ୧। ମୋର ବନ ବନ | ବର୍ଷା ବିରହିଣୀ | ୧୮୮ |
| **ସୋମନାଥ ସିଂହ ଜଗଦେବ (୧୮୧୪।୧୫—୧୮୫୩)** | | |
| ୧। ବିରଜନାସ୍ତି କୁଞ୍ଜବନେ | ହୋରି | ୧୮୯ |
| ୨। ନାଗର ମୋହନ ରୂପ | ପ୍ରେମ ବୈଚିତ୍ର୍ୟ | ୧୯୦ |
| ୩। ସଖୀ ଅନାଅରେ | ଗୋଧନ ବାହୁଡ଼ା | ୧୯୧ |
| **ଶ୍ୟାମ କିଶୋର** | | |
| ୧। ଆରେ ବନ୍ଧୁ ଆରେ ବନ୍ଧୁ | ମାନଭଞ୍ଜନେ ଶ୍ରୀକୃଷ୍ଣ | ୧୯୨ |
| ୨। ସତେକି କେତକୀ ଗୋସ୍ତି | ବିରହୀ ଶ୍ରୀକୃଷ୍ଣ | ୧୯୩ |
| **ହରି (ବୈଶ୍ୟ)** | | |
| ୧। ମୋ ପ୍ରାଣନାଥ | ବାସକ ସଜ୍ଜା | ୧୯୪ |
| ୨। ଶ୍ୟାମ ବନ୍ଧୁରେ | ସଖୀ ପରାମର୍ଶ | ୧୯୬ |
| **ହରିବନ୍ଧୁ ଚକ୍ରବର୍ତ୍ତୀ ପଟ୍ଟନାୟକ** | | |
| ୧। ବିପିନରୁ ସଖି | ଗୋଷ୍ଠ ପ୍ରତ୍ୟାବୃତ୍ତ ଶ୍ରୀକୃଷ୍ଣ | ୧୯୭ |
| ୨। ଭଜ ମାନସ | ଶ୍ରୀ ଗୌରଚନ୍ଦ୍ର ବନ୍ଦନା | ୧୯୮ |
| ୩। କଂଜ ନେତ୍ରୀ | ନବାନୁରାଗ | ୧୯୯ |
| ୪। ଆସ କେ ନେବ | ବାତ୍ସଲ୍ୟ | ୨୦୦ |
| ୫। ସଜନୀ ଶ୍ୟାମଳ ସୁନ୍ଦର | ନବାନୁରାଗ | ୨୦୧ |
| ୬। ଆସ ବାବୁ | ବାତ୍ସଲ୍ୟ | ୨୦୨ |
| ୭। ଯୋଷା ମଣି | ସଖୀ ପରାମର୍ଶ | ୨୦୩ |
| ୮। ଜୟ ଗୋପାଳ ଜୟ | ଶ୍ରୀକୃଷ୍ଣ ବନ୍ଦନା | ୨୦୪ |

| ଆଦ୍ୟପଦ | ପ୍ରସଙ୍ଗ | ପୃଷ୍ଠା |
|---|---|---|
| **ପରିଶିଷ୍ଟ—** | | |
| **ରଘୁନାଥ ପରିଛା (କବିଚନ୍ଦ୍ର) ୧୮୦୨—୧୮୭୨** | | |
| ୧ । ଆଉ ବାଟ ଓଗାଳ | ପଥାବରୋଧ | ୨୦୫ |
| ୨ । ମାଡଲେ ହରି | ହୋରି | ୨୦୮ |
| ୩ । ଏତେ ବେଳକୁ | ଖଣ୍ଡିତା | ୨୦୯ |
| **ଅଜ୍ଞାତ** | | |
| ୧ । ସଖୀରେ ମୁଁ କି କୁହୁଡ଼ିଲି | କଳହାନ୍ତାରିତା | ୨୦୫ |
| **ଗୌରହରି ପରିଛା** | | |
| ୧ । ହୋଇଆରେ ବେଶ | ଅଭିସାରିକା ବେଶ | ୨୦୭ |
| ୨ । କେତେ ମନ୍ଦପଣ | କଳହାନ୍ତରିତା | ୨୦୭ |
| **ମଦନମୋହନ ସିଂହ** | | |
| ୧ । ଆସରେ ସ୍ୱସ ରଂଗିନୀ | ସଖୀଉକ୍ତି | ୨୧୦ |
| ୨ । ଶ୍ୟାମବଂଧୁ ଗୁଡ଼ି ଯା ରହିଲେ | ବିରହୋତ୍କଣ୍ଠିତା ରାଧା | ୨୧୧ |
| **ଶ୍ୟାମ ସୁନ୍ଦର ଭଂଜ** | | |
| ୧ । ଜୟ ଜୟ ଭବବଂଧୁ | ଶ୍ରୀକୃଷ୍ଣ ବନ୍ଦନା | ୨୧୨ |

## ସହାୟକ ଗ୍ରନ୍ଥ ସୂଚୀ—


୧ । କବିସୂର୍ଯ୍ୟ ଗ୍ରନ୍ଥାବଳୀ—ସଂ. ପଣ୍ଡିତ କୁଳମଣି ଦାସ

୨ । କବିସୂର୍ଯ୍ୟ ଗୀତାବଳୀ—ସଂ. କାଳୀଚରଣ ପଟ୍ଟନାୟକ

୩ । ଗୋପାଳକୃଷ୍ଣ ପଦାବଳୀ—ସଂ. ବାବାଜୀ ବୈଷ୍ଣବ ଚରଣ ଦାସ

୪ । ଦୀନକୃଷ୍ଣ ପଦ୍ୟାବଳୀ—ସଂ. ,,

୫ । ବନମାଳୀ ପଦ୍ୟାବଳୀ—ସଂ. ବୈଷ୍ଣବ ଚରଣ ଓ ସାମନ୍ତ ଗୌରକୃଷ୍ଣ ପଟ୍ଟନାୟକ

୬ । ଗୌରଚରଣ ଗୀତାବଳୀ—ସଂ. ବିଚ୍ଛନ୍ଦ ଚରଣ ପଟ୍ଟନାୟକ.

୭ । ବେଣୁଧର ପଦ୍ୟାବଳୀ—ପ୍ର. ଚୌ. ମଧୁସୂଦନ ମହାପାତ୍ର, ଅରୁଣୋଦୟ ପ୍ରେସ (୧୯୩୬)

୮ । ବସନ୍ତ ରାସ—ପିଣ୍ଡିକ ଶ୍ରୀଚନ୍ଦନ

୯ । ଶରଦ ରାସ—ବିଶ୍ୱମ୍ଭର ରାଜେନ୍ଦ୍ର

୧୦ । ଶରତ ରାସ—ବୈଷ୍ଣବ ଚରଣ ସଂଗୃହୀତ, ପ୍ର. ଜଗନ୍ନାଥ କମ୍ପାନୀ

୧୧ । ରାଧା ପ୍ରେମଲୀଳା—ବିଶ୍ୱମ୍ଭର—ସଂକ. ପ୍ର. ରାଧାମୋହନ ରାଜେନ୍ଦ୍ର (୧୯୧୧)

୧୨ । କୀର୍ତ୍ତନ ରସାମୃତ—ଜଗବନ୍ଧୁ ସିଂହ—ଜଗନ୍ନାଥ ପ୍ରେସ (୧୯୨୯)

୧୩ । ଓଡ଼ିଆ କୀର୍ତ୍ତନ—ପାର୍ବତୀ ଚରଣ ଦାସ—ସୁର ପ୍ରତାପ ପ୍ରେସ, ଢେଙ୍କାନାଳ (୧୯୧୬)

୧୪ । ଓଡ଼ିଆ ଗୀତକାବ୍ୟ ସଙ୍କଳନ—ସଂ. ଜାନକୀ ବଲ୍ଲଭ ମହାନ୍ତି

୧୫ । ହରିବନ୍ଧୁ ପଦ୍ୟାବଳୀ—ସଂ. ଶ୍ୟାମ ସୁନ୍ଦର ବେବର୍ତ୍ତା, ଗଜପତି ପ୍ରେସ, ପାରଳା (୧୯୩୩)

୧୬ । ସଙ୍ଗୀତ ସାଗର—ଦାମୋଦର ପଟ୍ଟନାୟକ—ଓ. ସା. ଏ. (୧୯୬୪)

୧୭ । ସଂକୀର୍ତ୍ତନ ଦୀପିକା—ଅନନ୍ତ ବଳୀୟାର ସିଂହ—ନରେନ୍ଦ୍ର ପ୍ରେସ, ରଣପୁର (୧୯୩୯)

୧୮ । ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ—ସଂ. ଆର୍ତ୍ତବଲ୍ଲଭ ମହାନ୍ତି

୧୯ । ଓଡ଼ିଆ ଭଜନ—ତୃତୀୟ ଖଣ୍ଡ—ସାଂସ୍କୃତିକ ବ୍ୟାପାର ବିଭାଗ ସଂ. ନୀଳମଣି ମିଶ୍ର

ବଙ୍ଗଳା


୨୦ । ବୈଷ୍ଣବ ପଦାବଳୀ (ବଙ୍ଗଳା)—ସଂ. ହରେକୃଷ୍ଣ ମୁଖୋପାଧ୍ୟାୟ

୨୧ । ବିଦ୍ୟାପତି ଚଣ୍ଡୀଦାସ ଓ ଅନ୍ୟାନ୍ୟ

ବୈଷ୍ଣବ ମହାଜନ ଗୀତିକା — ସଂ ସୁବୁଚନ୍ଦ୍ର ବନ୍ଦୋପାଧ୍ୟାୟ — ୧୯୬୮

୨୨ । ବୈଷ୍ଣବ ପଦାବଳୀ — ସଂ ହରେକୃଷ୍ଣ ମୁଖୋପାଧ୍ୟାୟ — ୧୯୬୧

୨୩ । ଶ୍ରୀ ଶ୍ରୀ ପଦ କଳ୍ପତରୁ — ୧ମ, ୨ୟ, ୩ୟ ସଂ ସତୀଶଚନ୍ଦ୍ର ରାୟ

୨୪ । ଚୈତନ୍ୟ ଚରିତାମୃତ — କୃଷ୍ଣଦାସ କବିରାଜ

ସଂ ସୁକୁମାର ସେନ ସାହିତ୍ୟ ଏକାଡେମୀ

**ଉପେନ୍ଦ୍ର ଭଞ୍ଜ**

## ଯୁଗଳ ମିଳନ

( ରାଗ—କାମୋଦୀ, ତାଳ—ଆଦି )

ଶ୍ରୀମତୀ ଶ୍ରୀପତି ବୃନ୍ଦାବନେ କେଳି ରଚିଲେ । ଘୋଷା ।

ବୃନ୍ଦାବନ ଶୋଭି ତରୁ, ତରୁ ତଳେ କଳ୍ପତରୁ
ତରୁଣୀ ରତନ ତରୁ, ତରଳାକ୍ଷୀ ମାତିଲେ । ୧ ।

ସାରଙ୍ଗ ରଦ ପଲଙ୍କେ ସାରଙ୍ଗ ପଂଙ୍କଜ ପଂକେ
ସାରଙ୍ଗ ମୁଖୀ ସାରଙ୍ଗ, ସାରଙ୍ଗରେ ମାତିଲେ । ୨ ।

କମଳ ବେଶେ କମଳ କମଳେ କମଳ ମାଳ
କମଳ ମୁଖୀ କମଳ, କମଳରେ ମାତିଲେ । ୩ ।

ହରି ପରେ କରି ଘେନ ହରଷେ ମୃଗ ଲୋଚନୀ
ହରି ରିପୁ ରିପୁହର ହରସେବା ବାଞ୍ଛିଲେ । ୪ ।

ଅଶେଷ ରସରେ ରସି, ରସାଇ ରସିକା ରସି
ହରଷରେ ରସି ରସେ ଉପଇନ୍ଦ୍ର ଭାଷିଲେ । ୫ ।



ସାରଙ୍ଗ—ହସ୍ତୀ, ଚନ୍ଦନ, କର୍ପୂର, ପଦ୍ମ, କନ୍ଦର୍ପ, ରତିକ୍ରୀଡ଼ା । କମଳ—ପଦ୍ମ, ଜଳ । ହରି—ସିଂହ, ବିଷ୍ଣୁ, ଇନ୍ଦ୍ର । ରଦ—ଦାନ୍ତ ।

## ଭାବୋଚ୍ଛ୍ୱାସ

( ରାଗ—ବେହାଗ, ତାଳ—ଯତ୍ )

ମଲ୍ଲୀମାଳ ଶ୍ୟାମକୁ ଦେବ ମନ ତୋଷିବ
ଗ୍ରୀଷମ ହୋଇଲେ ବାସ ଚନ୍ଦନ ମୁଁ ଲେପିବ । ଘୋଷା ।

ତା ଅଙ୍ଗରୁ ସ୍ୱେଦ ଧାର    ଯେବେ ପଡୁଥିବ ଝର
ମୋ ଦୃଷ୍ଟି ପଡ଼ନ୍ତେ କାନ    ପଣନ୍ତରେ ପୋଛିବ । ୧ ।

ଯେବେ ସେ କରବେ ମାନ    ଭାଙ୍ଗି ଭୁଞ୍ଜାଇବ ପାନ
ଗଣ୍ଡେ ଦେଇଣ ଚୁମ୍ବନ    ହରଷ କରାଇବ । ୨ ।

ତାଙ୍କୁ କର ଗଲା ହାର    ସେବବ ତାଙ୍କ ପୟର
ସେ ଯେହ୍ନେ ହୋଇବେ ବର    ହର ପୂଜା କରବ । ୩ ।

ଉପଇନ୍ଦ୍ର ଭଂଜ କହି    ରମଣୀ ରତନ ସେହି
ତାହାଙ୍କ ଚରଣ ଧ୍ୟାୟି    ଶରଣାଗତ ହେବ । ୪ ।



ସ୍ୱେଦ—ଝାଳ ।

# ନବାନୁରାଗ

(ରାଗ—କଲ୍ୟାଣ)

## ସଖୀ ପ୍ରତି ଶ୍ରୀରାଧା

ଦେଖିଲିଟି କୃଷ୍ଣଙ୍କୁ ଗୋ, ଆଜ ମୁଁ ସଖି । (ଘୋଷା)

ମୋହନ ବଂଶୀଧାରୀ, ବ୍ରଜ ବିହାରୀ, ରାସ ରଙ୍ଗେ ନୃତ୍ୟକାରୀ,
ଯମୁନା ଘଟୁଆରୀ, ଲୁଟ ଲବଣୀ ଚୋରୀ
ଗୋପିଙ୍କ ମନୋହାରୀ, ପୀତ ଦୁକୂଳଆଳୁ । ୧ ।

ନାସେ ସିନ୍ଧୁଫଳ ଶୋହେ, କାମକୁ ମୋହେ, ଘନେ ଶୁକ୍ର ଉଦୟେ
ହାର ପଦକ ଦେହେ, ମଣି କଙ୍କଣ ବାହେ
ନୁପୂର ପଦ୍ମ ପାୟେ, ରତ୍ନ ମୁକୁଟିଆଳୁ । ୨ ।

ସୁନ୍ଦରବର କାଳିଆ, ବନମାଳିଆ, କଦମ୍ବ ତରୁ ତଳିଆ
ମକର କୁଣ୍ଡଳିଆ, ବଚ୍ଛା ପ୍ରତି ପାଳିଆ,
ସେବତି ଚୂଳିଆଳୁ । ୩ ।

ଗୋକୁଳ ରାଜନନ୍ଦନ, ନାଗରୀ ପ୍ରାଣ, ଗୋପୀଙ୍କ ହୃଦଚନ୍ଦନ
କାଳିବିଷଖଣ୍ଡନ, ବୃନ୍ଦାବନ ମଣ୍ଡନ,
ବ୍ରହ୍ମା ଗର୍ବ ଗଞ୍ଜନ, ଘନ ଶ୍ୟାମଳିଆଳୁ । ୪ ।

ଦେଖିଲିବେଳୁ ନୟନ, ଚନ୍ଦ୍ରବଦନ, ଯାହା ହୋଇଛି ମନ,
ଶଉ ମୋ ଛନ ଛନ, ଉଠେ ତାଠାକୁ ମନ,
ଯୁବା ରାଜନନ୍ଦନ, ଧାୟେ ସେହି ରୂପକୁ । ୫ ।



---

ଲୁଟ—ବସ୍ତ୍ର । ପୀତ—ହଳଦିଆ । ଦୁକୂଳ—ସୂକ୍ଷ୍ମ ବସ୍ତ୍ର । ସିନ୍ଧୁ ଫଳ—ମୁକ୍ତା ।
ବାହେ—ବାହୁରେ ।

# ରୂପାନୁରାଗ

(ରାଗ—ଶାରଙ୍ଗ)

## ସଖୀ ପ୍ରତି ଶ୍ରୀରାଧା

ଆହା କେ ଗଢ଼ିଛି ଭଲ
ଦେଖି ସଖୀ ଆଖି ଲାଖି ରହିଲା । ପଦ ।

ଅଶେଷ ଲାବଣ୍ୟ ବାସ ବଦନ
କଉଁଠୁଇ ଯିବ ନୂଆ ମଦନ
ଦଳିତାଞ୍ଜନ, ଜନୁ ଗଞ୍ଜନ
ଦାଗ କରାଇବ କଷ୍ଟେ ସଦନ । ୧ ।

କି ରଞ୍ଜନ ସେ ଶତପତ୍ର ନେତ୍ର
ଦୁଇ ଦଗେ ଚଳି ଯିବାର ଚିତ୍ର
ସେ ଦୃଷ୍ଟିପାତ ହେବାରୁ ମିତ୍ର
ସାର ଦେଲି ମୁଁ ସତୀ ବରତ । ୨ ।

ଆହା ସେ ଗୃରୁ ଲଲାଟର ବିନ୍ଦୁ
ବାଣ ଦେବ ଘର କାରଣ ଧନୁ
ଦଳିତ ଇନ୍ଦୁ କୁମୁଦ ବନ୍ଧୁ
ବାଛି କେ ଦେଇଛି ତ ଦୀନବନ୍ଧୁ । ୩ ।

ଥୋପି ପଡୁଛି ଅଧର ରଙ୍ଗିମା
ଦରହାସ-ଦିବ୍ୟ ପିୟୂଷ ସୀମା
ନାହିଁ ଉପମା, ନାସ୍ତି ଗାରିମା
ଭାଙ୍ଗି ଦେବ ଦୂରୁ ଭ୍ରୂରୁ ଭଙ୍ଗିମା । ୪ ।

---

ଦଳିତାଞ୍ଜନ—ଦଳା ହୋଇଥିବା କଳା । ଶତପତ୍ର—ପଦ୍ମ । ଇନ୍ଦୁ—ଚନ୍ଦ୍ର ।

୫

ସୁବସ୍ନ ଏନ୍ତୁ ରସେ ବଦତି
ସଖୀ ସମୀପେ ଭାଷନ୍ତ ଶ୍ରୀମତୀ
କର ସେ ପ୍ରୀତି, ରଖି କୀରତି
ହେଲେ ହେବ ପଛେ ଉଚ୍ଛନ୍ନ ଗତି ।୫।

କାହ୍ନୁଚରଣ

## କୃଷ୍ଣଙ୍କ ପ୍ରତି ଶ୍ରୀରାଧା

( ଶ୍ରୀ—ରାଗ, ତାଳ—ଆଠତାଳୀ )

ମୋହନ ହେଲାଣି ତୁମ୍ଭର ଅପକାରତି ।ପଦ।

ନାଶ କଲା କା ମୁଖ ଶଶଅଙ୍କ ମୟୂଖ
ଆଶ୍ୟ କମଳ ମୂରତି ମୂରତି...... ।୧।

ବଲ୍ଲି ରସ ହିଂଗୁଳ    ଖେଳିବା ଇନ୍ଦ୍ର ଜାଲ
ପଟି ସୁଗନ୍ଧେ ଭରତି ଭରତି...... ।୨।

ମାତି ଆଶ୍ଳେଷେ ଭୁଜେ    କାଢି ସମ କରଜେ
ତନୁ ହୋଇଛୁ କରତି କରତି...... ।୩।

ଭଣେ କାହ୍ନୁଚରଣ    କଲ ଯା' ଆଚରଣ
ଅଜହୁଁ ପର ପିରତି ପିରତି...... ।୪।



ଶଶଅଙ୍କ ମୟୂଖ—ଚନ୍ଦ୍ର କିରଣ । ଅଶ୍ଳେଷ—ଆଲିଙ୍ଗନ । କରଜ – ନଖ ।

# ଆକ୍ଷେପାନୁରାଗ

( ରାଗିଣୀ—ମୋହନା, ତାଳ—ଝୁଲ )

## ସଖୀ ପ୍ରତି ଶ୍ରୀରାଧା

ଇଚ୍ଛାରେ ଯାହା ମୁଁ ଶ୍ୟାମେ ହୋଇଲି ଉଦାସୀ ଗୋ ।
କୁହାରେ ସରଳ କୁଳବରତ ଘୁଞ୍ଚାଇ ଗୋ । ଘୋଷା ।

ମୁଁ ତୁର ପରାଏ ସେବ, ନଷ୍ଟି ଦବା ଥାଏ ଭାବ
ସେ ଦନେ ମୋ ବେଦନାକୁ ନ ନେଲେ ପୁଚ୍ଛୁଁ ଗୋ । ୧ ।

ମୁଁ ତୁର ସେ ସେବା ଭଲ ନୋହୁବାରୁ ଚନ୍ଦ୍ରାବଳୀ
ଝଲଛୁ ମୋହନ ହୃଦେ ଟଡ଼କୁ ରୁରୁଇ ଗୋ । ୨ ।

ଘୁରୁରୁରୂପାଏ ଗୋପେ, ଅଛନ୍ତି ତାଙ୍କ ସ୍ୱରୂପେ
ସେତ ଷାଠ-ରାଠ ଥିବେ କୁରୁରକୁ ରୁହିଁ ଗୋ । ୩ ।

ଲୁରୁଇ ପାଳବା ପ୍ରୀତି, ମୋର ଏହୁ ଅପକୀର୍ତ୍ତି
କହନ୍ତି ଶାଶୁ ନଣନ୍ଦେ କେ କେତେ ଘୁଞ୍ଚାଇ ଗୋ । ୪ ।

ମୁଁ ତୁଏଁ ସିନା ହୁଡିଲି ତୋହ କଥାରେ ପଡ଼ିଲି
ନଶୀଥେ ଆସି ଅରଣ୍ୟେ ମଲି ରୁହିଁ ରୁହିଁ ଗୋ । ୫ ।

ଲୁରୁଏ ତୋ ପରି କେତେ, ପ୍ରଶଂସା କରନ୍ତି ଯେତେ
ଶ୍ୟାମ ପ୍ରୀତି ଶୁଣି ନତ୍ୟେ ମୋ ଆଗେ ବଖାଇ ଗୋ । ୬ ।

ଘୁଞ୍ଚାଇବା ତାପ ମନୁ, ନୁହେଁ ରୁଳ ଯିବା ବନୁ
କହଇ ଚରଣ କାହ୍ନୁପଦେ ନଉରୁଇଁ ଗୋ । ୭ ।



ଷାଠ—ଲମ୍ପଟ । ରାଠ—ରାଜା । ନଉରୁଇ—ବନ୍ଦନା କର, 'ବନ୍ଦାପନା କର ।

**କୁଳମଣି ରାଜେନ୍ଦ୍ର**

# ବିରହୋତ୍କଣ୍ଠିତା

## ସଖୀପ୍ରତି—ଶ୍ରୀରାଧା

କହ ଗୋ ଦୂତୀ ମୋତେ କାହିଁ ଗଲେ ହରି ଗୋ । ପଦ ।

ଶିଖଣ୍ଡ ଚୂଳିଆ ସେ ମୋ ନବଘନ କାନ୍ତି ଗୋ,
ପିଣ୍ଡରୁ ପରାଣ କେ ମୋ ହରି ଘେନ ଗଲା ଗୋ । ୧ ।

ଯେଣିକି ଚାହିଁଲେ ନେତ୍ରେ ତା ରୂପ ଦିଶିଲା ଗୋ
ଅସନ ବସନ ବିଷ ପରାଏ ହୋଇଲା ଗୋ । ୨ ।

ଯେତେ ରୂପେ ଆମ୍ଭଠାରେ ସେ ମୁହାଁସ କଲେ ଗୋ
ଏବେ ସେ ମୂର୍ଚ୍ଛିବେ ବୋଲି ପରତେ ନ ଥିଲା ଗୋ । ୩ ।

ଗୋପପୁର ଜନଶିରି ଶ୍ରୀନନ୍ଦ ନନ୍ଦନ ଗୋ
ଆସିବେ ବୋଲି ନଇଲେ କି ବିଧିର ମନ ଗୋ । ୪ ।

କୁଳମଣି ରାଜଇନ୍ଦ୍ର କୃଷ୍ଣପାଦେ ଚିନ୍ତ ଗୋ
କହନ୍ତି ଏ ରସେ ରାଧା ବିରହ ଭାରତୀ ଗୋ । ୫ ।



ଶିଖଣ୍ଡ—ମୟୂର ପୁଚ୍ଛ । ଅସନ—ଭୋଜନ । ମୁହାଁସ—ମୋହ, ଅନୁରାଗ ।

ଗୁଣମଣି ସୁତ

## ଶ୍ରୀକୃଷ୍ଣଙ୍କର ସେବା ଅଭିଳାଷ

[ ୧ ]

କରିବି କି ବେଶ ଗୋ, ଜଣି ହେଲି ପ୍ରବେଶ । ପଦ ।

ଜାଣଇ ବେଣୀ ସଜ, ଲୋଟଣୀ ଜୁଡ଼ା ଉଜ
କବରୀ ସାଜିବାକୁ ନାହିଁ ଜଣେ,
ଗଣ୍ଡେ ଚନ୍ଦ ମକର, ଲିହିଥିବି କି କର
ରାମା ଗୁହିଁବୁ ଆଜ ଦରପଣେ । ୧ ।

ଖୋସିବି ଫୁଲ ଝରା, ଦଶିବ କେତେ ତୋରା
ଖସିବ ନାହିଁ ତୋର କେଳିକାଳେ,
ସଜାଡ଼ିବି ଅଳକ, ଦେବି ମଞ୍ଜୁ ତିଳକ
ଦେଖି ପଲକ ନ ପଡ଼ିବ ତାଳେ । ୨ ।

ନୋହିବ ଏମେ ହୁଡ଼, ଟିଡା ଆଦି ପାହୁଡ଼
ଖଞ୍ଜିବି ନାନା ଅଳଙ୍କାର ମାନ,
ବସନ ପାନ ଖଣ୍ଡି, ବଢ଼ାଇ ଦେବା ଭଙ୍ଗି
ଦେଖିଲେ ପଛେ ପ୍ରଶଂସିବୁ ଧନ । ୩ ।

ତୋ ଆଜ୍ଞାବିନା ମୁହିଁ, ଭରସି ନ ପାରଇ
ନ ଗୁଣମାନ କରିବାକୁ ଭୟେ,
ରୁ ଯେବେ ହେବୁ ରାଜି, କ୍ଷଣକେ ଦେବି ସାଜି
କେଶ ପାଶରୁ ପାଦ ଲକ୍ଷା ଯାଏ । ୪ ।

---

ଉଜ—ଉତ୍ତମ । ଲିହି—ଲେଖି । ଅଳକ—ଚୂର୍ଣ୍ଣ କେଶ । ହୁଡ଼—ଭ୍ରମ । ବ୍ୟାଜ—କପଟ, ଛଳନା । ଆଦରଶ—ଦର୍ପଣ ।

ଛାଡ଼ି ସକଳ ବେଶ, ଧର ମୁଁ ଆଦରଶ
ଦେଖାଇବ ଶ୍ରୀମୁଖ ନରେଖିବୁ,
ଯେବେ ତୋ ହେବ ଚଉ, ମୋ ସେବାରେ ଉଚତ
ପଛେ ପଛକେ ବରତନ ଦେବୁ । ୫ ।

'ଭଣିଲେ ଗୁଣମଣି-ସୁତ ଶ୍ରୀକୃଷ୍ଣ ବାଣୀ
ଶୁଣି ରମଣୀ ଗଣ୍ଡେ ହାସ ଉଠି,
ଲାଜ ବ୍ୟାଜ ମିଶାଇ କିଛୁ କହି ନ କହି
ଅଲପ ମୁଖ ମୋଡ଼ି କଲେ ପିଠି । ୬ ।



## ବାସକସଜ୍ଜା ଶ୍ରୀରାଧା

( ରାଗ—କାମୋଦୀ )

[ ୨ ]

ଶ୍ୟାମବନ୍ଧୁ ଆସିବେ ମୋହର ରେ ମଣ୍ଡିଥିବ କେଳପୁର
ଘଷିଥିବ ପରା ଘନସାର ଅଙ୍ଗେ
କେଶ କର ଫୁଲ ଭର ରେ । ଘୋଷା ।

ଏଥୁ କି ଆଉ ମୋ (୧) ଲାଭ ରେ ସଜନୀ,
ସେ ଯେବେ ହେବେ ସୁଲଭ,
ସବୁ ଅଲଙ୍କାର ମଣ୍ଡନ୍ତ (୨) ସିନା ମୋ
ଦେହରେ ପ୍ରାଣବଲ୍ଲଭ । ୧ ।

---

ପାଠାନ୍ତର—(୧) ଅଧିକ । (୨) ଖଞ୍ଜନ୍ତେ । ଘନସାର—କର୍ପୂର, ଚନ୍ଦନ ।

ଅତର ପନୀର ସିଞ୍ଚି ରେ ସଜନୀ,
ସେବତୀ ପାଖୁଡ଼ା ବିଞ୍ଚି,
ସନାଢ଼ି ପଲଙ୍କ ଅଙ୍କେ ବସିଥିବ
ପ୍ରିୟ ପାଇଁ ଅଧେ ମୁଞ୍ଚି (୩) । ୨ ।

ରତନ ଦୀପ ଉଜ୍ଜ୍ୱଳରେ ସଜନୀ,
ଦେଖି ମୁଖ ଚୁମ୍ବି ଖେଳେ,
ଦନ୍ତେ କ୍ଷୀନ କରି (୪) ବିଡ଼ିଆ ଅଧିକ
ଭୁଞ୍ଜାଇବି ଧରି କୋଳେ । ୩ ।

ମୋ ନ ଆସିବାରୁ ଶେଯେ ରେ ସଜନୀ,
ନ ବସୁ ଆସି ମୋ ଶେଯେ,
ନୟନ ଦେନ ଦେନ କରେ ବୃଜନ୍ତେ
ବୋଲିବି ବୋଲିବ ଲାଜେ । ୪ ।

ଗୁଣମଣି-ସୁତ କହିଲେ (୫) ସଜନୀ
ମନୋରଥ ମୋର ଏହି,
ଦମ୍ପତି ରସରେ (୬) ମାତି ନ ଜାଣିଲି
ରଜନୀ ଯିବାର ପାହି । ୫ ।



ପାଠାନ୍ତର—(୩) ସଞ୍ଚି । (୪) ଦନ୍ତ ଚହ୍ଳା କରି । (୫) ଭଣିରେ । (୬) ଆନନ୍ଦେ ।
ପନୀର—ସୁବାସିତ ଜଳ ।

ଗୋପାଳକୃଷ୍ଣ ପଟ୍ଟନାୟକ

## ମାନଭଂଜନେ ଶ୍ରୀକୃଷ୍ଣଙ୍କ ଉକ୍ତି

( ରାଗ—କାଫି । ତାଳ—ଆଠତାଳୀ )

ସଙ୍ଗିନୀ ରେ ରସ ରଂଗିମା ରେ
ଦୋଷ କ୍ଷମାକର ଜୀବବନ୍ଧୁ ରୂପନା ରେ । ଘୋଷା ।

ଯା କର ତୋ ପଦ ପଙ୍କଜ କିଙ୍କର
ରଙ୍କ ରତନ ମୃଗାଙ୍କ ଲପନା ରେ,
ଶଙ୍କର ଶଙ୍କୁ ନିଃଶଙ୍କରେ ଧନ୍ଦୁଛି
ଅଙ୍କ ପର୍ଯ୍ୟଙ୍କ ମୋ ମଣ୍ଡ କନା ରେ । ୧ ।

ଯୋଡ଼ି ପାଣି ଜଣାଉଛି ରମାମଣି
ଧରଣୀରେ ନଖ ଗାର ଲେଖନା ରେ ।
କିଣିଲ ଜନମୁଁ ତୋର ଆଜନମୁଁ
ତନ୍ତୁଁ ତୋଳ ଝୁରୁ ବେଣୀ ଲୋଟାନା ରେ । ୨ ।

ମାନସରୁ ମାନ ସରୁ ସ୍ମରଣରୁ
ରଖ ନୂଆ ସରୁ ନୀଳବସନା ରେ ।
ଜୀବନାପସରୁ ପୀୟୂଷ ହ୍ରାସରୁ
ଲବ ପ୍ରସରୁ ଖଂଜନ ନୟନା ରେ । ୩ ।

ଗୋକୁଳ କୁଳଜା ପରଷଦ ରାଜା
ନ କଲେ କରୁଣା ମୁଁ ଜାଣ ତୋ ନାରେ
ରାଧେ ରାଧେ ବୋଲି ତୋ ସରସୀ
ସଲିଳରେ ଝାସିବାର ଶୁଣୁ ସିନା ରେ । ୪ ।

---

ମୃଗାଙ୍କ—ଚନ୍ଦ୍ର । ଲପନ—ମୁଖ । ପର୍ଯ୍ୟଙ୍କ—ପଲଙ୍କ ।

ଅବନତ ହୋଇ, ଧରୁ ପଦ ଦୁଇ
ରାଧା ପ୍ରସନ୍ନତା କର କଳନା ରେ
ଗଲେ ନିଜ ନିଜ କୁଂଜେ ଆଲୀବ୍ରଜ
ଗୋପାଳକୃଷ୍ଣ କରେ ଭାବନା ରେ । ୫ ।

## ବିରହୋତ୍କଣ୍ଠିତା ଶ୍ରୀରାଧା

( ରାଗ—କଲ୍ୟାଣୀ । ତାଳ—ଆଡ଼ତାଳୀ )

ଆଜ କା ରସେ ରସିଲେ ବ୍ରଜେନ୍ଦ୍ର-ନନ୍ଦନ ମା
କେ ଗୁଆଁଣି ମୋହିଲା କି ମୋହନଙ୍କ ମନ ମା । ପଦ ।

କାହିଁକି ନଇଲେ ମୋର ହୃଦୟ-ରତନ-ହାର
ଭାଷା ଦେଇ ଆଶା ନାଶ କଲେ କି କାରଣ ମା ? । ୧ ।

କରି କେଡ଼େ ମନୋହର ମଣ୍ଡିଲି କେଳି ମନ୍ଦିର
ଖଣ୍ଡିଲେ ଭରସା ମୋର ଭଣ୍ଡି ଜୀବଧନ ମା । ୨ ।

ମଳୟଜ ସୁପମାର ମିଶାଇ ରଜନୀକର
ଗୋଳି ରଖିଥିଲି ବୋଳିଥାନ୍ତି ଅପଘନ ମା । ୩ ।

ବାସ ସୁମନସ ହାର ହେବ କିଗୋ ବାସି ମୋର
ବାସବମଣି କାନ୍ତ ତ ନ ଦେଲେ ଦର୍ଶନ ମା । ୪ ।

ସୋହାଗେ ବନ୍ଧୁଙ୍କ ଲାଗି, ପକ୍ୱ ନାଗବଲ୍ଲୀ ଭାଙ୍ଗି
ରଖି ସଂପୁଟକେ କରିଥିଲି ସଂପାଦନ ମା । ୫ ।

---

ଆଲୀବ୍ରଜ - ସଖୀସମୂହ । ମଳୟଜ—ଚନ୍ଦନ । ରଜନୀକର କର୍ପୂର , ଚନ୍ଦ୍ର
ଅପଘନ—ଦେହ । ବାସ ସୁମନସ—ସୁବାସଯୁକ୍ତ ଫୁଲ । ବାସବମଣି—ଇନ୍ଦ୍ର ନୀଳମଣି । ନାଗବଲ୍ଲୀ—ପାନ । ସଂପୁଟକ—ଫରୁଆ ।

ଦେଖ ପାହୁ ଆସେ ନିଶି                    କି ଦୋଷରୁ ଗୋଷ୍ଠ ଶଶୀ
ଭିନ୍ନ କଲେ କି ବସ୍ତ୍ରର ଲୁଚାଇ ଲପନ ମା ।। ୬ ।
ଗୋପାଳକୃଷ୍ଣ ପ୍ରବୋଧି                    ଭଣେ ଆଗୋ ଶଶିବଦନଧି
ଅବଶ୍ୟ ପ୍ରାତେ କରିବେ ଶ୍ୟାମ ଆଗମନ ମା ।। ୭ ।

## ବିରହୋତ୍‌କଣ୍ଠିତା ଶ୍ରୀରାଧା

( ରାଗ—ଧନାଶ୍ରୀ । ତାଳ—ଆଠତାଳି )

ମୋହନ ଶଶି ଚନ୍ଦ୍ରା ପଡ଼ିଲା ମା । ଘୋଷା ।

ଅପାର ରଜନୀ                    ହେଲା ରେ ସଜନୀ
ପ୍ରାଚୀ ବଧୂକୁ ବଧୂ ଚୁମ୍ବିଲା ମା ।। ୧ ।

କି ଯୋଗରେ ଆଜ,                    ସାଜିଥିଲି ସଜ
କାନନ ମଲ୍ଲୀ ଦଶା ଘଟିଲା ମା ।। ୨ ।

ତୋଳିଦେ ଗୋ ତଳ୍ପ                    ପୂରିଲା ସଂକଳ୍ପ
କଳଙ୍କ ଭାଗ୍ୟ ଭୋଗ ଅର୍ଜିଲା ମା ।। ୩ ।

ପର ପୀରତିକି                    ପୁରୁଷ ଜାତିକି
ପରତେ କଲି ଫଳ ମିଳିଲା ମା ।। ୪ ।

ଗୋପାଳକୃଷ୍ଣ ସେ                    ସମସ୍ୟରେ ଭଣେ
ଲୁଚିଛନ୍ତି ସବୁ 'ଶୁଭିଲା ମା ।। ୫ ।



ତଳ୍ପ—ଶେଯ । ପରତେ—ପ୍ରତ୍ୟୟ, ବିଶ୍ୱାସ ।

# ବାସକସଜ୍ଜା ଶ୍ରୀରାଧା

## ସଖୀ ଉକ୍ତି

(ରାଗ—ତୋଡ଼ି ପରଜ । ତାଳ—ପହ୍ୱପଟ)

ସଖି ରେ କର ବିଳମ୍ବ କେଣେ,
କେଳି କୁଂଜକୁ ସଜାଅ ଯତନେ । ପଦ ।

ବକୁଳ ପୁଷ୍ପରେ ତୋରଣ ଗନ୍ଥି,
ଲମ୍ବାଇ ଦିଅ କରି ସମକକ୍ଷ । ୧ ।

ନବ ଅରବିନ୍ଦେ ତଳପ ରଚି,
ଦିଅ ବିଚକିଲ ପାଖୁଡ଼ା ବିଛି । ୨ ।

ସେବତୀ ଜାତି କର୍ଣ୍ଣିକାର ଫୁଲେ,
ମୁଚୁଳି ବନାଅ ଚାରୁ ପ୍ରଫୁଲେ । ୩ ।

ବ୍ରଜ ବଧୂ ହେବେ ଯେପରି ସୁଖୀ,
ରୁଚିର ଏ ସାଜେଣିକୁ ବିଲୋକି । ୪ ।

ଖଦିର ପୂଗ ଚନ୍ଦ୍ର ଚୂର୍ଣ୍ଣ ଭରି,
ତାମ୍ବୂଳ ବାଟି ରଖ ଯତ୍ନ କରି । ୫ ।

ଆଲଟ ଚାମର ସୁମନୋରମ,
ରଖ କୃଷ୍ଣ ଯହିଁ ହରିବେ ଶ୍ରମ । ୬ ।

ତାଙ୍କ ସୁଖେ ସିନା ମୁହିଁ ସୁଖିନୀ,
ତାଙ୍କ ଦୁଃଖରେ ମୁଁ ମହା ଦୁଃଖିନୀ । ୭ ।

ତାଙ୍କ ଲାଗି ଏ ଯୌବନ ଭୂଷଣ,
ବିକଚ୍ଛି ତାଙ୍କୁ ଦେହ ମନ ପ୍ରାଣ । ୮ ।

---

ଅରବିନ୍ଦ—ରକ୍ତ ପଦ୍ମ । ତଳପ—ଶଯ୍ୟା । ବିଚକିଲ—ମଲ୍ଲୀ ।
କର୍ଣ୍ଣିକାର—କନିଅର । ଖଦିର—ଖଇର ! ପୂଗ—ଗୁଆ । ବାଟି—ଡବା, ବଟା ।

ତନୁ ସମର୍ପି ଏ ରଜନୀ କାଳେ,
ବଞ୍ଚିବ ସୁଖେ ପ୍ରାଣବଂଧୁ କୋଳେ । ୯ ।
ଶ୍ୟାମ ମନ ମୁଗ୍ଧ ହେଲେ ବାନ୍ଧବୀ,
ଏ ଭାଗ୍ୟକୁ କେଉଁ ଭାଗ୍ୟ ଲଙ୍ଘିବ । ୧୦ ।
କୌଶଳେ ସକଳ କର ରଚନା,
ହେ ଲଳିତେ ମଧୁ ପିକବଚନା । ୧୧ ।
ଶ୍ରୀ ସ୍ୱାମିନୀ କହୁଁ ପ୍ରିୟ ଆଳିଙ୍କି,
ଗୋପାଳକୃଷ୍ଣ ଗୁଚ୍ଛେ ନଆଳିକ । ୧୨ ।

●

## ବିପ୍ରଲବ୍ଧା ଶ୍ରୀରାଧା

### ଶ୍ରୀକୃଷ୍ଣଙ୍କ ପ୍ରତି ଦୂତୀ

( ରାଗ—ମଙ୍ଗଳ ବରାଡ଼ି । ତାଳ—ଏକତାଳୀ )

ଶୁଣ ହେ ମାଧବ ତୁମ୍ଭେ ବିଦଗଧ ରାଜ
ଧନୀକି ଦେଖିବ ଯଦି ନ ସହଇ ବ୍ୟାଜ । ୧ ।
ନବ କିଶଳୟ ଦଳେ ଶୁଉଛି ସୁନ୍ଦରୀ
ବିଷମ କୁସୁମ ଶର ବିଶେଷେ ଭଗାରି । ୨ ।
ହିମକର ଚନ୍ଦନ ପବନ ମଣେ ଆଗି
ଜୀବନ ଧରିଛି ତୁମ୍ଭ ଦରଶନ ଲାଗି । ୩ ।
କେତେହେଁକ ଯତ୍ନେ କହେ ଅକ୍ଷରଟି ଅଧ
କେବା ଜାଣେ ଆଜ କି ଘଟିଲ ପରମାଦ । ୪ ।
ଗୋପାଳକୃଷ୍ଣ ଭଣେ ହେ ନାଗର ମୋହନ
ରସିକ କଳା ଗୁରୁ ତ ତୁମ୍ଭେ ସବୁ ଜାଣ । ୫ ।

---

ଶୁଉଛି—ଶୋଇଛି । ହିମକର—ଚନ୍ଦ୍ରକିରଣ । ଆଗି—ଅଗ୍ନି ।

## କଳହାନ୍ତରିତା ଶ୍ରୀରାଧା

( ରାଗ—କେଦାର । ତାଳ—ଆଡ଼ତାଳୀ )

ନନ୍ଦନନ୍ଦନ ହୃଦ ପଦ ଚନ୍ଦନଙ୍କୁ
ମନ୍ଦ ବୁଦ୍ଧିରେ କେଡ଼େ ଦ୍ୱନ୍ଦ୍ୱ କଲି ମା । ଘୋଷା ।

କର ପ୍ରସାର ଦୋଷ— ମାଗିବା ବେଳେ ରୋଷ—
କରି ନିରାଶ ଭାଷ ଭାଷିଦେଲି ମା । ୧ ।

ଯାର ମୁରଲୀ ଗାନ ତ୍ରିଭୁବନ ମୋହନ—
କରଇ, ରୁଷି ତାକୁ ମୁଁ ବସିଲି ମା । ୨ ।

ଗୁରୁଠୁ ବିନମ୍ର ଗୀର ନ ଶୁଣି କଲି ପର
ଏବେ କପାଳେ କର କରୁଡ଼ିଲି ମା । ୩ ।

ଗୋପାଳକୃଷ୍ଣ ଭାଷ ନ ଜାଣି ଏ ନିରାଶ—
କରି ଚିନ୍ତା-ସାଗରେ ଭାସିଗଲି ମା । ୪ ।

## ଖଣ୍ଡିତା ଶ୍ରୀରାଧା

( ରାଗ—ମୁଖାରୀ । ତାଳ—ଆଦି )

ଯାଅ ଯାଅ ମୋ ପାଶରୁ ଶ୍ୟାମ ଚେଣିକ ହେ । ୦ ।

କି ଭାଗ୍ୟ ଆଜ ମୋହର, ପ୍ରଭାତୁ ମୁଖ ଚନ୍ଦ୍ରର
ଦେଖି କେ ଲୋଭ ନୋହିବ ପୁଣି କ ହେ । ୧ ।

କାଲି ନିଶି ଉଜାଗର, ରହିଲ କାହା ମନ୍ଦିର
ଶୟନ କରଯା ଯେନ ବାଣୀକ ହେ । ୨ ।

ଅଧରେ କଜ୍ଜ୍ୱଳ ଗାର ଦିଶୁଛି କି ମନୋହର
କରେ ଦେଖ କଙ୍କଣର ମଣିକ ହେ । ୩ ।


ତୁମ୍ଭ ବରନ ସମାନ          ଜାଣି କେ ଦେଲା ବସନ
ଧନ୍ୟ ବୋଲି ସିନା ସେ ରମଣୀ କ ହେ । ୪ ।
ଜଗନ୍ନାଥ ରାଜା ଭୂପେ          ଆହ୍ୱା ଧ୍ୟାନେ କ ଶୋଭି ସେ
ଆସିଲି କ ପଥ ଭୁଲି ଏଣିକି ହେ । ୫ ।

## ସ୍ୱାଧୀନଭର୍ତ୍ତୃକା ଶ୍ରୀରାଧା

( ରାଗ—ଜୌନପୁରି ତୋଡ଼ି । ତାଳ—ଆଠତାଳୀ )

ହେ ନିର୍ଲଜ୍ଜ ବିଦଗଧ ରସିକରାଜ !

ଆଜି ମୋ ସଜନୀ    ସମାଜରେ ତୁମ୍ଭେ    ଦିଆଇବ ପରା ଲାଜ । ପଦ ।
କି ସୁନ୍ଦର ସଜ    ସାଜି ଦେଇଥିଲେ    ସଖୀ ମଣ୍ଡଳୀ ମିଳିତ
କି ବସ୍ତୁରେ ବନ୍ଧୁ    ସେ ସାଜ ଏବେ ତ    କରିଦେଲେ ବିଡ଼ମ୍ବିତ । ୧ ।
ଯେଉଁପରି ଥିଲା    ମୋ ବେଶ ଭୂଷଣ    କରି ସେପରି ରଚନା
ଅସମ୍ବୃତ ସିନ୍ଥି    ସହ ସିନ୍ଦୂର    ବିନ୍ଦୁ ଦିଅ ସୁଘଟନା । ୨ ।
ଶ୍ରୁତି ଅବତଂଶ    ତୁଲେ କଣଲଗ୍ନ    ଚମସ୍କ ଦିଅ ବନାଇଁ
ପୟୋଧରେ ମୃଗ—    ମଦ ପତ୍ର ଭଙ୍ଗ    ରଚ ମାନସ ମନାଇଁ । ୩ ।
ବିଗଳିତ ବଳୟକୁ    ବେନି କରେ    ପିନ୍ଧାଇ ଦିଅ ଯତନେ
ନୂପୁର ଯୋଡ଼ିକ    ପରିଷ୍କାର କରି    ଲଗାଅ ମୋର ଚରଣେ । ୪ ।
ବାନ୍ଧିଦିଅ ବେଣୀ    ଖଞ୍ଜି ପୁଷ୍ପଶ୍ରେଣୀ    କଉଶଳେ ମନରୈର
ଯେପରି କେ    ପରିହାସ ନ କରିବେ    ବିଲୋକି ସଖୀଏ ମୋର । ୫ ।
ସ୍ୱାଧୀନକାନ୍ତା ନାୟିକା    ଶ୍ରୀ ରାଧିକା    କହୁଁ ବ୍ରଜେନ୍ଦ୍ରଙ୍କୁ ଏତେ
ବୋଲଇ ଗୋପାଳ    କୃଷ୍ଣ ଏ ରହସ୍ୟ    ଦେଖିବି ମୁଁ ମୋଦ ନେତ୍ରେ । ୬ ।



ଅବତଂଶ – ଶିରଭୂଷଣ । ମୃଗମଦ – କସ୍ତୁରୀ ।

# ଶୁକ୍ଳାଭିସାରିକା ଶ୍ରୀରାଧା

## ସଖୀ ଉକ୍ତି

( ରାଗ—ଟଙ୍କରାଭରଣ । ତାଳ—ଆଠତାଳି, ଝୁଲା )

ଆଉ କାହିଁ ପାଇଁ ହେଳା ?

ଚଳ ଅଭିସାରେ ନବ ଜଳଦକୁନ୍ତଳା । ଘୋଷା ।

ରାଧେ ! ତୋ ତନୁ ତ ସ୍ୱତଃ ଅନନ୍ୟ ସୁନ୍ଦର
ତହିଁକୁ ସାଜନ୍ତୁ ଆଜ ଶୋଭାର ସମ୍ଭାର । ୧ ।

ପହିରଣ ଶୁଭ୍ରବାସ ଅତି ସୁଶୋଭିତ
କୁଙ୍କୁମ ଚନ୍ଦନ ପଙ୍କେ ସର୍ବାଙ୍ଗ ଚର୍ଚ୍ଚିତ । ୨ ।

ଅରୁଣ ଅଧରେ ଶ୍ୱେତ-କର୍ପୂର ରଞ୍ଜିତ
କବରୀ ଉପରେ କୁନ୍ଦ ପୁଷ୍ପମାଳା ନ୍ୟସ୍ତ । ୩ ।

କଣ୍ଠେ ମୁକ୍ତା ହାରାବଳୀ ଝଳକ ଉଜ୍ଜ୍ୱଳେ
ପ୍ରଫୁଲ୍ଲ ଶ୍ୱେତ କୁମୁଦ ଶୋଭେ କରତଳେ । ୪ ।

ବଳୟାବଳୀର କାନ୍ତି ମଳୟଜେ ଲୁଚି
ଶୁକ୍ଳ ବସନ ଭୂଷଣ ବେଶ ଦିବ୍ୟ ରୁଚି । ୫ ।

ଚନ୍ଦ୍ର ଜ୍ୟୋସ୍ନାରେ ଅଧିକେ ଦିଶେ ମନୋହର
ଏ ଅନୁପମ ଶୋଭାକୁ କିସ ପଟାନ୍ତର । ୬ ।

ଧନ୍ୟ ରେ ଧନ୍ୟାତିଧନ୍ୟା ଶୁକ୍ଳାଭିସାରିଣୀ
ଆଜ ଦର୍ଶିତଙ୍କ ମନ ନେବୁ ପରା ଜିଣି । ୭ ।

ସୁଚତୁରୀ ପ୍ରେମାତୁରୀ ଗତି କର ଧୀରେ
ଅନୁସଙ୍ଗିନୀ ଗୋପାଳକୃଷ୍ଣ ସନ୍ନିଧିରେ । ୮ ।

---

ଜଳଦ—ମେଘ । ରୁଚି— ଶୋଭା ।

# କୃଷ୍ଣାଭିସାରିକା ଶ୍ରୀରାଧା

## ସଖୀ ଉକ୍ତି

( ରାଗ—ବଙ୍ଗଳାଶ୍ରୀ, ତୋଡ଼ି । ତାଳ—ଯତି, ସରିମାନ )

ରେ ସଙ୍ଗିନୀ ! କୃଷ୍ଣାନୁରାଗିଣୀ ଗୋରୀ !
କୃଷ୍ଣ ଅଭିସାରେ ଚଳନ୍ତୁ କି ସୁସାରେ ଲାଜ ଭୟକୁ ପାଶୋରି । ଘୋଷା ।

ନୀଳିମ ମୃଗମଦରେ ତୋ ତନୁଟି ଅନୁରଞ୍ଜିଅଛୁ ଭଲା,
ନୀଳମଣିହାର ମରକତ ବଳୟ ଭୁଜେ ଗଳେ କରେ ଖେଳା । ୧ ।

କନକ କେତକୀ ଝଲମଲ କାନ୍ତି ହୋଇଗଲୁ କୃଷ୍ଣବର୍ଣ୍ଣୀ
କୁହୁ ଯାମିନୀରେ ଭୟ ଲୁଚାଇଲୁ କୃଷ୍ଣାଙ୍ଗ ପ୍ରଭାରେ ସିନା । ୨ ।

ଆଳି ନୀଳ ଚୂର୍ଣ୍ଣ କୁନ୍ତଳଗୁଚ୍ଛକ ଶ୍ରୀ ଅଳକେ ହିଲ୍ଲୋଳିତ
ନୀଳ ସରୋବରରେ ଯେମନ୍ତ କି ନୀଳ ନଳିନୀ ବ୍ରାଜ ଲକ୍ଷିତ । ୩ ।

ସେରୂପରି ନବ ତରୁଣୀମଣି ତୁ ଅଲକ୍ଷିତେ କରୁ ଗତି,
ଅଙ୍ଗ ପରିମଳେ ଲୋଭିତ ଭ୍ରସଲେ ଧାନ୍ତି ଚଉଦିଗବର୍ତ୍ତୀ । ୪ ।

ନବୀନ କୁଞ୍ଜରେ ଆଜି ରେ ନବୀନା ମୋହିବୁ ମୋହନେ ପରା
ଗୋପାଳକୃଷ୍ଣ ରଚନା କରିଦେବ ସୁଖଶଯ୍ୟା କରି ତୋରା । ୫ ।



---

ସୁସାରେ – ସୁନ୍ଦର ଭାବରେ, ଧୀରେ । କୁହୁ ଯାମିନୀ – ଅମାବାସ୍ୟା ରାତ୍ରୀ ।
ବ୍ରାଜ – ସମୂହ । ଭ୍ରସଲ – ଭ୍ରମର ।

# ବାତ୍ସଲ୍ୟ

## ରୋହିଣୀ ପ୍ରତି ଯଶୋଦା

( ରାଗ—ମୋହନା । ତାଳ—ଆଠତାଳୀ )

କେଡ଼େ ସୁନ୍ଦର ସ୍ୱପନ ରାତିରେ, ଦେଖିଲି ରୋହିଣି ! ଅଛି ମତିରେ ।
ମୋ କୃଷ୍ଣ ଚନ୍ଦ୍ରମା, ବୃଷଭାନୁ ଜେମା, ଦୁହିଁଙ୍କି ଦମ୍ପତି ରୀତିରେ । ପଦ ।

ନୂଆ ବସନ ନୂତନ ଭୂଷଣ, ଭୂଷିତ ହୋଇ ଆସି ମୋ ଚରଣ—
ତଳେ ଓଳଗିଲା ନବବଧୂ ପରି, ତୋଳି ମୁଁ ଧଇଲି ପ୍ରୀତିରେ । ୧ ।

ମୋ ମୋହନର ହୃଦସ୍ଥରେ ଥିଲା, ମଲ୍ଲୀମାଳା ମାଗିଲି କାଢ଼ିଦେଲା,
ହସି ତୋଷେ ରାଧା କେଶେ ପିନ୍ଧାଇଲି, ବୋଲି ହେଉଛି ପ୍ରତୀତିରେ । ୨ ।

ରୁଣ୍ଡ ହେଲା ପ୍ରାୟେ ସର୍ବମଙ୍ଗଳ, ଦଶୁଥିଲା ଏ ଗୃହ କି ଗହଳ,
ବଲସିଲା ପରି ପ୍ରତେ ହେଉଥିଲା, ପରମ ଲକ୍ଷ୍ମୀ ମୂରତିରେ । ୩ ।

ଆସୁ ମୋ ଶ୍ୟାମସୁନ୍ଦର ସଦ୍ମକୁ, ଲଜେ ସେ ଢୁଞ୍ଚିଯିବାର ପଛକୁ,
ଗୃହିଁ କୋଟିଧନ ଲଭିଲା ପରାୟେ, ହେଉଥିଲା ମୋତେ ସ୍ଫୂର୍ତ୍ତିରେ । ୪ ।

ପୀଠେ ନ ବସୁଁ ଭୋଜ୍ୟ ବାଢ଼ିଦେଲା, ରହି ରନ୍ଧନ ଗୃହେ ଗୃହୁଁ ଥିଲା,
ଗୋଷ୍ଠେନ୍ଦ୍ର ଅଶନାନ୍ତେ ପୁଣି ମୁଁ ବୋଲୁଁ, ବସିଲା ତା ଜୁଷ୍ଟ କତିରେ । ୫ ।

ଶୁଣି ଗୋପାଳକୃଷ୍ଣ ସେ ସଂଳାପ, ତଳି ସୁସ୍ୱାମିନୀ ଆଳୀ କଳାପ,
ବସିଥିଲେ ଶ୍ରୀ ଲଳିତାଙ୍କୁ କହିଲା, ଆମୂଳାନ୍ତେ ଏ ସଙ୍ଗତିରେ । ୬ ।

---

ସଦ୍ମ—ଗୃହ । ଅଶନାନ୍ତେ—ଭୋଜନ ଶେଷରେ । ଜୁଷ୍ଟ—ଉଚ୍ଛିଷ୍ଟ ।

## ଶ୍ରୀ ଗୌରାଙ୍ଗ ବନ୍ଦନା

( ରାଗ—ମୋହନା, ତାଳ—ଏକତାଳୀ )

ଶ୍ରୀ ଗୌରଚନ୍ଦ୍ର ପଦ ବନ୍ଦରେ ମାନସ !
ଏ ଏକା ଶ୍ରୀରାଧା ଗୋବିନ୍ଦ ରେ । ଘୋଷା ।

ବ୍ରଜବଧୂ ଶ୍ରୀମନ୍ତ, ହୋଇ ଗୋଟିଏ ମୂର୍ତ୍ତି,
ଜନ୍ମିଛନ୍ତି ଶ୍ରୀ ଶଚୀ-ଉନ୍ଦରେ । ୧ ।

ସ୍ୱ ସ୍ୱ କଳ୍ପନାବଧି, ଦୟା ସଦ୍‌ଗୁଣ ନିଧି,
ସଦା ବେଷ୍ଟିତ ଭକ୍ତବୃନ୍ଦରେ । ୨ ।

ମହାଭାବ ଉଜ୍ଜ୍ୱଳ— ରସ ପୀତ ଶ୍ୟାମଳ,
ପରତତ୍ତ୍ୱ ହେଲାର ଦ୍ୱନ୍ଦରେ । ୩ ।

ଜଗନ୍ନେତ୍ର ସମ୍ପତ୍ତି, ବଦାନ୍ୟ ଚକ୍ରବର୍ତ୍ତୀ,
ଯା ନାମାମୃତ ସର୍ବ ଶବ୍ଦରେ । ୪ ।

ଏ କୃପା ପାରାବାର, ପ୍ରତ୍ୟକ୍ଷ ହୋଇବାର,
ଦେଖିଛନ୍ତି ଶ୍ରୀ ରାମାନନ୍ଦରେ । ୫ ।

ଗୋପାଳକୃଷ୍ଣ ଭଣେ, ଶ୍ରୀ ନାମ ଅନୁକ୍ଷଣେ,
କୀର୍ତ୍ତନ କରୁଥା ଆନନ୍ଦରେ । ୬ ।



ଉନ୍ଦ—ଗର୍ଭ ।

# ଗୌର ବନ୍ଦନା

( ରାଗ—ବସନ୍ତ, ତାଳ—ଆଠତାଳୀ )

ସ୍ମର ମନ ! ଶଚୀ-ସୁତ-ତ୍ରୈଲୋକ୍ୟ ମୋହନ ରେ ॥ (ଘୋଷା)

ଗୋକୁଳ ସଖାଙ୍କ ସଙ୍ଗେ, ଯେ ଧେନୁ ଚରାନ୍ତି ରଙ୍ଗେ,
ନବଦ୍ୱୀପେ ଗୌରାଙ୍ଗ ସେ ବ୍ରଜେନ୍ଦ୍ର ନନ୍ଦନ ରେ । ୧ ।

ରାଧା ଭାବ ରାଧା ପ୍ରେମ, ରାଧା କାନ୍ତି ଅନୁପମ,
ଏହି ତିନ ଋଣ ପରିଶୋଧେ ଅବତୀର୍ଣ୍ଣ ରେ । ୨ ।

ପତିତ ଜୀବଙ୍କ ହିତେ, ଅଙ୍ଗ ଉପାଙ୍ଗ ସହିତେ
ନୃତ୍ୟାନନ୍ଦେ ନିଜ ନାମ ଯେ କଲେ କୀର୍ତ୍ତନ ରେ । ୩ ।

ପ୍ରେମୋନ୍ମାଦେ ହୋଇ ଭୋଳ, ଆଚଣ୍ଡାଳେ କରି କୋଳ,
ନିସ୍ତାରିଲେ ବିସ୍ତାରିତେ ପାପୀ ତାପୀ ଜନରେ । ୪ ।

ଭକ୍ତ ରୂପ ଦିବ୍ୟ ବେଶ, ସଦା ମହା ଭାବାବେଶ,
ସଚ୍ଚିଦାନନ୍ଦ ବିଗ୍ରହ କରୁଣାନିଧାନ ରେ । ୫ ।

ବିଷ୍ଣୁପ୍ରିୟା-ପ୍ରାଣବନ୍ଧୁ, ଶ୍ରୀ ପଦାବ୍ଜ ମକରନ୍ଦୁ,
ଗୋପାଳକୃଷ୍ଣ ବଞ୍ଚିତ ନୋହୁ କଦାଚନ ରେ । ୬ ।



ମକରନ୍ଦ—ପୁଷ୍ପମଧୁ ।

# ବଂଶୀବିଭବ

## ସଖୀ ପ୍ରତି ଶ୍ରୀରାଧା

( ରାଗ—କାମୋଦୀ, ତାଳ—ଏକତାଳୀ )

କଦମ୍ବ ବନେ ବଂଶୀ ବାଜିଲା ରେ ।
ରାଧା ଦମ୍ଭ-ଶିଖରୀ ଭାଜିଲା ରେ । (ଘୋଷା)

ତୋ ବିନା ପ୍ରତିକାର, ଆନ କେ ନାହିଁ ମୋର,
ବିବେକ-ରତନ ମୋ ହଜିଲା ରେ । ୧ ।

କହ ମୋତେ ସରଣୀ, ଆରେ ପ୍ରାଣମିତଣି !
ନୋହିଲେ ଜୀବନ ବରଜିଲା ରେ । ୨ ।

ଦେଖି ବ୍ରଜେନ୍ଦ୍ର-ମୁଖ ଲଭିଇବ ରେ ଦୁଃଖ,
ସ୍ମରାନଳରେ ତନୁ ଭାଜିଲା ରେ । ୩ ।

ପଳାଇଲାନ ମନ, ବେଣୁ-ପତି ଶୋଭନ
ପୀୟୂଷ-ବାରିଧିରେ ମଜ୍ଜିଲା ରେ । ୪ ।

ଚଲ ଯିବା ଲଳିତା, ବୋଲୁଁ କୀର୍ତ୍ତିଦାସୁତା
ମୁଖ-ସୁବର୍ଣ୍ଣାବ୍ଜ ବିରାଜିଲା ରେ । ୫ ।

ଏକାନ୍ତ ଶ୍ରୀ ଲଳିତା, ଶ୍ରୀ ବୃଷଭାନୁ-ସୁତା,
ଗୋପାଳ-କୃଷ୍ଣ ରହି ହେଜିଲା ରେ । ୬ ।



ଶିଖରୀ—ପର୍ବତ । ସରଣୀ—ମାର୍ଗ । ବେଣୁପତି—ଶ୍ରୀକୃଷ୍ଣ । କୀର୍ତ୍ତିଦାସୁତା—ରାଧା ।

## ବନବାହୁଡ଼ା ରୂପଶ୍ରୀ

( ରାଗ—ମଧୁଶ୍ରୀ, ତାଳ—ଆଠତାଳୀ )

ଦେଖିଲେ ଦେଖିଲ ପର ଥରେ ରସିକରାଜଙ୍କୁ,
ଅଖିଳ-ବ୍ରଜବାସୀଙ୍କ ଆଖିର ପୁଣ୍ୟପୁଞ୍ଜକୁ । ଘୋଷା ।

ସୁରଭୀଗଣ ପଛରେ, ମୁରଲୀ ବଜାଇ ଧୀରେ,
ନାଚ ଆସିବା ବେଳରେ, ବନବାହୁଡ଼ା ସଜକୁ । ୧ ।

ବିନ୍ଦୁ ବିନ୍ଦୁ ଶ୍ରମଝାଳ, ଅଳକାବୃତ କପୋଳ,
ମକର କୁଣ୍ଡଳ ଗଣ୍ଡ ଶିଖଣ୍ଡଚୂଳ ଧ୍ୱଜକୁ । ୨ ।

ନଟବର ଶିଖାମଣି, ଚରମ ଦେଶର ବେଣୀ,
ଝୁଲିବାର ବଂଶୀରନ୍ଧ୍ରେ ଗୋରୁ ଅଙ୍ଗୁଳି ବ୍ରଜକୁ । ୩ ।

ନାସିକାର ମୋତିବର, ଧୀର ଧୀର ଚଳିବାର
ଗୁଞ୍ଜହାର ତୁଳେ ଭର ପରମ ବନ୍ୟ ସ୍ରଜକୁ । ୪ ।

ଝୁମୁ ଝୁମୁ ବାଜିବାର, ମଞ୍ଜୁଳମଣି ମଞ୍ଜୀର,
ଗୋପାଳକୃଷ୍ଣ ଚନ୍ଦ୍ରେ ସେ ଛନ୍ଦାଚରଣ କଞ୍ଜକୁ । ୫ ।



---

ସୁରଭୀ—ଗାଭୀ । ଚରମ—ପୃଷ୍ଠ । ବ୍ରଜ—ସମୂହ । ଗୁଞ୍ଜ—କାଇଞ୍ଚ ।
ସ୍ରଜ—ମାଳା । ମଞ୍ଜୀର—ନୂପୁର ।

# ନବାନୁରାଗ

## ସଖୀ ପ୍ରତି ଶ୍ରୀରାଧା

( ରାଗ—ଧନାଶ୍ରୀ, ତାଳ—ଆଠତାଳି )

ଦୟା ନ କରନ୍ତୁ ମୁଁ ଦାସୀ ସିନା ରେ । ଘୋଷା ।

ଦୁଃଖ ଦେଇ ଶ୍ୟାମଙ୍କୁ, ରାଧା ସୁଖୀ ହେବାକୁ,
ରୁଷିବ କଲୁ କି ଏ ଆଲୋଚନା ରେ । ୧ ।

ଯେ ତାଙ୍କ ମନୋହାରୀ, ତା ନଉକରୀ କର,
ଧନ ନେବ ପଛକେ ଗୁମାନ ନାଁ ରେ । ୨ ।

ଯାହାରେ ହେଲେ ସଖି ! ସେ ହୋଇଥିଲେ ସୁଖୀ,
ମିଳିଲା ପର କୋଟି ଲକ୍ଷ ସୁନା ରେ । ୩ ।

ଯଶୋଦାଙ୍କ ପୁଣ୍ୟରେ, ଚିରଜୀବୀ ବ୍ରଜରେ,
ହୋଇ ସେ ସହି ! ରହିଥାନ୍ତୁ କନା ରେ । ୪ ।

ନିକଟରେ କି ଦୂରେ, ନିତି ଶ୍ରୀମୁଖ ଥରେ,
ଦେଖୁଥିବ ଏତିକ ମୋ କାମନା ରେ । ୫ ।

ଗୋପାଳକୃଷ୍ଣ କହି, ହସି ଭାଷିଲେ ସହି,
କେ ତୋ ପଛରେ ରହିଛନ୍ତି ଅନା ରେ । ୬ ।



# ଆକ୍ଷେପାନୁରାଗ

## ସଖୀ ପ୍ରତି ଶ୍ରୀରାଧା

( ରାଗ—ଭୈରବୀ, ତାଳ—ଏକତାଳୀ )

ମୋତେ ଲଗାନା ରେ ସହି ' ବ୍ରଜବଧୂ-ଲଟ ।
ତୁଣ୍ଡରୁ ତୁଚ୍ଛ ଜଟିଳା କରବ ନପଟ । ଘୋଷା ।

ଅରେ ହେଲେ ସ୍ୱଚ୍ଛ କର, ବଲ୍ଲେକ ନାହିଁ ମୁଁ ଡର,
କଳା କି ଗୋରା ସେ ନବ-ଶିଖଣ୍ଡ-ମୁକୁଟ । ୧ ।

ଅତି ମନ୍ଦ ମୋ ନଣନ୍ଦ, କଣିଲ୍ଲକ୍ଷଣି ଅଳନ୍ଦ,
ସକ୍ରୋଧ ହୋଇ ବଦନ କରୁଛି ବିକଟ । ୨ ।

କାଲି ଗୋଷ୍ଠ-ପ୍ରାଙ୍ଗଣରେ, ବୃନ୍ଦା ଆଭସୀ ସଭାରେ,
ଚନ୍ଦ୍ରାବଳୀର ଚରିତ ବସିଥିଲି ହାଟ । ୩ ।

ଘୁଲୁଁ ପାଦ କଣ୍ଟି କଣ୍ଟି, ପଡ଼ୁଛି ନାନା ଅରିଷ୍ଟି,
ତୁଚ୍ଛାକୁ ଲୋକେ ତରକ ବାନ୍ଧୁଛନ୍ତି ବାଟ । ୪ ।

କୃଷ୍ଣ ଲଗି ମାଳା ଦେଇ, ଗୋପାଳକୃଷ୍ଣ କହଇ,
ଆନ ଦେଇଛନ୍ତି କଲି ନ ଥାଅ କବାଟ । ୫ ।



ଅଳନ୍ଦ—ପିଣ୍ଡା, ବାରଣ୍ଡା । ଆଭସୀ—ଗଉଡୁଣୀ । ଅରିଷ୍ଟି—ବିପଦ । ଆନ – ଗୁଣ ।

# ବାତ୍ସଲ୍ୟ

## ଶ୍ରୀକୃଷ୍ଣଙ୍କ ପ୍ରତି ଯଶୋଦା

( ରାଗ-ମାଳବଗୌଡ଼ା । ତାଳ—ଅରୂପକ )

ଉଠିଲୁ ଏଡ଼େ ବେଗି କାହିଁକି ରେ, ଦୁଃଖିଧନ !
ଦଧି ମନ୍ଥାଇ ଦେବୁ ନାହିଁକି ରେ । ଘୋଷା ।

ଦେଖୁ ପାଶୋର ଦଣ୍ଡେ, ନିଦ ନ ଗଲୁ ଏଡ଼େ,
ବିଟୋଲ ହେଲୁ ମୋର ପାଇଁକି ରେ । ୧ ।
ଖେଳରୁ ରାମ ଭୁଲେ, ପଛେ ରାତି ପାହିଲେ,
ଶୁଆଇ ଦେବ ଗୀତ ଗାଇକି ରେ । ୨ ।
ମନ୍ଥିବି ମୁଁ କେମନ୍ତ, ଖୁଆଦଣ୍ଡରୁ ହାତ—
ଛାଡ଼ ଦେଉଚ ସର ଖୋଇକି ରେ । ୩ ।
ଆହା ଏ କି ପ୍ରମାଦ, ଛନ୍ଦ ନା ବାରୁ ପାଦ,
ଡାକ ଯା ବଳରାମ ଭାଇକି ରେ । ୪ ।
ମଥନ-ଘଟେ ହାତ, ପୁରାଇ ନବନୀତ—
କାଢ଼ୁଁ ବୋଲନ୍ତ ହେଲୁ ବାଇକି ରେ । ୫ ।
ଭୁଞ୍ଜ ହାତଟା ଖାଇ, ନାଚୁଛୁ କାହିଁପାଇଁ ?
ଶୁଖିଯିବୁ ନ ରୁହାଁ ଛୁଇକି ରେ । ୬ ।
ଗୃହ-କୃତ୍ୟ ପକାଇ, ବସିଥିବ ଏକାଇ,
ନିଶି ଦିନ ତୋତେ କାଖେଇ କରେ ? । ୭ ।
ପଣନ୍ତରେ ବଦନ, ପୋଛି ଦେଲେ ଚୁମ୍ବନ,
ଗୋପାଳକୃଷ୍ଣ ଚନ୍ଦ୍ରେ ଦୁହିଙ୍କି ରେ । ୮ ।

---

ନବନୀତ—ଲହୁଣୀ ।

# ବାତ୍ସଲ୍ୟ

## ଶ୍ରୀକୃଷ୍ଣଙ୍କ ପ୍ରତି ଯଶୋଦା

( ରାଗ—ଧନାଶ୍ରୀ । ତାଳ—ଆଠତାଳି )

ବ୍ରଜକୁ ଫେରି ଆସିଛୁ ଯେବେ ନେବ ଶୁଅ ଭୁଜ ହୋଇ ରେ ।
ରଙ୍କର ଧନ ମୋ ଗୋକୁଳ ଚନ୍ଦ୍ରମା ଜଣି ପାଇ ନାହିଁ ରେ । ୧ ।

ରାତି ଗୋଟାଯାକ ମାତଲୁ ନାଟରେ ପଲକ ନ ପକାଇ ରେ ।
ଗ୍ରାମ ଜଣବଦ ହେଲାନ କି ତୋତେ ଜଦ ଆଁସୁ ନାହିଁ ରେ । ୨ ।

କେ ଶିଖାଇ ଦେଲା ତୋତେ ତାଳିବାର ତାଳ ଉକୁଟାଇ ରେ ।
ପାଦ ବଥାଇବ ପରା ଆଉରି କି ନାଟ ଅଣ୍ଟି ନାହିଁ ରେ । ୩ ।

କମ୍ପ'ଅଞ୍ଜନ ଯିବ କେତେ ଝାଳ ବହିଗଲା କ୍ଷୁଧା ପାଇ ରେ ।
ଆସ ଆସ ସ୍ତନ୍ୟ ପାନ କରାଇବ ବାବୁ କାଖିଆଇ ରେ । ୪ ।

ପଶୁପେନ୍ଦ୍ର-କୁଳ-ପ୍ରଦୀପ ତୁ ଦେଖ ଖେଳ ଛାଡ଼ିଦେଇ ରେ ।
କେତେବେଳ ହେଲା ଶୟନ କଲାନି ବଳରାମ ଯାଇ ରେ । ୫ ।

ଚୁମ୍ବନ ଶିରେ ଦେଇ ନେଲେ ଯଶୋଦା ହୃଦରେ ଲଗାଇ ଯେ ।
କର୍ଣ୍ଣମୂଳେ ଧୀରେ ଧୀରେ କର ମାରି ଦେଲେ ପହୁଡ଼ାଇ ଯେ । ୬ ।

ଜମ୍ବୁପର୍ଣ୍ଣ ହରଦ୍ରା ଚୂର୍ଣ୍ଣ ହସନ୍ତୀ ଅନଳେ ପକାଇ ଯେ ।
ଗୋପାଳକୃଷ୍ଣ କହଇ ଧୂପ ଦେଲେ ଧନିଷ୍ଠିକା ନେଇ ଯେ । ୭ ।

---

କମ୍ପ'ଅଞ୍ଜନ—ଜଉଜ୍ୱଳ । ହସନ୍ତୀ—ଉହ୍ନେଇ । ଧନିଷ୍ଠିକା—ଯଶୋଦାଙ୍କ ଜଣେକା ଦାସୀ ।

# ରସୋଚ୍ଛ୍ୱାସ

## ସଖୀ ପ୍ରତି ଶ୍ରୀରାଧା

( ରାଗ—ବସନ୍ତ । ତାଳ—ଆଠତାଳୀ )

ବ୍ରଜବଧୂ ପର ମୋତେ କେ ଦିଶୁ ନାହିଁ । ଘୋଷା ।

ପ୍ରଣୟ-ପରିହାସ ମିଶା ସୁଧା ପୀୟୂଷ,
ହସିବାର ଅଳପ କହି କହି । ୧ ।

କାନନୁ ଆସିବାର, ଅନାଇଁ ବାର ବାର,
ଲେଉଟି ରାଜପଥେ ରହି ରହି । ୨ ।

କୋଟିଏ କୋଟି ମାର, ପଦ-ନଖ କୋଣର,
ଅଂଶ ଲେଶକୁ ସମ ହେବ କାହିଁ ? । ୩ ।

ଥିଲେ ହେଲେ ହୃଦରେ, ମୋ ମନ ଶ୍ରୀପଦରେ,
ରହି ଥାଉଛି ସମ୍ବାହନ ପାଇଁ । ୪ ।

ପତିବ୍ରତକୁ ଜଳା- ଞ୍ଜଳି ଦେବେ କମଳା,
ବିମଳାଦି ପଡ଼ିଗଲେ ମୁହାଁମୁହିଁ । ୫ ।

ନିତ୍ୟ ନୂତନ ବୟ ବନସ୍ତ୍ରେ ଅଦ୍ୱିତୀୟ,
ଦେଖିଲେ ମୂର୍ଚ୍ଛିବ କେ ଦେହ ବହି । ୬ ।

ଗୋପାଳକୃଷ୍ଣ ଭଣେ, ସୁଷମାରେ ସୁରସେ,
ରମାରମଣ ଯା ଏ ସର କାହିଁ ? । ୭ ।



# ରସୋଚ୍ଛ୍ୱାସ

## ସଖୀ ପ୍ରତି ଶ୍ରୀରାଧା

ମୁହଁମୁହିଁ କିଶୋର ଚନ୍ଦ୍ରମାଙ୍କର ମୋର,
ଆଜି ଯମୁନାତୀରେ ହୋଇଗଲା ମା । ଘୋଷା ।

ବେଳା ଶିଳାରେ ବସି, ହେଳାରେ ତନୁ ଘଷି
ହେଉଥିଲି ବୟସୀ ଠାରଦେଲା ମା । ୧ ।

ଉଠୁଁ ମୁଁ ଝଟକରି, ଆଳୀ ଆପଟ କରି,
ପ୍ରତି ପ୍ରତୀକ ଯାକ ଥରଗଲା ମା । ୨ ।

ଫିଟି ଚରମେ କେଶ, ଲେଞ୍ଚୁଥିଲା ଗୋ ବାସ,
ଥିବାଠାରେ ଯତନରେ ନ ଥିଲା ମା । ୩ ।

ଆଉରି ରହି ବେଳ, ସେ କାଳେ ଭ୍ରୂବଲ୍ଲୀ,
ଚାଲି ଚାହୁଁ ମୋ ଜ୍ଞାନ ହଜିଗଲା ମା । ୪ ।

ପାଥରକୁ ଆସୁଁ ସେ, ପଥ ମୋତେ ନ ଦିଶେ
ପଥରେ ବୁଡ଼ି, ଆଲି କହିଦେଲା ମା । ୫ ।

ବୁଡ଼ିଗଲି ଲାଜରେ, କାଳିନ୍ଦୀ ତୀର ନୀରେ,
ଗୋପାଳକୃଷ୍ଣ ବାଟ କଢ଼ାଇଲା ମା । ୬ ।



ବେଳା ଶିଳା—କୂଳରେ ପଡ଼ିଥିବା ପଥର । ପ୍ରତୀକ—ଅଙ୍ଗ । ପାଥରେ—ଜଳରେ ।

# ନୌକାବିଳାସ

## ସଖୀ ପ୍ରତି ଶ୍ରୀରାଧା

ବ୍ରଜେନ୍ଦ୍ରକୁମାର ! ରେ ସଙ୍ଗିନୀ !
ତରଣିତନୟା ତରଣୀରେ ଆଜ କଲା କେତେ ହରବର । ପଦ ।

ପାର କରଦେବ ବୋଲି ସେ ପାରିକ ହାତ ଧରି ଘେନଗଲା
ତହିଁରେ ବସାଇ ଅଗାଧ ବାରିରେ କ୍ଷେପଣି ଭସାଇଦେଲା ।୧।

ଶ୍ରୀ କିଶୋର ଶଶୀ କରେ ଧରି ବଂଶୀ ଅଳପ ଅଲ୍ପ ହସି ।
ସେ ପ୍ରାନ୍ତରେ ରହି ଦେଲା ମା ଝୁଲାଇ ଗଲା ଗଲା ବୋଲି ଖସି ।୨।

ଦ୍ୱୀପ ନିକଟରେ କଣ୍ଠ ଦଘ୍ନରେ ନଉକା ଥକାଇ ଦେଲା ।
ଜଣ ଜଣକୁ କାଖିଆଇ ପହଁରି ଏ ପାଖିରେ ଛାଡ଼ିଦେଲା ।୩।

ଆଣୁ ମୁଖେ ମୁଖ ଲଗାଇ ଦିଅଇ ଅଣାୟତ୍ତ ହେଲି ପର ।
ନିତମ୍ବରେ ହାତ ଦିଅଇ ଉର୍ଦ୍ଧ୍ୱକୁ ଟେକିଲା ପରାସ୍ତେ କରି ।୪।

ଗୋପାଳକୃଷ୍ଣ କହଇ ତୁନ ହୁଅ ସେଠାରେ ଗଲା ସେ କଥା ।
ବ୍ରଜଯାକ ସ୍ଫୁଟ ହୋଇଯିବ ଏବେ ଲାଜେ ନୁଆଁଇବ ମଥା ।୫।



ତରଣୀତନୟା—ସୂର୍ଯ୍ୟକନ୍ୟା ଯମୁନା । କ୍ଷେପଣୀ—ଆହୁଲା । କଣ୍ଠ ଦଘ୍ନରେ—କଣ୍ଠ ପର୍ଯ୍ୟନ୍ତ ଜଳରେ । ନିତମ୍ବ—ପିଚ୍ଛ । ସ୍ଫୁଟ—ପ୍ରକାଶ ।

# ରସୋଲ୍ଲାସ

## ସଖୀ ପ୍ରତି ଶ୍ରୀରାଧା

( ରାଗ—କାଫି । ତାଳ—ଆଠତାଳୀ )

ସହି ରେ ! ଏ ମୋ ଦୃଢ଼ ଭରସା ।
ମୂର୍ଚ୍ଛି ନ ପାରିବ ଶ୍ୟାମ ପୀରତି । ଘୋଷା ।

ତେଜନ୍ତୁ ପଛକେ ବାନ୍ଧବମାନେ ।
ନିନ୍ଦିଲେ ନିନ୍ଦନ୍ତୁ ମୋ ଗୁରୁଜନେ । ୧ ।

ଯେ ଯାହା ବୋଲିବେ ବୋଲନ୍ତୁ ମୋତେ ।
ଗଞ୍ଜଣା ଦିଅନ୍ତୁ ଯେ ଅବା ଯେତେ । ୨ ।

ତଥାପି ବ୍ରଜେନ୍ଦୁ ଶ୍ରୀ ବନମାଳୀ ।
ଜାଣ ଗୋ ମୋର ଜୀବନ-ସଙ୍ଗାଳି । ୩ ।

ପରମାନନ୍ଦ ଗୋବିନ୍ଦ ଚରଣେ ।
ଅନୁସରି ଥିବି କିଙ୍କରପଣେ । ୪ ।

ଶିଖୀଚୂଳେ ମନ ରହିଛି ଲାଖି ।
ଗୋପାଳକୃଷ୍ଣ ତ ଏଥିକି ସାକ୍ଷୀ । ୫ ।



# ଯୁଗଳ ମିଳନ

( ରାଗ—ଶଙ୍କରାଭରଣ । ତାଳ—ଆଠତାଳୀ )

ଆହା କି ଶୋଭା ମାଧୁରୀ ।
ଯୁଗଳ-ମିଳନ-କୁଞ୍ଜେ-କିଶୋର-କିଶୋରୀ । ପଦ ।

କଳା ଗୋରା ବେନି ତନୁ ଅପୂର୍ବ-ସଙ୍ଗମ ।
ମର୍କତେ ଜଡ଼ିତ କି ସେ ଜାମ୍ବୁନଦ ହେମ । ୧ ।

କନକ-ଲତିକା ଯଥା ତରୁଣ-ତମାଲେ ।
ସ୍ଥିର ସୌଦାମିନୀ କିବା ନବାମ୍ବୁଦ-ମାଳେ । ୨ ।

କମଳେ ମଧୁପ ଯଥା ସଙ୍ଗୀ ଅନୁରାଗେ ।
ଦୁଇ ଅଙ୍ଗ ପୁଲକିତ ପ୍ରେମାବ୍ଧି ତରଙ୍ଗେ । ୩ ।

ଦୁହିଁଙ୍କ ଅଧରାମୃତ ଦୁହେଁ କରୁଁ ପାନ ।
ଆନନ୍ଦ-ଉଦଧି ଉଛୁଳଇ ଘନଘନ । ୪ ।

ଦୁଇ ଦେହ ଏକ ମନ ନିବିଡ଼ାଲିଙ୍ଗନ ।
ନାଗରେନ୍ଦ୍ର ଅଙ୍କେ ନବ ନାଗରୀ-ରତନ । ୫ ।

ବଦନେ ବଦନ ସମ୍ମିଳନ ଦିବ୍ୟ ଆଭା ।
ଏକତ୍ର ମିଳିତ ଦୁଇ ପୂର୍ଣ୍ଣଚନ୍ଦ୍ର କିବା । ୬ ।

ପ୍ରଣୟୀ ଶ୍ରୀ ଯୁଗଳାଙ୍ଗ ଶ୍ରମ-ଜଳ-ପ୍ଲୁତ ।
ରତିଜୟ-ସୁମଙ୍ଗଳ ଅଭିଷେକ-କୃତ । ୭ ।

ଯୁଗଳ-ବିଳାସ-ଗୁଣ-ଗାନେ ମାରି ତାଳି ।
ଗୋପାଳକୃଷ୍ଣ ନାଚଇ ପ୍ରେମ ଅଶ୍ରୁ ଢାଳି । ୮ ।

---

ଜାମ୍ବୁନଦ—ସୁବର୍ଣ୍ଣ । ସୌଦାମିନୀ—ବିଜୁଳି । ନବାମ୍ବୁଦ—ନବମେଘ ।
ପ୍ରେମାବ୍ଧି—ପ୍ରେମର ସାଗର । ଉଦଧି—ସମୁଦ୍ର ।

# ଶ୍ରୀ ରାଧାଙ୍କ ପୌଗଣ୍ଡ

( ରାଗ—ଗଡ଼ମାଳଆ, ଜୟନ୍ତ )

କେଶର-କୁଞ୍ଜ ଶେଯରେ,
ବ୍ରଜେନ୍ଦୁ ବୃନ୍ଦାଙ୍କୁ ପୁଚ୍ଛନ୍ତି ଧୀରେ,
ସହଚର ରେ ! ରାଧା ବୋଲି କେ ବ୍ରଜରେ ? ୧ ।

ଶୁଣିଲା ବେଳୁଁ ସେ ନାମ,
ସୁଧାପାନ ପରି ଲାଗୁଛି ଶର୍ମ୍ମ,
ସହଚର ରେ ! ଫିଟାଇ କହ ମରମ ? ୨ ।

ଚଉଦିଗକୁ ଅନାଇଁ,
ବୃନ୍ଦା ମନ୍ଦ ମନ୍ଦ ହସିଲା ହୋଇ,
କହୁ ଆସୁଁ ଯେ, ଅଙ୍ଗେ ପୁଲକ ପୂରଇ । ୩ ।

ସେ ଶ୍ରୀ ବୃଷଭାନୁ-ଜେମା,
କିଶୋରୀ-ଗୋଷ୍ଠ-ନକ୍ଷତ୍ର-ଚନ୍ଦ୍ରମା,
ରସରାଜ ହେ ! ରମାବନ୍ଦ୍ୟ ଯା ସୁଷମା । ୪ ।

ସେ ଯେ ଦ୍ୱାତ୍ରିଂଶ ଲକ୍ଷଣା,
ଅନୁପାମାମସ୍ତୀ ସେ ବିଚକ୍ଷଣା,
ରସରାଜ ହେ ! ସୁନୀଳ-ନଳିନେକ୍ଷଣା । ୫ ।

ଜୀବ ଥିବାଯାକ ବହି,
ବିଷୟ ବରଜି ବସିଲେ କହି,
ରସରାଜ ହେ ! ଶୋଭା ଶେଷ ହେବ ନାହିଁ । ୬ ।

ଆଉ ମାଧୁରୀର ଧୁରୀ,
ତୁମ୍ଭେ ତା ପାଶେ ଥିଲେ ବଂଶୀଧାରୀ !
ରସରାଜ ହେ ! ଦଶିବ ସୁନାଟା ପରି । ୭ ।

---

ଶର୍ମ୍ମ—ସ୍ୱାଦୁ, ମଧୁର । ଗୋଷ୍ଠ—ସମୂହ । ଧୁରୀ—ପ୍ରାଧାନ୍ୟ ।

ଅମ୍ବା ବଳାମ୍ବା କଡରେ,
ତୋଷି ହେଉଥିଲେ ବସି ଗୃହରେ,
ରସରାଜ ହେ ! ଅଶନ କଲ କାଳରେ ।୮।

ଶ୍ୟାମ ସୁନ୍ଦରକୁ ମୋର,
ଏକା ରାଧିକା ଥିଲ ପଟ୍ଟାନ୍ତର,
ବୋଲୁଁ ଜନନୀ, ନାମ ଶୁଣିଲ ତାହାର ।୯।

କୃଷ୍ଣ କହନ୍ତୁ ବୟସ,
ଆପ କେତେ ହୋଇଥିବ ବରଷ ?
ସହଚର ରେ ! କହୁଁ ବୃନ୍ଦା ହସହସ ।୧୦।
ହେ ନୂତନ ରଣ-ରଣ,
ଯୌବନେ-ଲକ୍ଷ୍ମୀ ତା ପଦେ ଶରଣ,
ରସରାଜ ହେ ! ହୋଇ ସାରିଲାଣି ଜାଣ ।୧୧।
ବୟସ ଏଗାର ବାର,
ଭିତରେ ପର ହେଉଛି ଗୋଚର,
ରସରାଜ ହେ ! ସେ ସାଧ୍ୱୀ-ଶିରୋମଣିର ।୧୨।
ରାଧାର ଆବ ବୟସ,
ଶୈଶବ ଅବସ୍ଥା ନୋହୁଛି ଶେଷ,
ରସରାଜ ହେ ! ସନ୍ଧିକାଳ ପରବେଶ ।୧୩।
ହେ ନବ-ନାଗର-ଗୁରୁ,
ଲଜ୍ଜାନ୍ୱିତା ନୁହେ ଅଙ୍ଗ-ବ୍ୟକ୍ତରୁ,
ରସରାଜ ହେ ! ନବ-କଶୋରୀ ରମ୍ଭୋରୁ ।୧୪।
ଥିଲେ ଗୁରୁଜନ ମେଳେ,
ମଥାରେ ଓଢ଼ଣା ନ ଦଏ ବେଳେ,
ରସରାଜ ହେ ! ବାଳିକାଙ୍କ ସଙ୍ଗେ ଖେଳେ ।୧୫।
ପୂର୍ବ-ସଙ୍ଗିନୀ-ତରୁଣୀ—
କୁଳଙ୍କୁ ସୁନ୍ଦରୀ ଦେଖିଲାକ୍ଷଣି,
ରସରାଜ ହେ ! ଆପେ ପରହାସ-ବାଣୀ ।୧୬।

କେ କହେ ତାକୁ ବାଳିକା,
କେ କହେ ତରୁଣୀ-ରତନ ଏକା,
ରସରାଜ ହେ ! ଏମନ୍ତ ଦଶେ ରାଧିକା । ୧୭ ।
କେଳି-ବିଷୟକ-କଥା—
ଶୁଣି ସାବହିତ-ରମଣୀ ଯଥା,
ରସରାଜ ହେ ! ଶ୍ରୁତି ଫେରାଏ ଅନ୍ୟଥା । ୧୮ ।
ଭାଷିଲ ହେଲେ ବାଣୀକି,
ପିକ ମୂକ ହେବେ କାନେ ଶୁଣିକି,
ରସରାଜ ହେ ! ବୀଣା ତେଜିବେ ବାଣୀ କି । ୧୯ ।
କରୁଛୁ ମୁଁ ଅନୁମାନ,
ଛୁଇଁଲାଣି ଯଉବନ-ଗୁମାନ,
ରସରାଜ ହେ ! ବାଲ୍ୟଦଶା ତୁଟେଁ ଜାଣ । ୨୦ ।
କି ଶୋଭା ବର୍ଣ୍ଣିବି ଅବା,
ଅଧର ନିନ୍ଦଇ ବନ୍ଧୁଲି ଜବା,
ରସରାଜ ହେ ! ମଞ୍ଜୁଳ ଶ୍ରୀମୁଖ ଆଭା । ୨୧ ।
ଦନର ସୁନା-ନଳିନ,
ସାମ୍ୟକୁ ଭାବିଲେ ପଛକୁ ମନ,
ରସରାଜ ହେ ! ପଳାଇ ଯାଉଛୁ ଘେନ । ୨୨ ।
ଛଡ଼ାଇ ହୃଦରୁ ମସୀ
ଗୋଟିଏ ହୋଇଲେ କୋଟିଏ ଶଶୀ,
ରସରାଜ ହେ ! ତୁଷ ପର ଯିବେ ଦିଶି । ୨୩ ।
ଶ୍ରୀ ନଟିଳାଳକାବଳୀ,
କଳା-ମେଘ-ତଳେ ରହିଲା ଭଳି,
ରସରାଜ ହେ ! ଦଶେ ଅଚଳା ବିଜୁଳି । ୨୪ ।
ଦେହଳୀରେ ଗଲେ ଚାଲି,
ପଦାବ୍ଜ-ଚିହ୍ନକୁ ଚୁମ୍ବୁଛି ଅଳି,
ରସରାଜ ହେ ! ଅଙ୍ଗାମୋଦ ନୋହେ କଳି । ୨୫ ।

---

ଦେହଳୀ—ଦ୍ୱାରବନ୍ଧ ।

ନାରାୟଣ ପ୍ରିୟତମା,
ହିମାଦ୍ରି ତନୟା ଶିବଙ୍କ ବାମା,
ରସରାଜ ହେ ! ଶଚୀ ରତି କି ଉପମା । ୨୬ ।
କୋଟି-ବ୍ରହ୍ମାଣ୍ଡ-ସୁନ୍ଦରୀ,
ଏକମାତ୍ର କିଶୋରୀ-ପୁରନ୍ଦରୀ,
ରସରାଜ ହେ ! ସେହି ଧନ୍ୟ କୃଶୋଦରୀ ? ୨୭ ।
ବିଧି ସର୍ଜ୍ଜନାରେ କାହିଁ,
ତୁଳନାର ଯୋଗ୍ୟ କେ ବସ୍ତୁ ନାହିଁ,
ରସରାଜ ହେ ! ତାହାକୁ ଉପମା ସେହି । ୨୮ ।
ପରାନନ୍ଦ-ସ୍ୱରୂପିଣୀ,
ଘୋଟିଛି ଯା କୀର୍ତ୍ତି ଜଗତ-ଶ୍ରେଣୀ,
ରସରାଜ ହେ ! ସେ ସଦ୍‌ଗୁଣ-ଗଣ ଖଣି । ୨୯ ।
ବ୍ରଜବାସୀଙ୍କ ନୟନ—
ସମ୍ପତ୍ତି ସେ ଶ୍ରୀ କିଶୋରୀ-ରତନ,
ରସରାଜ ହେ ! ଆହା ବସ୍ତୁଟି ଶୋଭନ । ୩୦ ।
ଏମନ୍ତ ବାଳା ଚରିତ୍ର,
ରସିକ ଜନଙ୍କ ବୋଧ ସେ ମାତ୍ର,
ରସରାଜ ହେ ! ଅନ୍ୟ କେ ଏଥିକୁ ପାତ୍ର । ୩୧ ।
ତୁମ୍ଭେ ତ ନାଗରରାଜ,
କି ଭାବ କି ରସ ଏ ମଧ୍ୟେ ଆଜ,
ରସରାଜ ହେ ! ଅନୁଧାବନରେ ହେଜ । ୩୨ ।
ସଖିଭାବାପନ୍ନ ହୋଇ,
ଇଙ୍ଗିତେ ଗୋପାଳକୃଷ୍ଣ କହଇ,
ରସରାଜ ହେ ! ଶ୍ରୀ ପଦାବ୍ଜ-ଯୁଗ ଧ୍ୟାୟି । ୩୩ ।

# ଶ୍ରୀକୃଷ୍ଣ ବନ୍ଦନା

( ରାଗ—ଝିଂଝୋଟି । ତାଳ—ରୂପକ )

ରସ ମାନସ ! ରାଧିକେଶ ଚାରୁ ରସ କଥାରେ
ସେବିତ ଶୁକ ସନକ ମୁନୀଶ ଅନିଶ ନତ ମଥାରେ । ଘୋଷା ।

ଭ୍ରମନା ଭବ ଭୋଗ ଲୋଭରେ ଲଭି ଧନ ପ୍ରମଦାରେ
ଭବ ସରସିଜଭବ ଦୁର୍ଲଭ ପ୍ରେମଭକ୍ତିଦ୍ୱାରେ । ୧ ।

ବିଶ୍ୱ-ସରଣୀ-ଭ୍ରମଣି ତାପହାରିଣୀ ବସୁଧାରେ
ସାର୍ବତ୍ରିକ ବହୁଛି ନୁହଇ ସୁରଧୁନୀ ପରି ଧାରେ । ୨ ।

ନୀରଜ-ବନ୍ଧୁ-ନନ୍ଦିନୀ-ତୀର ନିକୁଂଜବନ-ଅଗାରେ
କେଶି-ମଥନ-କେଳି ଚରିତ କେବଳ ଉଚ୍ଚ ଗାରେ । ୩ ।

ମୋକ୍ଷ ପଦକୁ ଲକ୍ଷ୍ୟ ନ କରି ରହିଯା ଅଲଗାରେ
ରାସେଶ୍ୱରୀଙ୍କ କିଂକରୀ ହୋଇ ଘର କରି ବ୍ରଜ ଗାଁରେ । ୪ ।

ଗୋପାଲକୃଷ୍ଣ କହେ ସନ୍ତୁଷ୍ଟ ହୋଇ ସୁମନୀଷାରେ
ଦୋଷ ରହିତ ଘୋଷ ଚରିତ ଘୋଷ ଦିନ ନିଶାରେ । ୫ ।



ଚାରୁ ରସ—ପରକୀୟା ରସ । ମୁନୀଶ—ମୁନିଶ୍ରେଷ୍ଠ । ଭବ ଭୋଗ—ସଂସାର ଭୋଗ । ଭବ—ମହାଦେବ । ସରସିଜଭବ—ବ୍ରହ୍ମା । ସାର୍ବତ୍ରିକ—ସର୍ବତ୍ର । ସୁରଧୁନୀ—ଗଂଗା । ନୀରଜବନ୍ଧୁ—ସୂର୍ଯ୍ୟ । ଅଗାର—ଗୃହ । କେଶିମଥନ—କୃଷ୍ଣ । ବ୍ରଜ ଗାଁ—ବ୍ରଜ ଭୂମି । ସୁମନୀଷା—ଦିବ୍ୟଜ୍ଞାନ । ଘୋଷ ଚରିତ—ବ୍ରଜ ଚରିତ । ରାସେଶ୍ୱରୀ—ରାଧା ।

## ଗୌରଚରଣ ଅଧିକାରୀ

### ଶ୍ରୀକୃଷ୍ଣ ବନ୍ଦନା

ଗାନ କର ହରି ନାମ ରସିଆ ବରଜ ରାଜ କହ୍ନାଇଆରେ
ଗୋପ ଗୁଆଲୁଣୀ ମାନସ ଲୁଟେ ମୋହନ ବେଶ ବନାଇଆରେ । ଘୋଷା ।

ଯାର ଚରନ ରଜ ଭଜନ କରଇ ଶୁକ ସନକ ଜନକ ମୁନି ଧାଇଆରେ
ପୁର୍ଣ୍ଣ ସନାତନ ଲକ୍ଷ୍ମୀନିକେତନ ସେ ଅବ ଗୋକୁଲ ଆଇଆରେ । ୧ ।

ଚତୁରାନନ ଧୀରେ ଧ୍ୟାନ ଧରନ କରେ ଯା ଦରଶନ କୁ ନ ପାଇଆରେ
ସେ ଅବ ଗୋପଘରେ ନନ୍ଦ ମହଲ ପରେ ଭୁବେ ଗଡ଼ାଗଡ଼ି ଯାଇଆରେ । ୨ ।

ଆଓତ ଭଇ ବ୍ରଜ ବିପିନ ଚଲାଓତ ସକଲ ଦୁଃଖ ନିରୁଇଆରେ
ସଂସାର ସିନ୍ଧୁ ଦୁରିତ ଜଲାଓବେ ଯା ରୂପ ଝାଙ୍କି ଲଗାଇଆରେ । ୩ ।

ଯମୁନାତଟ କେଳି ଘାଟ ମୁରଲୀ ବଟ ନୀପ ନିକଟ ଯାଇଆରେ
କାଲ ଗୁଜର ଲଓ ବାଲ କିଶୋର ଭଜ ଜଂଜାଲ ଜାଲ କଟାଇଆରେ । ୪ ।

ମାଲ ତିଲକ କେଶ ବେଶ ବନାଓତ କୌପିନ କଟିତେ ଚଢ଼ାଇଆରେ
ସାଧୁ ଚରଣ ଘନସାର ସୁଶୀତଲ ସେ ରଜେ ଅଙ୍ଗ ଯଡ଼ାଇଆରେ । ୫ ।

ଧୁଣ୍ଡ ସବ ସଦନ ପିଣ୍ଡ ପ୍ରପୋଷନ ମାଧୁକରନ ରୁଚି ଖାଇଆରେ
ଗଉର ଚରନ ମନ ଭଉରଭଇଆ ଗେଲ ନନ୍ଦନନ୍ଦନ ଗୁନ ଗାଇଆରେ । ୬ ।



---

ରଜ—ଧୂଳି । ନୀପ—କଦମ୍ବ । ଧୁଣ୍ଡ (ହିନ୍ଦୀ)—ବୁଲିବା ।

# ଶ୍ରୀରାଧା ବନ୍ଦନା

ଜେଜେ ବୃଷଭାନୁନନ୍ଦିନୀ ଯେଯେ ନନ୍ଦ ଲାଲ
ରାଇ ସୁରଟ ବରନୀ ଶ୍ୟାମ ନବୀନ ନୀରଦ କାଲା । ଘୋଷା ।

ବରହି ଚନ୍ଦ୍ରିକା ଚୂଳ ସୁନ୍ଦର ଫୁଲ ତୁଳସୀ ମାଲ
କର୍ଣ୍ଣ ଯୁଗଳେ ସ୍ୱର୍ଣ୍ଣ କୁଣ୍ଡଳ ଦୋହଲି କରତ ଖେଲ । ୧ ।

ରାଇ ବଦନ ପୂର୍ଣ୍ଣଚନ୍ଦ୍ର ଭୁବନ ଭରଛେ ଆଲ
ନାସାପୁଟେ ଟଂଟକ ମୋତି ଝଲକ ଝଲକ ଝାଲ । ୨ ।

ପୀତ ବସନ ଶ୍ୟାମକେ ଶୋହେ ପ୍ୟାରି ଦୁକୂଳ ଲାଲ
ରାଇ ଗଳେ ମନ ମାନିକ ଡୁଲେ ଶ୍ୟାମ ଗଳେ ବନମାଳା । ୩ ।

କୁଂଜ ସଦନ ସୁମନ ତଳେଷ୍ଣ ଦୁହଁାଜନ କରେ ଖେଳା
ସେବତ ଚଉପାଶେ ଘେର ଗୁରୁ ଦୁଗୁନ ବାଲ । ୪ ।

କେ ସଖୀଗନ ତାନମାନ ଗାନ କରକେ ଭୋଲ
ଭେରି ମୃଦଙ୍ଗ ବଂଶୀ ବାଜେ ବାଜତ କରତାଲ । ୫ ।

ପକ୍ଷୀ ଜନ୍ତୁ ସ୍ୱନ କେକ ନର୍ତ୍ତନ ଟେକ ଚନ୍ଦ୍ରକ ଝାଲ
ଦ୍ୱିଜ ଗଉର ଚରନ ମାଗେ ସେଇ ବ୍ରଜ ସ୍ଥଳ ଧୂଳି । ୬ ।



---

ସୁରଟ—ସୁବର୍ଣ୍ଣ । ଡୁଲେ—ଝୁ-ଟୁଲେ । ଗୁରୁ ଦୁଗୁନ—ଆଠ ।
ଚନ୍ଦ୍ରକ—ମୟୂର ପୁଚ୍ଛ ।

# ଶ୍ରୀକୃଷ୍ଣ ବନ୍ଦନା

ଜେ ଜେ ବ୍ରଜରାଜତନୟ କୁଂଜ ବିନୋଦକାରୀ
ଜେ ନବଘନ କାନ୍ତି ସୁନ୍ଦର ମୋହନ ମୁରଲୀଧାରୀ । ୧ ।

ନୀଳକଣ୍ଠ ଚନ୍ଦ୍ର ଚୂଳ ରୁଞ୍ଜ ଗୁଞ୍ଜା ଅତି ଶୋହେ
ଗଣ୍ଡ ମଣ୍ଡଳେ କୁଣ୍ଡଳ ଛବି ଜଗଜ୍ଜନ ମନମୋହେ । ୨ ।

ଭାଲ ପଟେ ମୃଗମଦ କସ୍ତୁରୀ ଚନ୍ଦ
ବକାର ଧନୁ ନିନ୍ଦିତ ଭୁରୁ ଶ୍ୱେତ ପଦ୍ମନେତ୍ର । ୩ ।

ବିମ୍ବାଧରେ ସ୍ଫୁରିତ ହାସ ମୋହିତ ଭୁବନ ସର୍ବ
ବଦନ ଦୀପ୍ତି ଖର୍ବ କରଇ ପର୍ବଶଶୀର ଗର୍ବ । ୪ ।

ସାର ରତନ ହାର ପଦକ କଣ୍ଠ ଭୂଷଣ ମୋତି
ପୀତ ବସନ ଜିତ ବିଦ୍ୟୁ ଝଳକ ଜ୍ୟୋତି । ୫ ।

କଂକଣ ମଣିମଣ୍ଡିତ କର କିଙ୍କିଣୀ କଟି ମାଝେ
ଝଂ ଝଂ କୃତ ନୂପୁର ନାଦ ପାଦ ଯୁଗଳେ ସାଜେ । ୬ ।

ମୋହିତ ବ୍ରଜ ମଣ୍ଡଳ ମଝି ମଦନ ମୋହନ ଭଂଗୀ
ଦାମ ସୁବଳ ମଧୁ ମଙ୍ଗଳ ସ୍ତୋକ କୃଷ୍ଣ ସଙ୍ଗୀ । ୭ ।

ଚତୁରାନନ ପଞ୍ଚାନନ ସହସ୍ରାନନ··· । ୮ ।

ପତିତ ଜନ ପାବନ ଦୀନବନ୍ଧୁ ନାମ ଯେଣୁ
ପାମର ଦ୍ୱିଜ ଗତିର ଚରଣ ଆଶ୍ରୟ କରେ ତେଣୁ । ୯ ।



ରୁଞ୍ଜ—ସୁନ୍ଦର । ପର୍ବଶଶୀ—ପୂର୍ଣ୍ଣିମୀର ଚନ୍ଦ୍ର ।

# ଝୁଲଣ ମାଧୁରୀ

ବୃନ୍ଦାବନମେ ଚଲତହିଁ ଦୁଲ୍ହ ଖେଲତ ସଙ୍ଗେ ହୋରି ହୋ
ବ୍ରଜ ଭୂପ ନାଲ୍ ଡାହିନେ ବାମେ ଝୁଲତ ରାଜକୁମାରି ହୋ । ପଦ ।

ଧୂଟି ଧୂପି ଝାଲର, ଦର୍ପନ ଝୁମର କୁଂଜ କୁଟିର ଚଉତାରି ହୋ
ଝଂଠ ଝଂଠ ମନ ଗନ କାନ୍ତି ବିରାଜତ ଚନ୍ଦ୍ର କିରଣେ ଦଗ ପୁରି ହୋ । ୧ ।

ଯାରେ ଯେ ସେବା ନଯୋଗ୍ୟ ସଖୀଚଯ୍ୟୁ ତନ୍ନନେ ରହିଛେ ଉଘାରି ହୋ । ୨ ।

ବାଜତ ଗମ ଗମ ମର୍ଦ୍ଦଲ ମଂଜୁଲ ଝଂନନ ଝଂନନ ଝଂମତାରି ହୋ
ଗାଓତ ଝୁଲନ ପଦ୍ୟାବଲୀ ଗୀତ ରଙ୍ଗେ ପ୍ରିୟ୍ଯୁ ଲଳିତାରି ହୋ । ୩ ।

ଦୁହୁଁ କର ଧାରନ କୁସୁମ ଶରସନ ଲକ୍ଷିତ ମଦ୍ଧ ସମ୍ଭାରି ହୋ
ଦୁହୁଁ ମୁଖ ଦୁହୁଁ ହେରି ମୃଦୁ ମୃଦୁ ଭାଷତ ଭାବେ ମଗନ ଦୁହୁଁ ଭୋରି ହୋ । ୪ ।

ଶୁକ କରେ ବନ୍ଦନ ବ୍ରଜେନ୍ଦ୍ର ନନ୍ଦନ ମୋହନ ଗିରିବର ଧାରୀ ହୋ
ବୃନ୍ଦାବନ ପାଟରାଣୀ ଶ୍ରୀରାଧେ ପକ୍ଷପାତ କରେ ସାରି ହୋ । ୫ ।

ଶୁକ ପିକ କୋକିଲ ପଞ୍ଚମ ଗାତେ ନୀଲକଣ୍ଠ ନଟକାରୀ ହୋ
ଚନ୍ଦ୍ରାମଣି ସ୍ଥଳ କୌତୁକ ପେଖତ ବ୍ୟୋମେ ନର୍ଜର ନାରୀ ହୋ । ୬ ।

ଗଉର ଚରନ ଦ୍ଵିଜ ପୁକାରେ ଘନ ଘନ ମାଥେ ହାଥ ପ୍ରସାରି ହୋ
ନଗି ଧନ ଭାବତ ରାଧାମାଧବ ଚରନ କମଲେ ଯାଉ ହାରି ହୋ । ୭ ।



# କାହ୍ନୁଁ ରଖିବ ଏ ନେତ୍ର

କାହ୍ନୁଁ ରଖିବ ଏ ନେତ୍ର ଲୋ ସଜନୀ, କାହ୍ନୁଁ ରଖିବ ଏ ନେତ୍ର
ଯେଣେ ଚାହିଁଦେଲେ ତେଣେ ସେ ଦିଶନ୍ତି ଜାଣେ ଏ କସ ଚରିତ୍ର
ଲୋ ସଜନୀ, କାହ୍ନୁଁ ରଖିବ ଏ ନେତ୍ର । ଘୋଷା ।

ଏ ବଡ଼ ଅପୂର୍ବ ହେଲି ବୋଲି ପୂର୍ବ
ପାର୍ଶ୍ୱକୁ ଚାହାନ୍ତେ ଫେର
ଯମୁନା ତନୁନା ହୋଇ ବହୁଛନ୍ତି
ନୀଳିମା ଛବି କି ଧରି, ଲୋ ସଜନୀ । ୧ ।

ଦେଖି ଏ ଲକ୍ଷଣ ପାଲଟି ତକ୍ଷଣ
ଦକ୍ଷିଣେ ଇକ୍ଷଣ କଲି
ସେ ଦିଗେ ସୁନ୍ଦର ପୁଣି ପୁରନ୍ଦର
ନୀଳମଣି ତା ଛଇକି, ଲୋ ସଜନୀ । ୨ ।

ପଶ୍ଚିମକୁ ଆଳି ଚାହାଁନ୍ତେ ମୁଁ ଚଳି
ଗିରି ଗୋବର୍ଦ୍ଧନ ଶୋଭା
ନବ ପଲ୍ଲବେ ତରୁଲତା ମଣ୍ଡିତ
କୋଟି ମରକତ ଆଭା, ଲୋ ସଜନୀ । ୩ ।

ହଜାଇ ଗୁଡ଼ର ହେଲି ମୁଁ କାତର
ଉତ୍ତରକୁ ଦେଲି ଦୃଷ୍ଟି
ସେ ଦିଗେ ତମାଳ ବନ ମାଳ ମାଳ
ସେ ଶ୍ୟାମଳ ଶୋଭା ସୃଷ୍ଟି, ଲୋ ସଜନୀ । ୪ ।

ଆକାଶକୁ ଦୃଷ୍ଟି ଦେଲି ରେ ବମ୍ଭୋଷ୍ଠି
ଛନ୍ନ ଚଉ ଦିକ ଦିକ
ସେ ନନ୍ଦ ନନ୍ଦନ କାନ୍ତି ନବଘନ
ଦିଶିଗଲେ ଦିକ ଦିକ, ଲୋ ସଜନୀ । ୫ ।

ଦଣ୍ଡେ ପରଯନ୍ତେ ଗଣ୍ଡେ କର ଦେଇ
ରହିଲି ବଦନ ପୋତି
ନବ ଦୂର୍ବାଙ୍କୁର ମହୀରେ ଅଙ୍କୁର
ସେ ପୁଣି ସେହି ଆକୃତି, ଲୋ ସଜନୀ । ୬ ।

ଖଞ୍ଜନ ଗୁମାନ ମାନ ମାନସରୁ
ନୟନ ବୁଡ଼ିଲ ଯହୁଁ
ଗୌର ଦ୍ୱିଜ କହେ ହୃଦୟ ମଧ୍ୟରେ
ଉଦୟ ହୋଇଲେ ତହୁଁ, ଲୋ ସଜନୀ । ୭ ।

## ଶ୍ରୀ ଗୌର ଚନ୍ଦ୍ରିକା

ଜୟ ଜୟ ଚୈତନ୍ୟ ଚନ୍ଦ୍ର ଜୟ ନବଦ୍ୱୀପବାସୀ,
ସୁନ୍ଦର ମୁଖ କୁନ୍ଦ-ରଦନ ମନ୍ଦ ମଧୁରହାସୀ । ଘୋଷା ।
ତ୍ରିଜଗନ୍ମୋହନ ମୂରତିସାର, କଣ୍ଠେ ଲୁଳିତ ତୁଳସୀ ହାର,
କୋଟି ମଦନ ଗର୍ବ ଖର୍ବ ସୁନ୍ଦର ରୂପରାଶି । ୧ ।
ପତିତ ରକ୍ଷଣେ ଊର୍ଦ୍ଧ୍ୱ ହସ୍ତ, ଦେଖିଣ କପଟ ପଟଳ ଧ୍ୱସ୍ତ,
ଦୁଷ୍ଟ ଦଳନେ ହୃଷ୍ଟ ବଦନ ମହିମା ପରକାଶି । ୨ ।
ଦାହ ପୁରଟ ଦଳି କାନ୍ତି ଚମ୍ପକ ଦେଖି କରଇ ଭ୍ରାନ୍ତି,
ଶ୍ରୀ କର୍ପୂର ଅଗର ଗନ୍ଧ-ଚନ୍ଦନେ ତନୁ ଭୂଷି । ୩ ।
ବରୁଣ କୁବେର ଇନ୍ଦ୍ର ଚନ୍ଦ୍ର ନାମ ଭଜନ କରନ୍ତି ସାନ୍ଦ୍ର,
ଭୁବନ ମଙ୍ଗଳ ଯା ଶ୍ରୀ ଚରଣେ ପଦ୍ମାଳୟା ଦାସୀ । ୪ ।
ଶଚୀର ତନୟ ନବ କିଶୋର, କଣ୍ଠ ଗଦ ଗଦ ପ୍ରେମେ ଭୋର
ବିମ୍ବାଧରେ ରାଧେ ରାଧେ ମଧୁର ବଚନ ଭାଷ । ୫ ।
ଗୌର ଶ୍ରୀ ଚରଣ ଅରୁଣ ତେଜ, ଶରଣ ଗଉର ଚରଣ ଦ୍ୱିଜ
ଯାରେ ସେ ପଦ ଅଳ୍ପ ସମୟ କଳିକଳୁଷ ନାଶି । ୬ ।

---

ପୁରଟ—ସୁବର୍ଣ୍ଣ ।

# ଗୌରହରି ଭଜନାଷ୍ଟକ

ଭବ ଭୟ ଭଂଜନ କାରଣ ଗୋରା
ତ୍ରିଭୁବନ ମୋହନ ମାନସ ଚୋରା
କୃପା ସାଗର ନାଗର ଦଣ୍ଡଧାରୀ
ଭଜ ଭଜ ତୁରେ ମନ ଗୌରହରି । ୧ ।

ନବରସେ ବିଭୂଷିତ କଳେବର
ଭାବ ବିକାରେ ନିରନ୍ତେ ଗରଗର
ବିଗଳିତ ପଦ୍ମନେତ୍ରୁ ଅଶ୍ରୁ ବାରି
ଭଜ ଭଜ ତୁରେ ମନ ଗୌରହରି । ୨ ।

ଇନ୍ଦୁ ବିନନ୍ଦିତ ସ୍ମରୁ ନଖଛଟା
ନିଜ ନାମ ଗୁଣ ନିଜ ମୁଖେ ରଟା
ନବ ସନ୍ନ୍ୟାସୀ ଅରୁଣାମ୍ବରଧାରୀ
ଭଜ ଭଜ ତୁରେ ମନ ଗୌରହରି । ୩ ।

ଦିବ୍ୟ ଜମ୍ବୁନଦ ସ୍ୱର୍ଣ୍ଣକାନ୍ତି ତୋରା
ମହାଭାବରୂପୀ ଭକ୍ତ ବେଶଧରା
ଗଢ ମଣ୍ଡରେ ନୃତ୍ୟ ବିଳାସକାରୀ
ଭଜ ଭଜ ତୁରେ ମନ ଗୌରହରି । ୪ ।

କୋଟି ଚନ୍ଦ୍ରଜିତ ହର୍ଷ ବଦନସ୍ୟା
ମୃଦୁ ସ୍ମିତହସା ମୋଦ ବର୍ଦ୍ଧନୀୟା
ଗୋପୀଚନ୍ଦନୋଜ୍ଜ୍ୱଳ ତିଳକଧାରୀ
ଭଜ……………ଗୌରହରି । ୫ ।

ଆଜାନୁଲମ୍ବିତ ମହା-ଭୁଜ-ଟେକା
ଧୁରନ୍ଧର ବିନାଶନେ କାଳ-ଦକା
ସଙ୍କୀର୍ତ୍ତନ ଲଂପଟ କଲ୍ମଷହାରୀ
ଭଜ ଭଜ…… ……ଗୌରହରି । ୬ ।

ପାପୀ ପାବନ ମୂରତ କ୍ଷମାଦାନୀ
ନାମ ନିମାଇଁ ପଣ୍ଡିତ ମହାସ୍ୱାମୀ
ଶ୍ରୀ ଶଚୀନନ୍ଦନ ମହା ଅବତାରୀ
ଭଜ ଭଜ ..........ଗୌରହରି । ୭ ।

ନବଦ୍ୱୀପ ସୁଧାକର ସୌମ୍ୟ ଶିରୀ
ଖଳ ପାଷାଣ୍ଡ ଦୁର୍ଜନ ତ୍ରାଣକାରୀ
ମୋଦେ ବନ୍ଦେ ହୃଦେ ଗୌରହରି
ଭଜ ଭଜ ରୁରେ ମନ ! ଗୌରହରି । ୮ ।

## ବାଲମୁକୁନ୍ଦ

( ରାଗ—ଶଙ୍କରାଭରଣ, ତାଳ—ଆଠତାଳି )

ନନ୍ଦ କୋଳେ ଗୋବିନ୍ଦ
ବାଜେ ଶଂଖ ଭେରୀ ତୂରୀ ଭୁବନ ଆନନ୍ଦ । ୦ ।

ନୀଲ ନନ୍ଦନ ଲପନ ଶୋଭି ସୁସଂପଦ
ଗୋପୀ ଗୋପାଳଙ୍କ ସୁଖ ପୁନଅଁର ବୃନ୍ଦ । ୧ ।

ଯଶୋଦା ଅଂଚଳ ନିଧି ଶ୍ରୀ ବାଲ ମୁକୁନ୍ଦ
ଲାବଣ୍ୟ ଚରଣ ତଳ ରକ୍ତ ଅରବିନ୍ଦ । ୨ ।

ବଙ୍କିମା ଚାହାଣୀ କସେ ହାସ ମନ୍ଦ ମନ୍ଦ
ସଂସାର ସାର ସୁଷମା ଶ୍ରୀ ପରମାନନ୍ଦ । ୩ ।

ପାନ କରିବାକୁ ସେ ପଦାବ୍ଜ ମକରନ୍ଦ
ଗୌରଚରଣ ଦ୍ୱିଜର ମାନସ ମିଳିନ୍ଦ । ୪ ।

---

ମିଳିନ୍ଦ—ଭ୍ରମର ।

## ପ୍ରଭାତ ଅବକାଶ

( ରାଗ—ସାଗର ତରଙ୍ଗ, ତାଳ—ପହପଟ )

ଉଠ ଉଠ ବେଣୁପାଣି

ଉଠ ବାବୁ ନୀଳାମ୍ବର ଡାକେ ନନ୍ଦରାଣୀ । ପଦ ।

ରଜନୀ ହୋଇଲା ଶେଷ ଡାକନ୍ତି କୁକ୍‌କୁଟ
ଶମ୍ଭୁଆଳେ କମ୍ବୁ ଘୋଷ ହେଲାଣି ପ୍ରକଟ । ୧ ।

ପୂର୍ବ ଦିଗେ ଦିନମଣି ଉଦୟ ହେଲେଣି
କୁମୁଦ ମୁଦ୍ରିତ ହେଲେ ପଦ୍ମ ଫୁଟିଲେଣି । ୨ ।

ପୁର ଅଗଣାରେ ଗୋପେ ପୁରିଲେଣି ଆସି
ନାମ ଧରି ଡାକୁଛନ୍ତି ରାମ ହୃଷୀକେଶି । ୩ ।

ଆହେ ରାମ ! ଆହେ ଶ୍ୟାମ ! ଆହେ ପଦ୍ମ ଆଖି
ଉଠ ଉଠ ବେଗେ ଯିବ ପରା ବଛା ରଖି । ୪ ।

ମାତାଙ୍କ ବଚନ ଶୁଣି ଉଠି ବେନି ଭାଇ
ହେଲେ ଅପହ୍ନୁତ ଜନନୀଙ୍କ ମୁଖ ଚାହିଁ । ୫ ।

ନିଦ୍ରାଳସ ମୋହନ ସୁନ୍ଦର ରୂପ ଦେଖି
ସଫଳ ହୋଇଲା ଦ୍ୱିଜ ଗଉରର ଆଖି । ୬ ।



## ଗୌରହରି ପରିଚା

### ଭାବୋଚ୍ଛ୍ୱାସ

( ରାଗ—ଏରକଲ କାମୋଦୀ, ତାଳ—ଆଦି )

ଧୃତିକି ଧରି କେହୁ ରହିବ ଗୋ
ଯେ ମୂରତିକି ବାରେ ଯେ ବଲାଇବ ଗୋ
ବର୍ଣ୍ଣି କେ ଯିବ ତାହା ଗତିକି ଦେଖି କାହା
ମତି କି କ୍ଷଣେ ସ୍ଥିର ହୋଇବ ଗୋ । ଘୋଷା ।

ନତି କେ ତାହାଠାରେ ନୋହିବ ଗୋ
ଅକାରତିକି ଶିରେ ପଛେ ବହିବ ଗୋ
ଜାତି ମହତ୍ତ୍ୱ ତେଜି ରତି ରସରେ ମଜ୍ଜି
ଖ୍ୟାତି ତୃଣେ ହେତି ଲଗାଇବ ଗୋ । ୧ ।
ସତୀ ହେଲେ ପତିକି ତେଜିବ ଗୋ
ଶ୍ୟାମ ଜ୍ୟୋତି ଶୋଭିରେ କେ ନ ମାତିବ ଗୋ
ଅତିଶଯ୍ୟକୁ ଏଡ଼ି ପ୍ରୀତି ମାଦକେ ଜଡ଼ି
ଜାତି ଧରମକୁ ହଜାଇବ ଗୋ । ୨ ।
ରତିପତିକି ତୁଚ୍ଛ ହୋଇବ ଗୋ
କ୍ଷିତିରେ ଉପହାସ ବହିବ ଗୋ
ପ୍ରତି ଅଙ୍ଗ ସୁଷମ ପ୍ରତି ଅଙ୍ଗକୁ ସମ
ତତି ଏଥିକି କାହୁଁ ପାଇବ ଗୋ । ୩ ।
କ୍ଷିତିଦେବ ଗଉରହରି ମତି
ବ୍ରଜସୁତ ପଦଯୁଗ ଚନ୍ଦ୍ରକୁ ଚନ୍ତି
ଶ୍ରୁତିପଥକୁ ନେଇ ଅତି ହରଷ ହୋଇ
ନତିକି ନତି ହୃଦେ ଧାଇବ ଗୋ । ୪ ।



# ସଖୀର ଛଳୋକ୍ତି

( ରାଗ—ସାହାନା । ତାଳ—ଆଡ଼ )

ଏତେ ଦିନେ ଜାଣିଲି ତୋର ଚିତ୍ତ, ପରାଣ ମିତ
କେତେ ପରି ମୁହିଁ ପଚାରିଲେ ସହି, ଯେନୁ ପରା ଅହିତ । ୦ ।

କହୁଥିଲୁ କେତେ, ବିଶାଖିକା ମୋତେ ପକାଇ ତା' ଶପତ
ଅଣୁ ପରମାଣ ହେଲେ ତା' ବଚନ କରୁ ନ ଥିଲୁ ସତ । ୧ ।

ତା' କଥା ପ୍ରସଙ୍ଗ ମାତ୍ରକେ ତୋ ଅଙ୍ଗ, ହେବାର ପୁଲକିତ
ବୁଝୁଛୁ ମୁହିଁ, ଆରେ ପ୍ରାଣସହି, ହେଲୁ ତାର ଆୟତ୍ତ । ୨ ।

ମୁଁ କିସ ଜାଣଇ ବୋଲୁ ପରା ସହି ଏ କିସ ବିପରୀତ
କରଦ ଦଶନ- ଚନ୍ଦ୍ରେ ଅପଘନ ହୋଇବାର ପୂରିତ । ୩ ।

ସେ ଏକ ଦିନରେ କେତକୀ ଦଳରେ ଲେଖିବା ହକିକତ
ଦେବାକାଳେ ପୁଣି ଦେଖିଲା ସଂଗିନୀ ଲୁଚାଇଲୁ ତୁରିତ । ୪ ।

ଦ୍ଵିଜ ଗୌରହରି ବୋଲେ ଆରେ ଗୋରୀ ହେଲା କିଗୋ ଉଚିତ
ପ୍ରିୟ ସହଚରୀ ଠାରେ ଏହିପରି କରିବାର ଗୁପତ । ୫ ।



---

କରଜ—ନଖ । ଦଳ—ପତ୍ର ।

# ସଖୀ ଛଳୋକ୍ତି

## ମାନିନୀ ଶ୍ରୀରାଧାଙ୍କ ପ୍ରତି ସଖୀ

( ରାଗ—ଝିଂଝୋଟି । ତାଳ—ଝୁଲା )

ଗୁମାନ କରି ଗୋସ୍ୱାମିନି ରହି ପାରିବୁ କିରେ
ଭଲେ ହେଲେ ହେଁ ନାଗରୀ ନାଗରବରେ । ଘୋଷା ।

ବଂଶୀ କି ଧରି ତୋର ନାମ ଉଚ୍ଚାରି
ଡାକିଲେ କି ତା' ପାଶକୁ ନ ଯିବୁ ଥରେ । ୧ ।

ସୁରଭି ମେଳେ ବନକୁ ଗଲାବେଳେ
ଜଗି ବସିଥାଉ ପ୍ରାଣ ରଖି ତା'ଠାରେ । ୨ ।

ତା' କଥା ନିତି ପଢ଼ିଲାବେଳେ ଶ୍ରୁତି
ଯୁଗଳରୁ ତେଜି ରହୁଥାଉ ପରି ରେ । ୩ ।

କୁଟି ଆଚରି ରହିବାରୁ ଶ୍ରୀହରି
ଯାହା ହୋଇଗଲୁ ତୁ ତ ଇତି ମଧ୍ୟରେ । ୪ ।

ଗଉରହରି ବୋଲେ ଶୁଣ କିଶୋରୀ
ପ୍ରାଣ ବିନା ଦେହ ଧରି ପାରିବୁ କିରେ । ୫ ।



**ଘନଶ୍ୟାମ କର**

# ଖଣ୍ଡିତା

## ଶ୍ରୀକୃଷ୍ଣଙ୍କ ପ୍ରତି ଶ୍ରୀରାଧା

( ରାଗ—ମୋହନ । ତାଳ—ଝୁଲା )

( ୪ )

ଫେରଯାଅ ମୋ ପାଶରୁ ବଂଶୀବଦନ
ସୁଷ୍ଟୁ ଭାରତୀ ନ ଭାଷ ମଧୁସୂଦନ ।ଘୋଷା।

ରସ ଜାଣେ ଯେ ନବୀନା ସଜ ପଙ୍କଜବଦନା
ତାରେ ଯାଇ ଅନୁସର ନନ୍ଦନନ୍ଦନ ।୧।

ନୋହିଲେ କି କଣ୍ଟ ଦେଇ, ନ ଆସନ୍ତ ଭାବଗ୍ରାହୀ
ପ୍ରେମ ରଜ୍ଜୁରେ ନାଗରୀ କଲା ବନ୍ଧନ ।୨।

ବରବର୍ଣ୍ଣିନୀ ତନୁର, ଗଣ୍ଡରେ କଜ୍ଜ୍ୱଳ ଗାର
ଭାଲଦେଶେ ଲାଗିଅଛୁ ସିନ୍ଦୂର ଚିହ୍ନ ।୩।

ଲୁଚାଇଲେ ନ ଲୁଚଇ, ଝଟ ଝଟ ତ ଦିଶଇ
ଦେଖିଲେ ଦଗ୍ଧ ହୁଏ ମନ ନୟନ ।୪।

ମୋ ବେଶଭୂଷା ମଳିନ, କମ୍ପା କଲ ଜନାର୍ଦ୍ଦନ
ହୀରାର ଗୁଣକୁ ଏବେ କଲ ଧାରଣ ।୫।

ଶୁଣ ହେ ପୀତ ଦୁକୂଳ, ମୋ କୁଞ୍ଜ ତେଜିଣ ଚଳ
ବିପ୍ର ଘନଶ୍ୟାମ ଗୀତେ କଲା ରଚନ ।୬।



# ଯୁଗଳ-ମିଳନ

ଆହା କି ଶୋଭା ଗୋ ରାଧା ମିଳନ ଛବି
ଦେଖିଲେ ମନ ନୟନ ଉଲ୍ଲାସ ହୁଏ ବାନ୍ଧବୀ । ଘୋଷା ।

ଶ୍ୟାମଳ ଗଉର ଅଙ୍ଗ    ହୋଇବାରୁ ଏକ ସଙ୍ଗ
ଧନୁ ଛାଡ଼ିଣ ଅନଙ୍ଗ    ଲୁଚିଲାଣି ଭାବି ଭାବି । ୧ ।

ଘନେ ସୌଦାମିନୀ ପରି    ନବ କିଶୋର କିଶୋରୀ
ଶ୍ରୀ ବୃନ୍ଦାରଣ୍ୟେ ଦମ୍ପତି    ନାହିଁ ନାହିଁ ଅନ୍ୟ ଭୁବି । ୨ ।

କୋଟି କୋଟି କାମ ରତି    ହୋଇଲେ ଏକ ମୂରତି
ସମ ନୋହିବେ ପଦ୍ମପାଦ    ତଳକୁ ବହିଲୀ । ୩ ।

କହେ ଦ୍ୱିଜ ଘନଶ୍ୟାମ    ଶ୍ରୀରାଧା ଗୋବିନ୍ଦ ନାମ
ଏକ ନିତ୍ୟ ସୁଖ ଧାମ    ରଟ ଗୋ ପ୍ରାଣବଲ୍ଲଭୀ । ୪ ।



ଅନ୍ୟ ଭୁବି—ଭିନ ଭୁବନ ।

**ଚନ୍ଦ୍ରମଣି ଦାସ**

## ଅକ୍ଷେପାନୁରାଗ

( ରାଗ—ଝଂପା । ତାଳ—ଝୁଲା )

### ଶ୍ରୀରାଧାଙ୍କ ଉକ୍ତି

ଏହା ଥିଲା କରମରେ
ପଡ଼ିଗଲି ଶ୍ୟାମ ଫାନ୍ଦରେ, ମୁଁ ଭରମରେ । ଘୋଷା ।

ଶାଶୁ ନଣନ୍ଦ ମିଳି, ଲଗାନ୍ତି କଳି,
ବାଧୁଛି ତାଙ୍କ ଗାଳି ମୋ ମରମରେ । ୧ ।

ପଡ଼ିଗଲାଣି ବାଟ, ହାଟ ବଜାର ଘାଟ,
ଗଲି ନ ପାରେ ବାଟ ମୁଁ ସରମରେ । ୨ ।

ଝୁରି ଝୁରି ଢଳା ରାତ୍ରି, କରତ ପକାଏ ଗାତ୍ର,
ସାକ୍ଷୀ ଦେଉଥାଏଁ ନିତ ମୁଁ ଧରମରେ । ୩ ।

ଯେଣେ ଗଲେ ଅପବାଦ, ବାଜେ ନାଗରୀ ଶବଦ,
ଚନ୍ଦ୍ର କହେ ଭଲି ଭଲି ନରମରେ । ୪ ।



**ଚଂପତି ସମ୍ଭୁ**

# ଦୁର୍ଜ୍ଜୟ ମାନ

( ରାଗ—କାମୋଦ )

ସଖି ହେ କାହେ କହସି କଟୁଭାଷା,

ଐଛନ ବହୁତ ଗୁନ ଏକ ଦୋଷେ ନାଶଇ
ଏକ ଗୁନ ବହୁ ଦୋଷ ନାଶା । ଧ୍ରୁ ।
କି କରବ ଜପ ତପ ଦାନବ୍ରତ ନୈଷ୍ଠିକ
ଯଦ କରୁନା ନହୁ ଖାନେ
ସୁନ୍ଦର କୁଲଶୀଲ ଧନ ଜନ ଯୌବନ
କି କରବ ଲୋଚନ ହୀନେ ।
ଗରଲ ସହୋଦର ଗୁରୁପତ୍ନୀହର
ରାହୁ ବମନ. ତନୁକାରୀ
ବିରହ ହୁତାଶନ ବାରିଜ ନାଶନ
ଏକ ଗୁନ ଶଶୀ ଉଜିୟାରୀ ।
ପରସୁତହୂତ ଯତନ ନାହିଁ ନିଜ ସୁତେ
କାକ ଉଚ୍ଛିଷ୍ଟ ରସପାନୀ
ସୋ ସବ ଅବଗୁନ ସଗୁନ ଏକ ପିକ
ବୋଲ ତ ମଧୁରିମ ବାନୀ ।
କାନୁକ ପୀରତି କି କହବ ରେ ସଖି
ସବ ଗୁନ ମୂଲ ଅମୂଲେ
ବଂଶୀ ପରଶି ଶପଥ କରେ ଶତ ଶତ
ତବ ହୁଁ ପ୍ରତୀତ ନାହି ବୋଲେ ।
ପର ପରରଂଭିନ ଚୁମ୍ବନ ଆଲିଙ୍ଗନ
ସଂକେତ କର ବିଶୋୟା ସେ
ଆନ ରମନି ସଏଁ ସୋ ନିଶି ବଂଚଲ
ମୋହେ କରଲ ନୈରାଶେ ।

---

ଐଛନ—ଏପରି । ଗରଲ—ସହୋଦର । ଗୁରୁପତ୍ନୀହର—ଚନ୍ଦ୍ର ।

ସୁନ୍ଦର ସିନ୍ଦୂର ନୟନକ ଅଞ୍ଜନ
ସଂଚରୁ ଦଶ ନଖ ରେଖା
କୁଙ୍କୁମ ଚନ୍ଦନ ଅଙ୍ଗେ ବିଲେପନ
ପ୍ରୀତ ସମୟେ ଦିଲ ଦେଖା ।
ଦଶ ଗୁନ ଅଧିକ ଅନଲେ ତନୁ ଦହିଲ
ରତି ଚନ୍ଦ୍ର ଦେଖି ପ୍ରତି ଅଙ୍ଗେ
ଚଂପତି ପୈଡ଼ କର୍ପୂର ଯବ ନା ମିଳବ
ତବ ମିଳବ ହରି ସଂଗେ ।

## ଶ୍ରୀରାଧା ବିରହ

( ତାଳ—ମଠା )

ଶରଦ ରାତି କୁନ୍ଦ କାନ୍ତି କେତକୀ କାନ୍ତି ଶୋଭିତୁଆ
ମଲ୍ଲିକାକୁଳ ମାଧବୀ ଫୁଲ ମଦଗନ୍ଧ ଭ୍ରମରୁଆ ।
ସୁରଭି ସମଏ ଶଶୀ ବିଷମଏ
ବହନ୍ତି ମଳୟ ପବନୁଆ
ବିସର ନେଲେ ଚୂତ ଧୂଳି
ଜୀମୂତାଙ୍ଗ ଦହନୁଆ ।
ଅବଧି ପୂର୍ଣ୍ଣ ନ କର ଖିନ
ଯୁଗ ଶଶିପ୍ରାୟେ ଯାନୁଆ
ଚମ୍ପତି ରାୟେ ସ୍ୱାମୀ ବିରହେ
ନଷ୍ଟୟେ ଜୀବନ ନରହେଆ ।



ପୈଡ଼—ପଇଡ଼ ।

ଗୃନ୍ଦକବ

## ଶ୍ରୀ କୃଷ୍ଣ ବନ୍ଦନା

ପୁତନାଦ ବକ-ଶକଟ ଷଣ୍ଢ ଦନୁଜ କୁଳ ନବାରଲେ
ଯାମଳାର୍ଜୁନ ଆଦ ପତତ କୁଳ ଅବହେଳେ ତାରଲେ ।
ଗୋପ ରକ୍ଷଣେ ଗିର ଉଦ୍ଧର ସୁରପତ ଗର୍ବ ଇଷିତେ ଗଂଜଲେ
ଗୋପେ ଗୋପୀମନ ରଂଜଲେ ।

ବପିନେ ଭୋଜନ ବନୋଦେ ଚତୁରାନନ ଭ୍ରମ ଭଂଜଲେ
ମୋହ୍ୱ ଭରେଣ ଶରଣ ଜନର ତଦୁପରରେ
ଗୃର ପଣେ ଛନ୍ନମତ ଗୃନ୍ଦ ଭଣିଲେ ।

●

ଜଗବନ୍ଧୁ ସିଂହ

## ବାତ୍ସଲ୍ୟ

( ୧ )

ଦଧିମନ୍ଥା ଧ୍ୱନ ଶୁଣି ଧୀରେ ଆସେ ନୀଳମଣି
ସଙ୍ଗେ ଆସେ ଭାଇ ବଳରାମ
ଯଶୋମତୀ ଦେଖି ସୁଖ ମରମେ ପାଇଣ ସୁଖ
ଚୁମ୍ବଇ ଶ୍ରୀ ଚନ୍ଦ୍ରମା ବଦନ । ୧ ।
ବୋଲେ ଶୁଣ ଯଦୁମଣି ଦେବି ମୁଁ ସର ଲବଣୀ
ଖାଇ ନାଚ ବାବୁ ମୋର ଆଗେ -
ଚୁହିଁ ଜନନୀ ବଦନ ଗେଲେ ବୋଲଇ ବଚନ
କର ପାତ ନବନୀତ ମାଗେ । ୨ ।
ଦେଏ ମା ଦେଏ ମା ବୋଲି ଅଳି କରେ ବନମାଳୀ
ଆଗେ ଦେଲେ ପଛେ ମୁଁ ନାଚିବି
ନ ଦେଲେ ନାଚିବି ନାହିଁ ଯାଉଛି ଯିବି ପଳାଇ
ଆଉ ତୋ ଘରକୁ ନ ଆସିବି । ୩ ।

---

ସୁରପତ—ଇନ୍ଦ୍ର । ଇଷିତେ—ଅନାୟାସରେ ।

ଏମନ୍ତ ଅସ୍ଫୁଟ ବାଣୀ ଶୁଣି ମୋଦେ ନନ୍ଦରାଣୀ
କର ଭରି ଦେଲେ ନବନୀତ ।
ମୁଖେ ନବନୀତ ଭରି ନାଚେ ନାନା ରଙ୍ଗେ ହରି
ଟଳି ଟଳି ଗାଏ ରଙ୍ଗେ ଗୀତ । ୪ ।

କଟିରେ ବାଜେ କିଙ୍କିଣୀ ଶ୍ରୀପଦେ ନୂପୁର ଧ୍ୱନି
କଣି କଣି ବାଜଲା ସଘନ ।
କଣିନେଲା ରାଣୀମନ ମନ୍ଥନ ଦଣ୍ଡ ଘୁରାଇଣ
କରତାଳି ଦିଏ ଘନ ଘନ । ୫ ।

ନାଚ ଦେଖି ନନ୍ଦରାଣୀ ବୋଲେ ଦେଖ ଲୋ ରୋହିଣୀ
ଆନନ୍ଦରେ ହେଲେ ଗଦ ଗଦ ।
ଦୀନ ଜଗବନ୍ଧୁ ବୋଲେ ମହା ପୁଣ୍ୟ କରିଥିଲେ
ମିଳେ ସିନା ଏ ଶିଶୁ ସମ୍ପଦ । ୬ ।

## ବାତ୍ସଲ୍ୟ

( ୨ )

ଆସ ମୋ ଜୀବନଧନ ଦରିଦ୍ର ନିଧିରତନ
ଆସ ମୋ କୋଳକୁ ପ୍ରାଣଧନ ।
ଆସ ଆସ କଳା ଶଶୀ ଆସ ମୋ କୋଳରେ ବସି
କର ଧନ କର କ୍ଷୀର ପାନ । ୧ ।

ପୂଜି କେତେ ଦେବଦେବୀ କେତେ କାଳ ସେବି ସେବି
ପାଇଛି ମୁଁ ରୁକ୍ମିଣୀ ରତନ
ନୟନ ମନ ପୁରାଇ ଆସ ମୁଁ ଧରେ ଦେଖାଇଁ
କେତେବେଳୁଁ ଧରି ନାହିଁ ଧନ । ୨ ।

ମରକତ ଜିଣି ତନୁ ଇନ୍ଦ୍ର ନୀଳମଣି କାନ୍ତି
ପରଦ୍ୱାସ ବନ୍ଧନ ସୁଷମା
ଅମିୟ ମିଶା ବଚନ ଦରୁଟିଆ କଥାମାନ
ନାହିଁ ତାର ଭୂତଳେ ଉପମା ।୩।

କରେ ଶୋଭଇ ଲବଣୀ ଖାଇବଏ ନୀଳମଣି
ମା'ଙ୍କ କୋଳେ ଗେଲେ ଦୋହଲଇ
ନଚ୍ଚଏ ବେନି ପୟର ବାଜଇବେଲେ ଘୁଙ୍ଗୁର
ସୁଧାସ୍ରୋତ ଯାଉଛି କି ବହି ।୪।

ପୟୋଧରେ ଯୋଖି ମୁଖ ଅପାର ମଣଇ ସୁଖ
କ୍ଷୀର ପିଉ ପିଉ ପଡ଼େ ଶୋଇ
ଅ.ହା ମରଇଁ ମୋ ଧନ କରଥିଲି କେତେ ପୁଣ୍ୟ
ମୋ ଉଦରେ ଜନମିଲୁ ତୁହି ।୫।

ଏକଇର ବଳା ମୋର ମା ମଙ୍ଗଳା ରକ୍ଷାକର
ତୁ ମୋ ଦୁଃଖପାଶୋରା ରତନ
ଗୋପାଳ ବାଳକ ମେଳେ ଖେଳଲୁ ତୁ ସଦାବେଳେ
ଧୂଳି ପଡ଼ି ଶ୍ରୀଅଙ୍ଗ ମଳିନ ।୬।

ଦୋଳି ପରେ ଦେଲେ ଥୋଇ ଦେଲେ ଦୋଳି ପହଁଞ୍ଚାଇ
ଆନନ୍ଦେ ଶୋଇଲେ ବନମାଳୀ
ଦୀନ ଜଗବନ୍ଧୁ ଭଣେ ଯଶୋଦା ଅତି ହରଷେ
ବୋଲେ ସେ ତ ମୋ ଦୁଃଖସଙ୍ଗାଳି ।୭।



ପୟୋଧର—ସ୍ତନ ।

# ଯୁଗଳ ବନ୍ଦନା

ଜୟ ରାଧାକୃଷ୍ଣ ଜୟ ଶ୍ରୀରାଧାରମଣ ହେ ।୧।
ଜୟ କିଶୋରୀ କିଶୋର ଜୟ ରାଧାଶ୍ୟାମ ହେ ।୨।
ଜୟ ରାଧା ଦାମୋଦର ଶ୍ରୀରାଧା ମୋହନ ହେ ।୩।
ଜୟ ଶ୍ରୀରାଧା ଗୋବିନ୍ଦ ଯୁଗଳ ଚରଣ ହେ ।୪।
ଜୟ ଶ୍ରୀରାଧାମାଧବ ଯୁଗଳ ମିଳନ ହେ ।୫।
ଜୟ ରାଧା ମନୋହାରୀ ରାଧା ପ୍ରାଣଧନ ହେ ।୬।
ଜୟ ରାଧା ପ୍ରେମଧନ ମୋ ହୃଦ-ଚନ୍ଦନ ହେ ।୭।
ଜୟ ରାଧା ଗୋପୀନାଥ ମଦନମୋହନ ହେ ।୮।
ଜୟ ବିନୋଦବିହାରୀ ଶ୍ରୀବଂଶୀ-ବଦନ ହେ ।୯।
ଜୟ ରାଧାକାନ୍ତ ଜୟ ରାଧା କଣ୍ଠରତ୍ନ ହେ ।୧୦।
ଜୟ ରାଧାନାଥ ଜୟ ଶ୍ରୀରାଧା ଜୀବନ ହେ ।୧୧।
ଜୟ ରାଧା କଣ୍ଠହାର ଶ୍ରୀନନ୍ଦ ନନ୍ଦନ ହେ ।୧୨।
ଜୟ ନିକୁଞ୍ଜବିହାରୀ ରାଧା ପ୍ରେମଧନ ହେ ।୧୩।
ଜୟ ରାଧାକୃଷ୍ଣ ଜୟ ମଙ୍ଗଳ ନିଦାନ ହେ ।୧୪।
ଦୀନ ଜଗବନ୍ଧୁ ମାଗେ ଚରଣେ ଶରଣ ହେ ।୧୫।



# ଚୈତନ୍ୟ ବନ୍ଦନା

ବଡଦାଣ୍ଡେ ମହାନନ୍ଦ ସିନ୍ଧୁ ଯାଏ ବହି ହେ । ଧ୍ରୁବ ।

ନନ୍ଦିଘୋଷ ରଥେ ବସି, ଆସେ ନୀଳାଚଳଶଶୀ
ବଚନ୍ଦ ସୁଷମା ଶିଖି ନେଇ । ୧ ।

ନଦୀୟା ଶଶୀ ଆଗରେ, ନାଚେ ଉଦଣ୍ଡ ଭାବରେ
ପ୍ରେମ ଅଶ୍ରୁଧାର ଯାଏ ବହି ।
ନାଚେ ପ୍ରେମେ ହୋଇ ଭୋଳ, ସଂକୀର୍ତ୍ତନ ଘୋରରୋଳ
ଅଙ୍ଗୁ ଶ୍ରମଝାଳ ଯାଏ ବହି । ୨ ।

ବାଜେ ଘୋର କରତାଳ, ଉଠେ ଶୁଭେ ହରିବୋଲ
ରାଧେ କୃଷ୍ଣ ଗଉର ନିତାଇ ।
ହରିବୋଲ ହୁଳହୁଳି, ଶବଦ ପଡ଼େ ଉଛୁଳି
ମହାସିନ୍ଧୁ ଶୁଣେ ସ୍ଥିର ହୋଇ । ୩ ।

ନିକଟ ବନ ପର୍ବତ ହୁଅଇ ପ୍ରତିଧ୍ୱନିତ
ହରିବୋଲ ହରିବୋଲ ଗାଇ ।
ତରଳି ଯାଏ ପାଷାଣ ଶୁଣି ନାମ ସଂକୀର୍ତ୍ତନ
ମହାପ୍ରେମସିନ୍ଧୁ ଉଛୁଳଇ । ୪ ।

କେବେ ନାଚେ ହସେ କାନ୍ଦେ କେବେ ଭୂଜେ ଭୁଜ ଛନ୍ଦେ
କେବେ ହୁଁ କାର ଶବଦେ ମାତି ।
କେବେ ବା ପ୍ରେମ ପୁଲକ, ରୋମାଞ୍ଚ ଶରୀରଯାକ
ହୁଏ କେବେ ଦେହ ଜ୍ଞାନହତ । ୫ ।

ବହିଗଲା କେତେ-କାଳ, ନ ଶୁଭେ କୀର୍ତ୍ତନ ରୋଳ
ଆସ ପ୍ରଭୁ ପ୍ରେମେ ଭୋଳ ହୋଇ ।
ବଢ଼ିଲାଣି ତମୋରାଶି, ଦେଲା ସଂସାର ଗରାସି
ପାପ ତାପ ଦୁଃଖ ବାରେ ଧୋଇ । ୬ ।

ଆସ ଗଉର ନତାଇ, ସାଙ୍ଗୋ ପାଙ୍ଗ ସଙ୍ଗେ ନେଇ
ଆସ ପ୍ରଭୁ ଅଗଢର ଗଢ ।
ଭକ୍ତେ ଦୀନ ଜଗବନ୍ଧୁ କୃପାକର ଦୀନବନ୍ଧୁ
ପ୍ରେମଭାବେ ଯାଉ ବନ୍ଧ ମାଢ । ୭ ।

●

**ବନାଇ ଦାସ**

## ପହଲୀ

( ରାଗ—ବଙ୍ଗଳାଶ୍ରୀ )

## ଗୋପୀମାନଙ୍କ ପ୍ରତି ଗୋପୀଭର୍ତ୍ତା

ଗୋପାଳମାନେ ଯେ ଆଗେ ଓଗାଳଣ କହନ୍ତି ଶୁଣସି ଗୋଇ
ନଗିରେ ନଶାକରମୁଖୀମାନେ ଗୋ ବାହାର ହେଲ କାହିଁ ? ୧ ।

କୁଳବତୀ ହୋଇ କୁଳକୁ ନ ଗୁହିଁ କାମରେ ହେଲ ଅବଶ
ବାମ ହେଲା କେଉଁ ବିଧାତା ତୁମ୍ଭକୁ କର ମରଣକୁ ଆଶ । ୨ ।

କେ ଅବା ମୋହନ-ମନ୍ତ୍ର ଧୂଳି ଦେଇ କଲା କି ତୁମ୍ଭଙ୍କୁ ବାଇ
ବାଇ ପ୍ରାୟେ ହୋଇ ଧାଉଁଛ କଂପାଇ କୁଳେ କଳଙ୍କ ଲଗାଇ । ୩ ।

କାମିନୀ ହୋଇ କାମରେ ଭୋଳ ହେଲ ଲଜ ନାହିଁ ତୁମ୍ଭ ମୁଖ
ଶୁଣିଲେ ରାଜନ ବନ୍ଧିନେବ ଧନ ପାଇବ ବହୁତ ଦୁଃଖ । ୪ ।

ଲଜ ନ ମାଡ଼ଇ ତୁମ୍ଭ ବଦନକୁ ଟିକିଏ କି ଗୋପାଳୁଣୀ
କାମେ ବାଇ ହୋଇ ଧାଉଁଛ ବନକୁ ଏ କି ବିପରୀତ ପୁଣି । ୫ ।

କହଇ **ବନାଇ ଦାସ** ଗୋପୀ କାହିଁ ମାନିବେ ଗୋପାଳ କଥା
କୃଷ୍ଣର ମୁରଲୀ ବାଇ କଲା ବୋଲି ପଢଙ୍କ ବାକ୍ୟ ଅନ୍ୟଥା । ୬ ।



**ଦଶପଲ୍ଲ ଯୁବରାଜ**

## ବାସକସଜ୍ଜା

### ସଖୀ ପ୍ରତି ଶ୍ରୀରାଧା

( ରାଗ—ମୁଖବାରୀ, ତାଳ—ପହପଠ )

ଆରେ ସହି ରେ, ଶ୍ୟାମ ନ ଆସି ରହିଲେ କାହିଁ ରେ,
ଯିବ ବୋଲି ତୋତେ ପେଷି ମୋହି ପାଶେ କା ସଙ୍ଗେ ରସିଲେ ଯାଇଁ ରେ । ପଦ ।

ରତନ ବିତାନେ ପୁର ମଣ୍ଡିଅଛୁ, ଅତର ସାଜିଛୁ ଦେହି ରେ
ଜାଇ ପାଖୁଡ଼ାରେ ଶେଯ ସଜାଇଛୁ ଚନ୍ଦ୍ର ଚୂର୍ଣ୍ଣ ସିଞ୍ଚି ତହିଁ ରେ । ୧ ।

ପକ୍ୱ ନାଗବଲ୍ଲୀ ଭାଙ୍ଗି ରଖିଅଛୁ ମୁକୁତା ଚୂନ ମିଶାଇ ରେ
କୁସୁମ ମାଳା ଗୁନ୍ଥି ଅଛୁ ଯତନେ ମୁଁ ତ ଅତି ରଙ୍ଗ ହୋଇ ରେ । ୨ ।

ଶୟନ ବିନା ବସିଛୁ ଅପଲକେ ତାଙ୍କ ଅୟନକୁ ଚାହିଁ ରେ
କେଉଁ ହେତୁରୁ ନଇଲେ ପ୍ରିୟ ଆଜ କେ ଅବା ରଖିଲା ମୋହି ରେ । ୩ ।

ମୋହି ମନୋରଥ ନୋହିଲା ତ ସାର୍ଥ ନଶି ଗଲା ଏବେ ପାହି ରେ
ନ ଆସିଲେ ଯାହା ଅତନୁ ଅନଳେ ପଲାଇଲେ ନଷ୍ଟେ ଦହି ରେ । ୪ ।

ଦଶପଲ୍ଲା ଯୁବରାଜ ଏହି ରସ ଅତି ହରଷରେ ଲହି ରେ
ବାସକସଜ୍ଜା ନାୟିକା ଏ ରୂପରେ ସଜନୀ ଆଗରେ କହି ରେ । ୫ ।



---

ବିତାନ—ଚନ୍ଦ୍ରାତପ, ଚାନ୍ଦୁଆ । ଅୟନ— ମାର୍ଗ । ଲହି - ଲେଖି ।

# ପ୍ରୋଷିତଭର୍ତ୍ତୃକା

( ରାଗ—ମୁଖାବରୀ, ତାଳ—ପଡ଼ିତାଳ )

ମୋ କାନ୍ତ ମୋହର ନଇଲେ ଦୂର, ଦୂର ଦେଶେ ଯାଇଁ ରହିଲେ । ପଦ ।

ଏହା ଲହିଥିଲୁ ଲଲାଟେ ବହି, କୁସୁମକାଳ ମୋତେ ଦେବ ଦହି
ପରଭୃତ ଡାକ ନୁହଇ ସହି, ନିଷ୍ଠୁର ହୃଦୟ ବହିଲେ ଗୋ ।୧।

ମାଧବୀ ମୁକୁଳେ ମଧୁପ ଘୋଷି, କହଇ ବିରହିଣୀ ଗଲୁ ଖସି
ତା ଶୁଣି କେ ବାସ ବଲ୍ଲଭ ନୋହିଲେ, ମୋ ଦଶା ନ ସରେ ପହିଲେ ।୨।

ନାଗେଶ୍ୱର କଳି ଗୁଳିର ପରି, ହୃଦୟରେ ବାଜି ଗଲା ବାହାରି
ପଦ ଚିହ୍ନ ନାହିଁ ଅଛନ୍ତି ଯାତନା, କେତେ ସହିବି ତା କହିଲେ ।୩।

ଆସିବିଷ ମୁଖୁ ଗଲା ମରୁତ, ମୋ ଅଂଗକୁ ଦହେ ବହ୍ନି ସମତ
ବିୟୋଗ ସମୟ ସ୍ମର-ବହ୍ନି ମିଶି ମୋ ପ୍ରାଣନାଶକ ହୋଇଲେ ।୪।

ପଡ଼ିଥିବା ସ୍ଥାନେ ମଧୁ ସମୟ କରି ନାହିଁ କି କୋରକ ଉଦୟ
ସୁମନେ ମଣୁଛି ମୋ ଜୀବ ନେବାକୁ ପ୍ରଥମୁ ଏ ଏଣେ ଅଇଲେ ।୫।

ବିରହବନ୍ତ ପ୍ରୋଷିତଭର୍ତ୍ତୃକା ଚିନ୍ତା କରି ସଢ଼ିଗଲା ନାୟିକା
ଆଲି ଶାନ୍ତ କଲେ ଦଶପଲ୍ଲୀ ଯୁବରାଜ, ଏ ଲକ୍ଷଣ ବୋଇଲେ ।୬।



କୁସୁମକାଳ—ବସନ୍ତ ସମୟ । ଆସିବିଷ—ସର୍ପ ।

କଳହାନ୍ତରିତା

## ସଖୀ ପ୍ରତି ଶ୍ରୀରାଧା

( ରାଗ—ବସନ୍ତ ମାରୁଆ, ତାଳ--ତ୍ରିପୁଟା )

ଶୁଣ ସଖି ରେ, ଆଜ ରଜନୀରେ ଶ୍ୟାମ ଅଇଲେ । ପଦ ।

ନ କହୁ କଛୁ ସମ୍ଭାଷ, ସେକ୍ଷଣି ମୁଁ କଲି ରୋଷ,
ଅନାଇ ସୁଖ ମୋର କି ହେଲି । ୧ ।

କେତେ ସପ୍ରେମ ବଚନ, କରଣ ବନ୍ଧୁ ରତନ,
ବଳିଆର ପାଦ ମୋର ଧଇଲେ । ୨ ।

ସେ ପ୍ରଣୟ କଲେ ଯେତେ, ନ ଘେନଲି ମୁଁ କଞ୍ଚିତେ,
ତିରସ୍କାର କଲି କେତେ ସହିଲେ । ୩ ।

ଯେତେ ପର କଲେ ସ୍ନେହ, ନ ଦ୍ରବିଲା ମୋ ହୃଦୟ,
ନେତ୍ରକୋଣେ ନ ଚାହିଁଲି ପହିଲେ । ୪ ।

ଜଗଣ ହୋଇ ନାଗର, କେଡ଼େ ଦୁଃଖେ ଗଲେ ପୁର,
ଏବେ ନେନେ ଦେଖିବାକୁ ନୋହିଲେ । ୫ ।

କୁଞ୍ଜବନପଥ ଭାସେ, କଣୋଷ୍ଠି ଅଶ୍ରୁ ବରସେ,
ସଜନୀ ପୁରତେ ଏତେ କହିଲେ । ୬ ।



# ଶ୍ରୀକୃଷ୍ଣଙ୍କ ବିରହ

( ରାଗ—ଚନ୍ଦ୍ରାବ୍ରହ୍ମ, ତାଳ—ତ୍ରିପୁଟା )

ଶ୍ୟାମ ଦଶା କର ଯାଇ ଲୋଚନ ରେ ଜୀବନ । ପଦ ।

ଆହା ସେ ଲଳିତ ଅଙ୍ଗ, ହୋଇଛି କେତେ ବିଭଙ୍ଗ,
କି ମଳିନ ଦିଶେ କାଞ୍ଚି ଲପନ ରେ । ୧ ।

ପଡ଼ି ଶତପତ୍ର ତଳେ, ତୋ ନାମ ନିରତେ ଜଳେ
ଅଙ୍ଗେ ଅଲଙ୍କାର ଏକା ତପନ ରେ । ୨ ।

ଚତୁର୍ଦ୍ଦିଗେ ଶ୍ୟାମ ରହେ, ନେତ୍ର ପଲକେ ସେ ଚାହେଁ,
ଅଧର ବିମ୍ବ ଭଜୁଛି କମ୍ପନ ରେ । ୩ ।

ଫୁଲଶର ଶର ବାଜି, ସୁଷମା ଗଲାଣି ଭାଜି,
ଅଶନ ପାନ ହୋଇଚି ସ୍ୱପନ ରେ । ୪ ।

କହେ କୁଞ୍ଜବନେଶ୍ୱର, ସଖି ବିଳମ୍ବ ନ କର,
ପ୍ରିୟକୁ ସେ ଦୁଃଖୁ କର ମୋଚନ ରେ । ୫ ।



ଶତପତ୍ର ତଳ—ପଦ୍ମପତ୍ରର ଶଯ୍ୟା ।

ଦାମୋଦର ଦ୍ୱିଜ

## ବିରହୋତ୍କଣ୍ଠିତା ଶ୍ରୀରାଧା

( ରାଗ—ସାରଙ୍ଗ, ତାଳ—ଖେମଟା )

ଗତ କରି ସ୍ନେହ ହରି ଗଲେ କାହ୍ନା ପୁରକୁ
ଗରଳ କଣ୍ଠ ଅରି ଦହୁଛି ମୋ ହୃଦକୁ । ଘୋଷା ।

ଗଲେ କହି ନାନା ଭାଷ, ଗୋଳାଇ ମୋ ହୃଦଦେଶ
ଗହନ କାନନେ ନେଇ ଘୋଷାଇ କୁଯଶକୁ । ୧ ।
ଗୁରୁଜନର ଗଞ୍ଜଣା ଗରବ କରିଲି ଚୂନା
ଗିରଟେକା କଲେ ଯାହା କହିବି ମୁଁ କାହାକୁ । ୨ ।
ଗୋଞ୍ଛାଇ ବହୁ ସୁମନ, ଗଢ଼ିଲି କୁଞ୍ଜ ଭୁବନ
ଗଜଦନ୍ତେ ପଲଙ୍କେ ମୁଁ ବିଛାଇଣ ଚନ୍ଦ୍ରକୁ । ୩ ।
ଗମନ କରିବେ ବୋଲି ଗବାକ୍ଷେ ମୁଁ ଥିଲି ଭାଳି
ଗତ ହେଲା ନିଶା ଦାମ ଭାଳି ସେ ଚରଣକୁ । ୪ ।

●

## ବିପ୍ରଲବ୍ଧା

( ରାଗ—ତୋଡ଼ି, ତାଳ—ଏକତାଳୀ )

### ଶ୍ରୀକୃଷ୍ଣଙ୍କ ପ୍ରତି ସଖୀ

ଘନ ବରନ ଏ କିସ ରୀତି ହେ
କୃଷ୍ଣଚନ୍ଦ୍ର ଘୋଟୁଛି କିଶୋରୀ ତବ ପ୍ରୀତି ହେ । ଘୋଷା ।

ଘଡ଼ିକି ଘଡ଼ି ଯେ କଣ୍ଠ, ସ୍ୱର ବିଭଙ୍ଗ ହକ୍କଟ
ତବ ଦରଶନେ ଇଚ୍ଛି ମତି ହେ । ୧ ।
ଘନସାର ସୁଚନ୍ଦନ, ମଣୁଛି ବିଷ ସମାନ
ବାସେ ବିଳସଇ ଭାବେ ମତି ହେ । ୨ ।
ଘାରଇ ନୟନ ଦୁଇ, ନିଶି ଉଜାଗର ହୋଇ
ତୁମ୍ଭ ନାମେ ଡେରୁଥାଇ ଶ୍ରୁତି ହେ । ୩ ।

---

ଗରଳ କଣ୍ଠ ଅରି—ଶିବଙ୍କ ଶତ୍ରୁ = କନ୍ଦର୍ପ । ଚନ୍ଦ୍ର—କର୍ପୂର ।

ଘାଣ୍ଟୁଛୁ ପୁଷ୍ପସାୟକ, ବନେ ଯେସନେ ପାବକ
ମନ୍ଦ ମରୁତ ଦହୁଛୁ ଗୁଢ ହେ । ୪ ।
ଯେନାଇ କହୁଲେ ଯେତେ, ନ ବୁଝଇ କଦାଚତେ
ଦାମ ବୋଲେ ଚଳ ତାଙ୍କ କଢ ହେ । ୫ ।

●

## ରାୟ ଦାମୋଦର ଦାସ (ଦାମୋଦର ଚଂପତିରାୟ)

### ବିରହିଣୀ ଶ୍ରୀରାଧା

(୧)

( ତାଳ—ଆଦ )

ଘନ ଘନ ଗର୍ଜନ ଅମ୍ବର ଘୋର
ଚଉଦିଗେ ଚମକଇ ବିଜୁରି ଜୋର ।
ଅହର୍ନିଶି ଝାମ୍ପଇ ମତ୍ତ ମୟୋର
ଧ୍ୱନି ଶୁଣି ହୃଦୟ କମ୍ପଇ ମୋର ।
ଅବନ୍ଧୁ ବସର ଗଏ ନାଗର ଭୋର

(୨)

( ତାଳ—ଆଡ଼ୁକୁ )

ଶୁଣ ସଖି ଚରଣ ଧରଉଣି ତୋର
କରଉଣି ମିଳବେ ନନ୍ଦକିଶୋର ।
ସେ ମୁଖ ଶଶୀସୁଧା ତୋ ନେତ୍ର ଚକୋର
ପାନ କରିବୁ ସଖି କର ବନ୍ଧ କୋର ।
ଦାମୋ.ର ଦାସ କହେ ଦୁଃଖ ନାହିଁ ଓର
ଅବଧି ମିଳବେ ସଖି ନନ୍ଦକିଶୋର ।

●

---

ପୁଷ୍ପସାୟକ—କନ୍ଦର୍ପ । ବିଜୁରି—ବିଜୁଳି । ମୟୋର—ମୟୂର । ଧ୍ୱନି—ଧ୍ୱନି ।
ବସର—ବସୁର । ଭୋର—ଭୋଳ । କୋର—କୋଳ ।

# ବିରହିଣୀ ଶ୍ରୀରାଧା

( ତାଳ—ତିଅଡ଼ା )

ଦିବସ ତାପଇ ତପନ ଖରତର
ରଜନୀ ତାପଇ ଉଥଇଆ ।

ଚନ୍ଦନ ରଜ ଚୃତ ମନ୍ଦର
କିଛୁ ନାହିଁ ସଖି ସୁଖଇଆ ।

ପରମ କାରଣ ପରମ ଦାରୁଣ
ମନେ ମନମଥ ରହିଛଆ ।

ପନ୍ଥ ହେର ହେର ବିକଳ ଲୋଚନ
କମଳଲୋଚନ ନମିଳେଆ ।

ଶୟନ କାରଣ ସ୍ୱପନେ ରଞ୍ଜିଲେକ
ବନ୍ଧୁ ପେଖି ମୁରଶରେ ।

ରାଏ ଦାମୋଦର ଦାସ ଭଣି ତୁ
ମୂରୁଛି ତା ପରନାଶରେ ।



ଦିବ୍ୟସିଂହଦେବ

## ଶ୍ରୀରାଧାଙ୍କ ନବାନୁରାଗ

ପ୍ରାଣସଜନୀ, ପବନ ହେଲ ନୟନ ମୋହର ରେ
ଦେଖି ଶ୍ୟାମତନୁ ପୀଡ଼ିଲା ଅତନୁ
ତୋ ବିନୁ କେ ମୋ ପ୍ରତିକାରରେ । ୦ ।

ବଳଭୃକପାଳିତ     ନୀଳମଣି ଜୀମୂତ—
କାନ୍ତି ବିଧୂନିତ     ତମାଲ ଧାମ ନିନ୍ଦ
ରତି ଜିତ ପ୍ରସନ୍ନ     ଖଞ୍ଜିଛି ମଧୁ ବ୍ରତ
ବିକଚ ଇନ୍ଦୀବର ଜିଣି ଆକାରରେ । ୧ ।

ଶ୍ରବଣରେ କୁଣ୍ଡଳ     ଚନ୍ଦ୍ରାକାର ନିର୍ମଳ
ଝଳ ଦିଶଇ ତହିଁ     କଣ୍ଠ ରତନ ହାର
ନାସେ ଗଜ ମୁକୁତା     ଅତିଶୟ ଚଞ୍ଚଳ
ଶିଖି ପୁଚ୍ଛ ଚୂଡ଼ାରେ କେଡ଼େ ନିର୍ମଳ ରେ । ୨ ।

ସ୍ୱୟମ୍ଭୂ କାମଦେବ     ଲୋକଜିତ ବାସବ
ହୃଦ୍ୟ ବଦନ     ପତି ଜିତ ଗନ୍ଧର୍ବ
ପୂର୍ଣ୍ଣ ଜନର ଈଶ୍ୱର     ବାହୁଳାସ୍ତୁ ହେରମ୍ବ
ଅନଙ୍ଗ ଧାର ପରସ୍ପର ରେ ସଜନୀ । ୩ ।

ମୋ ଚିତ୍ତ ତାମରସ     ଭେଟାଅ ହେ ଦିନେଶ
ନୋହିଲେ ଦାସ ନାଶ     ସଜନୀ ହେବ ଦୋଷ
କର୍ମ ବାମେ ଘନାଦ     ବଂଶରେ ଅପଯଶ
ଶ୍ରୀ ଦିବ୍ୟସିଂହ ଦେବ ରଚେରେ ସଜନୀ । ୪ ।



ବଳଭୃକପାଳିତ—କୋକିଳ ।

## ଦୀନକୃଷ୍ଣ ଦାସ

# ଶ୍ରୀରାଧା ପ୍ରଶସ୍ତି

( ରାଗ—ବଙ୍ଗଳାଶ୍ରୀ, ତାଳ—ଏକତାଳି )

ଶ୍ରୀମତୀ ଅରୁଣ ଚରଣ ଅନୁସରଣ
ଛନ୍ନ ତେଜ ମନକୁ ମଜ୍ଜା ରେ । ଘୋଷା ।

ଛଦାର ଧ୍ୱଜବଲ୍ଲୀ ପୁଷ୍ପ ଯହିଁ,
ବଳୟ ରଥାଙ୍କୁଶ ଯେ ପାଦେ ଶୋହି ।
ସେ ପାଦତଳେ ରହି, ପାତଳମତି ହୁଅ,
ପାତକ ଥିଲେ ତୁ ହଜାରେ । ୧ ।

ଯେ ପଦରଜ ,ବ୍ରଜମଣ୍ଡଳେ ମଣ୍ଡନ,
ଅଭୟ କରେ ଭୟ ବାର ବିଖଣ୍ଡନ ।
ଚଣ୍ଡକରସୁତ ଉଦଣ୍ଡେ ଦଣ୍ଡୁଛି,
ଜୟ ଡିଣ୍ଡିମ ବାଜାରେ । ୨ ।

ଶ୍ରୀ ରାସେଶ୍ୱରୀ ରସମୟ ସାଗରୀ,
ଚିତ୍ତ ଉନ୍ମାଦକ ମାଦକ ଆତୁରୀ ।
ସେ ସେବାରେ ରଖ ନିଶି ଦିବସ
ରେ ମନ ବୃନ୍ଦା ବିପିନକୁ ଯାରେ । ୩ ।

ମାୟା ନଟକୂଟ କପଟ ପଟଳ ଦେଖି
ଜାୟା ସୁତ ବିତ୍ତେ ବାୟା ହେଉ ।
ଏଥେ ନ ରହ ତୁ ବ୍ରଜପୁର ଯାରେ । ୪ ।

ଦୀନକୃଷ୍ଣ ଦାସ ଗଙ୍ଗାଙ୍କ ରଚିତ,
କେତେ ପଦରେ ଶ୍ରୀଗୁରୁ ପଦ ଆଶ୍ରିତ ।
ସାଧ ବୁଦ୍ଧି ସିଦ୍ଧି ତନୁ ନିରତ ଶିରୀଚରଣେ ମଜା ରେ । ୫ ।

---

ଚଣ୍ଡକରସୁତ— ସୂର୍ଯ୍ୟଙ୍କ ପୁତ୍ର = ଯମ ।

# ରୂପାନୁରାଗ

( ରାଗ—ଧନାଶ୍ରୀ, ତାଳ—ଆଠତାଳି )

ସଖୀ, ଗୃହ୍ନାଁ ଏ ପର
ବ୍ରଜ ଯୁବତୀମାନଙ୍କ ଏ ଚଉଦ୍ଦେର । ଘୋଷା ।

ମୁରଲୀ କରେ ଧରି    ମାରେ ନେତ୍ର କଟାରି
ପଡ଼ି ବରଣ ହରି    ଲଜଅଇ ଦୂର କରି
ତା ପାଲରୁ ଉବୁରି    ଅଛୁ କେ ବ୍ରଜନାରୀ···ନ ପଡ଼ି ଧରା । ୧ ।
କଟି ତଟେ କିଙ୍କିଣୀ    ବାଜଇ କିଣି କିଣି
ଶୁଣି କେଉଁ ରମଣୀ    କଣି ନୋହିବ ପୁଣି
ଆହାସେ ଭଙ୍ଗୀ ଠାଣି    ବାଙ୍କ ବାଙ୍କ ଚାହାଣି···ନେତ୍ରପସରା । ୨ ।
ତ୍ରିଭଙ୍ଗୀ ଛନ୍ଦେ ଉଭା    ହୋଇ ଦିଶନ୍ତି ଲୋଭା
ଅଧର ଜିଣି ଜବା    ଜାତି କୁସୁମ ଗଭା
ପୀତ ବସନ ଶୋଭା    ନୀଳମଣି ପ୍ରତିଭା···କି ଦିଶେ ଚୋରା । ୩ ।
ଜାଳିଣ ମୁଁ ଜାଗର    ପୂଜିଣ ଶିବାହର
ପାଇବି ସେ ନାଗର    ତାଠାରୁ ସୁଆଦର
ଦୀନକୃଷ୍ଣର ଗୀର    ଭାଷନ୍ତି ବାରମ୍ବାର···ମୋ କଣ୍ଠହାରା । ୪ ।

●

# ଆକ୍ଷେପାନୁରାଗ

## ସଖୀ ପ୍ରତି ଶ୍ରୀରାଧା

( ରାଗ—କେଦାର, ତାଳ—ଝୁଲା )

ଶ୍ୟାମ ପ୍ରୀତିରେ ସଖୀ ମୁଁ ସରିଗଲି
ଲୋକଜନାରେ ଏବେ ପରାଣେ ମଲି । ଘୋଷା ।

କାଳ ହୋଇଲା ନିରତେ ତା' ମୁରଲୀ
ଲାଜେ ଦାଣ୍ଡରେ ପାଦେ ନ ପାରେ ଚାଲି । ୧ ।

ଜାଣି ଜାଣି ଏ ଅଙ୍ଗାରିଁ ଅରଜିଲି
ଖିନା ଖିନା ଅନାଶ୍ରିତା ପରି ହେଲି । ୨ ।

ଭଲି ସରାଗ ସେ ନନ୍ଦସୁତେ କଲି
ବାଜେ ନାଗରା ମୋ ନାମେ ବ୍ରଜପଲ୍ଲୀ । ୩ ।

ପ୍ରେମ ଜହର ଯାହା ମୁଁ ଢୋକଦେଲି
ଘନକୃଷ୍ଣ ଭଣେ ହୃଦ ହୁଏ ଘାଲି । ୪ ।

## ଭାବୋଚ୍ଛ୍ୱାସ

( ରାଗ—ତୋଡ଼ି ପରଜ, ତାଳ—ଆଠତାଳି )

ରେ ସଙ୍ଗାତ, ଅନୁଭବ ଥିଲେ କହ
ତନୁ ଶ୍ୟାମଲ ଗୁଣ ଯେବେ ନ ଜାଣୁ
ତେବେ ତୁନି ହୋଇ ରହ ।

ଧେନୁ ପଛେ ବନୁ ନାଚ ଆସିବାର ଝୁଲାଇ ଚୂଳ ବରହ ।
ଦେଖିଛୁ ଯା ଆଖି ପାରେ ସେ କି ମୂର୍ଚ୍ଛି—
ଝୁରି ନୋହି ଅହରହ ରେ । ୧ ।

କେ ନୂତନା ବରବରନା ସେ ବର ନାଗରେ କି କରେ ସ୍ନେହ ।
ଏମନ୍ତରେ ଜଣେ ଅଛୁ କି ଗୋପରେ
ନ ବକାଇ ମନ ଦେହରେ । ୨ ।

କନ୍ଦର୍ପ ସୁନ୍ଦର ମୋହନ ବିଲୋକି, ନ ଭଜିଅଛୁ କେ ମୋହ ।
ସ୍ମରୁ ମୃଗମଦ ଚନ୍ଦନ ଆମୋଦ
ଯେ ଶ୍ରୀ ଅଙ୍ଗେ ମହମହରେ । ୩ ।

ତା ଅସଙ୍ଗଢରେ ବିରହ ତାଢରେ ମୋର ହୁଅ ଡହ ଡହ ।
ଗେଲ ପରିହାସେ ଛଳ କଥା ରସେ
ନ ପୁଣି ଆଉ ନ ଦହ ରେ । ୪ ।

ଦୀନକୃଷ୍ଣ ଭଣି ଅଗେ ଜେମାମଣି
ମନେ ଥିଲା ଯା ସନ୍ଦେହ ।
ସବୁ ଗଲା ମେଣ୍ଟି ଅଇଲେଣି ହେଟି
ତବ ଚନ୍ଦ୍ରା-ବାରବାହ । ୫ ।

## ପ୍ରୀତି ପ୍ରଭାବ

### ସଖୀ ପ୍ରତି ଶ୍ରୀରାଧା

( ରାଗ—ତୋଡ଼ି ପରଜ । ତାଳ—ଆଠତାଳୀ )

( ରେ ସଙ୍ଗାତ ! ) କେ ବୋଲେ ପୀରତି ଭଲ
ଶଠ ଶ୍ୟାମ ତୁଲେ, ପୀରତି ଆଚରି, କଥା କେତେ ସରି ଗଲା

ହସି ହସି ଦୂତି, କଲି ଯା ପୀରତି, କାନ୍ଦିବାର ହେଲା ସାର
ସୁଖୀ ହେବ ବୋଲି ମନେ ପାଞ୍ଚିଥିଲି ଫିଟିବାକୁ ଦୁଃଖ-ଦ୍ୱାର । ୧ ।

ପୀରତି-ପାବକେ ଜଳିପୋଡ଼ି ମଲି ସୁଖରୁ ବଳିଲା ଦୁଃଖ
ତତାଏ ମତାଏ ନ ରହେ ସନ୍ତାପ, ଯଥା ଶାଲ ଖଡ଼ି ରୁଖ । ୨ ।

ପୀରତି ବୋଲି ଗୋ ଏ ତିନି ଅକ୍ଷର କେ ଆଣିଥିଲା ଏ ଦେଶେ
ପ୍ରଥମେ ଅପୂର୍ବ ଆନନ୍ଦ ଲଗାଇ ପରାଣ ନାଶଇ ଶେଷେ । ୩ ।

ପୀରତି ବଚ୍ଛେଦ ବଡ଼ ପରମାଦ ଏହା ମୁଁ ନ ଥିଲି ଜାଣି
ବୋଲେ ଦୀନକୃଷ୍ଣ କୃଷ୍ଣର ପୀରତି ପାଷାଣ କରଇ ପାଣି । ୪ ।



ବାରବାହ—ମେଘ । ପାବକ—ଅଗ୍ନି ।

## ପଥାବରୋଧ

### ଶ୍ରୀକୃଷ୍ଣଙ୍କ ପ୍ରତି ଶ୍ରୀରାଧା

ରାଗ—ଭୈରବୀ । ତାଳ—ପହପଟ)

ହଟ ନାଗର ହେ ଶଠ ଲମ୍ପଟ
ଅଟ ଏଡ଼େ ଖଣ୍ଡ ଜାଣ କେତେ କପଟ । ଘୋଷା ।

ନାଟ ଲଗା ବାଟ ଜଗା ଧୃଷ୍ଟ ଜପଟ
ଘାଟର କଉଡ଼ି ମାଗ ଯା, ପୀତପଟ । ୧ ।

ପାଟକ କୁଳରେ ପରା ଅଛ ଆକଟ
ରାଟସୁତ (ହୋଇ) କରଅନା ନନ୍ଦୀ ପ୍ରକଟ । ୨ ।

ନଗ୍ରଟରେ ନାହାନ୍ତି ମୋ ସଖୀଥାଟ
ତାଟକା ନ କର ଏଥି ଏ କି ମୂରାଟ । ୩ ।

ପାଟ କୁମର ନନ୍ଦର ଆଉ ନ ଜଟ
ଘଟ ଗୁଡ଼ ଦୀନକୃଷ୍ଣ ବୋଲେ ହେ ଖାଟ । ୪ ।

●

## ଘାଟ ସଧା

### ଶ୍ରୀକୃଷ୍ଣଙ୍କ ପ୍ରତି ଶ୍ରୀରାଧା

( ରାଗ—କେଦାର । ତାଳ—ଝୁଲ )

ଛାଡ଼ ମୋତେ ବାଟ ନଟ ନାଗର ଲମ୍ପଟ ହେ । ଘୋଷା ।

ଯିବି ଯମୁନା ପାଣିକି, ନ ଧର ମୋର ପାଣିକି,
କହୁଛୁ ମୃଦୁ ବାଣୀକି, ଯେନ ନନ୍ଦସୁତ ହେ । ୧ ।

ଏ ଗୋପପୁରରେ ନାରୀ, ଅଛୁ କେ ଜଣେ ମୋ ପରି
ଯେଣେ ଗଲେ ଅପବାଦ ହୁଅଇ ପ୍ରକଟ ହେ । ୨ ।

---

ରାଟସୁତ—ରାଜପୁତ୍ର । ପାଣି—ଜଳ, ହସ୍ତ ।

ଭାଳି ନ ପାରଇ ଧନ, ହୋଇଣ ମୁଁ ଅତି ହୀନ
ନଣନ୍ଦ ଭର୍ତ୍ସନା ସହି ବୁଲୁଥାଇ ବାଟ ହେ । ୩ ।

ଭାବ ଦୀନକୃଷ୍ଣ କହୁ, ତୁମ୍ଭରେ ଗୋ ନୁହେ ସ୍ନେହୀ
ଏ କଳଙ୍କବାଦ ଲେଖା ଥିଲା ମୋ ଲଲାଟ ହେ । ୪ ।

●

## ବଂଶୀ ବିଭବ

### ସଖ୍ୟୁକ୍ତି

( ରାଗ ମୋହନା । ତାଳ—ଖେମଟା )

ବାଜେ ମୋହନ ବାଂଶରୀ ଗୋ, ରାଧେ ପ୍ୟାରୀ—
ଶ୍ରୀରାଧେ ରାଧେ ବାଜେ । ଘୋଷା ।

ରଖିବ କି ପତିବ୍ରତ, ବ୍ରତ ଛଡ଼ା ସେ ନସ୍ୟୁତ
ଜାତ ହୋଇଅଛୁ ବ୍ରଜେ ନାମ ବଂଶୀଧାରୀ ଗୋ । ୧ ।

ସାରଦେବ ସେ ଆଦର, ଦରନାରୀମାନଙ୍କର
କରଗତ କର ଏବେ ସେ କୁଞ୍ଜବିହାରୀ ଗୋ । ୨ ।

ବଂଶୀନାଦ ଶୁଣି ଦମ୍ଭ, ଧରିବା କଲେ ଆରମ୍ଭ
ଦମ୍ଭ-ତରୁ ଛେଦିବାକୁ ସେ ନାଦ କଟାରୀ ଗୋ । ୩ ।

ସେ ମୋହନ ପଦଯୁଗ, ଭେଟିବାକୁ ପୂର୍ବ ଭାଗ୍ୟ
ଥିଲେ କହେ ଦୀନକୃଷ୍ଣ ଶ୍ରୀପଦ ସୁମରି ଗୋ । ୪ ।

# ସଖ୍ୟୁକ୍ତି

## ଶ୍ରୀକୃଷ୍ଣ ବିରହ

( ରାଗ—ତୋଡ଼ି ପରଜ । ତାଳ—ଆଡ଼ତାଳୀ )

ରାଧିକେ ! ଅକଳଙ୍କ ଚନ୍ଦ୍ରମୁହିଁ,
ତୋ ବିରହେ ହରି, ହେଲେଣି ଯେପରି
କି କହିବି ତାହା ମୁହିଁ ଗୋ । ଘୋଷା ।

ସଦା ରାଧା ରାଧା, ରଟି ଅତି ବାଧା, ପାଇଲେଣି ନନ୍ଦବତ୍ସ
କୃଷ୍ଣପକ୍ଷ କଳାକର କଳା ପରି, ଶରୀର କୃଶ ଭଜୁଛି ଗୋ । ୧ ।
ମଦନମୋହନ ବଦନବର୍ଦ୍ଧନ—ହୁଅଇ ବେଳକୁ ବେଳ
କାରି ସମାନରେ ସଦନକୁ ମଣେ ଅହର୍ନିଶ ସେ କେବଳ ଗୋ । ୨ ।
କେଳି କଉତୁକ ରସକଥାମାନ ପାସୋରି ଦେଲେଣି ପରି
ଦାରୁଣ ମଦନାନଳେ ଦଗ୍‌ଧିତ ହୁଅଇ ଦୁଃଖପାଶୋରି ଗୋ । ୩ ।
ତା' ଦୁଃସହ ଦୁଃଖ ଦେଖିଲେ ନୟନେ ଧଇର୍ଯ୍ୟ ଧରିବ କେବା ।
ଜଳ ଜଳପ ଉପରେ ଗଡ଼ୁଅଛି ନବ ନାଗର ମାଧବା ଗୋ । ୪ ।
ଭ୍ରାନ୍ତଚିତ୍ତ ହୋଇ ଊର୍ଦ୍ଧ୍ୱକୁ ଅନାଇଁ ଥରୁଛନ୍ତି କଞ୍ଜନେତ୍ର
ପିକ କୁହୁବାଣୀ ଶ୍ରୁତିପୁଟେ ଶୁଣି ଚମକି ପଡ଼ନ୍ତି ସେ ତ ଗୋ । ୫ ।
କାତରେ ବିଳପି ତୋହର ନାମ ଜପି ଅସ୍ଥିର ହୁଅନ୍ତି ହରି
କୁଣ୍ଡଳୀ ପରାୟେ ପ୍ରଖର ନିଃଶ୍ୱାସ ତେଜନ୍ତି ମୁରଲୀଧାରୀ ଗୋ । ୬ ।
ଆହା ଯାହା ନାହିଁ ପ୍ରତି ନୋହୁ ସାହା ତାହାର ହେବଟି ହାନି
ରହ ଦଣ୍ଡେ ନାହିଁ ତାହାକୁ ତୋ ବିନୁ ଦାହା କନକବରଣୀ ଗୋ । ୭ ।
ଦୂତୀଗୀର ଶୁଣି ଶ୍ରୀ କିଶୋରୀମଣି ମୁଞ୍ଚିଲେ ଦୁର୍ଜ୍ଜୟ ମାନ
କାନ୍ତ ଭେଟକୁ ସଞ୍ଚାରଣୀ ହୋଇଲେ ଦୀନକୃଷ୍ଣ ବିରଚନ ଗୋ । ୮ ।



# ସଖ୍ୟୁକ୍ତି

( ରାଗ—କୁସୁମ କେଦାର । ତାଳ—ଝୁଲା )

ରାଧେ ! ହୋଇଥା ବେଶ
କେଶବ ଦେଇଛନ୍ତି ଶୁଭ ସନ୍ଦେଶ । ଘୋଷା ।

ସଞ୍ଜୁର କଣ୍ଠନେଣେ ରଞ୍ଜିଥା କଳା
ଅଞ୍ଜନ କାନ୍ତଙ୍କର ବାଞ୍ଛା ସଫଳା । ୧ ।

କୁଞ୍ଚିତ-ଘନକେଶ ସାଜିଥା ଜୁଡ଼ା
ସେ ଚଉଲୁଟିଆଙ୍କ ବିବେକବୁଡ଼ା । ୨ ।

ଘେନିଥା ପଦ୍ମାବଳୀ ରୁଚକ କୁଚେ
ସେ ନୀପତଳିଆଙ୍କ ଭୋଗକୁ ସ୍ୱଚ୍ଛେ । ୩ ।

ମାଖିଥା ତନୁଃସମ କୁନ୍ଦନ ଅଙ୍ଗେ
ସୁଖୀ ହୋଇବେ ହରି କେଳି ତରଙ୍ଗେ । ୪ ।

କାଚୁ ପିନ୍ଧିଥା କୁଞ୍ଚି ସୁଝିନ ବାସ
ବାଛୁ ରଙ୍ଗ କାଞ୍ଚଲୀ ଉରେ ପ୍ରକାଶ । ୫ ।

ଝୁନା ଗୁନ୍ଦର ପାଟ ଓଢ଼ଣୀ ସାଜ
ସୁନା ଦର୍ପଣ ଗଣ୍ଡ ରଖିଥା ମାଜି । ୬ ।

ସିନ୍ଦୂର ମୃଗମଦେ ତିଳକ ଘେନ
ବିନ୍ଦୁ ଚନ୍ଦନପାନ୍ତି ମକରୀ ଚିହ୍ନ । ୭ ।

ଭଣଇ ଦୀନକୃଷ୍ଣ ଦାସ ଏ ରସେ
ରାସ ରସିକ ତୋଷ ହେବା ଲାଳସେ । ୮ ।



# ଶ୍ରୀକୃଷ୍ଣଙ୍କ ବିରହ

( ରାଗ—ତୋଡ଼ି । ତାଳ—ଏକତାଳି )

ଏ କାଳେ ମୋ ବନ୍ଧୁ ରହିଲା ରେ
ସମସ୍ତ ଜାଣି ମଦନ ଦହିଲା ରେ
ତା ବିନୁ ନିମିଷ ଲେଶ, ମଣଇ କୋଟି ବରଷ
ଏବେ ଏ ଅନ୍ତର ଦେହ ସହିଲା ରେ ।୧।
କୋକିଳ କଳ ଡିଣ୍ଡିମ ବାଜିଲା ରେ
ନିଷ୍ଟସ୍ତୁ କାମ ରାଜନ ସାଜିଲା ରେ
ବିରହୀ ମାରଣେ କ୍ଷାନ୍ତ, କେତକୀ ଧରି ବସନ୍ତ
ପରବାସୀ ଜନଙ୍କୁ ତରଜିଲା ରେ ।୨।
ମାଧବୀ ମଲ୍ଲୀ ନିଆଳୀ ଫୁଟିଲା ରେ
ମାନିନୀ ଯୁବତୀମାନ ତୁଟିଲା ରେ
କିଂଶୁକ କଳିକା ତତି, କି ଏ କାମ ନଖପନ୍ତି
ନିରେଖି ବିରହୀ ହୃଦ ଫାଟିଲା ରେ ।୩।
ମନ୍ଦ ବସନ୍ତ ସମୀର ବହିଲା ରେ
ରସାଳ-ମୁକୁଳଚୂଳ ହୋଇଲା ରେ
ଦେଖି ଏ କାଳ ଚତୁରୀ, ଜୀବନ କି ଥିବ ଧରି
ଆହା ଏତେ ଦୁଃଖ ବିହି ବିହିଲା ରେ ।୪।
ଆହା କେଡ଼େ ମନ୍ଦ ବୁଦ୍ଧି କଲି ତ ରେ,
ବନ୍ଧୁକୁ ମୋ ଯାହା ଗ୍ରୁଡ଼ି ଅଇଲି ରେ
ଗୁଣି ଗୁଣି ମୋର ଭାବ, ଆଉ କି ଜୀବ ଥିବ,
ଆହା ପ୍ରାଣବନ୍ଧୁ ମିଳ ମିଳି ତ ରେ ।୫।
ଆହା ରେ ଜୀବନ କୁନ୍ଦରଦନା ରେ
ଶରଦ ସମ୍ପୂର୍ଣ୍ଣ ଚନ୍ଦ୍ରବଦନା ରେ
ଶିରୀଷ କୋମଳ ଅଙ୍ଗୀ, ଆହା ରେ ଜୀବନସଙ୍ଗୀ,
ଏବେ କେହ୍ନେ ସହିବୁ ଏ ବେଦନା ରେ ।୬।

ମୋ ବିନୁ ନିମିଷ କୋଟି ବରଷ ରେ,
ମଣି ତେଜଥିବୁ ସବୁ ହରଷ ରେ
ଦୀନବନ୍ଧୁ ରାଜ ଭଣି, ଏସନେ ରମଣୀମଣି
ଶୁଣି ଶ୍ରୀହରି ହୋଇଲେ ନୀରସରେ । ୭ ।

●

## ହୋରି

( ରାଗ—ମୋହନ କେଦାର )

ମଧୁ ଋତୁ ସଙ୍ଗରେ ବିଜେ ରାଜ ରାଜ ଅନଙ୍ଗ
ମଲ୍ଲୀ-କୋରକ ଶଙ୍ଖ ଧରି କରେ ନାଦ ମାଳିକ ଭୃଙ୍ଗ । ୦ ।

ମନ୍ଦ ପବନ ଗୁରୁରେ ପ୍ରେରିତ
କୁସୁମ ଭୂଷଣ ଗଣେ ସୁଭୂଷିତ
ବଲ୍ଲୀ କାମିନୀ ନାଚେ ଅବିରତ
ହୋଇ ହରଷିତ ଅଙ୍ଗ । ୧ ।

ମତ୍ତ କୋକିଳ ଧ୍ୱନି ଡିଣ୍ଡିମ
ପକ୍ଷୀକୁଳ ରବବାଦ୍ୟ ମନୋରମ
ନାଗ କେଶର ପଲ୍ଲବ ଧ୍ୱଜ
ବୃନ୍ଦ ଶୋଭଇ ତୁଙ୍ଗ । ୨ ।

ଗୁରୁ କେତକୀ କୁନ୍ତ ମଧୁକର-
ପନ୍ତ ମଞ୍ଜୁଳ କାନ୍ତ ଅସିବର
କୁସୁମେ ମଣ୍ଡିତ ଅଶୋକ ତରୁକୁଳ
ଗୁରୁ ଚଉ ସତାଙ୍ଗ । ୩ ।

ମାଧବୀ ସୁନଆଳି ସେବତୀ
କୁନ୍ଦ ଚମ୍ପକ ସୈନ୍ୟ ବଳସଥ
କଏ ତରୁ ତମାଳ ତରୁବର
ବୀର ମତ୍ତ ମାତଙ୍ଗ । ୪ ।

କହଇ ଦୀନବନ୍ଧୁ ହରିଚନ୍ଦନ
ଧନ୍ୟ ଏହୁ ଋତୁରାଜ ଶୋଭନ
ରଚିଲେ ଯହିଁ ବ୍ରଜ କାମିନୀ
ଯେନ ହୋରି ତରଙ୍ଗ । ୫ ।



## ଶ୍ରୀକୃଷ୍ଣଙ୍କ ବାଞ୍ଛାନୁଚିନ୍ତା

( ରାଗ—କଳହଂସ କେଦାର । ତାଳ—ଏକତାଳି )

ଝର ଝର ନୀର ଧାର ବରଷିବା ଦେଖି
ଝିମିଟିକ କୋଟି ଯୁଗ ମଣିବ ସୁମୁଖୀ ରେ
ଝଟକ ଚଞ୍ଚଳା
ଝଟତ ଦେଖି ଜୀବନେ ଥିବ କି କି ବାଳା ।୧।

ଝାମ ଯାଉଥିବ ଘନ ଘନ ସ୍ୱନ ଶୁଣି
ଝୁରୁଥିବ ଶୁଣି ଯେ ଡାହୁକ ଭେକ ବାଣୀ ରେ
ଝିନ ବାସ ଉର
ଝର ନୟନରୁ ନୀର ଭିଜୁଥିବ ତାର ।୨।

ଝାସିଥିବ ବନ୍ଧୁ ବୁଡ଼ି ଶୋକ-ସରତରେ
ଝଗଡ଼ା ମଣିବ ସଖୀ ପ୍ରବୋଧ ଗୀରରେ
ଝଲ ସୁକୁନ୍ତଳା
ଝାଡ଼ ପରି ମଣୁଥିବ ସଦନକୁ ବାଳା ରେ ।୩।

ଝଳିଯାଉଛୁ ତା ସଙ୍ଗ ସୁଖ ମୋ ତନୁରେ
ଝୁରୁଅଛୁ ଏବେ ତାଙ୍କୁ ଚନ୍ଦୋଇ ମନରେ
ଝସନେତ୍ରୀ ବନ୍ଧୁ
ଝାଡ଼ପତିମଧ୍ୟା ଆହ୍ଵା ରେ ଲାବଣ୍ୟସିନ୍ଧୁ ରେ ।୪।

ଝଡ଼ିଯାଉଥିବ ତନୁ ମୋର ସଙ୍ଗ ବିନା
ଝସକେତୁ ଶରେ ସହିବନି ନବୀନା ରେ
ଝଳ ସୁବଦନୀ
ଝୁରି କ୍ଷୀଣ ହେଲେ ଦୀନବନ୍ଧୁ ରାଜ ଭଣି ରେ ।୫।

---

ଝାମ—ମୂର୍ଚ୍ଛା । ଝାଡ଼—ଅରଣ୍ୟ । ଝାଡ଼ପତି—ସିଂହ । ଝସକେତୁ—କନ୍ଦର୍ପ ।

# ଆକ୍ଷେପାନୁରାଗ

ରେ ସଖୀ, ମୁଁ ହୁଡ଼ିଲି,
ନନ୍ଦସୁତ ସଙ୍ଗେ ପ୍ରୀତି କରିବାକୁ ତୋ ବୋଲେ ଯାହା ପଡ଼ିଲି ରେ । ଘୋଷା ।

ଲାଭ ହେଲା ଏହି ନିରତେ ନୟନୁ ଲୋତକଧାର ଝରିଲା
ଯେତେ ଥିଲା କୁଳବନ୍ତି ଲଜ୍ଜାଧନ ପେଡ଼ି ଦାଣ୍ଡରେ ପାଡ଼ିଲା ରେ । ୧ ।

ସାହି ପଡ଼ିଶା ଇଙ୍ଗିତ ଶୁଣି ଦାଣ୍ଡ ଦେହଳୀକି ନ ମାଡ଼ିଲି
ତହିଁରେ ଶାଶୁ ନଣନ୍ଦ ଗିର ବିଷଘାତକୁ ଗିର ଆଡ଼ିଲି ରେ । ୨ ।

ଶ୍ୟାମ ସଙ୍ଗ ବିନା ଦେହ-ଲତିକାରୁ ପ୍ରାଣ-ଫଳକୁ ଏଡ଼ିଲି
ରଜନୀ ଦିବସ ଉତ୍ସୁକ ମନରେ ଏହି ରସରେ ଜଡ଼ିଲି ରେ । ୩ ।

ପର ପୀରତି କିଛି ନୋହେ ସଜନୀ, ଏବେ ସିନା ମୁଁ ବଡ଼ିଲି
ସ୍ମର ପିଶାଚ ବଳି ପାଇଁ ତା ଶରାନଳେ ତନୁକୁ ପୋଡ଼ିଲି ରେ । ୪ ।

କି କରିବି କାହିଁ ଯିବି ଏହି ଚିନ୍ତା ଫଳରେ ନତ୍ୟେ ସଢ଼ିଲି
ବୋଲେ ଦୀନବନ୍ଧୁ ଆପଣ ଇଚ୍ଛାଏଁ ଗରଳ ଖାଇ ଲୋଡ଼ିଲି ରେ । ୫ ।



## ଶ୍ରୀକୃଷ୍ଣଙ୍କ ବିରହାନୁଚିନ୍ତା

(ରାଗ—ବସନ୍ତ)

ବଲ୍ଲଭୀରତନ ମୋ ପରାଣଧନ ଧରଣୀମଣ୍ଡନୀ ନବୀନା
ବସି ଏକାନ୍ତରେ କି ବିଚାରୁଥିବ ଆହା ରେ ସୁଦନ୍ତୀ ଗମନା
ବନ୍ଧୁ ରେ, ବସନ୍ତ ଋତୁରେ କି କରି
ବଞ୍ଚୁଥିବ ଦିବାନିଶି ମୋର ବିନୁ ରମଣୀ-ରତନ କିଶୋରୀ । ୧ ।

ବକୁଳ ମୁକୁଳ ଦେଖିଣ ଆକୁଳ ହୋଇ ମୋ କେଳି ସୁମରିବ
ବସନ୍ତ ବସନୀ ସନ୍ତତ କୋକିଳ ବାଣୀ ଶୁଣି କି ଜୀବେ ଥିବ
ବନ୍ଧୁ ରେ, ବଚନରେ କିଣିଛୁ ମୋତେ
ବିନ୍ଧୁ ବିଶୁଁ କରି ଆରେ ହେମ ଗୋରୀ ଆଉ କି ଦେଖିବି ମୁଁ ତୋତେ । ୨ ।

ବାସନ୍ତୀ ସେବତୀ ଜାତିଯୁତୀ ଗୁନ୍ଥିଁ ହେବନି ମତି ଅତି ତୋରି
ବହୁଥିବ ନେତ୍ରୁ ନୀରଧାରା ହର ଉରଜ ଶମ୍ଭୁ ଶିରେ ପରି
ବନ୍ଧୁ ରେ, ବସନ ମଣିକିର ଫଣୀ
ବସନ୍ତ ସମୀର ତନୁକୁ ଲାଗିଲେ ଚମକୁଥିବୁ ଜାଣୁମଣି । ୩ ।

ବିଚିତ୍ର ବୀଣାବଚନ ଚିତ୍ରପଟ ଦେଖି ଦୁଃଖୀ ହୋଇ ସଖୀରେ
ବିରହ ଅନଳେ ସଢ଼ି କାମଶରେ ଗଡ଼ି ପଡ଼ୁଥିବୁଁ ମହୀରେ
ବନ୍ଧୁ ରେ, ବଞ୍ଚୁ ନ ଥିବେ ସଖୀମାନେ
ବର ସୁଧାକରମୁଖୀ ଖୀନ ଦେଖି ଉଡ଼ିଯିବ ବୋଲି ପବନେ । ୪ ।

ବନ୍ଧୁକ ଅଧରୀ ବିନ୍ଦୁ ରସସିନ୍ଧୁ କୁରଙ୍ଗତରଙ୍ଗଲୋଚନୀ
ବ୍ରଜରାଜସୂନୁ ଚିତ୍ତ ବୃଷଭାନୁନନ୍ଦିନୀ ରସିକିନୀ ଧନୀ
ବନ୍ଧୁ ରେ, ବିରସରେ ହେଲେ ମଉନ
ବୋଲେ ଦୀନବନ୍ଧୁ ହରି ଚନ୍ଦନ ସେ ବିରହାନଳେ ହେଲେ ଖୀନ । ୫ ।

# ଶ୍ରୀକୃଷ୍ଣ ବନ୍ଦନା

( ରାଗ—ମାଳବ । ତାଳ—ତ୍ରିପୁଟା ସରମାନ )

ପାହି ପାହିହା ।
ପାହି ବ୍ରଜପୁର ଯୁବ ପୁରନ୍ଦର     ପାହି କରଧୃତ ମନ୍ଦରଂ
ପାହି କୃତ ଅଭିସାର କନ୍ଦର     ପାହି ନବଘନ ସୁନ୍ଦରଂ । ୧ ।

ମତ୍ତ ବାରଣ ଗର୍ବ ନାଶନ (୧)     ଗମନ (୨) ଜନ ମନ ରଂଜନଂ
ମୀନ କେତନ ରସ ନିକେତନ     ଯାମଳାର୍ଜ୍ଜୁନ ଭଂଜନଂ । ୨ ।

ନନ୍ଦନନ୍ଦନ ଜଗତ ବନ୍ଦନ     ମୁରଳୀଧର ବ୍ରଜ ନାଗରଂ
କମଳଲୋଚନ ଶୋକନାଶନ (୩)     ସକଳ ଗୁଣଗଣସାଗରଂ । ୩ ।

କୋଟି ଶାରଦ ଚନ୍ଦ୍ରମା ମୃଦ     ବନଜ ରୁଚ ମୁଖ ଶ୍ୟାମଳଂ (୪)
ଗଣ୍ଡ ସୁଶୋଭିତ ରତନ ସୁଜଡ଼ିତ     ମକର ସୁରୁଚିର କୁଣ୍ଡଳଂ । ୪ ।

ନାଗସ୍ୱଜନ (୫) ମତ୍ତମୋହନ     ବସନ ରୁଚଜିତ କୁନ୍ଦନଂ
ନିତ୍ୟ ନର୍ତ୍ତନ ଶରଣ ତବ     ଦୀନବନ୍ଧୁ ରାଜ ହରିଚନ୍ଦନଂ । ୫ ।



(୧) ମଦ ନିବାରଣ, (୨) ବାରଣ ଗମନ, (୩) ମୋଚନ, (୪) କୋଟି ଶାରଦ ଚନ୍ଦ୍ରମା ମଦ ଦଳନ ରୁଚିମୁଖ ମଣ୍ଡଳଂ, (୫) ବନ ।

# ଚୈତନ୍ୟ କଳନା

( ନାଟ—ରାଗ । ତାଳ—ଝମି )

ବନ୍ଦେ ଶ୍ରୀ ଶଚିସୁତ ପଦାରବିନ୍ଦେ
ସଦାନନ୍ଦେ କନକ ସୁନ୍ଦର ସୁରୁଚିବୃନ୍ଦେ । ପଦ ।

ଭଗତଗଣ ସୁଖଦଗଣ ମଣିଭୂଷଣ ଭୂଷିତେ
ରାଧିକା ପ୍ରିୟ ରୂପା ଗୁଣ ବିନୋଦେ ।
ପତିତପାବନ ଜିତ ମୁକୁଟ ମଣି ମଣ୍ଡନେ
ଜଗତ ଉଦ୍ଧାର କର ଶ୍ରୀହରି ନାଦେ । ୧ ।

ଅରୁଣ ରୁଚି ହରଣ ରୁଚି ବସନ ବର ଧାରଣେ
କୁଞ୍ଜରୋତ୍ତମ ନିନ୍ଦିତ ଗତି ବିଳାସେ ।
ପୁଲକପୂରିତ ତନୁ ପ୍ରେମ ସଜଳ ଲୋଚନେ
ଆଜାନୁଲମ୍ବିତ ଭୁଜ ଟେକ ପ୍ରକାଶେ । ୨ ।

କୀର୍ତ୍ତନ ରସ ଅତି ଅବଶ ରସ ନିଜ ମାନସେ
ଅଶ୍ରୁ ବୈବର୍ଣ୍ଣଙ୍କ ପାଦ ଶୋହେ ।
ଦୀନବନ୍ଧୁ ରାଜ ଭଣି ନିଜ ଭାବ ମନେ ଗୁଣି
ମଧୁର ହାସେ ସକଳ ମାନସ ଶୋହେ । ୩ ।



# ଶ୍ରୀକୃଷ୍ଣଙ୍କ ବିରହାନୁଚିନ୍ତା

( ରାଗ—କାଳୀ )

ଆହା ରେ ଗଜଗମନୀ ଦ୍ୱିଜରାଜଗମନୀ ଧନ
ମୋ ସଙ୍ଗ ବିନା, କେହ୍ନେ ନବୀନା ବଞ୍ଚୁ ଯେ ଥିବ ଦିନ ।
ହରଷ ମୁଖେ, ନ ଥିବ ନଖେ, ଲେଖୁ ଯେ ଥିବ ମହୀ
ସୁନ୍ଦରୀ ଆହା କରମେ ଏହା ଲେଖି ଯେ ଥିଲ ବିହି । ୧ ।
ଏହୁ ବରଷା, ଦେଖି ଭରସା, ବାଳା ମୋ ଥିବ ଛାଡ଼ି
ଶୋକଜଳରେ, ଅଶ୍ରୁଜଳରେ, ଯିବନ ସଖୀ ବୁଡ଼ି ।
ନ ଥିବ ତାର, ଅଙ୍ଗେ ରୁଚିର, ବେଶଭୂଷଣମାନ
ଥିବ ଯେ ମଣି, ରମଣୀମଣି, ସଦନ ଘୋର ବନ । ୨ ।
ଅବଧି ଦିନ, ସୁମରି କ୍ଷୀଣ, ହୋଇ ଯେ ଥିବ ଗୋରୀ
ପୃଥୁଳ ଉଚ୍ଚ, ସୁସଞ୍ଚ ଘଞ୍ଚ, କୁଚ ହେବ ନ ଭାରି ।
କୁନ୍ଦଦଶନୀ, ନୀଳବସନୀ, ଶିରୀଷ ସୁକୁମାରୀ
ତେଜୁ ଯେ ଥିବ, କରତେ ଜୀବଂ, ଜୀବ ନେହରୁ ବାରି । ୩ ।
ଶୁଣି ଏ ଘନ, ଗର୍ଜନ ଘନ, କେଶୀ ନବୀନ ବାଳୀ
ବିରହେ ସଢ଼ି, ମହୀରେ ପଡ଼ି, ଥିବ ସଜନୀ ଢଳି ।
ଦେଖି ମାଳତୀ, ବନ୍ଧୁ ମୋ ଛାତି ବାଟ ଯେ ହେଉଥିବ
ସହଚରୀ, ଦେଖି ମୋ ଧନୀ, ଜୀବନେ କିବା ଥିବ । ୪ ।
ଡାହୁକ ବାଣୀ, ଶୁଣି ମୋ ବାଣୀ, ବୀଣା-ବଚନୀ ରାମା
କାମେ ଅଥିର, ହେବନ ଥିର, ଗମନୀ ପ୍ରିୟତମା ।
ମହୀମଣ୍ଡନା, ଦୁଃଖଖଣ୍ଡନା, ଆହା ମୋ ସୁବଚନା
ସହିବ କେତେ, ମଦନ ଯେତେ, ଦେଉଥିବ ବେଦନା । ୫ ।
ନବ ବୟସୀ, ମଧୁରହାସୀ, ଶ୍ୟାମ କୁଟିଳକେଶୀ
ତୋ ବିନୁ ବନ୍ଧୁ, ମଦନ ସିନ୍ଧୁ, ମଧ୍ୟରେ ଗଲି ଭାସି ।
ନୃପନନ୍ଦନା, ନାରୀବନ୍ଦନା, ନାହିଁ ତୋ ବିନୁ ଆନ
ତୋତେ ସୁମରି, ଜୀବନ ଧରି, ଅଛୁ ମୁଁ ଜୀବଧନ । ୬ ।

ସତେ କି ମୋତେ, କରୁଣା ଚଢ଼େ, କରିବ ବନ୍ଧୁ ଦୟା
ତୋ ସଙ୍ଗ ସୁଖ, ଲଭିବ ଦୁଃଖ, ତେଜିବ ଆରେ ପ୍ରିୟା ।
ଏସନେ ନାଶ, ମଣି ସୁମର, ବିରସ ପୀତବାସ
ହେଲେ ମଉନ, କହଇ ଦୀନ, ବନ୍ଧୁ ରାଜ ଏ ରସ ।୬।

## କଳହାନ୍ତରିତା

ମୁଁ କି ହୁଡ଼ିଲି, ସଖୀ, ଜାଣୁ ଜାଣୁ ମନ୍ଦପଣ କଲି । ଘୋଷା ।

ମଦନ ଆରତ ସେ ଶ୍ୟାମସୁନ୍ଦର    ସଦନରେ ପଶି ପ୍ରବେଶି ସତ୍ୱର
ରଦନବାସରେ ଦିଅନ୍ତେ ସେ କର ବଦନକୁ ଠେଲିଲି ।୧।

ମାନ ମୋର ଜାଣି ସେ ବ୍ରଜମୋହନ    ଗାନ କଲେ ଯେତେ ବିନୟ ବଚନ
ତା ନ ଶୁଣି କିଛି ହୋଇଲି ମଉନ ଆନ ତାଙ୍କର ଲଙ୍ଘିଲି ।୨।

କର ବେନିକୁ ମୋ ଧରିଣ ନାଗର    କର କର ନାହିଁ ଭାଷିଲେ ସୁଗୀର
ପର ପର ମଣି ଛିଞ୍ଚାଡ଼ିଲି କର ହରବର କେତେ କଲି ।୩।

ସେହି ଅପ୍ରାଧ ମୋ ଅନ୍ତରେ ବିସ୍ମରି    କହିଲେ ନାହିଁ କିଛି ହିଁ ଗଲେ ଫେରି
ରହିଲେ ଏବେ ମୋତେ ସେ ଦୂର କରି ମୁହିଁ ଏଭଳି ଝୁରିଲି ।୪।

ରଣ ମୋର ତୋତେ ରେ ପ୍ରାଣମିତଣୀ,    ଆଣ ଯାଅ ଶୀଘ୍ରେ ସେ ମୁରଲୀପାଣି
ଜାଣ ତାର ବିନା ନ ବଞ୍ଚିବ ପୁଣି ଠାଣ ମୁଁ ଜାଣି ଭାଙ୍ଗିଲି ।୫।

ନ କର ତୁ ହେଳା ଆରେ ସହଚରି,    ଶଙ୍କର ପର ଘାତରେ ଗଲି ସରି
ରଙ୍କ ପ୍ରାପ୍ତ ନିଧି ହରାଇଲା ପରି ପଙ୍କଜ ଭାଷେ ମୁଁ ହେଲି ।୬।



ରଦନ ବାସ—ଓଷ୍ଠ । ଆନ—ରଣ । ଶଙ୍କର ପର—ଶିବ ଶତ୍ରୁ କନ୍ଦର୍ପ ।

## ଖଣ୍ଡିତା

### ଶ୍ରୀକୃଷ୍ଣଙ୍କ ପ୍ରତି ଶ୍ରୀରାଧା

( ତାଳ—ଝୁଲା )

ହେ ମୋହନ, ଯା ଯା ମୋ ପାଶୁଁ ବହନ । ଘୋଷା ।

ଜାଣିଲି ତୋର ମତି    ଦଗା ଦେବାର ରୀତି
ଆଉ ନ ଶୁଣ ବଚନ । ୧ ।
ଗତ କାଲି ରଜନୀ    ହେଲି ମୁଁ ଏକାକିନୀ
ରହିଲୁ କାହା ସଦନ । ୨ ।
କହୁଥାଉ ତୁ ପରା    ଆରେ ମହତପରା
ନ ସରୁ ଯୁବତୀ ଆନ । ୩ ।
ଏବେ କାର ବସନ    କରିଛ ପରିଧାନ
ଶ୍ରୀଅଙ୍ଗେ ଦିଶେ କି ଚିହ୍ନ । ୪ ।
ସେ ବିମ୍ବାଧରୁ ମଧୁ    ପିଇଅଛ କେ ବଧୂ
ଶୁଖିଛି ଚନ୍ଦ୍ରବଦନ । ୫ ।
ପୁଣି ସେ ଗଣ୍ଡଦେଶ    ଲାଗି ତାମ୍ବୁଳ ରସ
ହୋଇଛି କେଡ଼େ ଶୋଭନ । ୬ ।
ଛି ଛି ଏଡ଼େ ଲମ୍ପଟୀ    ଦେଖି ନାହିଁ ମୁଁ ସୃଷ୍ଟି
ଲଜ୍ଜା ନାହିଁ ତୋ ଲପନ । ୭ ।
ଏପରି ତୁ କପଟୀ    ଜାଣିଥିଲେ ମୁଁ ହଟି
ରସିଥାନ୍ତା କି ମୋ ମନ । ୮ ।
ଆଜଠାରୁ ଶ୍ରୀପତି    ତେଜିଲି ତୋ ପିରତି
ପଙ୍କଜ କରଇ ଧ୍ୟାନ । ୯ ।



# ରୂପାନୁରାଗ

## ସଖୀ ପ୍ରତି ଶ୍ରୀରାଧା

ନାଗରଗଣେ ସାର ଏହୁ ଯାର ସମ ଜଣେ ଆନ ନାହିଁ । ଘୋଷା ।

ସଖାଙ୍କ ସଙ୍ଗରେ, ଯାଏ କି ରଙ୍ଗରେ, ଦେଖ ଦେଖ ପ୍ରିୟ ସଖି ଗୋ
ବୁଲେ ରହି ରହି, ଡୋଳାକୁ ଖେଳାଇ, କି ଭଙ୍ଗୀରେ ଘାଏ ଚାହିଁ । ୧ ।

କର୍ଣ୍ଣରେ କୁଣ୍ଡଳ, ଲୁଲେ ଗଣ୍ଡସ୍ଥଳ, ଚାହାଁ କି ଶୋଭା ଦିଶଇ ଗୋ
କଟାକ୍ଷ ଚାହାଁଣି, ଛଟା ମିତ ପୁଣି, ଚିତ୍ତକୁ ନେଉଛି ମୋହି । ୨ ।

ନବଘନ ବର୍ଣ୍ଣ, ତାର ଅପଘନ, ଶିରେ ଶିଖୀଚୂଳ ମୋହି ଗୋ
ପୀତପଟ କଟିତଟରେ ପିନ୍ଧିଣ ଧୂତିକୁ ଘାଏ କମ୍ପାଇ ଗୋ । ୩ ।
ମାନୁଅଛି ବାଳଭାନୁ ପ୍ରାୟେ ଓଷ୍ଠ ଏହା ଦେଖିଛି କେ କାହିଁ ଗୋ
ଗୋରୋଚନା କଲି ଭାଲେ ଅନା ରସବଲ୍ଲୀ ଭୁଲିଯିବୁ ତୁହି । ୪ ।

ବସି କେତେ କାଳ, ଏ ରୂପରାଶିକୁ, ଭଲ ନମାଣିଛି ବିଧି ଗୋ
ପତିବ୍ରତା ହେଲେ, ଏ ମୂର୍ତ୍ତି ଦେଖିଲେ, ମାର ଶରେ ହେବ ଦହି । ୫ ।

ଦୂତି ଶ୍ୟାମ ରୂପ, ଦେଖନ୍ତେ ଲୋଲୁପ, ହୋଇ ରାଧା ଚନ୍ଦ୍ରମୁହିଁ
ବରଣ କରଣ, ଶରଣ ପଶିଲେ, ପଙ୍କଜ ଚରଣ କହି । ୬ ।



# ଆକ୍ଷେପାନୁରାଗ

## ସଖୀ ପ୍ରତି ଶ୍ରୀରାଧା

ନ ଜାଣି ମୁଁ କଲି ପୀରତି  କେ ଜାଣି ଥିଲା ଗୋ ଏହାଙ୍କୁ
ଭଜିଲେ ତ ହେଲି ବିପତ୍ତି  ତେଜିଲେ ତ ନାହିଁ ମୋ ସାହା ।

ସରଜି ନିଷେଧ ଗିର  ତରଜିଲେ ସଖୀ ମୋର
ବରଜି ବୋଲ ତାଙ୍କର  ଅରଜିଲି ଏହା ଆହା । ୧ ।

ରସିଲା ହେଲୁ ମୋ ଚିତ୍ତ  ଭାଙ୍ଗିଲି ସତୀବରତ
ଖସିଲା ଧୈର୍ଯ୍ୟ ଜୀବିତ  ନାଶିଲା ମୋତେ ଉତ୍ସାହ । ୨ ।

କରିବାରୁ ପର ପ୍ରୀତି  ମରିବାର ଭଲ ଗତି
ସରିବା ନୋହେ ବିପତ୍ତି  ତରିବାକୁ ନାହିଁ ରାହା । ୩ ।

ନରମେ ଦିବସ ନିଶି  ସରମେ ମୁଁ ଥିଲି ରସି
ଭରମେ ପଡ଼ିଲି ଆସି  କରମେ ମୋ ଥିଲା ଯାହା । ୪ ।

ସ୍ନେହରେ ଏ ପ୍ରୀତି ଭାବ  ଦେହରେ ଆଉ ନୋହିବ
ବହିରେ ମୋ ଦୁଃଖ ଜିବ  କହ ରେ ସଜନୀ ତାହା । ୫ ।

ଭୁଲି ତ ଗଲା ମୋ ମତି  ମଲି ତ ଏବେ ମୁଁ ନିତି
ହେଲି ତ ଦୁଃଖୀ ପୀରତି  କଲି ତ ମୁଁ କଥା ରୁହା । ୬ ।

ଏ ସମ ଏ ସଖୀ କହି  ତୋଷ ମନେ ବନ୍ଧ ସହି
ଲେଶ ମଧୁର ତା ନାହିଁ  ବିଷମ ପୀରତି ସ୍ପୃହା । ୭ ।

ଦୀନବନ୍ଧୁ ରାଜ ଭଣି  ମୀନବରନେତ୍ରା ଶୁଣି
ହିନ ବଞ୍ଚିଲେ ସେ ଗୁଣି  ସୁନବନୀରଦଦେହା । ୮ ।



ଜୀବିତ—ଜୀବନ ।  ନବନୀରଦଦେହା  ମେଘବର୍ଣ୍ଣଧାରୀ କୃଷ୍ଣ ।

# ବିରହୀ ଶ୍ରୀକୃଷ୍ଣଙ୍କ ଚିଠାଉ

( ରାଗ—ଘଣ୍ଟାରବ । ତାଳ—ପଢ଼ତାଳ )

କଂସ କଟକରେ ହରି ରେ ରମଣୀମଣି !
ପ୍ରିୟାକୁ ଲେଖନ୍ତି ପ୍ରିୟ ବାଣୀ ରେ ଚନ୍ଦ୍ରବଦନା
ଯହିଁ ଥିଲେ ମୁଁ ତୋହର ସିନା ରେ । ୧ ।

ମୁଁ ତୋହର କିଣା ଜନ ରେ ରମଣୀମଣି !
ନ ଘେନ ମୁଁ ମନେ ଧନ ଆନ ରେ । ୨ ।

ଖଳ ବନ୍ଧୁ ବସୁ ଆସି ରେ ରମଣୀମଣି !
ତୋତେ ଛୁଡ଼ି ହେଲି ପରବାସୀ । ୩ ।

ଶିବ ସେବିବି କେତେ ରେ ରମଣୀମଣି !
ଚଞ୍ଚଳାକ୍ଷୀ ଲଭିଥିଲି ତୋତେ । ୪ ।

ତୁ ମୋର ନେତ୍ରପିତୁଳା ରେ ରମଣୀମଣି !
ବନ୍ଧୁ ମୋତେ ନ କରିବୁ ହେଳା । ୫ ।

ଶୁଣି ରାଧା ବେଣୁପାଣିରେ ରମଣୀମଣି !
ଦୀନବନ୍ଧୁ ରାଜ ରସ ଭଣି । ୬ ।



**ଦୁଃଖୀଶ୍ୟାମ ଦାସ**

## ବଂଶୀ ଶବଦ

ମୋହନ ମନମୋହନ ମୁରଲୀ ନାଦ ଧୁନ କ ଗୋ । ୦ ।
ମାଦକ ନାନାଦ ଜିଣି ମନକୁ ନାଗଇ ପୁଣି
ମୀନ ବନ୍ସି ଥୋପ ଜାଣି ସେ ଯେ ନଥଇ କଣିକ ଗୋ । ୧ ।
ମରୁତ ବହୁଇ ମନ୍ଦ ମେଦନୀ ସୁରେ ସୁମୁଦ
ମାନବ ଗ୍ରୁର କେ ଚଞ୍ଚ ଧରବ ଶୁଣିକ ଗୋ । ୨ ।
ମନକୁ ଉଚାଟ କର ମୋତେ ତା ଭାବେ ସୁମର
ମହତ ମର୍ଯ୍ୟାଦା ଏଡ଼ି ଚଞ୍ଚ ରହିଲି କେଣିକ ଗୋ । ୩ ।
ମୋହନ ମୁରଲୀ ବେଶ ମୋହିତ ଦେଖି ତ୍ରିଦଶ
ମଜିଲି ଗଲି ମୋ ଦାସ ଭଜିବ ନାମ ଏଣିକ ଗୋ । ୪ ।
ମୋହନ ପାଦେ ଶ୍ରୀମତୀ ମନ ତନୁ ସମର୍ପିତ
ଭଣେ ଦୁଃଖୀଶ୍ୟାମ ଦାସ ମୋହନ ପାଦ ବେଳକ ଗୋ । ୫ ।

●

## ବନ-ବିହାର

ତୋଳ ତୋଳ ଏହୁ ଫୁଲ ଯତନେ ଗୁନ୍ଥିବା
ମାଳ କର ଶ୍ରୀକୃଷ୍ଣର ଗଳେ ଲମ୍ବାଇବା । ଘୋଷା ।

କୁନ୍ଦ କଞ୍ଚନ ମୋତେ ଗୋ ଦଶେ କେଡ଼େ ଶୋଭା
ନାଗେଶ୍ୱର କନଅର ଦେଖି ମନଲୋଭା । ୧ ।

ଦେଖି ମଧୁକାଳେ କୁଞ୍ଜେ ମାଲତୀ ଫୁଟିବା
ଆଉ ସଖୀ ବୋଲେ ନେଇ ଶ୍ରୀକୃଷ୍ଣେ ଭେଟିବା । ୨ ।

ଯୂଇଫୁଲ ନେଇ ଦେବା ଯୁବ କରେ ଯୁବା
ମାଧବୀରେ ମାଧବର ମନକୁ ତୋଷିବା । ୩ ।

ଚମ୍ପା ଚମତ୍କାର ଦେଖି କି ଉପମା ଦେବା
ଚଞ୍ଚଳେଂ ଅଞ୍ଚଳେ କରବୀର କେତୁ ଅବା । ୪ ।

ଦୁଃଖୀଶ୍ୟାମ ବୋଲେ ଆଉ ଗୋପକୁ ନ ଯିବା
ଏହି ସ୍ଥାନେ ରହି କୃଷ୍ଣ ପାଶରୁ ନ ଯିବା । ୫ ।

**ନାରାୟଣ ପଟ୍ଟନାୟକ**

## ଖଣ୍ଡିତା

( ରାଗ—କେଦାର । ତାଳ—ଏକତାଳି )

ଥିଲ କାହିଁ ଗୋ ଶ୍ୟାମ ଥିଲ କାହିଁ ?
ତୁମ ପରି ଆଉ ଜଣେ ଦେଖା ନାହିଁ । ଘୋଷା ।

ଜାଳିଣ ଜାଗର ହୋଇ ଉଜାଗର
ବସି ଗୃହିଁ ଗୃହିଁ ଜଗି ଗଲା ପାହି । ୧ ।

କହ ହେ ମୋହନ ଏ କାହା ବସନ
ପିନ୍ଧିଅଛ ତୁମ୍ଭ ମୁଖେ ଲାଜ ନାହିଁ । ୨ ।

ହେ ଲବଣୀଚୋର ଏହି ମୁଖେ ପରା
କହିଥିଲ ମୁଁ ଆସିବି ଦେହ ଛୁଇଁ । ୩ ।

ନ ରହ ନିମିଷେ ଯାଅ ତାର ପାଶେ
ନାରାୟଣ ଭଣେ ପଦ୍ମପାଦ ଧ୍ୟାୟି । ୪ ।



# କୃଷ୍ଣ ରୂପାନୁରାଗ

## ସଖୀ ପ୍ରତି ଶ୍ରୀରାଧା

ସଖୀ ଗୋ ! ଦେଖ କେଡ଼େ ସୁଷମା
କୃଷ୍ଣ ଅଙ୍ଗକୁ ପାଉଛୁ ଉପମା । ଘୋଷା ।

ଛନ୍ଦୁ ନୁହେଁ ଏ ରକ୍ତ ପଦ୍ମ ଦୁଇ    କର ଚରଣ ସ୍ମରଣ କରାଇ । ୧ ।
ନୀଳ ଇନ୍ଦୀବର ଝଳି ବଚନ    ହୋଇଛୁ ନେତ୍ର ସମ୍ଭାବନା ପାତ୍ର । ୨ ।
କଳି ନୋହୁଛି ଚମ୍ପାକଳି ଝଲି    ସାକ୍ଷାତ କର ପଦାଙ୍ଗୁଳି ଭଳି । ୩ ।
କୁନ୍ଦ ଫୁଲ ହେଲା ପରାୟେ ଦଶେ    ମୋତି ଦନ୍ତପନ୍ତି ଆଶ୍ରୟି ଅସେ । ୪ ।
ନୀଳ ଶ୍ୱେତ ରକ୍ତ ପଦ୍ମ ଏ ତିନ    ଶ୍ରୀମୁଖ ଶୋଭୁଅଛୁ କରୁ ଘେନ । ୫ ।
ସ୍ୱୟେ ନାରାୟଣ ବନ୍ଧୁ ଏ ରସ    ବକୁଳ କେତକୀ ଅଙ୍ଗସୁବାସ । ୬ ।

●

## ହୋରି

ପ୍ରବର ଅନଙ୍ଗ ରଙ୍ଗେ ଅମ୍ବର    ଖେଳେ ଶ୍ରୀରଙ୍ଗ ରାୟୀ । ଘୋଷା ।

ଉନ୍ମତ୍ତ ମତ୍ତ ମଧୁର ରୁତ    ଘୂର୍ଣ୍ଣିତ ନେତ୍ର ମଧୁର ସ୍ମିତ
ମନ୍ମଥ ମନ ମନ୍ଥନ କୃତ    ଲୋଚନ ସୁଖଦାୟୀ । ୧ ।
ଇଙ୍ଗିତ ଭଙ୍ଗୀ ସଙ୍ଗୀ ତରଙ୍ଗୀ    ରଙ୍ଗ କୁରଙ୍ଗୀ ଲୋଚନଭଙ୍ଗୀ
ସଙ୍ଗୀତରସ ଗାନ ସୁସଙ୍ଗୀ    ହୋରକେ ପଦ ଗାଇ । ୨ ।
ଚନ୍ଦ୍ର ଚନ୍ଦନ ରଜ ବିକ୍ଷିପ୍ତ    ଦଳିତ କୁଙ୍କୁମ ବୋଳିତ ଗାତ୍ର
ଚିତ୍ର ବିଚିତ୍ର ଚର୍ଚ୍ଚିତ କୃତ    କସ୍ତୁରୀ ରଜ ଲାଇ । ୩ ।
ବାଜଇ ମଣିମୟ ମଞ୍ଜୀର    ପୂରଇ ବନଭୂମି ଅମ୍ବର
ଝୁଲଇ ବ୍ରଜରାଜ କୁଞ୍ଜର    ମୋହନ ମୁରଲୀ ବାଇ । ୪ ।
ଚୂତ ମୁକୁଳ ବକୁଳ ମଲ୍ଲୀ    ଜାଇ ଯୂଇ ଆଦ କୁସୁମ ଧୂଳି
ଆଳୀ ନିକର ମାରନ୍ତି ତାଳି    ନାରାୟଣ ପଦ ଧାୟି । ୫ ।

●

---

ରୁତ —ଶବ୍ଦ । ପଦ —ଗୀତ ।

**ପଙ୍କଜଚରଣ ଦାସ**

# ଅଭିସାର-ପ୍ରରୋଚନା

## ଶ୍ରୀରାଧାଙ୍କ ପ୍ରତି ସଖୀ

କୁଞ୍ଜକୁ ସଜ ହୁଅ ସଜନୀ ଗୋ
ସଞ୍ଜ ବଳିଲା ହେଲା ରଜନୀ ଗୋ
ପଞ୍ଜର ସନ୍ନିଧିରେ କୁଞ୍ଜର ଗତି ତୋର
ନଜର ରଖି ସେ ବସିବଣି ଗୋ । ଘୋଷା ।

ଧରଣୀଭୂଷା ତୋର ସରଣୀକି ନକର
ତରଣି ଅସ୍ତ ଅନାଇବଣି ଗୋ
ବରଣୀ କର ବ୍ରଜ ହରଣୀକୁ ଗୋ ଆଜ
ଧରଣୀଧର ମନାଇବଣି ଗୋ । ୧ ।

ମଠ ନ କର କଷ୍ଟ ପାଇବ ପୀତପଟ
ତାଙ୍କୁ ମନ୍ମଥ ଖଣ୍ଡୁ ହେବଣି ଗୋ
ଝାଟ ରାଟ ସେ ନନ୍ଦ-ଘଟ ହୋଇଣ ହୃଷ୍ଟ
ଖଟେ ଫୁଲକୁ ସଜାଇବଣି ଗୋ । ୨ ।

ଖଞ୍ଜନନେତ୍ରୀ ହଠ ରଞ୍ଜନ କର ନଟ—
ବର ମନକୁ କଞ୍ଜବଦନୀ ଗୋ
ବର୍ଜ ମନରୁ ବ୍ରୀଡ଼ା ସର୍ଜ ସୁରତ କ୍ରୀଡ଼ା
ଭଞ୍ଜନ କର ପୀଡ଼ା ତୁ ଧନୀ ଗୋ । ୩ ।

ସାରଅଦ୍ଭୁତ ବେଶ କର କଳାଶ୍ରୀ ବାସ
ପାରନ୍ଦ୍ରମଧ୍ୟା ହୁଅ ପିଧାନୀ ଗୋ
ବଶ ନିକ୍ଷପତିରେ ତବରୁ ସୁଦନ୍ତୀ ରେ
ଯଡମୋହନୀ କୃପାନିଧାନୀ ଗୋ । ୪ ।

---

ତରଣି ସୂର୍ଯ୍ୟ । ବ୍ରୀଡ଼ା ଲଜ୍ଜା । ପାରନ୍ଦ୍ରମଧ୍ୟା—ସିଂହକଟିବଶିଷ୍ଟା ।

ନାକସ୍ତ୍ରୀ ଶିରୋମଣି ବାକ୍ୟ ଦୂତୀର ଶୁଣି
ତା' କର ଧରି ହେଲେ ଗାମିନୀ ଗୋ
ବାଙ୍କଚୂଳିଆ କତି ତାଙ୍କର ଉପସ୍ଥିତ
ପଙ୍କଜ ଦେଖି କରେ ଦଇନୀ ଗୋ ।୫।

●

## ଉତ୍କଣ୍ଠିତା

### ସଖୀ ପ୍ରତି ଶ୍ରୀରାଧା

( ତାଳ—ଆଠତାଳି )

ମିତ କହ ସତ ମୋ କାନ୍ତ ଆସିବେ କି ?
ଦୁରନ୍ତ ମନ୍ମଥ ଖେଦ ନାଶିବେ କି । ଘୋଷା ।

ମାନ ଦେଖିଣ ମୋର          ଗଣ୍ଡେ ବନ୍ଧୁଣ ଚୁମ୍ବନ
ଦାନକର ତୁ ଶୃଙ୍ଗାର ଭୂଷିବେ କି ।୧।

ଦଣ୍ଡେ ହୁଅନ୍ତେ ମଉନ          ଗଣ୍ଡେ ବନ୍ଧୁଣ ଚୁମ୍ବନ
ଖଣ୍ଡେ ନେଇ କୋଳେ ଘେନି ବସିବେ କି ।୨।

ଭିଡ଼ି ମଦନ କାତରେ          ପୀଡ଼ି ଅଧର ଦନ୍ତରେ
ଏଡ଼ି ଦେଇ କ୍ଲେଶ ରସେ ରସିବେ କି ? ।୩।

ପଙ୍କଜ କହେ ଗୋ ସହି          ନ କର କପଟ ତୁହି
ରଙ୍କ ମୁଁ ସତ ମୋ ମତି ତୋଷିବେ କି ।୪।



ନାକ ସ୍ତ୍ରୀ – ସ୍ୱର୍ଗ ନାରୀ, ଦିବ୍ୟ ରମଣୀ ।

ପଦନ

## ମାନଭଂଜନେ

### ଶ୍ରୀକୃଷ୍ଣଙ୍କ ଉକ୍ତି

ସୁନାବରନା ମୋର ମାନ କାହିଁକି ।
ମୋତେ ନ ଚାହିଁ ଚାହୁଁ କଥା ମସ୍ୱାକି । ପଦ ।
ଜାଣୁ ଜାଣୁ ଶୁଣୁ ଶୁଣୁ ହେଲୁ ବାଇକି
ଦାସ ଦୋଷ କଲେ ବୁଝାମଣା ନାହିଁ କି
ଆରେ ମୃଗଲୋଚନା, ମନେ କଥା ଶୋଚନା, ସ୍ମରମୁଖେ ବଞ୍ଚନା
ଟେକ ମୁଖ, କଳକଣ୍ଠବଚନା, କାମ କେଳି ରଞ୍ଜନା
କଣା ମୁଁ ତୋହର ଜାଣୁ ନାହିଁ କି । ୧ ।
ଚନ୍ଦ୍ରମୁଖୀ ଚନ୍ଦ୍ରକାନ୍ତ ଚାହାଁ ଏଣିକି
ପ୍ରୀତିଠାରୁ ସାର ଆଉ ଅଛି ମସ୍ୱାକି
ତୁ ତ ନାଗରୀବର, ଚତ୍ରେ ବସ୍ତୁର କର, କେତେ ଦୂରେ ଅନ୍ତର
ଚନ୍ଦ୍ରମାରୁ ସୁନ୍ଦର, ଯେହୁ ଅଟେ ଯାହାର
ସାର କେ କଲା ପର, ସଂସାର ମଧ୍ୟେ ଦେହ ଧରି କି । ୨ ।
ପ୍ରେମଦାନୀ କୃପଣ ହେଉଛୁ କାହିଁକି
ଜଳକୁ ଚାହିଁ ବସିଲେ ତୃଷା ଯାଇ କି
ବେଶ, ଶୋଭା, ବୟସ ଷଡ଼ଗୁଣେ ପ୍ରକାଶ
ମନୁ ତେଜି ବିରସ ଆସି ମୋ ଅଙ୍କେ ବସ
ହୋଇଣ ହସହସ, ଚୁମ୍ବ ଦେଇଣ ତୋଷ
ଭିଡ଼ି ତୋର ଖସ୍ତି ବାହୁକି । ୩ ।
କହଇ ପଦନ ପଦ୍ମ ପାଦେ ଧ୍ୟାଉକି
ଆଜନ୍ମ ଦରିଦ୍ର କୋଟିନିଧି ପାଇ କି
ଫୁଲାଇ ତିଳ ନାସା, ଗେଲାଇ କହେ ଭାଷା
ଅଙ୍ଗରେ ଅଙ୍ଗ ମିଶା କାମଜାଲାକୁ ସୁସା—
ରତି ରସରେ ରସା ସୁଖସାଗରେ ଭସା
ଶ୍ୟାମ ନାଗର କହେ ରାଇକି । ୪ ।

●

ପରମାନନ୍ଦ ଦ୍ୱିଜ

## ଆକ୍ଷେପାନୁରାଗ

ଆହା ମୋହନା, ହୃଦୟ ମୋର ଦହନା
ଏ ତରୁତଳେ ରହନା, ତରଙ୍ଗ ରଙ୍ଗେ ଚାହାଁନା । ୦ ।

ଗୋପ ନଗରେ ନାରୀ ନାହାଁନ୍ତି କେତେ,
ରାଧିକା ବୋଲି ମୁଁ କେ କହିଲି ତୋତେ,
ନାଗିବା ପରାଏ ତ ଲାଗୁଛି ମୋତେ,
ଘେନ ବନସ୍ଥ ମୋର ଅଙ୍ଗୀଠି ବନ୍ଦନା । ୧ ।

ମୁରଲୀର ନାଦେ ମୋର ତନୁ ଜରଜର,
ଅନଙ୍ଗ ବଶେ ଅଙ୍ଗ ହୋଏ ଥରହର,
ନ ରହଇ ବିବେକ ନ ରୁଚଇ ଘର,
ଉଛନ୍ନ ହୋଅଇ ମୁଁ ଶୁଣିଲେ ତୋ ନାଁ । ୨ ।

ଯମୁନା ନ ଯାଏ ମୁଁ ତୋହର ଘେନ,
ସୁବେଶ ନୁହଇ ମୁଁ ଯୁବା କାମିନୀ,
ଅପବାଦ ବହଇ ଢବା ରଜନୀ,
ହରାଇବ ପ୍ରାଣ ଧଇଲେ ମୋ ନାଁ । ୩ ।

ନନ୍ଦ ମୀସୁମନା ନନ୍ଦନନ୍ଦନ ତୋତେ,
ମନ୍ଦରଧରଙ୍କୁ ମୁଁ ମାଗୁଛି ଏତେ,
ପରମାନନ୍ଦ ଦ୍ୱିଜ ଭଣଇ ଗୀତେ,
ରାଧା କୃଷ୍ଣ ପୀରତି ବେଛନ୍ଦ ନୁହନା । ୪ ।



ପାର୍ବତୀଚରଣ ଦାସ

## ସ୍ୱାଧୀନଭର୍ତ୍ତୃକା

( ରାଗ—ଶ୍ରୀ । ତାଳ—ଝୁମ୍ପା ଏକତାଳି )

ସଖି ! କି କହିବି ବନ୍ଧୁଗୁଣ
ଶୁଣି ତାର କଥା　　ହୃଦୟୁ ଉଲ୍ଲାସ
ନ ଆସେ ମୁଖୁଁ ବଚନ ।
କେତେ ଯତନରେ　　କୋଳରେ ବସାଇ
ଖସାଇ ବାନ୍ଧିଲେ ବେଣୀ
ମାଜି ମୁଖ ମୋର　　ରଞ୍ଜିଲେ ସିନ୍ଦୂର
ଚୁମ୍ବୁଁ ମୁଖ ପୁଣି ପୁଣି ।
ଉରେ ମୃଗ ମଦ　　ପତ୍ରାବଳୀ ଲେଖି
ନୟନେ ଦେଲେ ଅଞ୍ଜନ
ପଦ ଆକର୍ଷି　　ଯାବକ ରଞ୍ଜିଲେ
କରି ନଖ ମାର୍ଜନ ।
ରତ୍ନ ଆଭରଣ　　ପ୍ରତି ଅଙ୍ଗେ ଖଞ୍ଜି
ଯତନେ ପିନ୍ଧାଇ ବାସ
କୋଳରେ ବସାଇ　　ଘନ ଚୁମ୍ବ ଦେଇ
ଦର୍ପଣ ଧଇଲେ ପାଶ ।
ସେ ଶରଧା ଦେଖି　　ଗଲି ଲାଜେ ବୁଡ଼ି
ପଡ଼ନ୍ତେ ମୁଁ କୋଳୁଁ ଖସି
ଭୁଜେ ଗାଢ଼େ ଭିଡ଼ି　　ଛାଡ଼ି ସେ ନ ଦେଲେ
ତନୁ, ମୋର ଆକର୍ଷି ।
ମୁଦନ୍ତେ ନୟନ　　ଚୁମ୍ବୁଁ ଚୁମ୍ବୁଁ କଣ୍ଠ
କେତେ ଗୁଣ ପକାଇଲେ
ଫିଟାନ୍ତେ ନୟନ　　ଲାଜେ ଗଲି ସରି
ଏ କି ଲାଜ ପଦ୍ମ ବୋଲେ ।

●

---

ଯାବକ ଅଲତା ।

# କୁଞ୍ଜ ଭଙ୍ଗ

( ରାଗ—ଭୈରବୀ । ତାଳ—ଦଶକୋଶୀ )

ଘନ ଘନ ଶୁକ ବଚନ ଶୁଣି
ଅଙ୍ଗ ମୋଡ଼ି ଉଠିଲେ ଶଯ୍ୟା ପରେ ବସିଲେ
ଅଳସରେ ରାଧିକା ନୀଳମଣି ।
ମଞ୍ଜୁଷା ଖୋଲି ଦ୍ୱାର ଭିତରେ ପ୍ରବେଶିଲେ
ଲାଜେ ନୁଆଁଇଲେ ବଦନ ରାଇ
ଦେଖି ଭାଷେ ଲବଙ୍ଗ, ଆହେ ଶ୍ୟାମ ନାଗର
ଏହା ତୁମ୍ଭର କି ଉଚିତ ଅଟଇ ?
କେତେ ଯତନ କରି ବାନ୍ଧିଥିଲୁ କବରୀ
ଚିତ୍ର ଲେଖିଥିଲୁ ମୃଗମଦରେ
ଫିଟାଇ କେଶପାଶ ଲିଭାଇ ଚିତ୍ରବେଶ
ଖଣ୍ଡିଛ ଉର ଦେଶ ନଖ ଦାଗରେ ।
ଛିଡ଼ାଇ ହାରାବଳୀ କରିଛ ବିପର୍ଯ୍ୟୟ
ଦଶନରେ ଖଣ୍ଡିଛ ଗଣ୍ଡମଣ୍ଡଳ
ଆମ୍ଭର ସଜନୀ ତ ବଡ଼ ସୁକୁମାରୀ
ତୁମ୍ଭେ ବଡ଼ ଦାରୁଣ ଅଟ ଗୋପାଳ !
କହନ୍ତି ମାଧବ, ନ ବୁଝି ନିନ୍ଦୁଅଛ
ଦେଖୁ ନାହଁ ମୋ ଗଣ୍ଡ ଖଣ୍ଡିଲା କିଏ
ପଦ୍ମ ବୋଲେ ନାଗର ଲାଜ ନାହିଁ ଯାହାର
ସବୁ କଥା ସେ ହସେ ଉଡ଼ାଇଦିଏ ।



# ଗୋଷ୍ଠ

( ଶ୍ରୀ ରାଗ । ଦଶକୋଶୀ )

ମୋ ରାଣଟି ରେ କହ୍ନାଇ, କଳି ନ କରିବୁ ତୁହି
ଗୋପାଳ ବାଳକଗଣ ସଙ୍ଗେ
ଦୂର ବନକୁ ନ ଯିବୁ ନିକଟେ ଧେନୁ ରଖିବୁ
କଣ୍ଟା ଖୁଞ୍ଚ ନ ଲାଗିବ ଅଙ୍ଗେ ।
ଗୋପ ଶିଶୁ ଚଉପାଶେ ତୁ ରହିବୁ ମଧ୍ୟଦେଶେ
ସଖାଙ୍କ ବଚନ ନ ଭାଙ୍ଗିବୁ
ଚାଲିବା କାଳରେ ପଥ ତଳକୁ ଚାହିଁ ନିଶ୍ଚିତ
ଚାଲିଲେ ତୁ ଝୁଣ୍ଟି ନ ପଡ଼ିବୁ ।
ପଠାଉଛି ପିଠାମାନ ତୋ ସଙ୍ଗେ ପରାଣଧନ
ଭୋକ କଲେ ଖାଇବୁ ତୁ ମାଗି
ତରୁତଳେ ଠିଆ ହେବୁ ଅତି ଖରାକୁ ନ ଯିବୁ
ମଥା ଧରିବତି ଖରା ଲାଗି ।
ପଦ୍ମ ବୋଲେ ଗୋ ଜନନି ! ଚଞ୍ଚଳ ତୋ ନୀଳମଣି
ସେ ତ କାହା ବଚନ ନ ମାନେ
ଯେତେ ତୁ ଦେଲେ ପ୍ରବୋଧ ସେ ତ ସତତ ଅବୋଧ
ଭୁଞ୍ଜାଇ ସଂସାର କଳି କଣେ ।



# ମାଥୁର-ପ୍ରୋଷିତଭର୍ତ୍ତୃକା

( ରାଗ—ତୋଡ଼ୀ । ତାଳ—ଲୋଫା ଏକତାଳ )

କାହ୍ନାନ୍ତ ମୋ ପ୍ରାଣନାଥ ମୁରଲୀ ବଦନ
କାହ୍ନାନ୍ତ ମୋ ଗୁଣନିଧି ଏ ଜୀବଜୀବନ । ୧ ।
କାହ୍ନାନ୍ତ ମୋ ନେତ୍ରତାରା କୋଟି କାମ ମୂର୍ତ୍ତି
କାହ୍ନାନ୍ତ ମୋ ରସିକ ନାଗର ଚକ୍ରବର୍ତ୍ତୀ । ୨ ।
କାହ୍ନାନ୍ତ ମୋ ଶ୍ୟାମଚନ୍ଦ୍ର କୋଟୀନ୍ଦୁ ଶୀତଳ
କାହ୍ନାନ୍ତ ମୋ ନୀଳୋତ୍ପଳ ବାସ ପରିମଳ ? ୩ ।
କହୁ କହୁ ଏହିପରି ରାଧା ବିନୋଦିନୀ
ପଡ଼ିଲେ ସ୍ୱର୍ଣ୍ଣ ପ୍ରତିମା ପରାଏ ଅବନୀ । ୪ ।
ଆତୁରେ ଡାକଇ ପଦ୍ମ କି ହେଲା କି ହେଲା
ବ୍ରଜର ସାର ସଂପତ୍ତି ଆଜି କି ସରିଲା ? । ୫ ।

●

ପିଣ୍ଡିକ ଶ୍ରୀଚନ୍ଦନ

## ବିପ୍ରଲବ୍ଧା ଶ୍ରୀରାଧା

## ଶ୍ରୀକୃଷ୍ଣଙ୍କ ପ୍ରତି ସଖୀ

ଓହେ ମାଧବ ତବ ବିରହେ ଦୁଃଖୀ ରାଇ
ପ୍ରଖର ମନସିଜ ବିଶିଖ ଭୟଭର
ଦୁହା ଭାବେ ଲୀନ ହୋଇ ହେ । ୦ ।
ସେଜତ ଖେଦ ଅଧୀର ଭଇ କାନ୍ଦତ
ଚନ୍ଦନ ଚନ୍ଦ୍ର ହୃଦଆରି
ବିଷଧର ପୁର ଗରଳ ଦହି ଆଓତ
ମାନତ ମଲୟ ସମୀର ହେ । ୧ ।

× × ×

---

ବିଶିଖ—ଶର । ଭଇ—ହୋଇ ।

ବିଲୋକିତ ଅଗ୍ରତ ଜଳଦ ସୁସ୍ୱରିତ
ଧ୍ୟାନ ଲଗାଏ ଯବ ପ୍ୟାସି
ମୋଦ ଖେଦ ବିଷାଦ ଭର ବେଦନେ
ବର୍ଦ୍ଧିତ ତାପ ବିଶ୍ୱେର । ୨ ।
ଜିଓର ଦୁଃଖ ସହଚରି ନଗଦତ
ହାଲ ଜିଭକେ ମୁଖ ହେଉ
ଐସି କରୁନା ଦୀନ ଶିଶିଚନ୍ଦନକୁ
ମାଗତ ହାଥ ପସାର । ୩ ।

ପୁରୁଷୋତ୍ତମ

## ଶ୍ରୀକୃଷ୍ଣଙ୍କ ରୂପାନୁରାଗ

ଭଲ୍ଲ ତା ମୁଖଛବି କାହିଁ ନାହିଁ ରେ
ରହି ପାଲଟିଗଲି ଚାହିଁ ଚାହିଁ ରେ । ପଦ ।
କାନ୍ତି ଜଳରୁ ଉଜ ଲାବଣ୍ୟ-ସରସିଜ
ମୋଡ଼ି ଦେଲାକ ମନ୍ଦବାତ ବହିରେ । ୧ ।
ଜଙ୍ଗମ ହେମଲତା ପରେ ଚନ୍ଦ୍ରଦେବତା
ଫଲ ଫଳୁଛି ଲୋଟୁଛି ମଝିରେ । ୨ ।
ଭ୍ରୂଲତା ଭଙ୍ଗୀ ତାର ଇନ୍ଦ୍ରଧନୁ ଆକାର
ଶର ବିନ୍ଧୁଛି ମୋ ଉରକୁ ଚାହିଁ ରେ । ୩ ।
ଭଣେ ପୁରୁଷୋତ୍ତମ ବୋଲନ୍ତି ଘନଶ୍ୟାମ
ଭଲ୍ଲ ଯତନେ ଗଢ଼ିଅଛି ବିଧି ରେ । ୪ ।



ଫକୀର ଭଞ୍ଜ

## ଉତ୍କଣ୍ଠିତା ରାଧା

( ରାଗ—କାମୋଦୀ । ତାଳ—ତ୍ରିପୁଟା )

କାହ୍ନୁ ଆସିବେ ରେ
ହରଷେ ସେନେହ ବାଣୀ ଭାଷିବେ ରେ । ପଦ ।

କରରେ ଧରି ସେ କର
ହୃଦୟରେ ମତ ମୋର, ତୋଷିବେ ରେ । ୧ ।

ରୁନ୍ଧମୀରେ ଚନ୍ଦ୍ରକରେ
ବସାଇ ଧୀରେ ଅଙ୍କରେ, ବସିବେ ରେ । ୨ ।

ଗଣ୍ଡରେ ଦେଇ ଚୁମ୍ବନ,
ଭୁଜେ କରି ଆଲିଙ୍ଗନ, ରସିବେ ରେ । ୩ ।

ଖସାଇ ଅଙ୍ଗୁ ବସନ
ମିଶାଇ ମନକୁ ମନ, ମିଶିବେ ରେ । ୪ ।

ଉତ୍କଣ୍ଠିତା ଭାବଧାର
କହଇ ଭଞ୍ଜ ଫକୀର, ନାଶିବେ ରେ । ୫ ।



## ଖଣ୍ଡିତା-ରାଧା

(ରାଗ—ମୁଖାବରୀ)

କହୁଛ ଯାହା କାହ୍ନୁ ଏ ଅଟେ ସତ,
ମୋ ବିନୁ ଆନେ ତୁମ୍ଭ ନ ରସେ ଚିତ୍ତ । ପଦ ।

ଅଧରରେ ଅଞ୍ଜନ ଦିଶେ ଅତି ରଞ୍ଜନ
ଜବା ସୁମନେ କି ଏ ଭ୍ରମର ସ୍ଥିତ । ୧ ।

ହୃଦୟରେ ସିନ୍ଦୂର ଲାଗି ଦିଶେ ସୁନ୍ଦର
ମର୍କତ ସ୍ଥଳେ ଶୋଭ' ମାଣିକ ବ୍ରତ । ୨ ।

ଲଲାଟରେ ଅଲତା ହୋଇଅଛି ଶୋଭିତା
ଅସିତ ନଖେ ଗଇରିକ ସଞ୍ଜାତ । ୩ ।

କୁଙ୍କୁମେ ତନୁଦେଶ ଦିଶେ ଅତି ରହସ୍ୟ
ସଜଳ ଘନେ କି ରଜିତ ତଡ଼ିତ । ୪ ।

ଯେ ଦେଲା ଏତେ ଚିହ୍ନ ଶୀଘ୍ରେ ଯାଅ ତା' ସ୍ଥାନ
କିଛି ନ କର ଶଙ୍କା ତୁମ୍ଭର ମୁଁ ତ । ୫ ।

ଫକୀର ଭଞ୍ଜ ଭଣି ଖଣ୍ଡିତା ବାଣୀ ଶୁଣି
ଲଜ୍ଜିତ ବେଣୁପାଣି ହେଲେ ଅକାତ । ୬ ।

---

ଅସିତ—କଳା ।

# ସ୍ୱାଧୀନଭର୍ତ୍ତୃକା-ରାଧା

( ରାଗ—ସିନ୍ଧୁଡ଼ା । ତାଳ—ଏକତାଳି )

ଆରେ ସଜନୀ କୃଷ୍ଣର କି ସ୍ନେହ ମୋରେ
ଯେ ଯେତେ କହିଲେ ଦିନେ ଆନ ସଙ୍ଗ
ବାଞ୍ଛନ୍ତି ନାହିଁ ମନରେ । ପଦ ।

ମୋହନ ମନ୍ତ୍ର  କିଛି ନ ଜାଣଇ  ବସିଥାନ୍ତି ଚୁହିଁ ମୁଖ
ଅଙ୍ଗ ଛୁଇ ପରି  ସଙ୍ଗ ନ ଛାଡ଼ନ୍ତି  ପ୍ରିୟତମ ମୋର ପାଖ । ୧ ।

କିଛି ହିଁ ଗୁଣ ତ  ମୋର ତହିଁ ନାହିଁ  ଦେନଛନ୍ତି ଏତେ କର
ଖୋଜିଲେ ତିନ  ଜଗତେ ଲକ୍ଷିବାକୁ  କେହି ଥିବେ କି ଏପର ରେ । ୨ ।

ଗୋପ ନଗରେ  କେତେ ନାରୀ ନାହାନ୍ତି  ମୁଁ ତାଙ୍କୁ କେତେ ସୁନ୍ଦର
ଏମନ୍ତ ହେଲେ ହେଁ  ଅନ୍ତରଗତରୁ  ନ କରନ୍ତି ସେ ଅନ୍ତର । ୩ ।

ଅଙ୍ଗ ଦେଶେ ଯେବେ  ନ ଥାଇ ମଣ୍ଡନ  କରନ୍ତି ଆପେ ମଣ୍ଡନ
କର ଧରି ଚୁମ୍ବ  ଦେଇ ବୋଲୁଥାନ୍ତି  ତୁ ମୋର ଜୀବ ଜୀବନ । ୪ ।

ଫକୀର ଭଞ୍ଜ ଏ  ଲକ୍ଷଣ ରଚନା  କଲେ ବର୍ଣ୍ଣରଣ ଛନ୍ଦେ
ସ୍ୱାଧୀନଭର୍ତ୍ତୃକା  ନାୟିକା କହଇ  ଏରୂପେ ସଖୀ ପୁରତେ । ୫ ।



## ସଖୀ ପ୍ରବୋଧ

ସଜନୀ ନ ଭାଳ ମନେ, ଚାଲି ଯିବା ବୃନ୍ଦାବନେ । ଘୋଷା ।

ଯାକୁ ଦେଖିଲୁ ସ୍ୱପ୍ନରେ ସେ ଥିବେ କୁଞ୍ଜ ଭିତରେ
ଆସ ସଖୀ ମୋ ସଙ୍ଗରେ ଦେଖିବ ବେନି ନୟନେ । ୧ ।

ସେ ଯେଉଁ ନନ୍ଦର ଚାଟ ଜାଣଇ କେତେ କପଟ
କରଇ ନାନା ଉଚ୍ଚାଟ ତୋ ତନୁ ଦହୁ ମଦନେ । ୨ ।

ଦେଖିବାକୁ ଯେବେ ଚୋର ଚଉରେ ଅଳ୍ପ ବସ୍ତ୍ରର
ସଧୀରେ ଗମନ କର ଭେଟାଇବ ସନ୍ନିଧାନେ । ୩ ।

ଶୁଣି ଦୂତୀ କର ଧର ସନ୍ତୋଷ ହେଲେ କିଶୋରୀ
ଗଲେ ଧର୍ମିଲ୍ଲ ସୁମର ନିକୁଞ୍ଜ କେଳି ସଦନେ । ୪ ।

କହଇ ଫକୀର ଚାଲି ସଖୀ ଶ୍ୟାମ ପାଶେ ମିଳି
ଦେଖିଣ ସେ ବନମାଳୀ ଶ୍ରୀମନ୍ତ ଲଜ୍ଜା ବଦନେ । ୫ ।

●

**ବନମାଳୀ ଦାସ**

## ବାତ୍ସଲ୍ୟ

ଦୁଃଖୀ ସଙ୍ଗାଳି ଅନ୍ଧାର ଲଉଡ଼ି ନେଇ ପିତୁଳି
ବନକୁ ନ ଯାଅ ବନମାଳୀ । ଘୋଷା ।

ପାଇଥିଲି ତୋତେ ମୁହିଁ ବରତ ପାଳି
ବରଜ ରମଣୀଙ୍କର ଅଟୁ ହୃଦୟର ହାର
ତାର ପରି ଦେହେ ତୋର ଲଗିବ ଗୋଧୂଳି । ୧ ।

ବୋଧି ମୁଁ କହୁଛୁ ଆରେ ଶ୍ରୀବନମାଳୀ
ତତେ ଗାଈ ରଖାଇବ ଏଥିରେ କି ପୋଷିହେବ
ଦେଖି ଗୋପ ଲୋକେ ମୋତେ ଦିଅନ୍ତି ଗାଳି । ୨ ।

ଅଳି କର ଦୁଧ ଦନ୍ତ ନୁହେଁ ସମ୍ଭାଳି
କାଷ୍ଟ କୋଷ୍ଟ ବଣିକରେ  କଣାବକା କରିବାରେ
ଅଧେକ ସରଇ ଅଧେ ପଡେ ଉଛୁଳି । ୩ ।
କହେ ବନମାଳୀ ଦାସ କରି ଅଞ୍ଜଳି
ଲକ୍ଷ୍ମୀପତି ପଦ ବନେ  ଭରସା ନାହିଁ ମୋ ଆନେ
ଦିଅ ଭୃତ୍ୟ ଭୃତ୍ୟ ପଦ ପଦକ ମାଳି । ୪ ।

## ଶ୍ରୀରାଧାଙ୍କ ନବାନୁରାଗ

ସେ ଶ୍ୟାମ ନାଗରକୁ ମୁଁ ରହିଁଦେଲି କଣ୍ଟତରେ ଦାରେ । ଘୋଷା ।

ବୁଡ଼ିଗଲି ସଂଖୀ ଆନନ୍ଦ ସାଗରେ
ଲଜ ଭୟ ସବୁ ପକାଇ ପଛରେ
ଗୁରୁଜନ ଭୟମାନ ଦୂର କଲି
ଗଲାଲି ହାସ ମିଠାରେ । ୧ ।
ନନ୍ଦସୁତ ସଙ୍ଗେ ଯାହାର ପୀରତି
ଦେଖି ମୋ ହୃଦୟ ହେଉଛି କରତି
ଯାଉଛନ୍ତି ସବୁ ବନେ ନିତି ନିତି
ଲେଖାଇ ତମ୍ବା ପଟାରେ । ୨ ।
କି ବୁଦ୍ଧି କରିବି କହ ଗୋ ସଙ୍ଗାତ
ନଣନ୍ଦ ଭର୍ତ୍ସନା କରଇ ଯେତେକ
ବାହୁଙ୍ଗ ପରାଏ ଲାଗୁଛି ମୋ ଚିତ
ତା ନେତ୍ର ଅଠା-କାଠିରେ । ୩ ।
ବନମାଳୀ ଦାସ ବୋଲେ ଏହୁ ରସ
ଶ୍ରୀକୃଷ୍ଣ ଚରଣେ ରହୁ ମୋର ଆଶ
ଗାଇଲେ ସେ ନାମ ନ ହୋଇ ବିଶେଷ
ଶ୍ରୀକୃଷ୍ଣ ଚରଣଠାରେ । ୪ ।

# ପୂର୍ବରାଗ

## ସଖୀ ପ୍ରତି ଶ୍ରୀରାଧା

( ରାଗ—ପରଜ । ତାଳ - ଝୂଲା )

କି ଦେଖିଲି ନେତ୍ର ଲୋ ସଜନୀ
କି ଦେଖିଲି ଆଜ ବେଶ
ଲଲିତ ମୂରତି କଳିତ ନୋହିଲା ଦଳିତ ଅଞ୍ଜନ ଗାତ୍ର ଲୋ । ଘୋଷା ।

ଅଳକା କପୋଳେ ଚପଳା କି ଖେଳେ କେକୀପୁଚ୍ଛ ଚନ୍ଦ୍ରଚୂଳ
ରତନେ ଜଡ଼ିତ ଯତନେ କୁଣ୍ଡଳ ଝଲକେ ଗଣ୍ଡମଣ୍ଡଳ ଲୋ । ୧ ।

ହୃଦରେ ପଦକ କରଇ ମାଦକ ବାଦ କରେ ନିଶାକରେ
କାମିନୀ ଚିତ୍ତ-କୁମୁଦ ପ୍ରଫୁଲ୍ଲିତ କରୁଥାଇ ଲୋକନରେ ଲୋ । ୨ ।

କରେ ତା କଙ୍କଣ ମୁରଲୀ ବାଦନ ପୟରେ ନୂପୁର ଶୋହେ
ସୁବାସ କୁସୁମ ମାଳ ମାଳ ମାଳ ବାରବେଳପୁର ମୋହେ ଲୋ । ୩ ।

ବାଛି ପିନ୍ଧିବାର କାଛି ପୀତାମ୍ବର ଅତର କର୍ପୂର ଉଛି
ବାରବାକୁ ଆଉ ଅଛି କି ସେ ଶ୍ୟାମ ସୁନ୍ଦର ପଣକୁ କଛି ଲୋ । ୪ ।

ବୋଲେ ବନମାଳୀ ସେ ପଞ୍ଚନାୟକ ଭୂପକନ୍ତ କିଶୋରୀମଣି
ନଟ ଲଗାଇବା ହଟ ବଡ ତାର ନଟବର ବେଶ ଠାଣି ଲୋ । ୫ ।



ବାରବେଳପୁର—ଚତୁର୍ଦ୍ଦଶ ଭୁବନ ।

# ପଥାବରୋଧ

## ଶ୍ରୀକୃଷ୍ଣଙ୍କ ପ୍ରତି ଶ୍ରୀରାଧା

( ରାଗ—ଭୈରବୀ । ତାଳ—ଝୁଲା )

ବାଟ ଛାଡ଼ ସୁନ୍ଦର ନାଗର, ଯମୁନାକୁ ଯିବ ନୀର ଆଣିକି ?
ଘାଟ ପାଇଁ ଯେବେ ଲଟ ଲଗାଇବ
ପ୍ରଭ ବଂଧା ଦେବ ମଥାମଣିକି ॥ ଘୋଷା ॥
ଘରେ ମୋ ନଣନ୍ଦ ଅଟେ ବଡ଼ ମନ୍ଦ
ଶାଶୁ ମୋ ଅଟଇ ସପତଣୀକି ?
ଆହେ ଗିରଟେକା ନ କର ରୁ ଡକା
ତୁମ୍ଭ ଲାଗି ନ ଆସିବ ଏଣିକି । ୧ ।
ମୁହିଁ ବୃଷଭାନୁ ନୃପତିଙ୍କ ଜେମା
ଆନ ପ୍ରାୟେ ମୋତେ ଅଛ ମଣିକି ।
ଧର ମୋ ଅଞ୍ଚଳ କରୁଛ କଞ୍ଜାଳ
ଡର ନାହିଁ ପର ଭୁଆସୁଣୀକି । ୨ ।
ନନ୍ଦ ମହାଖୁଡ ପୁଅ ଏଡ଼େ ବଡ଼
ଦେଖିଥାଅ ଖାଲି ଗଉଡ଼ୁଣୀକି ।
କ୍ଷୀର ଦେଲା ବେଳେ ପୂତନା ମାଇଲ
ସ୍ତ୍ରୀହତ୍ୟା ଦୋଷ ନ ବହିଲ କି ? । ୩ ।
ମୁଁ ଯେବେ ଏଥର ଆସିବି ପାଣିକି
ସଙ୍ଗେ ଆଣିଥିବି ସଖୀଶ୍ରେଣୀଙ୍କି ।
ବୋଲେ ବନମାଳୀ ଶୁଣ ଠାକୁରାଣୀ
ନରାଣ ନ କର ବେଣୁପାଣିଙ୍କି । ୪ ।



# ବନ୍ଦନା

( ରାଗ—ମଙ୍ଗଳ । ତାଳ—ଝିପଠା )

**ଜୟ ହେ ଜୟ ବ୍ରଜରାଜନନ୍ଦନ ମୋହନ ନଟବର ଭଙ୍ଗୀୟା । ଘୋଷା ।**

ଦଳିତ-କଜ୍ଜଳ-କାନ୍ତ ମଂଜୁଳ    କୁଂଚିତ-ଘନ-ନୀଳ-କୁନ୍ତଳ<br>
ପୁଷ୍ପବେଷ୍ଟିତ ଚଳ ପରିମଳ    ବରହୀ ଚନ୍ଦ୍ରକ-ଚୂଳିୟା । ୧ ।<br>
ଭାଲେ ଚନ୍ଦନ-ବିନ୍ଦୁ ଉଜ୍ଜ୍ୱଳ    ଶଶଧର ପୂର୍ଣ୍ଣ ମଣ୍ଡଳ<br>
କର୍ଣ୍ଣେ ଶୋଭିତ ମକର କୁଣ୍ଡଳ    ତରଳତର ଭ୍ରୂଭଙ୍ଗିୟା । ୨ ।<br>
ବିକଚ ସରସିଜ ବଦନ ଶୋଭିତ    ମନ୍ଦ ମୃଦୁତର ହାସ-ସସ୍ମିତ<br>
କନକ-କଙ୍କଣ ରତ୍ନଭୂଷିତ    ମୁରଲୀଧର ନବରଙ୍ଗିୟା । ୩ ।<br>
ହୃଦୟ ମଣ୍ଡଳେ ମଣି ବିରାଜିତ    କୋଟି ଭାସ୍କର କାନ୍ତି ନିନ୍ଦିତ<br>
କୁସୁମସ୍ତୁ ବନମାଳ ରଂଜିତ    ଲୋଲ ଲୋଚନ ସାରଙ୍ଗିୟା । ୪ ।<br>
ସାରସ ପ୍ରଫୁଲ୍ଲ ବଦନ ବିକଶିତ    ମନ୍ଦ ମଧୁର ମୃଦୁ ହାସ ସ୍ମିତ<br>
କଟୀରେ ସ୍ୱର୍ଣ୍ଣ କିଙ୍କିଣୀ ରଂଜିତ    ନବ ଯୁବତୀ ମାନଭଂଗିୟା । ୫ ।<br>
ମଂଜୁ ମଂଜିର ନାଦ କଣ କଣ    କ୍ଷୁଦ୍ର କିଙ୍କିଣୀ ରଣିତ ରୁଣ ଝୁଣ<br>
ସଂଗୀତ ଗମକ ସମ ଗାୟନ    ରାସ ନୃତ୍ୟକ ସଂଗିୟା । ୬ ।<br>
କଟୀତଟେ ପୀତ ପଟ ଭୂଷଣ    ତଡ଼ିତ ନିଚୟ କାନ୍ତି ନିନ୍ଦନ<br>
ନୀପ ତରୁମୂଳ ଧେନୁଚାରଣ    ବରଜ ବାଳକ ସଂଗିୟା । ୭ ।<br>
ଚରଣ ପଂକଜ ଅରୁଣ କି ସୁନ୍ଦର    ଭକ୍ତ ମାନସ-ବନ୍ଦୀ ମନ୍ଦିର<br>
ସନ୍ତତେ ବନମାଳୀ ଧୀଷଣ    ଭକ୍ତଲାଳସ ସଂଗିୟା । ୮ ।



ବରହୀ—ବର୍ହୀ=ମୟୂର । ବିକଚ— ଫୁଟିଥିବା । ସରସିଜ—ପଦ୍ମ । ଲୋଲ-ଚଞ୍ଚଳ ।
ଧୀଷଣ—ବୁଦ୍ଧି ।

# ନବାନୁରାଗ

## ଶ୍ରୀରାଧାଙ୍କ ପ୍ରତି ସଖୀ

( ରାଗ—ବସନ୍ତ । ତାଳ—ଖେମଟା )

ଧନ୍ୟ ଧନ୍ୟ ନନ୍ଦ ତନୟ ଗୋ
ନବ ନବ ପରା ମୋ ମିତ ।
ନିତି ଦେଖୁଥିଲେ ପ୍ରୀତି ବଢୁଥାଇ
ତୃପତି ନୁହଇ ଚିତ୍ତ ଗୋ ମିତ । ଘୋଷା ।

ହାସରେ ସଖୀ ଭାଷରେ ତାର ପୀୟୂଷ ଯେ ଥାଇ ପୂର
ଶ୍ରୁତିରେ ପଶି ଧୃତି ନାଶଇ
ବୃତ୍ତି ଭେଜଇ ନାଶି ଗୋ ମିତ । ୧ ।

ଖଂଜନ ମୀନ ଗଂଜନ ମୃଗ କଂଜ ନୟନ ତାର
ଦୃଷ୍ଟିରେ ପଡ଼ି ଜାତି ମାରଇ
ଜାତି ମଦନ ଶର ଗୋ ମିତ । ୨ ।

ଗୁଡ଼ି ସବୁ ସଜାଡ଼ିଲି ତନୁ କେତେ କାଳ ବସି ବନ୍ଧୁ
କାମ ହୋଇଲେ ଝାମ ହୋଇବ .
ଶ୍ୟାମ ମୂରତି ଚାହିଁ ଗୋ ମିତ । ୩ ।

ବନମାଳୀ ବୋଲେ ମନ ମିଳିଗଲେ
ବିସ୍ମର ନ ପାରେ ଆଖି
ଯେତେ ଯେତେ ଦେଖୁ- ଥିଲେ ତେତେ ପୁଣି
ନୂଆ-ନୂଆ ଦିଶେ ଟିକି ଗୋ ମିତ । ୪ ।



# ଘାଟଲୀଳା

## ଶ୍ରୀକୃଷ୍ଣଙ୍କ ପ୍ରତି ଶ୍ରୀରାଧା

( ରାଗ—ସାବେରୀ । ତାଳ—ଝୂଲା )

ତୋ ଲାଗି ଗୋପ ଦାଣ୍ଡ ମନା ରେ କାଳିଆ ସୁନା
ତୋ ଲାଗି ନ ଯିବ ଯମୁନା ରେ କାଳିଆ ସୁନା । ଘୋଷା ।

କଡ଼ ଏଡ଼ି ବାଟେ ଯାଉ ରେ କାଳିଆ
କଡ଼ ଏଡ଼ି ବାଟେ ଯାଉ
ହାଟରେ କଉଡ଼ି ମାଗିଲେ କାଳିଆ
ମୁରଲୀ ବଜାଉ ଥାଉ ରେ । ୧ ।
ତୁହି ଗୋପପୁରେ ରଜା ରେ କାଳିଆ
ତୁହି ଗୋପପୁରେ ରଜା
କେମନ୍ତ ସଜରେ ମୁରଲୀ ବଜାଉ
ଆହୁରି କିଏ ବଜା ରେ । ୨ ।
ତୁହି ବଡ଼ ଘର ପୁଅ ରେ କାଳିଆ
ମୁହିଁ ବଡ଼ ଘର ବୋହୂ
ସରମ ତୋ ମୁଖେ ନାହିଁ ରେ କାଳିଆ
ମରମ କଥା ତୁ କହୁ ରେ । ୩ ।
ତୁହି ଅଟୁ ନନ୍ଦ ସୁତ ରେ କାଳିଆ
ତୁହି ଅଟୁ ନନ୍ଦ ସୁତ
ମଥୁରା ହାଟକୁ ଦଧି ବିକଗଲେ
କଡ଼ ମାଗୁଥାଉ ଘାଟ ରେ । ୪ ।
କହଇ ବଲ୍ଲଭାନନ୍ଦ ଏ ରସରେ
ଶୁଣ ଆଗୋ ସଖୀବୃନ୍ଦ
ଯମୁନାକୂଳରେ ମୁରଲୀ ବଜାଏ
ତୁମ୍ଭ ଘେନ କୃଷ୍ଣଚନ୍ଦ୍ର ରେ । ୫ ।

# ଝୁଲଣ ଗୀତ

( ରାଗ—କେଦାର । ତାଳ—ଝୁଲା )

ଝୁଲନ୍ତ ରଙ୍ଗେ ରାଇ ଶ୍ୟାମସୁନ୍ଦର
ରାଗରେ ଅନୁରାଗେ କରନ୍ତ ବଂଶୀ ସ୍ୱନ୍ଦର । ପଦ ।

ଝଲ ମରକତ ନୀଳେନ୍ଦ୍ରମଣି ଲାବଣ୍ୟ ପ୍ରତିମା ତ୍ରିଭଙ୍ଗୀ ଠାଣି
ମୃଦୁ ମୃଦୁ ହାସ ନୟନ ବିଳାସ କେଡ଼େ ମଧୁର । ୧ ।

ମାଳତୀ କୁସୁମେ ରଚିତ ଦୋଳି ଝୁଲାଇ ଧାଅନ୍ତି ବରଜବାଳୀ
ଗାଇ ଗୀତମାନ କରନ୍ତି ନର୍ତ୍ତନ ବାଇ ନୂପୁର । ୨ ।

କେ ବଜାଏ ବୀଣା ଅବା କାହାଳୀ କେ ବାଏ ମର୍ଦ୍ଦଳ ଉକୁଟ ବୋଲି
କେବଣ ସୁଧୀରା ବଜାଏ ମନ୍ଦିରା ପ୍ରେମେ ଆତୁର । ୩ ।

ଟପ ଟପ ଝପ ଝପ ବରଷା ଶୀତଳ ପବନ ଚନ୍ଦ୍ରମା ଦଶା
ପାରା ଶୁକ ଶାରୀ-ମୟୂର ମୟୂରୀ ଆନନ୍ଦେ ଭୋର । ୪ ।

ଝୁଲଣ ଉତ୍ସବ କୁଞ୍ଜ ସଦନେ ଦେଖି ସୁଖୀ ହୋଇ ଅମରୀମାନେ
ବୋଲେ ବନମାଳୀ ଦେଲେ ପୁଷ୍ପାଂଜଳି ରହି ଶୂନ୍ୟର । ୫ ।



# ନବାନୁରାଗ

## ସଖୀ ପ୍ରତି ଶ୍ରୀରାଧା

( ରାଗ—ସିଂଧୁ କାମୋଦୀ । ତାଳ—ଝୁଲା )

ନ ଦେଖିବି ମୁରଲୀ-ଧର
ଚାହିଁ ପଛେ ଅପବାଦ ନାଗର । ଘୋଷା ।

ବାଂଧବୀ ମୋ ଚରିତ ଗାଇ — ହସନ୍ତୁ ବା ତାଳି ବଜାଇ
ଯେ କହିବ ଦିନା ମନ ଭଂଗାଇ — କିଏ ଦେବ ଶ୍ୟାମ ପ୍ରୀତି ଲଗାଇ ।୧।

ନୟନ ମୋ ପ୍ରେମ ଇଙ୍ଗିତ — ଭଂଗୀ ସଂଗୀ ହେବାରୁ ମିତ
ଅବହିତକୁ ମୁଁ ମଣେ ବହିତ — କି କରିବେ ପରଲୋକ କହି ତ ।୨।

ଗୁରୁ ଗୁରୁଜନ ଗଂଜଣା — ଦେଲେ ଦେବେ ପଛକେ ଦିନା
ଏକା ଶ୍ୟାମବଂଧୁ ସଂଗ କାମନା — ହେଲେ ହେଉ ଜାତି ପାଂତିକେ ମନା ।୩।

ବନମାଳୀ କହେ ଏ ଗିର ମୋହନ ମୋ ହୃଦୟ ହାର
ଏ ପରାଣ ମନ କଣା ଯାହାର — ତା ସ୍ନେହରୁ କି ମୁଁ ହେବି ବାହାର ?।୪।

*

# ସୁଦୂର ପ୍ରବାସ

## ସଖୀ ପ୍ରତି ଶ୍ରୀରାଧା

( ରାଗ—କେଦାର । ତାଳ—ଏକତାଳି )

ବନ୍ଧୁ ନାହିଁ କରି ମୋତେ କାହିଁ ପାଇଁ ଗଢ଼ିଲା ରେ । ଘୋଷା ।

ବଧୂ ନଟୀ ମଧୁକାଳ — ବହଇ ମଳୟାନିଳ
ଏକାକିନୀ ନାହିଁକୁଳ ଦଶା ଆସି ପଡ଼ିଲା ରେ । ୧ ।

ଏ ବୟସ ଅକାରଣ — ଗଲା ରେ ସଜନୀ ଜାଣ
ବନର ମାଳତୀ ପରି ବନେ ଫୁଟି ଝଡ଼ିଲା ରେ । ୨ ।

ତା ସ୍ନେହକୁ ଭାବି ଭାବି        ପୁଷ୍ପ-ଶରେ ଗଲି ଦ୍ରବି
ମନ ତାକୁ ଧନ ପରି ନିତି ନିତି ଲୋଡ଼ିଲି ରେ । ୩ ।

ମଧୁକର ଭଳି ହେଲେ        ମଧୁପୁରେ ସେ ରହିଲେ
କି ଦୋଷ ମୁଁ କଲି ବୋଲି ପ୍ରୀତି-ରଜ୍ଜୁ ଛିଣ୍ଡିଲା ରେ । ୪ ।

ହେଲି ମୁଁ ଅତି କାତରେଖି        ମଦନ ଜଳା ବିମୁଖି
ବନମାଳୀ ବୋଲେ ଖାଲି ଏ ବିରହ ବଢିଲା ରେ । ୫ ।

●

## ଉତ୍କଣ୍ଠିତା ରାଧାଙ୍କ ଉକ୍ତି

( ରାଗ—ମଂଗଳ । ତାଳ—ଝୁଲା )

ଶ୍ୟାମ ବିନେ ସଜନୀ, ଆନେ ବଂଚିବି କି । ଘୋଷା ।

ମୁଁ ତ କରି ନାହିଁ ଦୋଷ        କାହିଁକି ମୋରେ କାରଣ
କରିଥିଲି କେତେ ଆଶ ଦହିଲେ କି । ୧ ।

ସେ କେକୀ-ପୁଚ୍ଛଚୂଳିଆ        ନବୀନ ଘନ କାଳିଆ
କଲାପ ଗୁଂଜମାଳିଆ ନଇଲେ କି । ୨ ।

ଶେଯାଇ ମୁଁ ହୃଦ୍ୟ ଶେଯ        ହୋଇଥିଲି କେତେ ସଜ
କୁଂଜରାଜ କାହା ସଂଗେ ରହିଲେ କି । ୩ ।

ଏ ଜୀବନ ଯିବ, ଜୀବ-        ଧବଙ୍କୁ କେ ଭେଟାଇବ
ଶ୍ରୀ ବୀରକିଶୋର ଦେବ କହିଲେ କି । ୪ ।



# ରୂପାନୁରାଗ

## ସଖୀ ପ୍ରତି ଶ୍ରୀରାଧା

( ରାଗ—ପୁନ୍ନାଗ । ତାଳ—ଏକତାଳି )

ଶ୍ୟାମ ଶ୍ରୀଅଂଗେ ନେତ୍ର ପଡ଼ିଲା ରେ ।
ପଡ଼ି ବିବେକ ଜ୍ଞାନ ବୁଡ଼ିଲା ରେ । ଘୋଷା ।

କି ଶୋଭା ସେ ମୋହନ ମୂରତି ନବଘନ
ମନ ତା ସଂଗ-ପ୍ରୀତି ଲୋଡ଼ିଲା ରେ ।
ଚନ୍ଦ୍ରିକା ମୁକୁଟିଆ ହସ୍ତ ନଟ କୁଟିଆ
ଛବିକି କେ ବିନାଣି ଗଢ଼ିଲା ରେ । ୧ ।
ଜୀବନ ଯଉବନ ଜାତି ଧୃତି ଗୁମାନ
ସବୁ ତା ପାଦତଳେ ପଡ଼ିଲା ରେ ।
କି ଘର ବର ଗ୍ରର କିବା ବଂଧୁ ସୋଦର
ପତି ବରତମୂଳ ତାଡ଼ିଲା ରେ । ୨ ।
ଗୁରୁ ଗୁରୁଜନଙ୍କ ଗୁରୁଧରମ ଯାକ
ଗୁରୁ ମୁରଲୀ ସ୍ୱନେ ଏଡ଼ିଲା ରେ ।
ସବୁ କଟି ସୁଠାଣି ବାଙ୍କ ବାଙ୍କ ଚାହାଁଣି
ଶାୟକ-ମୁନ ହୃଦେ ବୁଡ଼ିଲା ରେ । ୩ ।
ବୃନ୍ଦାବନ-ମଦନ ସୁଖାନନ୍ଦ ସଦନ
ରୂପ କାନ୍ତିରେ ମତି ଜଡ଼ିଲା ରେ ।
ବହଇ ବନମାଳୀ ଏ ରସେ ଭାଳି ଭାଳି
ଗୋପୀଙ୍କ ପ୍ରେମନଦୀ ବୁଡ଼ିଲା ରେ । ୪ ।



# ଅଭିସାରିକା-ରାଧାରାଣୀ

( ରାଗ—ସାରଂଗ । ତାଳ—ଏକତାଳି )

ସଂଗିନୀ ରେ, ଜଣେ କେହ୍ନି ମୋର ସଂଗେ ଆସ ଆସ
କେଳିମନ୍ଦିରକୁ ଯିବି ନ ବଳେ ମନେ ସାହସ । ଘୋଷା ।

ମୋ ଲାଗି କୁଞ୍ଜବିହାରୀ ବସିଥିବେ ଅନୁସରି
ସବୁ ବାଧାବନ୍ଧ ଲଙ୍ଘି ଭେଟିବହିଁ ପାଶ । ୧ ।

ବାସକସଜ୍ଜା ସମ୍ଭାର ଯାବତ ମୁଁ ଉପଚାର
ଯେଣୁଁ ହୁଅ ବାହାର ହୋଇ ଗୋ ଉଲ୍ଲାସ । ୨ ।

ସୁବାସ ସୁମନମାଳା ମଣ୍ଡିବି ବଂଧୁଙ୍କ ଗଳା
ଖଣ୍ଡିବ ଅନ୍ତରୁ ମୋର ଏ ବିଚ୍ଛେଦ ତ୍ରାସ । ୩ ।

ସେ ବୃନ୍ଦାବନ ମଦନ ଶୁଭେ କରି ଆଲିଙ୍ଗନ
ଖ୍ୟାପିବେ ପ୍ରୀତି ବଚନ ବୋଲାଇ ଆଶ୍ୱାସ । ୪ ।

ବନମାଳୀ ଦାସ ଭଣେ ନବ- ପରିରମ୍ଭ ପଣେ
ଅନୁଗମିବି ଗହନେ ମିଳୁ ଅବକାଶ । ୫ ।



# ବଂଶୀବିଭବ

## ସଖୀ ପ୍ରତି ଶ୍ରୀରାଧା

( ରାଗ—ଶଙ୍କରାଭରଣ । ତାଳ—ଝୁଲା )


ସଖି ନିକୁଞ୍ଜବନେ ବଂଶୀ କେ ବଜାଏ ଗୋ !
ଶ୍ରୁତି ଯୋଗେ ସୁଧା ବରଷାଏ ଗୋ ! ଘୋଷା ।

କେ ବନ ଦେବତା କି ମନ୍ତ୍ର ଗାଏ
ପଲ୍ଲବିତ କରେ ଦ୍ରୁମଲତାଏ !
ଖଗ ମୃଗେ ପୀରତି ଲଗାଏ ଗୋ ! ୧ ।

ପ୍ରତିବ୍ରତା ସତୀ-ମତି ଭୁଲାଏ
ମନମଥ-ଶରେ ତନୁ କମ୍ପାଏ
ଲଜ୍ଜା ଗଣ୍ଠି କି ଯତନେ ଫିଟାଏ ଗୋ ! ୨ ।

ତୋଳାଇ କୁସୁମ କରୁ ଖସାଏ
ଅସମ୍ଭବକୁ ସମ୍ଭବ କରାଏ
ଶୁଣା ତ ନ ଥିଲା ଆଜଯାଏ ଗୋ ! ୩ ।

ବନମାଳୀ ଏହୁ ରସରେ ଗାଏ
ତୋ ବିନୁ ମୁରଲୀ ଆନ କେ ପାଏ ?
ସଖି, ସେହୁ ନାଗର କହାଏ ଗୋ ! ୪ ।



# ଶାରଦ-ମିଳନ

## ବନମାଳୀ—(ଷୋଡଶ ଶତାବ୍ଦୀ)

ଗୋପୀ ସଙ୍ଗେ ବନମାଳୀ ହେ ସୁଜନେ, ଗୋପୀ ସଙ୍ଗେ ବନମାଳୀ
ଶରଦ ଜହ୍ନରେ, ଶ୍ରୀ ବୃନ୍ଦାବନରେ ରଙ୍ଗେ କଲେ ରାସ କେଳି ହେ । ପଦ ।

କେଉଁ ବରାଙ୍ଗନା, କରେ .ଧରି ବୀଣା, ଗାଏ ତାନମାନ ଗ୍ଭଳି
କେ ବାଏ ମାଦଳ, ମନ୍ଦିରା ଝଂଜାଳି, କେହୁ ନାଚେ ଟଳି ଟଳି । ୧ ।

ଗାଏ କେ ସୁମ୍ବସ୍ୱରେ, ରାଗ ଆଳାପରେ, କେହୁ ଦିଏ କରତାଳି
କେଉଁ ଗୋପବାଳୀ, ଦିଏ ହୁଳ ହୁଳି, କେ ବୋଲେ ଚନ୍ଦନ ଗୋଳି । ୨ ।

କେଉଁ ଗୋପବାଳା, ଘେନ ଫୁଲମାଳା, ମଣ୍ଡେ କୃଷ୍ଣ ହୃଦସ୍ଥଳୀ
ହୋଇ କୁତୂହଳ, କେ ଦିଏ ତାମ୍ବୁଳ, ପାଦେ କେହୁ ନଉଗ୍ଭଳି । ୩ ।

ମଧୁର କିରଣେ, ଚନ୍ଦ୍ରମା ଗଗନେ, ପୀୟୂଷ ଦିଅଇ ଢାଳି
ମଳୟ ପବନ, ବହେ ଘନ ଘନ, କୁସୁମ ସୌରଭେ ମିଳି । ୪ ।

ମୁଖେ ମୁଖ ହୃଦେ ହୃଦକୁ ଆନନ୍ଦେ ଲଗାଇ ନାଚନ୍ତି ବାଲି
ଗୋପୀକେ ଗୋବିନ୍ଦ, ଆହା କି ପରମାନନ୍ଦ, ବଂଶୀବଟ ରାସସ୍ଥଳୀ । ୫ ।

କୁଂଜେ କୁଂଜେ ଗୋପୀ, କୃଷ୍ଣଙ୍କୁ ନିରେପି, ଦୀନ ଦାସ ବନମାଳୀ
ଶ୍ରୀ ଗୁରୁ ରୂପାଙ୍କ, ସିଦ୍ଧ ଆଜ୍ଞା ବାକ୍ୟ, ଶିରେ ବହେ ପ୍ରତିପାଳି । ୬ ।



କବିସୂର୍ଯ୍ୟ ବଳଦେବ ରଥ

## ରସୋଲ୍ଲାସ

### ସଖୀପ୍ରତି ଶ୍ରୀରାଧା

କାହିଁରେ ମନ ସଖି          ପ୍ରସନ୍ନ ହେଉ ନାହିଁ
ଏଥିକି କହ କେଉଁ ଗତିକରେ
କି କରି ଅରଜିବି          କି କରି ବରଜିବି
ସେ ନବଘନ ଶ୍ୟାମ ପ୍ରୀତିକରେ । ୦ ।
ଯୁଗଠାରୁ ଅଧିକ          ହୋଇଲାଣି ପଲକ
କେମନ୍ତେ ସମ୍ଭାଳିବି ଧୃତିକରେ
ତ୍ରିଭୁବନ ମୋହନ,          ବିଷମ ବଂଶୀ ସ୍ୱନ
କାହୁଁ ଚୁମ୍ବିଲା ମୋର ଶ୍ରୁତିକରେ । ୧ ।
ଇନ୍ଦ୍ର ନୀଳ-କପାଟ          ପଟ ରୁଚି ସେ ନଟ—
ବର ମୁକୁଟମଣି ହାଣିକରେ
ମାନସେ ଭାବି ଭାବି,          ଜନମେ କି ଛାଡ଼ି ଦେବି
କୁଳ ବରତ ଜାତି ନୀତିକରେ । ୨ ।
ଗରଳ ଗିଳି ଅବା,          ରବି ନନ୍ଦନ ସେବା—
ବିଧିରେ ବଳାଇବି ମତିକରେ
ଅବା ଶ୍ୟାମ ସଂଗତି          ଲଭି ସୁଭାଗ୍ୟବତୀ—
ମଣ୍ଡଳେ ଟେକାଇବି ଖ୍ୟାତି କରେ । ୩ ।
ନିକୁଞ୍ଜେ ଯିବେ ବେଳେ,          ଯେବେ ବସିବି କୋଳେ
ସେ ନବ-କିଶୋର ମୂରତି କରେ
ସରିବେ ନାହିଁ ମୋର,          କରିବେ ମଦନର
ବସି ପାରିବି କି ବିରତି କରେ । ୪ ।
କହେ ଶ୍ରୀ ଶ୍ରେଷ୍ଟସ୍ଥ,          ନୃପତି କୁବଳୟ—
ନେଣେ ଲପନ ନିଶାପତି କରେ
ଦେଖାଇ ଦେଇ ଥରେ,          ଏବେ ଭାଗ୍ୟ ପଥରେ
ପକାଇ ନେବେ ଅଙ୍ଗୀରତି କରେ । ୫ ।

---

ରବି ନନ୍ଦନ ସେବା = ଯମ ସେବା ବା ମୃତ୍ୟୁ ।

# ମିଳନ ଭାବନା

## ଶ୍ରୀରାଧା ପ୍ରତି ସଖୀ

( ରାଗ—କାମୋଦୀ । ତାଳ—ଏକତାଳୀ )

ସଜ ହୋଇଥାରେ, ଗଜରାଜଗତି ଆଜି
ରଜନୀ ଆସିବେ ସଜ ନନ୍ଦୋତ୍ଫୁଲ୍ଲ ଶ୍ୟାମ ବ୍ରଜ ଯୁବରାଜ । ଘୋଷା ।

ସୁନା ଲତିକାରେ ମୀନାପରି ଝଲେ କଳାଝୀନ ଶାଢ଼ୀ ପିନ୍ଧ
ବଳାପନ୍ନ ମଣି ନୀଳ କୁନ୍ତଳାରେ କଳାପ କମର ବାନ୍ଧ । ୧ ।

ପୂର୍ଣ୍ଣଶଶିଙ୍କ ବର ଯୁଗେ ଇନ୍ଦୀବର ଯୁଗଳୀ ଲଢ଼ାଇବାକୁ
ମର୍ଦ୍ଦିବା ଲାଞ୍ଛନ ତାପିଞ୍ଛେ କନକ ମଂଜରୀ ମିଳାଇବାକୁ । ୨ ।

ମସାରମଣି ହେମ ସାର ସମୂହ ମିଶିବାର ଯୁଟିବାକୁ
ବରତୁଲ ପୟୋଧରେ ରତ୍ନବର ତୁଲେ ଥରେ ଯୁଟିବାକୁ । ୩ ।

କୁଂଜାଳସ୍ଥ ଝଷଧ୍ୱଜ କେଳିରସ ଭୁଞ୍ଜାଇ ଭୁଂଜିବୁ ପରା
କଂଜାସ୍ୟତାକ୍ଷୀରେ ଖଂଜାଇ ଲଲାମ ତା'ପରେ ପୁନ୍ନାଗ ଝରା । ୪ ।

ଦେଖି ସେ ଉତ୍ସବ ନେତ୍ରେ ଅମ୍ଭେମାନେ ସୁଖୀ ହୋଇ ଜୀଇବାକୁ
ଦୁହେଁ ତ ଦୁହିଙ୍କ ଜୀବ, ଜୀବବନ୍ଧୁ ଯିବ ମଧୁ ପିଇବାକୁ । ୫ ।

ଶୁଣି ଲଳିତାକୁ ଲୀଳା ତାମରସ ଛୁଆଁଇଲେ ଦେବୀ ସ୍ନେହେ
ସେ ସମୟେ କର ବନ୍ଦନକୁ ହରିଚନ୍ଦନ ଭୂନାଥ କହେ । ୬ ।



---

ତାପିଞ୍ଛ—ତମାଲ ବୃକ୍ଷ । ମସାରମଣି—ଇନ୍ଦ୍ରନୀଳମଣି । ହେମ—ସୁବର୍ଣ୍ଣ ।
ଝଷଧ୍ୱଜ—ମୀନ କେତନ, ବା କନ୍ଦର୍ପ । କଞ୍ଜାସ୍ୟତାକ୍ଷୀ—ପଦ୍ମନୟନା ।
ଲଲାମ—ଶିରଭୂଷଣ । ତାମରସ—ପଦ୍ମ ।

# ଶ୍ରୀକୃଷ୍ଣ ବନ୍ଦନା

( ରାଗ—ଧନାଶ୍ରୀ । ତାଳ—ଏକତାଳୀ )

ଘେନ ଘେନ ମନ ଘନ ସମ ଶ୍ୟାମଳଆଙ୍କୁ
ପିଲଟି ଦଳୁ ପୂତନା ପ୍ରାଣ କଦଳଆଙ୍କୁ । ପଦ ।

ବରଙ୍କ ଗୋପୀଙ୍କର ମକର କୁଣ୍ଡଳଆଙ୍କୁ
ଅଖଣ୍ଡ ଚନ୍ଦ୍ର ସୁନ୍ଦର ମୁଖ ମଣ୍ଡଳଆଙ୍କୁ । ୧ ।

ମଦଗଜ ଗମନଙ୍କୁ କଦମ୍ବ ମୂଳଆଙ୍କୁ
ମଖଶାଳା ଭଖାରୀଙ୍କୁ ଶିଖଣ୍ଡ ଚୂଳଆଙ୍କୁ । ୨ ।

ସମୁଦ୍ରଙ୍କୁ କରୁଣାର ଯମୁନା କୂଳଆଙ୍କୁ
ଗୀତ ନଟ ଲମ୍ପଟଙ୍କୁ ପୀତ ଦୁକୂଳଆଙ୍କୁ । ୩ ।

ବଲ୍ଲବେନ୍ଦ୍ର ନନ୍ଦନଙ୍କୁ ପଲ୍ଲବମାଳଆଙ୍କୁ
ଭଜେ କବିରବି ତାହାଙ୍କର, ପାତଳଆଙ୍କୁ । ୪ ।



କଦଳଆ - ଖେଦନକାରୀ, ନାଶକାରୀ । ବର—ସ୍ୱାମୀ । ଅଖଣ୍ଡଚନ୍ଦ୍ର - ପୂର୍ଣ୍ଣଚନ୍ଦ୍ର । ମଖଶାଳା - ଯଜ୍ଞଶାଳା । ବଲ୍ଲବେନ୍ଦ୍ର—ଗୋପାଳମାନଙ୍କ ରାଜା । ପାତଳଆ— ପାଦ ତଳକୁ ଆଶ୍ରା କରଥିବା ।

# ଖଣ୍ଡିତା

( ରାଗ—ଚନ୍ଦ୍ରାଭୈରବ । ତାଳ—ତ୍ରିପଟା )

## ସଖୀ ପ୍ରତି ଶ୍ରୀରାଧା

ସଜନ, ଆଜ ରଜନୀରେ ନଇଲେ ବ୍ରଜମୋହନ
ମନକେନ୍ତୁ ମୋହିଲାରେ । ଘୋଷା ।

ମୋ ଦେହେ ଦେଇ କର-     କମଳ ବାରମ୍ବାର
କସ୍ୟମ କରି କେତେ କହିଲାରେ,
କପଟ ମତି କରି     ସାହସେ ସେ କପରି
ଧରମ ତାକୁ ସହୁ ! ସହିଲାରେ । ୧ ।

ଲଗାଇ ପ୍ରେମ ରସ     ମଧୁ ଜନ୍ମାଇ ବଶ
ନୟନୁ ଅଶ୍ରୁ ବରଷାଇଲାରେ,
ଭଜ ମୁଁ କଣା ହବା     କି ଅପରାଁଧୁ ଅବା
ମୋଠାରେ ଅବଧାନ ନୋହିଲାରେ । ୨ ।

ରାଙ୍ଗି ରଖିଛୁ ପାନ     କର୍ପୁର ଶ୍ରୀଚନ୍ଦନ
ଏବେ ତ ବେଶ ବାସି ହୋଇଲା ରେ
କାହା ସୁରତେ ମାତି     ଆସି ହେଲା ପାହାନ୍ତି
କୁକ୍‌କୁଟ କୁକୁରବେ ରଟିଲାରେ । ୩ ।

ଏ ପାପ କାମ ମୋତେ     ଦଣ୍ଡ ଦେଲାଣି ଯେତେ
ପରାଣ ଭୁଲେ ପିଣ୍ଡ ଦହିଲାରେ,
କବି ମିହିର ଚନ୍ଦ୍ରା     ଆହା ବ୍ରଜ ବନିତା
କପାଳେ ବହି ଏହା ଲହିଲାରେ । ୪ ।



# ଗୋଧନ ବାହୁଡ଼ା ରୂପଶ୍ରୀ

( ରାଗ—ଶଙ୍କରାଭରଣ ବା ମୋହନ )

ଷଟ୍‌ପଦନୀଳ କେଶା ଆଗୋ ଚାହଁ ଚାହଁ,
ସର୍ବଂସହାରେ ଖେଳୁଛନ୍ତି ନବ ବାରିବାହ,
ସମୀପରେ ତାର ରହ,
କରୁଛନ୍ତି ନର୍ତ୍ତନ ଅନେକ ବରହୀ । ୧ ।
ସଜ ହୋଇ ସୁର ସରଦାର ଅବା ଆସେ,
ସ୍ୱର୍ଣ୍ଣାଭ ଫଉଜ ଘେରି ଅଛି ଚଉପାଶେ,
ସାରି ଦେବ ପରି ଆଜ,
ସରୋଜ ସୁନ୍ଦର ନେତ୍ରା ଜନମନ ରାଜ । ୨ ।
ସୁରେଶ୍ୱର ରତନ କି ହେବାରୁ ଜଙ୍ଗମ,
ସବୁ ମଣିମାନଙ୍କୁ ମିଳିଲା ସେହି କ୍ରମ,
ସ୍ୱର୍ଣ୍ଣବର୍ଣ୍ଣା ଏ ଏଣିକ,
ସମ୍ଭାବେ ମୂର୍ତ୍ତିମନ୍ତ ରତନ ଶ୍ରେଣୀ କି । ୩ ।
ସଞ୍ଚରଣ ଶୀଳ ନବ ତମାଲ ଭୂରୁହ,
ସଙ୍ଗେ ଘେନି ଆସୁଅଛି ସଖା-ଶାଖିବ୍ୟୂହ,
ଶୁକ ଶାରୀ ପରଭୃତ,
ଶାଖାମାନଙ୍କରେ କରୁଅଛନ୍ତି ସଂଗୀତ । ୪ ।
ସୁରଧୁନୀତୀରେ କରିଥିବା ଯେବେ ତପ,
ସଫଳ କର ଏ ତାପିଞ୍ଛର ଅନାତପ,
ସୁଖେ ବଞ୍ଚିବା ବସନ୍ତେ,
ସାମନ୍ତ ସୁଧାଂଶୁ ଜଗଦେବ ବୋଲେ ଗୀତେ । ୫ ।

---

ଷଟ୍‌ପଦ—ଭ୍ରମର । ସର୍ବଂସହା—ପୃଥିବୀ । ବାରିବାହ—ମେଘ । ସୁରେଶ୍ୱର—ଇନ୍ଦ୍ର । ଜଙ୍ଗମ ଗତିଶୀଳ । ଭୂରୁହ ବୃକ୍ଷ । ଶାଖି—ଡାଳ । ପରଭୃତ—କୋକିଳ । ସୁରଧୁନୀ—ଗଂଗା । ସୁଧାଂଶୁ—ଚନ୍ଦ୍ର ।

# ରସୋଚ୍ଛ୍ୱାସ

## ସଖୀ ପ୍ରତି ଶ୍ରୀରାଧା

( ରାଗ—ଭୈରବୀ । ତାଳ—ଆଠତାଳି )

ଶ୍ୟାମ ସମ କମନୀୟ ନାହିଁ ଆଉ,
ତା ବାହୁଭିଡ଼ାରେ ମୋର ଦିନ ଯାଉ । ଘୋଷା ।

କି ସୁନ୍ଦର ପୀତପଟ ତ୍ରିଭଙ୍ଗ ମୁରଲୀ ନଟ,
ତା ଶିର ମୁକୁଟ ଦିଶେ ଦାଉ ଦାଉ । ୧ ।

ଆଲି ମଙ୍ଗଳାଙ୍କୁ ଜଣା, ଥିଲେ ନ ଥିଲେ କରୁଣା,
ନୟନ ସଂମ୍ପତ୍ତି ମୋର ଜାଇଥାଉ । ୨ ।

ପଡ଼ିଗଲେ ତା ନଜରେ, ମଦନ ମାଦକ ଶରେ,
ନାରୀ ହୃଦୟରୁ ଖସିପଡ଼େ ହାଉ । ୩ ।

ବନ୍ଧିଲେ ବନ୍ଧନୁ ଜନେ, ତା ପଛେ ମୁଁ ବନେ ବନେ,
ଶିରେ ଘେନ ବୁଲୁଥିବ ତା କଠାଉ । ୪ ।

କବିରବି ସ୍ୱପ୍ନେ ରସେ, ମନମଥ ରଣଭାସେ,
ତା ପ୍ରେମ ସାଗରେ ଚିତ୍ତ ବୁଡ଼ିଯାଉ । ୫ ।



# ରସୋଚ୍ଛ୍ୱାସ

( ରାଗ—ପୂରବୀ । ତାଳ—ଆଦିତାଳ )

**ସଖୀ ପ୍ରତି ଶ୍ରୀରାଧା**

ରେ ସଙ୍ଗାତ ! ରୁଷି ମୁଁ ବସିଲି ଗେଲେ,
ମନ-ମନସିଜ-ଚକ୍ଷୁ-ମୁଖ-ଭୁଜ, ଏମାନେ ମୋ ଶତ୍ରୁ ହେଲେରେ । ଘୋଷା ।

ଦେଲି ଯେ ଗୁମାନ ଲଜ୍ଜା ତୁ ଚଞ୍ଚଳ 'ଲୁବ୍ଧ ମନ ବୋଲି କହି,
କେବେ ନ ଛୁଇଁଲା ସେ ବ୍ରଜ ଛଇଲା ଶୋଷି ସମ୍ପତ୍ତିରେ ରହିରେ । ୧ ।

ରଖି ଧୃତି ମୋର ବୋଇଲି ଯେ ଗୁର ମାରକୁ ପାଣି ପ୍ରସାରି,
ବନ୍ଧି କୋଟି କୋଟି ବାଣ ନେଲା ହଟି ଦେଲା ମୋ ଆବୁର ସାରିରେ । ୨ ।

ଭଲ କଲି ମଥା ଜାଣି ଚପଳତା- ସମ୍ବନ୍ଧ ବୋଲି ମୋ ତୋଳା,
ନ ପଡ଼ି ଧରାରେ ମୁରଲୀ ଧରାରେ ରସି ରସି କଲା ଖେଳାରେ । ୩ ।

ଏ ପାପ ଲପନ ହସୁଥାଏ ଆନ ବେଳେ ସାଭିମାନ ପରି,
ଜାଣି ସେହି କାଳ ରହିଲା କେବଳ ହାସ ଉଲ୍ଲାସରେ ପୂରିରେ । ୪ ।

ଭିଡ଼ି ଯେ ରଖିଲି ତେବେ ଭୁଜବଲ୍ଲୀ ତାହାର ଅଶ୍ଳେଷେ ଟାକି,
ଟେକି ଯେ ହୋଇଲି କାଳେ ନ ରହିଲା ସ୍ତନ ମୂଳଚେଳ ବାକିରେ । ୫ ।

ବୋଲେ ଶ୍ରୀ ମୁକୁନ୍ଦ ଦେବ ଅତି ଯତ୍ନେ ବୁଝିଲି ନୟନ ପୁଣି,
ଜାଣେ କି ମନ୍ତ୍ର ହେଲା ମୋ ଅନ୍ତର ଗତ ସେହି ନୀଳମଣି । ୬ ।



ଆବୁର—ମହତ୍ତ୍ୱ, ଗୌରବ । ଲପନ —ମୁଖ । ଚେଳ—ବସ୍ତ୍ର ।

## ରସୋଚ୍ଛ୍ୱାସ

( ରାଗ—ତୋଡ଼ି ପରଜ । ତାଳ - ଏକତାଳି )

### ସଖୀ ପ୍ରତି ଶ୍ରୀରାଧା

ରେ ସଙ୍ଗାତ, ନିନ୍ଦିଲେ ନିନ୍ଦିବେ ଲୋକେ,
ନୁଆ ବାଉବାହ୍ନ ମିଳିଦେଲ୍ହ ସ୍ନେହ ବରଜିବି କି ପଲକେ । ଘୋଷା ।

କହ୍ନ ଦ୍ୱାରାଗତ ବତାଇ ସୁମିତ ଯେ ଯେତେ ମୋତେ ନିବାରୁ,
ମନକୁ କେ ମନା କରିବ ଯମୁନା ତଟକୁ ନିତି ଯିବାରୁ । ୧ ।

ମୋର ଏବ୍ହ ମନ ହରୁଥିବ ଧନ ହରିଗୁଣ ଗୁଣି ଗୁଣି,
କିଶୋର ରତନ କର ନିକେତନ —ବଂଶୀ ଗୀତ ଶୁଣି ଶୁଣି । ୨ ।

ବଢ଼ି ଅକାରଣ କୁଳବତୀ ରୀତ ଭାଜିଲେ ପଛେ ଭାଜିବ,
ବାଜିବାରୁ ନନ୍ଦ ସୁତର ସମନ୍ଦ ହାସୀତ ମୁଖରାଜିବ । ୩ ।

ମୋତେ ପଛେ ଗୁରୁ ଜନେ ରୋଷେ ଘରୁ ଘଉଡ଼ି ଦିଅନ୍ତୁ ପେଲି,
ଯାଇ ନିକୁଞ୍ଜକୁ ଖାଇ କି ଅମଲ ବାଇ ହୋଇଗଲି ବୋଲି । ୪ ।

ଆସୁଥିବ ଛଳ କରି ନିତି ଜଳ ନେବାକୁ ରବି ସୁତାରୁ,
ନଟ ବେଶଧର ଅଧରୁ ମଧୁର ମଧୁ ପିଇଲି ଉଦ୍ଧାରୁ । ୫ ।

ଜଗଦ୍ଦେବ ଭାଷେ ଆନନ୍ତ ନ ଦିଶେ ମୋର ଏ ତାପ ଭଙ୍ଗକୁ
କରୁଛି ଶରଣ ଏଣୁ ସେ ତରୁଣ ମଣି ଶ୍ରୀଅଙ୍ଗ ସାଙ୍ଗକୁ । ୬ ।



ସ୍ନେହ—ପ୍ରେମ । ଅମଲ—ମାଦକ ଦ୍ରବ୍ୟ । ଛଳ—କପଟ ।

# ଗୀତିକା

( ରାଗ—ମୁଖାରୀ )

ଯୋଷାବରରେ, ଯଥାର୍ଥରେ ଜାଣ ମୁଁ ତୋହର ରେ,
ଯାମଳ ଭୂଧର ନଭପୟୋଧର ମରଦନଅଛି କର ରେ । ପଦ ।

ଯାବକ ତୋ ପଦକଞ୍ଜର ସମଦଗଜଗଣ୍ଡ ମୋ ଶେଖର ରେ,
ଯନ୍ତ୍ରାଦ୍ରି ସମାଧିଖଣ୍ଡନା ରୁ ନଧି ମୁଁ ରଙ୍କମାନଙ୍କ ବର ରେ । ୧ ।

ଯମକ କି ରୂହ ପୂର୍ଣ୍ଣିଚନ୍ଦ୍ର ମୂର୍ତ୍ତି ମୋ ମହାଶୁଭଦଶାର ରେ,
ଯତ୍ନେ ସମ୍ପାଦବା ଚିନ୍ତାମଣି ଅବା ମୋ କରେ ଦେଲୁ ସୁସାର ରେ । ୨ ।

ଯୁବତୀ କଦମ୍ବ ରାଜା ଅବଲମ୍ବ ହୋଇଲୁ ଯେବେ ନକର ରେ,
ଯୁଦ୍ଧକୁ ସନ୍ନଦ୍ଧ ହେଉ ଅଙ୍ଗ ନ ବୁଦ୍ଧ ହୋଇ ପଛେ ପଞ୍ଚଶର ରେ । ୩ ।

ଯମୁନା ବାହିନୀତଟ ବୃନ୍ଦ ବନୀ ଅବନୀ ଅନାଇବାର ରେ,
ଯଶ ରଖି ନନ୍ଦାପଟଳୀରୁ ବୃନ୍ଦା କରାଇଲା ତ ନବାରରେ । ୪ ।

ଯଶୋଦା କୁମର ଗିରେ ରାଧା ଶିର ନୁଆଁଇଲେ ଲଜ୍ଜାଭରରେ,
ଯୁଗଳ ବିଗ୍ରହ କର ଅନୁଗ୍ରହ ଅଷ୍ଟଦୁର୍ଗ-ପୁରନ୍ଦରରେ । ୫ ।



---

ନଭ ସଦୃଶ ; ଯମକ—ପୁନରାବୃତ୍ତି । କଦମ୍ବ—ସମୂହ । ସନ୍ନଦ୍ଧ—ସୁସଜ୍ଜିତ ।
ବାହିନୀ—ନଦୀ । ବନୀ—ବଣ ।

# ଆତ୍ମ ସମର୍ପଣ

( ରାଗ—ବରାଡ଼ି । ତାଳ—ଆଦିତାଳ )

ନାହିଁ କର ନାହିଁ ତ ମୁଁ ନାହିଁକ ଗୋ ରାଣ । ଘୋଷା ।

ତାଙ୍କ ସୁଖ ପାଇଁ ସିନା    ଶଙ୍କରଙ୍କ ଉପାସନା
ଏ ଦେହ, ଏ ଭୋଗ, ଏ ପରାଣ । ୧ ।

ଶ୍ୟାମ ମୋର ଉନ୍ମାଦକ    ଶ୍ୟାମ ମୋ ଗଳାପଦକ
ଶ୍ୟାମ ତ ମୋ ହୃଦ-ପଞ୍ଚବାଣ । ୨ ।

ବ୍ରଜବନ୍ଧୁ ମୋ ରତନ    ମୋ ସେବାର ବରତନ
ସେହି ତ ମୋ ବରତ ବସାଣ । ୩ ।

ମନ ଜାଣି ଅଛୁ ଭଜ    ଜାଣି ଜାଣି ମୋ ମରଜ
ଧନ ମୋର କେଡ଼େ ଅବୁଝାଣ । ୪ ।

ଦୁଃଖ ଥିବ ପରା ମନେ    ତାଙ୍କ ପଦ କଞ୍ଜ ସ୍ତନେ—
ଲଗାଇ ଚୁମ୍ବାଇ ଦଅ ଆଣ । ୫ ।

ନୃପ ଜଗଦ୍ଦେବ ଭାଷେ    ମୋ ବେଶ ସେ, ମୋ ଶୋଭା ସେ
ତା ବାହାରେ କେବା ପରମାଣ । ୬ ।



# ଶ୍ରୀକୃଷ୍ଣଙ୍କ ପ୍ରତି

( ରାଗ—ପୂରବର । ତାଳ—ଆଠତାଳୀ )

ରୁହ ପରା, ମୋ ହୃଦୟ ମଣିମୟ ହାରରେ । ଘୋଷା ।
ଯହ ତୁ ମୋହର ସକଳ ସଂପଦ
ମଦନ-ଫଣୀ ରଦନ ବିଷ ଗଦ
ଅଖିଳ ବିଭବ ଆଖଣ୍ଡଳ ପଦ—
ଆରୋହଣ ପରଂପରାରେ । ୧ ।
ରସିକ ରାଜ ମସ୍ତକ ଅଲଂକାର
ବିଦ୍ରୁମ ନବ ପଲ୍ଲବ ଗନ୍ଧହର
ତୋ ପଦ୍ମର ଲାକ୍ଷା ରଂଜକ ଦାସ ମୁଁ
ବିରହ-ଦୁଃଖ ପାଶୋରାରେ । ୨ ।
କହିଥିବେ ସଖୀ ଜାଣି ବା ନଜାଣି
ମଣିଲୁକି ସତ ଶୁଣି ତାଙ୍କ ବାଣୀ
ଧରିଛୁ ବିରସ ବିବେକିନୀ ଶ୍ରେଣୀ—
ମସ୍ତକ ମଣ୍ଡନ ଢଂଗରେ । ୩ ।
ନ ମଣ୍ଡିବୁ ସିନା ମୋର ବକ୍ଷ ସ୍ଥଳ
ହୃଦୟରୁ ଯିବୁ କରି କେଉଁ କଳ
ମୋ ମନ ଗଗନ ତଟ ସମୁଜ୍ଜ୍ୱଳ
ଉଦୟ ନିର୍ମଳ ତାରାରେ । ୪ ।
ସଜନୀ ଗୋ, ନବ ସୁରତ ବିଭବ,
ପାଶୋର ଯିବ କି ମନୁ, ଥିଲେ ଜୀବ
ପୀନ କବି ରବି ବୃତକର ନବ
ଘନ ରସ ଜଳ ଧାରାରେ । ୫ ।

●

---

ଫଣୀ—ସର୍ପ । ପରମ୍ପରା—ପାହାଚ, ସିଡ଼ି । ବିଦ୍ରୁମ—ପୋହଳା । ଲାକ୍ଷା—ଅଲତା ।

# ଆକ୍ଷେପାନୁରାଗ

( ରାଗ—କଳହଂସ କେଦାର । ତାଳ—ଏକତାଳୀ )

**ସଖୀ ପ୍ରତି ଶ୍ରୀରାଧା**

ତାର ଗିରେ କି ବିଶ୍ୱାସ, ତାର ସ୍ନେହେ କି ବିଶ୍ୱାସ
ତା'ର ପରେ କି ବିଶ୍ୱାସ, ଯାର ଜାରି ବିଳାସ ଗୋ । ଘୋଷା ।

ବୋଲେ ଶତ ଥର ଶପଥରେ ମୋର ଆନେ ନାହିଁ ଅଭିଳାଷ
ହୋଇଥାଏ ବୋଲି ଚନ୍ଦ୍ରାବଳୀ କେଳି ନିକୁଞ୍ଜ କୁସୁମ ବାସ ଗୋ । ୧ ।

ଦନ୍ତବାସେ ସତୀ ଯୁବତୀଙ୍କ ଜାତି ନେବା ଭଙ୍ଗୀ ମିଶା ହାସ
କଥାକୁ ଶାଶୁଙ୍କ ମଥାକୁ ଛୁଆଁଇ ଏପରି ଯାହା ସାହସ ଗୋ । ୨ ।

ପ୍ରତି ରାତି ନାରୀମଣିର ରମଣେତରେ ବଳାଏ ମୁହାଁସ
ପାତେରି ଡେଇଁବା ଆପଦୁ ଯା ପଦ ଜଳଜ ତଳ ପରଶ । ୩ ।

ହୁଏ କେତେ ପ୍ରିୟ ଗିରେ ସବିନୟ ପ୍ରକାଶି ମୋହନ ରସ
ମୁରଲୀ ବଜାଇ ଡାକେ ଯହିଁ ଥାଇ ଆଚରେ ବଡ଼ ନିରାଶ ଗୋ । ୪ ।

ମୁଁ ନଗର ଯୁବରାଜ ବୋଲି ଅବଲେପରେ ବହେ ଉଲ୍ଲାସ
ସେ ପୁଣି କପଟେ ଲୁଚି ନଦୀ ତଟେ ଲୁଟଇ ପାଳଟା ବାସ ଗୋ । ୫ ।

ତେବେ ହେଲେ ଏକ ତଣ ଧିକ ତାର ଧନ ଜୀବନ ନିବାସ
ଅଷ୍ଟଦୁର୍ଗ ପୁରନ୍ଦର ବୋଲେ ଯାର ଗତି ନୁହେଁ ପୀତବାସ । ୬ ।



ଜାର - ବିଟପ, ଲମ୍ପଟ । ଦନ୍ତବାସ - ଓଷ୍ଠ । ମୁହାଁସ—ମୋହ, ଅନୁରାଗ ।
ଜଳଜ—ପଦ୍ମ ।

## ସଖୀ ପରିହାସ

( ରାଗ—ସାବେରୀ )

ବିଚଣ୍ଡ ବେଶ ମଞ୍ଜୁଳାରେ ବାଳା, ବିବଧ ସ୍ପୃତୁଷ୍ଣ ଶୀଳା,
ବିଷ୍ଣବଶ ଅର୍ଦ୍ଧେ ଏକାକୀ ଏକାକୀ ହୋଇରତ୍ ଫୁଲ ତୋଳାରେ,
ବିଳାସ କୁଶଳାରେ, ବଲ୍ଲୀନିଳୟ ବିହାର ଲୋଳା । ୧ ।

ବାଳକାନ୍ତ ବାସ ପରି ରେ ବାଳା, ବିଞ୍ଚିଥିଲୁଁ ଅନୁସରି
ବିଲକ୍ଷଣ ବନବିହାର ଉତ୍ସବ ବେଳେ ଯା ଦେଲୁ ପାସୋରି ରେ
ବିସ୍ମର ତ ଗୋଷ୍ଠରେ, ବିଶ୍ୱେ କାହ୍ନୁଙ୍କ ପ୍ରୀତି ଆଚରି । ୨ ।

ବ୍ୟସ୍ତ ହୋଇ ଚଣ୍ଡ ମାଳ୍ଲରେ ବାଳା, ବ୍ରଣ ଗଣ ତ ଦିଶୁଛି
ବିମ୍ବାଧରୁ ନବ ପଲ୍ଲବ ମାନଙ୍କୁ ବାଣ୍ଟିଲୁ କି କିଛି କିଛି ରେ
ବିଶ୍ଳଥ ହୋଇଛି ରେ, ବାସ ପିନ୍ଧିଥାଉ ପରା କାଛି । ୩ ।

ବଲ୍ଲୀ କି ଅନାଇ ଦୂରୁରେ ବାଳା, ବାସରେ ତ ଭସ୍ମ କରୁ
ବ୍ରଜେ ଆଜ ଶୁଣି ଆସିଲୁ ରୁ ପୁଣି ପ୍ରତିଗତି ଆସି ଘରୁରେ
ବିଜନେ ସଞ୍ଚରୁ ରେ, ବଡ଼ ବିଷମ ଏ ଯା ନ ଡରୁ । ୪ ।

ବିନସ୍ତୁ ନସ୍ତୁ ବସନ୍ତରେ ବାଳା, ବିମୋହନ କଳାବତି
ବିରୂପାକ୍ଷ ଦେବ ବିପକ୍ଷକୁ ଜିଣି ଯତେ ମଣ୍ଡିଲୁ କି କ୍ଷିତି ରେ
ବଲ୍ଲବ ଯୁବତି ରେ, ବନ୍ଦେ ଅଷ୍ଟଦୁର୍ଗ ଧରାପତି । ୫ ।

---

ବଲ୍ଲୀନିଳୟ—ଲତା ବେଷ୍ଟିତ କୁଞ୍ଜ । ଲୋଲା—ଅନୁରକ୍ତା । ବ୍ୟସ୍ତ—ଅସ୍ତବ୍ୟସ୍ତ, ବିଶୃଙ୍ଖଳା । ବିଶ୍ଳଥ – ଶିଥିଳ । ବାସ – ବସ୍ତ୍ର । ବାସ—ଗୃହ । ବାସରେ—ଦିନରେ ବିରୂପାକ୍ଷ —ଶିବ । ନସ୍ତୁ—ନାକ । ବିରୂପାକ୍ଷ ବିପକ୍ଷ—କନ୍ଦର୍ପ । ବଲ୍ଲବ ଯୁବତୀ—ଗୋପାଙ୍ଗନା ।

## ବ୍ରଜବନ୍ଧୁ ସିଂହ

# ଶ୍ରୀକୃଷ୍ଣ ବନ୍ଦନା

ଜୟ ଶ୍ରୀ ନନ୍ଦ ନନ୍ଦନ          ବଲ୍ଲବୀ ହୃଦ ଚନ୍ଦନ
ଯଶୋବନ୍ତୀ ପ୍ରାଣଧନ ହେ ।୧।

ଜୟ କାଳୀ ବିମର୍ଦ୍ଦନ          ଗୋକୁଳ ପ୍ରାଣ କାରଣ
ଯମୁନା ପୁଳିନ ନିକେତନ ହେ ।୨।

ମୋହନ ବଂଶୀ ବଦନ          ଦାନବାଦି ନିପାତନ
କାଳିନ୍ଦୀ ଜଳ ବିନାଶନ ହେ ।୩।

କୋଟି ମଦନ ସୁନ୍ଦର          ନବ ପୀତାମ୍ବର ଧର
ବନମାଳା ବିରାଜିତ ଉର ହେ ।୪।

ପାଦେ ମଞ୍ଜୁଳ ନୂପୁର          କଟି କାଞ୍ଚି ସୁମଧୁର
କୌସ୍ତୁଭ ଶୋଭିତ ବକ୍ଷ ସ୍ଥଳ ହେ ।୫।

କର୍ଣ୍ଣେ ମକର କୁଣ୍ଡଳ          ନବଘନ କଳେବର
ମୟୂର ଚନ୍ଦ୍ରିକା ସ୍ଫୁରୁ ଶିର ହେ ।୬।

ନମଇ ଚରଣ ବେନି          କର ଯୋଡ଼ି ବେଣୁ ପାଣି
ବ୍ରଜ ବନ୍ଧୁ ସିଂହ ଗୀତେ ଭଣି ହେ ।୭।



---

ଉର—ବକ୍ଷ ସ୍ଥଳ ।

## ବାତ୍ସଲ୍ୟ

ପ୍ରବେଶି ପୂର୍ଣ୍ଣମାସୀ, ନନ୍ଦଗୃହେ ଆସି, ଦେଖି ଯଶୋଦା ଓଳଗିଲ
କୃଷ୍ଣ ଶୟନ ସ୍ଥାନେ, ପ୍ରବେଶି ବେନି ଜନେ, ମୃଦୁରେ ବଚନ ଭାଷିଲ ହେ । ୧ ।
ଉଠରେ ଉଠ ମୋର ପିଣ୍ଡର ପରାଣ ବେଳ ହୋଇଲ ଏକ ଦଣ୍ଡରେ
× × × × ପଲକେ ଆସି ହେଲ ରୁଣ୍ଡରେ । ୨ ।
ନନ୍ଦର ପଞ୍ଚ ପ୍ରାଣ, ମୋହର ଦୁଇ ନୟନ ଗୋକୁଳ ପୂର୍ଣ୍ଣନାମ ଓଇରେ
ଦରିଦ୍ର ଜନ ମୁହିଁ, ପ୍ରାପତ ନିଧି ତୁହି, ତୋମୁଖ ଦେଖିନୁଛୁ ଯାଇରେ । ୩ ।
ତୋମାର ସଙ୍ଗ ବାଳ ଗୋଦୁହାନ୍ତେ ସକଳ କରିଆଛେ ଆମାରେ ଜଞ୍ଜାଳ ରେ
ଯଶୋଦା ମୃଦୁ ବାଣୀ, ଶୁନସ୍ଥା ବେନୁପାଣି କରେ ନୟନ ଯୋଡ଼ି ଗୃହେରେ
ବ୍ରଜବନ୍ଧୁ ବଦତି ଯଶୋବନ୍ତୀ ବୋଲନ୍ତି ଆସ ମୋ × × ×

●

ବିନାୟକ ସିଂହ

## ଚୈତନ୍ୟ ବନ୍ଦନା

ନବଘନ ବରନ ଶୋଭା ହୋଇଛୁ । ୦ ।

ପୂରୁବେ ପରା ଗୋପରେ ଏ ନନ୍ଦ ନୃପତି ପୁରେ
ଥିଲ ପରା ମୋତେ ପ୍ରତେ ହେଉଛୁ । ୧ ।
ଚନ୍ଦ୍ରବାରୁ ଏ ସନ୍ତତ ଚଉରେ ବ୍ରଜ ବୃତ୍ତାନ୍ତ
ପ୍ରେମାବେଶେ ରାଧା ରୂପ ବହୁଛୁ । ୨ ।
ଭ୍ରୁରୁ ନର୍ତ୍ତନ ରଖିଛୁ ତ୍ରିଭଙ୍ଗିମା ଲୁଚାଇଛୁ
ନୟନ ବଙ୍କିମା କହ୍ନି ରଖିଛୁ । ୩ ।
ପୀତ କାଛରେ ନ ରସି ଏତ ନୀଳାମ୍ବରେ ରସି
ନଦୀୟା ନାଗରୀ ମନ ମୋହୁଛୁ । ୪ ।
ସଖୀ ଏହାଙ୍କ ପାଶରେ ଥିବା ଗୋ କାଶୀ ବାସରେ
ନବ ଦୁର୍ଗପତି ଏହା କହୁଛୁ । ୫ ।

# ସ୍ୱପ୍ନ-ମିଳନ

ମୁରଲୀ ପାଣି, କି କଲେ ସ୍ୱେ ଗତ ରଯ୍ୟୁଣି

ଶୁଣ ଗୋ ପ୍ରାଣ ମିତଣୀ          କାହିଁ ଥିଲେ ତା ନଜାଣି

ନଟବର  ନାଗର ମଣି  । ପଦ ।

ସ୍ୱପ୍ନେ ମୁଁ ଦେଖିଲି କେଳି          ପୁର ଦେହଳୀ

ପାଶରେ  ସେ  ଗଲେ  ଗୋ  ମିଳି

କି କହିବି ତନୁ ଛଳି          କୋଟି ଚନ୍ଦ୍ରକରୁ ବଳି

ଉଜ୍ଜ୍ୱଳରେ ପଡ଼ିଲି  ଢଳି  । ୧ ।

ଆସିଲେ ବସିଲେ ପାଶେ          ଲାବଣ୍ୟ ବେଶେ

ମନ୍ଦେ  ହସି  ମନ  ଉଲ୍ଲାସେ

ପୀତାମ୍ବର କଟିଦେଶେ          ନବ ଘନେ ବିଦ୍ୟୁ କସେ

କଟାକ୍ଷଣେ ନୟନେ  ମିଶେ । ୨ ।

ଭାଷିଲେ ସେ ମଧୁ ଭାଷ          ସେ ପୀତବାସ

ସର୍ବଜୀବ  ସୁଖଦ  ରସ

ଶୁଣି ମୁଁ ହେଲି ବିରସ          କରାଇଲେ ମୋତେ ତୋଷ

ଲଗାଇଣ  ହୃଦ  ଦେଶ  । ୩ ।

ଗରୁ ଶତଗୁଣ ସର          ସ୍ନେହ ଆଚର

ମୋ  ଚିତ୍ତକୁ  ନେଲେ  ସେ  ହର

କେତେବେଳେ ରହି ହର     ସତେ ଗୋ ଗଲେ ବାହାର

ସଖୀ  ଭାଷେ  ସେତ  ଚୋର । ୪ ।

ବଦନ୍ତି ଏ ସପନ ରସ          ନବ ଦୁର୍ଗେଶ

ବିନାୟକ  ସିଂହ  ନରେଶ

ଠାକୁରାଣୀଙ୍କ ଆଦେଶ          ଜାଣି ଦୂତୀ ହସ ହସ

ବୃନ୍ଦାବନେ  ହେଲେ  ପ୍ରବେଶ । ୫ ।

---

ରଯ୍ୟୁଣି—ରଜନୀ, ରାତ୍ରୀ । ଦେହଳୀ—ଦ୍ୱାରବନ୍ଧ ।

**ବିଶ୍ୱମ୍ଭର ରାଜେନ୍ଦ୍ର**

## କୃଷ୍ଣ ରୂପଶ୍ରୀ

ରେ ସଂଗାତ, କୁହାଁଏ ନନ୍ଦ ନନ୍ଦନ
ଏ ଗୋପ ନଗରୀ ଥିବାର ନାଗରୀ ସ୍ତନ କର୍ପୂର ଚନ୍ଦନ । ପଦ ।

ସଜଳ ଘନକୁ ମସାର ବର୍ଣ୍ଣକୁ
ଧିକାରୁଛୁ ଅପଘନ,
ଉଦିତ ବନରେ ବାଞ୍ଛିତ ଦାନରେ
ଶ୍ରୀହରି ହରି ଚନ୍ଦନ ରେ । ୧ ।

ଶରଦ ସମୁଦିତ ବିଧୁକୁ ମୁଦିତ
ନ କରୁଅଛୁ ବଦନ,
ନେତ୍ର ମନୋହର ଇନ୍ଦୀବର ଶର
ଥୋଇଛୁ କିବା ମଦନ ରେ । ୨ ।

ଆରେ ଜୀବବନ୍ଧୁ ବନ୍ଧୁକର ବନ୍ଧୁ
ହୋଇଛୁ ରଦବସନ,
ଘନରେ ତଡ଼ିତ ପରିରେ ଜଡ଼ିତ
କଟିରେ ପୀତବସନରେ । ୩ ।

ଯୁବତୀଙ୍କ ମନ— ଦନ୍ତୀକରେ ଧନ
ଏ ବାହୁ ଅଟେ ଆଲାନ,
ଶିଖି ପିଚ୍ଛ ଶୋଭା ଶିରେ ହୋଇ ଲୋଭା
ହରୁଛୁ ମନ ନୟନ । ୪ ।

ରେ ନବ କିଶୋରୀ ଏହାର ଉରୁକର
କରିଥାନ୍ତା ପଦ୍ମାସନ,
ରାଜ ଇନ୍ଦ୍ର ଦେବ ନାହିଁ ପାପଲବ
ପାପଚ୍ଛିଦ କରି ଧ୍ୟାନ । ୫ ।

---

ଅପଘନ—ଦେହ । ରଦ ବସନ—ଓଷ୍ଠ । ବନ୍ଧୁକ—ବନ୍ଧୁଲି ଫୁଲ ।
ମସାର—ଇନ୍ଦ୍ର ନୀଳ ମଣି । ଆଲାନ—ହାତୀ ବନ୍ଧା ଖୁଣ୍ଟ ।

# ବାତ୍ସଲ୍ୟ

ନୀଳମଣି ଏବେ ମୁଁ ମାଗୁଛି ରେ, ନବୁଲ ଆଉ ଏ ବନେ
ଏଥି ସଂଚରିବା      ଦେଖା ହରିନେବା
ପରି ଦେଖିଲି ସ୍ୱପନେ । ପଦ ।

ଦୂର ତମାଲକୁ      ଯାଇରୁ ଖେଳରୁ
ରଚିଲେ କି ପଉରୂଷ
ଥିଲେ ରୁ ବାସରେ      ନିରତେ ପାଶରେ
ସୁହୁଁ ଥିଲେ ମୋ ସନ୍ତୋଷ । ୧ ।

ଆହା ମୁଁ ନଜାଣି      ବନେ ପେଷେ ପୁଣି
ଯାହା ଦୁଃଖୀଧନ ତୋତେ
ନାହା କି କରନ୍ତେ      କାହିଁକି ହୁଅନ୍ତେ
ସହା କି ମିଳନ୍ତା ମୋତେ । ୨ ।

ପାଣିରୁ ଜନମୁ      ଗୁପିଲି ପରି ମୁଁ
ଅଛୁ ତୋତେ ପ୍ରତିପାଳି
ବାଣୀରୁ ଅନ୍ତର      ନୋହୁ କାହିଁ ମୋର
କୋଳୁ ନଯା ବନମାଳୀ । ୩ ।

ନଖା ପଛେ ଘର      ସୁଧା ସମ ସର
ସଖା ପଛେ ଦେଉ ଯାଚି
ଶ୍ୟାମ ରୁଚୁ ତୋତେ      କେବଳ ନିରତେ
ପରଘର ସର ସାଚରେ । ୪ ।

ପିତାଙ୍କୁ ମଗାଇ      ବରତନ ଥାଇ
ଲଗାଇବି ନଉକର
ଏଣିକି ଏ ଗାଇ      ବାଛୁରି ଜଗାଇ—
ବାର ନମନ୍ତେ ଆମ୍ଭର । ୫ ।

ଛାଡ଼ିଲୁ ଯେବେ ତୋ    ସାଥ ଏ ଯମୁନା
ତଟକୁ ନ ଯିବୁ ରାଗେ
ହାଟକ କୂଟରେ    ପାଟ ଫେଟା ପିନ୍ଧି
ନାଟ କରୁଥା ମୋ ଆଗେ । ୬ ।

ଆହ୍ୱା ବାବୁ ଏହ୍ୱା    ନ କରିବୁ ଯାହ୍ୱା
ମାଗିବୁ ମୁଁ ତାହା ଦେବ
ବିଶ୍ୱମ୍ଭର ରାଜ    ଇନ୍ଦ୍ରଦେବ ରାଜ
କହେ ସେ କୃଷ୍ଣକୁ ଭାବ । ୭ ।

## ଶ୍ରୀକୃଷ୍ଣ ବନ୍ଦନା

କୃଷ୍ଣ ହେ ଦିଅ କୃପା ବରଷି,
କଂଜ ନୟନ ହେ କୁଂଜ ବିଳାସୀ । ଘୋଷା ।

ବ୍ରଜ କାମିନୀଙ୍କ    କେଳି କଳା ରଙ୍ଗୀ
ସୁଧାଧର ମଧୁ ରସ ପିପାସୀ
ଯମୁନା ନିକଟ    ବନ ତଟ ବାଟ
ଆହେ ମସ୍ତଳ ଶ୍ୟାମଳ ଶଶୀ ।
ମୋହନ ବଂଶୀ    ସ୍ୱରେ ଉଲ୍ଲାସି
ମୋହିଲ କୁଳଜା ରମଣୀ ରାଶି । ୧ ।

ଅତି ପାପଶୀଳ    ଦ୍ୱିଜ ଅଜାମିଳ
ପୁତ୍ର ନାମ ଥରେ ଦେବାରୁ ଭାଷି
ଯମ କିଙ୍କରଙ୍କୁ    ଘଉଡ଼ାଇ ତାକୁ
କରାଇଲ ପ୍ରଭୁ ସ୍ୱପୁର ବାସୀ ।
ଅସୁର ନାଶି    ସୁରଙ୍କୁ ତୋଷି
ଭବେ ଉଡ଼ାଇଲ କୀରତି ହଂସୀ । ୨ ।

ଗୋବର୍ଦ୍ଧନ ଗିରି ଆତପତ୍ର ପରି
ଶ୍ରୀହସ୍ତେ ବହିଲ ନୋହି ଆୟାସୀ
ମଦ ତେଜ ଦର ଭଜ ପୁରନ୍ଦର
ବଳାଇ ଚରଣେ ଶରଣ ପଶି
ଦିବସ ନିଶି ସେ ଗୁଣ ଘୋଷି
ଜନେ କାଟୁଛନ୍ତି ଏ ଭବ ପାଶି । ୩ ।

ପୁଳିନେ ପାଳଟି ଥିବା ଲୁଟ ଶାଢ଼ୀ
ହରିନେଲ କାହ୍ନୁ ଚୁପଚେ ଆସି
ଜଳେ ବୁଡ଼ିଥିଲେ ଲାଜେ ସଢ଼ି ଗଲେ
ସେ କାଳେ ସକଳ ଗୋପ ସୁକେଶୀ ।
ନୀପ ପଲ୍ଲଶି ଉପରେ ବସି
କେତେ ହଠ କଲ ହେ ବଳ ଧ୍ୱଂସୀ । ୪ ।

ଦେବୀ ରାଧାଙ୍କର ପ୍ରେମ ଲୀଳା ସାର
ଗୀତେ ବର୍ଣ୍ଣିବାକୁ ହୋଇ ଲାଳସୀ
ରାଜେନ୍ଦ୍ର ତନୁଜ ଶ୍ରୀ କିଶୋର ଚନ୍ଦ୍ର
ବନ୍ଦୁଛି ଅମନ୍ଦ ଶୁଭ ମନାସି ।
ରମା ବିଳାସୀ ସୁଜନେ ହସି
ଦେବେ ଯେବେ ଯିବ କନ୍ଦାରେ ଭାସି । ୫ ।



ଆତପତ୍ର—ଛତା । ଦର—ଭୟ । ପୁରନ୍ଦର—ଇନ୍ଦ୍ର । ପାଶି—ଫାଶ ।

## ନବାନୁରାଗ

### ସଖୀପ୍ରତି ଶ୍ରୀରାଧା

ସରିଗଲି ଗୋ, ଶୁଣ ସବୁ ନାଗରୀ
ଆଜ ମୋତେ ଯାହା କଲା ଭ୍ରମରୀ । ପଦ ।

ମିଛ ନୁହେଁ ମୋ ରାଣ ସତେ    ପଛଘୁଞ୍ଚା ଦେଇ ମୁଁ କେତେ
ଅଟକୁ ଅଟକୁ ନୀପ ନିକଟକୁ
ମାରି ନେଇ ଧୃତି ଦେଲାଟି ସାରି । ୧ ।

କି ଗୋ କାହିଁ ଆସିଲି ବୋଲି    ବଗୁରି ମୁଁ ଅନାଇଁ ଦେଲି
ଘଞ୍ଚ ତରୁତଳେ ଜଣେ ଦିଶିଗଲେ
ମଞ୍ଜୁଳ ପଞ୍ଚବାଣ ମାଧୁରୀ । ୨ ।

କଟାକ୍ଷର କି ଭଙ୍ଗି ଛଟା    କୁଳବତୀ ମରମ କଣ୍ଟା
ଖେଳୁଥିଲା ଇନ୍ଦ୍ର—ନୀଳ ପରି ଚନ୍ଦ୍ର
ମୁଖ ମଣ୍ଡଳର କାନ୍ତି ଲହରୀ । ୩ ।

ମୋତେ ଦେଖି ସେ ଯେତେବେଳେ    ହସେ ହସେ ପାଶେ ମିଳିଲେ
ଅସମ୍ଭାଳେ ଧାଇଁ ଆସିଲିରେ ସଖୀ
କହିବା ପ୍ରସଙ୍ଗ ନୁହେଁ ଆଉରି । ୪ ।

ରାଧାଙ୍କର ଏ ଭଙ୍ଗି ବାଣୀ    ଜଳପିଲେ ଲଳିତା ଶୁଣି
ବୋଲେ ରାଜ ଇନ୍ଦ୍ର ତନୁଜ କିଶୋର—
କଳାନିଧି ନିଭ କୃଷ୍ଣଙ୍କ ସ୍ମରି । ୫ ।



---

କଳାନିଧି—ଚନ୍ଦ୍ର ।

# ଅଭିସାର ପ୍ରରୋଚନା

## ଶ୍ରୀରାଧାଙ୍କ ପ୍ରତି ସଖୀ

ଚାଲ ଚାଲ ରେ, ବିମ୍ବ ମଧୁରାଧରା
ରତିରସେ ମଣ୍ଡି ନିକୁଞ୍ଜ ଧରା
ଏ ଚନ୍ଦ୍ର ରଜନୀ    ପାହିଗଲେ ଧନୀ
ହେବ ସବୁ ଭାବ ଯାକ ଅଧୁରା । ପଦ ।

ମତ୍ତ ପରଭୃତ ବଚନା    ଖେଳ ଖଂଜରୀଟ ଲୋଚନା
ଚାହିଁ ଚାହିଁ ମଲ୍ଲୀ, କୁସୁମରେ ଅଳି
ଚୁମ୍ବି ବାରେ ବାରେ କରଇ ଫେରା । ୧ ।

ମନ ମଥ କେଳି ଲାଳସୀ    ଫୁଲ ପଲଙ୍କରେ ବିଳସି
ରେ ଲାବଣ୍ୟ ବନ— ନିଧି ମୋର ଧନ
ଝୁଲାଇ ଦେବାକୁ ଚଂପକଝରା । ୨ ।

ଆଗୋ ରସମୟୀ ମୂରତି    ମହୀତଳ ନୂଆ କେଳତି
ଲାଜେ ଯାଉ ସରି କଳାକର ଶିରୀ
ବିଞ୍ଚିଦିଅ କୁଳ ହସନ ଧାରା । ୩ ।

ଶ୍ରୀ କିଶୋର ଚନ୍ଦ୍ର ଭାଷିଲେ    ବଚନଟିକୁ ରାଧା ସେ କାଳେ
ମନ୍ଦ ମନ୍ଦ ହୋଇ ବିଜେ କଲେ ସଖୀ
ସନ୍ନିଧିରେ ଶ୍ୟାମ ଦୁଃଖ ପାଶୋରା । ୪ ।



କେଳତି—ରତିଜ୍ଞା

# ମିଳନ ମଧୁରୀ

( ଡର ନାହିଁ କହେ ପର ତରୁଣୀ ହରଣୁ ପ୍ରଭି )

କୃଷ୍ଣ— ନୂଆ ଛଇଲରେ ତୁମ୍ଭରେ ମେଳଣି ହେଲି
ମୋ ପ୍ରାଣ ମିତରେ, ଥିବଟି ଚିତ୍ତରେ
ସଖୀଗଣେ ଜଣେ ବୋଲି । ପଦ ।

ବଳୁ ନାହିଁ ମନ ରେ ବାଳା ରତନ
କୋଳୁ ତେଜିବାକୁ ତତେ
ଏହି ଅନୁକଂପା ଥିବାକୁରେ ଚଂପା-
ବରନା ମାଗୁଛୁ ଏତେ । ୧ ।

ରାଧା— ନୂଆ ଛଇଲ ହେ ତୁମ୍ଭରୁ ମେଳଣି ହେଲି
ବନ୍ଧୁହେ କରତେ ଘେନଥିବ ମତେ
ପଦ ତଳ ଦାସୀ ବୋଲି । ପଦ ।

ଶ୍ୟାମ ହେ ତୁମର ତୁମ୍ଭରୁ ଅନ୍ତର
ହେବାକୁ ମନ ନ ବଳେ
କୃପା କର କର ଏ ବେକ ଜଗର
ଖେଳୁ ଥାଉ ସବୁବେଳେ । ୨ ।

କୃଷ୍ଣ— ବଞ୍ଚିବାକୁ ଧନ ହେଉଛିରେ ଘନ
କୁନ୍ତଳା ନ କର ହେଳା
ରଦନ ମଂଜୁଳ ଚନ୍ଦ୍ର ପାନଖିଲ
ଚନ୍ଦନ ସୁମନ ମାଳା । ନୂଆ ଛଇଲରେ । ୩ ।

ରାଧା— ରଙ୍କରତନ ମୋ  ପଙ୍କଜ ମୁଖ ହେ
କଳାବତୀ ନେଇ କାଇ
କାଲିଟି କି ମତେ  ଦେଖାଇବ ସତେ
ସୁନ୍ଦର ଚନ୍ଦ୍ରକ ଝରି, ନୂଆ ଛଇଲ ହେ । ୪ ।

କୃଷ୍ଣ— ଅସର ଦୁଃଖ  ପାଶୋରିରେ ଆତ୍ମା ତୋ
ରସମୟୀ ତନୁ ବଲ୍ଲୀ
ମୋ ଦୋଷ ନଧର  ପାମର କାମର
ଜ୍ୱରେ ସନ୍ତାପିତା କଲି । ୫ ।

ରାଧା— ମୋ ଗୁଣ ଅଛୁଟି  ଘେନବ ନାହିଁଟି
କଲି ବୋଲି ଅଭିମାନ
ମୁଁ ଫୁଲ ବାସନା  ଶ୍ୟାମ ବନ୍ଧୁ ସିନା
ମୁଁ ଘଟ ତୁମ୍ଭେ ଜୀବନ । ୬ ।

ଶ୍ରୀ କିଶୋର ଚନ୍ଦ୍ର  ତାଙ୍କୁ ଧ୍ୟାୟି ବୋଲେ
ଭଲ ଦୁହିଁଙ୍କର ପ୍ରୀତି
ନୁହଇ ଯିବାକୁ  ଗୁଡ଼ କେ କାହାକୁ
ପାହିଗଲା ଆସି ରାତି



# ମାଥୁର

## ସଖୀ ପ୍ରତି ଶ୍ରୀରାଧା

କହ ଗୋ ଶ୍ୟାମ ବନ୍ଧୁ ଗଲେ କାହିଁ । ପଦ ।

ମଣିମୟ ରଥେ        ମଣ୍ଡି ଏହି ପଥେ
ଦେଖିବା ପାଇଁ ମତେ ଥିଲେ ପରା ଚାହିଁ । ୧ ।

ସେ ଘନ ବରନ        ଯିବାବେଳେ ବନ
ଯାହା ହୁଏ ମୋ ମନ ନ ଜାଣୁ କି ତୁହି । ୨ ।

ଚନ୍ଦ୍ରକ ଚୂଳ ଢଳା        ଚଞ୍ଚଳ ନେତ୍ର ଖେଳା
ନ ଦେଖିଲେ ଏ ପ୍ରାଣ ମୁଁ ରଖିବ ନାହିଁ । ୩ ।

ଦିଶିଲାଣି ଅନ୍ଧାର        ବସନ ହେଲା ଭାର
ସେ ରସ ରସିକ ବିନା ରାଧାକି ବଂଚଇ । ୪ ।

ଲଳିତା ଜଳପିଲେ        କିଶୋର ଚନ୍ଦ୍ର ବୋଲେ
ବନ୍ଧୁ ତ ବିଜେ କଲେ ମଥୁରା ନ କହି । ୫ ।



## ବୀର କେଶରୀ

### ବାସକ ସଜ୍ଜା

**ସଖୀ ପ୍ରତି ଶ୍ରୀରାଧା**

ଶ୍ୟାମବନା ସଜନୀ ଆନେ ବଞ୍ଚିବି କି । ଘୋଷା ।

ମୁଁ ତ କରି ନାହିଁ ଦୋଷ,
ମୋରେ କାହିଁକି ନରୋଷ,
କରିଥିଲି କେତେ ଆଶ, ଆସିବେକି । ୧ ।

କେକିପୁଚ୍ଛ ଚୂଳିଆ,
ନବଘନ କାଳିଆ,
କଲାପ ଗୁଞ୍ଜମାଳିଆ ନଇଲେକି । ୨ ।

ଶୋଯାଇ ମୁଁ ଦିବ୍ୟ ଶେଯ,
ହୋଇଥିଲି କେଳି ସଜ,
ବ୍ରଜରାଜ କାହ୍ନୁସଙ୍ଗେ ମାତିଲେ କି । ୩ ।

ଏ ଜୀବନେ ସତେ ଜୀବ-
ଧନକୁ କେ ଭେଟାଇବ,
ଶ୍ରୀବୀର କିଶୋର ଦେବ ଭାଷିଲେ କି । ୪ ।



ବେଣୁଧର ପଟ୍ଟନାୟକ

# ଗୌର କଣାଣ ପଞ୍ଚକ

( ରାଗ—ଭୂପାଳ ଚନ୍ଦ୍ରକ । ତାଳ—ଆଠତାଳୀ )

ଆହେ ଶ୍ରୀକୃଷ୍ଣ ଚୈତନ୍ୟ ବିଶ୍ୱମ୍ଭର
ଆହେ ଶଚୀ ସୁତ ଲକ୍ଷ୍ମୀ ପ୍ରାଣେଶ୍ୱର ।
ଆହେ ବିଷ୍ଣୁପ୍ରିୟା ନାଥ ଶ୍ରୀ ଗଉର
ଆହେ ଜଗନ୍ନାଥ ମିଶ୍ରଙ୍କ କୁମର । ୧ ।

ଆହେ ତପତ-କାଞ୍ଚନ କାନ୍ତି ଗୋରା
ଆହେ ନଦିଆ ନାଗରୀ ଚିତ୍ତ ଚୋରା ।
ଆହେ ରସ ରାଜ ମୂର୍ତ୍ତି ପାପହରା
ଆହେ ବିଭୂ ଦଣ୍ଡ କମଣ୍ଡଳ ଧରା । ୨ ।

ଆହେ ରାଧା ଭାବ ଆସ୍ୱାଦନକାରୀ
ଆହେ ସର୍ବ ଅବତାର ଅବତାରୀ ।
ଆହେ ଗୋପୀ ପ୍ରେମ-ଭକତି ପ୍ରଚାରୀ
ଆହେ ନାଥ ଡୋର କଉପୀନ ଧାରୀ । ୩ ।

ଅହେ ନିମାଇ ସୁନ୍ଦର ଜଗଦ୍ଗୁରୁ
ଆହେ ଭକ୍ତଜନ ବାଞ୍ଛା କଳ୍ପତରୁ
ଆହେ ଗତି ଦାୟକ, ମହିମା ମେରୁ
ଆହେ ନବ ନଟବର ବେଶ ଧୁରୁ । ୪ ।

ଆହେ ଗଙ୍ଗାତଟ ବାସୀ ଗୌରହରେ
ଆହେ କୃପା ସୁଧାଦାନ ପତିତରେ ।
ମହା ପାତକ ମୁଣ୍ଡାଇ ମସ୍ତକରେ
ଦୁଃଖୀ ବେଣୁଧର ଦୁଃଖ କଣାକରେ । ୫ ।

# ପ୍ରେମ ବୈଚିତ୍ର୍ୟ

( ରାଗ—ବେହାଗଡ଼ା । ତାଳ—ଆଠତାଳି )

ଦେଖିଲେ କାହିଁକି ଲାଜ ମାଡ଼େ ସଖୀ
ନ ଦେଖିଲେ ଝୁରି ମରୁଥାଇ
କି ମନ୍ତ୍ର କରିଛି କି ଯନ୍ତ୍ର କରିଛି
ସେ କାଳିଆ ନନ୍ଦର କହ୍ନାଇ । ଘୋଷା ।

ଯମୁନା ପାଣିକି ମନା ହେଲା ମୋତେ
ଟିକିଏ ତାଙ୍କୁ ଦେଖିବାକୁ ଚାହିଁ
ଫଟା କପାଳରେ ଏହା ଲେଖାଥିଲା
କେ କେବେ ଯମୁନା ଯାଉ ନାହିଁ । ୧ ।

ପାଟକି କୂଳରେ ହାଟ ବସିଅଛି
କଳଙ୍କିନୀ ହେଲି ବୋଲି ରଟ୍ଟି
କୂଳବଧୂ ହୋଇ କେ ଘରେ ବସିଛି
ବଂଶୀ ସ୍ୱରେ କେ ନୋହୁଛି ବାଇ । ୨ ।

ସହି ସହି ଛାତି ପଥର କଲିଣି
କହିଲେ କେ ଦୁଃଖ ନେବ ସହି ?
ରହିଅଛି ସିନା କରମ ଆଦରି
ଅହି ଗରଳ ଦଅନ୍ତୁ ଖାଇ । ୩ ।

ସଂସାର ଯାକରେ ଖୋଜିଲେ ସଜନୀ
ମୋ ପରି ଦୁଃଖୀ କେ ଅଛି କାହିଁ ?
ସେହି ବନମାଳୀ— ପାଦ ପଦ୍ମ ଭାଳି
ଦେଖୁଥିର ଜୀବ ଯାଉ ନାହିଁ । ୪ ।



# ଗୌରାଙ୍ଗ ସନ୍ୟାସ

( ରାଗ—ବଙ୍ଗଳାଶ୍ରୀ । ତାଳ—ଝୁଲା )

କହ ହେ ନିମାଇଁ ବିଷ୍ଣୁ ପ୍ରିୟା ସାଇଁ
ଏ କି ବିପରୀତ ଆଜ
କି ଲାଗି ଏ ଦୀକ୍ଷା କାହୁଁ କଲ ଶିକ୍ଷା
କେ ଦେଲା ଭିକାରୀ ସାଜ । ୧ ।
କାହିଁ ଗଲା ତୁମ୍ଭ କନକ ପଇତା
କାହିଁ ଗଲା ତୁମ୍ଭ କେଶ
କାହିଁ ଗଲା ତୁମ୍ଭ ପାଟ ପୀତାମ୍ବର
ରତ୍ନ ଅଲଙ୍କାର ବେଶ । ୨ ।
ଡୋର କଉପୀନ କଟିରେ ବନ୍ଧନ
ଅରୁଣିତ ବହିର୍ବାସ
କି ମନ୍ତ୍ର କା'ଠାରୁ ପାଇ କଲ ଗୁରୁ
କର ଏବେ ତା' ପ୍ରକାଶ । ୩ ।
ଶୋକେ ଭସାଇଲ ନଦିଆ ନଗରୀ
ଲୋକେ ହୋଇଲେ ହାହାକାର
ଶଚୀ ମାତାଙ୍କର ଦଶା ଗୁରୁତର
ଅବନୀରେ ପିଟି ଶିର । ୪ ।
ସରବେ ଚବିଶ ବରଷ ବୟସ
ନୁହେଁ ତ ସନ୍ୟାସ ବେଳା
କାହା ବୋଲ ମାନି କାହିଁକି କି ଘେନି
ତେଜିଲ ସଂସାର ଖେଳା । ୫ ।
ଦଣ୍ଡିବେ କି ନାହିଁ ବିଷ୍ଣୁ ପ୍ରିୟା ଦେଇ
ତୁମର ବିରହ ଜ୍ୱରେ
ଅଶନ ବସନ ରତନ ଭୂଷଣ
ଶରଧା ନାହିଁ କାହିଁରେ । ୬ ।

ହୋଇ ବାଇ ମତ          ମହୀରେ ଗଡନ୍ତି
ହାହା ନାଥ ନାଥ ବୋଲି
କାନ୍ଦି କାନ୍ଦି ସେହି          ମୁଣ୍ଡ କୋଡ଼ି ହୋଇ
କପାଳ ଗଲାଣି ଫୁଲି । ୭ ।
ଅର୍ଜିଲ କି ସୁଖ          ଦେଇ ଏତେ ଦୁଃଖ
ଆହେ ଗୌର ବିଶ୍ୱମ୍ଭର
ଅଶ୍ରୁ ନୀରେ ବୁଡି          ପଦତଳେ ପଡ଼ି
ଭଣେ ଦୁଃଖୀ ବେଣୁଧର । ୮ ।

●

## ନବାନୁରାଗ

### ସଖୀ ପ୍ରତି ଶ୍ରୀକୃଷ୍ଣ

( ରାଗ—ରସ କେଦାର । ତାଳ—ଏକତାଳୀ )

କିଏ ସେ ସଜନୀ ଆଜି ନୂଆ ଦେଖା ଦେଲାରେ
ଚନ୍ଦ୍ର ପ୍ରତିମା ପରାୟେ ହୃଦେ ଲାଖି ଗଲାରେ । ଘୋଷା ।
ଅଖିଳ ସଂସାର ସାର—          ସୁଷମା ଛବି ତାହାର
ଦେଖିଲି ବେଳୁଁ ତ ମୋର ନୟନେ ନାଚିଲା ରେ । ୧ ।
ଅକଳଂକ କଳାକର—          ଲପନ ହାସ ମଧୁର
କଟାକ୍ଷ ଭଙ୍ଗିରେ ଧନ ମନ କିଣି ନେଲା ରେ । ୨ ।
ମତ୍ତ ଗଜ ରାଜ ଗତି          ଢଳି ଢଳି କରି ଗତି
ବୀଣା ଜିଣା ମୃଦୁ ବାଣୀ ଚିତ୍ତକୁ ମୋହିଲା ରେ । ୩ ।
ଭଣେ ଲଳିତା ସଜନୀ          ଶୁଣ ହେ ମୁରଲୀ ପାଣି
ସେହି ଟି ଶ୍ରୀମତୀ ବେଣୁଧର ବଖାଣିଲା ରେ । ୪ ।



# ପ୍ରୋଷିତ ଭର୍ତ୍ତୃକା (ମାଥୁର)

( ରାଗ—କାମୋଦୀ । ତାଳ—ଆଠ ତାଳୀ )

କେବେ କାଳନ୍ଦୀ ତଟ— ବନ ମୁରଲୀ ନଟ
ପ୍ରସରବ ଶ୍ରବଣ ସୀମାରେ ଗୋ । ଘୋଷା ।

ତେଜି ମଧୁ ନଗର ବ୍ରଜ ନାଗର ବର
ଆସିବେ ବ୍ରଜେ ମୋଦ ମନରେ ଗୋ । ୧ ।

କରିବେ ଗୋ ସ୍ମରଣ ରାମ ଛନ୍ଦା ଚରଣ
ଧେନାଇ ସଙ୍ଗେ ବ୍ରଜ କୁମାରେ ଗୋ । ୨ ।

କୋଟି ମଦନ ଶିରୀ ମୋହନ ଗିରିଧାରୀ
ମଣ୍ଡିବେ ନିକୁଞ୍ଜ ସୁଷମାରେ ଗୋ । ୩ ।

କହଇ ବେଣୁଧର ସେ ଗୋ ପ୍ରେମ ସାଗର
ଋଣୀ ସତତ ଗୋପ ରାମାରେ ଗୋ । ୪ ।



# କୁଂଜ-ଅଭିସାର

( ରାଗ—ଆନନ୍ଦ କୌମୁଦୀ । ତାଳ—ଝୁଲା )

ରସମୟୀ ଶ୍ରୀ କିଶୋରୀ
କୁଂଜ ଅଭିସାର ଛବି ଆହା କି ମାଧୁରୀ । ଘୋଷା ।

ଚଳି ଚଳି ମନ୍ଥର ଗମନେ ସୁକୁମାରୀ
ଧୀରେ ବାଣୀ ଭାଷିବାର ନାହିଁ ଊନ ପୁରି । ୧ ।

ଲଳିତା ସଜନୀ କରେ ତାମ୍ବୁଳ ବଟିକା
ସାଦରେ ଗନ୍ଧ ଚନ୍ଦନ ଧରେ ବିଶାଖିକା । ୨ ।

ଚତୁରୀ ଚଂପକଲତା ଡାଳନ୍ତି ଚାମର
ଚିତ୍ରା ସହଚରୀ ନବ ବାସ ଖଟିବାର । ୩ ।

ତୁଙ୍ଗବିଦ୍ୟା ବୀଣା ବାଦ୍ୟ ବାଦନେ ଉଲ୍ଲାସ
ଇନ୍ଦୁରେଖା ନୃତ୍ୟ କରେ ହୋଇ ହସ ହସ । ୪ ।

ରାଗ ଆଳାପନ୍ତି ରଙ୍ଗେ ସଖୀ ରଙ୍ଗଦେବୀ
ବାସ ଜଳ ଝରି ଧରି ଚଳନ୍ତି ସୁଦେବୀ । ୫ ।

ମଂଜରୀ ନିକରେ ଯେ ଯାହାର ସେବା ସଜେ
ସଖୀ ଅନୁଗତା ଭାବେ ଖଟନ୍ତି ସହଜେ । ୬ ।

ଶ୍ରୀ ଗୁରୁରୂପା ସଙ୍ଗିନୀ ଆଜ୍ଞା ଶିରେ ଘେନି
ଦୁଃଖୀ ବେଣୁଧର ଚଳେ ଧରି ପିକଦାନୀ । ୭ ।



ଝରି—ଜଳ ପାତ୍ର ।

## ବ୍ରଜବିହାରୀ ଶ୍ରୀଚନ୍ଦନ

# ବିରହୀ କୃଷ୍ଣ

### ଶ୍ରୀରାଧାଙ୍କ ପ୍ରତି ସଖୀ

ଶ୍ୟାମ ବଡ଼ ଦୁଃଖୀ, କାମରେ ସଖୀ । ପଦ ।

ପୀଡ଼ୁଛୁ କୁସୁମ ଶରେ      ଛୁଡ଼ୁଛୁରେ      ହରହାର  ହରହାର । ୧ ।
ଉଠୁଛୁ କ୍ଷଣ  କ୍ଷଣକେ      ଲୁଣ୍ଠୁଛୁରେ      ଅବନୀରେ  ଅବନୀରେ । ୨ ।
କମ୍ପୁଛୁ  କାତର ଅଙ୍ଗ      ଜପୁଛୁରେ      ତୋର ନାମ ତୋର  ନାମ । ୩ ।
ଭଜୁଛୁ କୃଶକୁ ଶୋକେ      ମଜୁଛୁରେ      ତେ  ବିରହେ ତୋ ବିରହେ । ୪ ।
ଛାଡ଼ୁଛୁ ଉର୍ଦ୍ଧ୍ୱେ ନିଶ୍ୱାସ      ତାଡ଼ୁଛୁରେ      ହୃଦେ  କର ହୃଦେ  କର । ୫ ।
ଶୋଇଛୁ ପଲ୍ଲବ ପରେ      ଧ୍ୟାଉଛୁରେ      ତୋର ଧ୍ୟାନ ତୋର ଧ୍ୟାନ । ୬ ।
କହଇ ଶ୍ରୀର ଚନ୍ଦନ      ବହଇରେ      ନେତ୍ରୁ ନୀର  ନେତ୍ରୁ ନୀର । ୭ ।



ବ୍ରଜନାଥ ବଡଜେନା

## ଆକ୍ଷେପାନୁରାଗ

### ସଖୀ ପ୍ରତି ଶ୍ରୀରାଧା

( ରାଗ—ଧନାଶ୍ରୀ )

ଆଲି ! ବନମାଳୀ ଗୁଣ ଜପାମାଳି ହୋଇଲା
ଅଳି କେତକୀ ପତ୍ର ଯା ମୋତେ ସେ ନ ଛୁଇଁଲା ରେ । ପଦ ।

ଖଳିଲେ କି ହେବ ଯେ ଯା ଅର୍ଜିଲା ତା ପାଇଲା
ଲଲିଥାଇ ରୁ ଯା କଲୁ ସେତ ମନେ ରହିଲା । ୧ ।

ଓଳକ ଓଳି ଲାଗିଲୁ ତୋତେ ଲଙ୍ଘି ନୋହିଲା
ଓଳି ପଦାରେ ମନ୍ଦରେ ତା ଗୁଣ ତ ପଇଲା । ୨ ।

ଗାଳି ଦେଲି ତାକୁ ଯେବେ ମୋ ପାଶକୁ ଅଇଲା
ଟାଳି ଦେଲାକୁ ତୁ ସିନା ବହୁପ ସେ ପାଇଲା । ୩ ।

ମିଳିଲେନ କେଳିକ ତା ଭଳି ଯେତେ ଛଇଳା
ତଳପା ତଳେ ତ ଗୋପ ଭୂପ ପଣ ଥୋଇଲା । ୪ ।

କୁଳୀନ ଯୁବତୀ ମୋରେ ମିଳି କାହୁଁ ଅଇଲା
ତାଳି ଧରିବାରୁ ଏବେ ନଳୀନ-ଜ ବହିଲା । ୫ ।

କାଳୀ ଦଳି ନଆଁ ଗିଳି ତୋଳି ଗିରି ଧଇଲା
ବଳି ଗଲା ସେ ଢନୁଟି ବ୍ରଜନାଥ ବୋଇଲା । ୬ ।



# ନବାନୁରାଗ

## ସଖୀ ପ୍ରତି ଶ୍ରୀରାଧା

ସଖୀ ଦେଖିଲି ଆଜ ମୁଁ ବ୍ରଜପତିଙ୍କି ଗୋ
ମନ ଅଭିରାମ ନବ ଚୂତ କାନ୍ତିକି ଗୋ ।

ସଜଳ ଜଳଦ ନୀଳ          ମଞ୍ଜୁଳ ତମାଳ ଦଳ
ଦଳିତ କଜ୍ଜ୍ୱଳ ଶ୍ୟାମ ଦ୍ୟୁତିକି ଗୋ । ୧ ।

କଟି ତଟେ ପୀତ ପଟ          ଘନେ ଚପଳା ଚହଟ
ନଟବର ମନୋହର ମୂର୍ତ୍ତିକି ଗୋ । ୨ ।

ଶିଖୀ ଶିଖଣ୍ଡିକ ଚୂଳ          ସୁଷମ କୁସୁମ ମାଳ
ଲୁଲୁଥିଲି କଣ୍ଠୁ ପାଦ କଟିକି ଗୋ । ୩ ।

ମୃଦୁ ମନ୍ଦ ମନ୍ଦ ହାସ          ସୁରଙ୍ଗ ଓଷ୍ଠେ ପ୍ରକାଶ-
ହୋଇ ନାଶେ ଅନାୟାସେ ଧୃତି କି ଗୋ । ୪ ।

ତ୍ରିଭଙ୍ଗୀ ଛନ୍ଦେ ଉଭା          ଶ୍ରୀକରେ ମୁରଲୀ ଶୋଭା
ଯହିଁ ବାଇକଲେ କୁଳବତୀଙ୍କି ଗୋ । ୫ ।

ଦୀନ ବ୍ରଜନାଥ ରତି —          ଦିନ ଏ କେଶୀ ଅରାତି—
ରୂପ ଭାବୁଅଛୁ ଭବ ଯତି କି ଗୋ । ୬ ।



ଲୁଲୁଥିଲି—ଝୁଲୁଥିଲି । କେଶୀ ଅରାତି—କୃଷ୍ଣ ।

ଭରତ

# କ୍ରୀଡ଼ା—ମାଧୁରୀ

ମାଧବ ସଙ୍ଗେ ଖେଳିବା ପଶା
କାଲି ଘଟିଥିଲା ଗୋ ଦୂତୀ କି ଶୁଭ ଦଶା । ପଦ ।

ରଙ୍ଗ ପାଲି ରଙ୍ଗିଆ ହାଥେ
ରଙ୍ଗେ ପଶା ଖେଳିଲି ଯେତେ,
ମୁଁ କହିବି କେତେ, ରଙ୍ଗରେ ସାର ଖେଳ ଅପାର
ଖେଳି ଖେଳି ନୋହିଲି କପା । ୧ ।

ପଞ୍ଚ ଆଠ ପଡ଼ିଲା ଦାନ
ବଳି ବାଜି ହାରି ମୋହନ
ପାଇ ଅଭିମାନ, ହାରିଲେ ମୋହନ ପାଇ ଅଭିମାନ
କାଲି ଜିତା ବାଜି ସୁଫଳ ନଶା । ୨ ।

ସେହି ନଟବର ନାଗର
ନବଗୁଣେ ଜାଣେ ସୁନ୍ଦର
ସେ ମନ୍ଦର ଧର, ଭରତ ବିନତି କରେ ଯୋଡ଼ାହାତ
ପଦ୍ମ ପାଦତଳେ ରହୁ ମୋ ନଶା । ୩ ।



୧୬

## ଯୁଗଳ ବନ୍ଧନ

ଚଉରଶି କୋଶ ମଧ୍ୟରେ
ରାଧାରାଣୀ ଗୋବିନ୍ଦ ରଜା ବୃନ୍ଦାବନରେ । ପଦ ।

କୋକିଳ ଯେ ଉକିଲ ହୋଇ
ଆଗେ ଦରଖାସ୍ତ ଜଣାଇ, ସେ ହଜୁରେ ରହି
ଭୃଙ୍ଗ ମନ୍ତ୍ରୀବର, ପବନ ଡଗର
ପରଜା ଖବର କହେ ହଜୁରେ । ୧ ।

ଦୂତୀ ହେଲେ ଆଜ୍ଞାକାରୀକ
ଭଲ ମନ୍ଦ କଥା ଯେତେକ
କହନ୍ତି ଶ୍ରୀମୁଖ, କରଣ କୁହୁକ ମନ୍ତ୍ରୀ ହେଲେ ଭେକ
ଗୁଇନ୍ଦାଏ ସାର ବନ୍ତ ବଜାରେ । ୨ ।

ଜମାଦାର ହେଲେ ମୟୂର
ଶୁକ ହେଲେ ବରକନ୍ଦାର
ସେ ଆଗେ ଖବର, ଲଳିତା ବିଶାଖା ଇନ୍ଦୁ ଚନ୍ଦ୍ରରେଖା
ପକାବନ୍ତି ପଖା ହରି ପାଶରେ । ୩ ।

ସୁବଳ ଯେ ସୁଦାମ ଦୁହିଁ
'ଜୟରାଧା' ରାଧା ବୋଲି ଦିଅନ୍ତି ଦୁହାଇ
କହଇ ଭରତ ହରିପଦରେ ଛନ୍ଦ
ପାତାଳୁ ବାସୁକୀ ଆସିଣ ଧରେ । ୪ ।



ଭ୍ରମରବର ନରେନ୍ଦ୍ର

## ଶ୍ରୀକୃଷ୍ଣଙ୍କ ନବାନୁରାଗ

ଆଜ ବଂଶୀ ଥିଲି ପାନ୍ଥ ବଡ଼ ସୁଯୋଗେ ଯେ
ଚନ୍ଦଧର ଅଇଶ୍ୱର୍ଯ୍ୟକୁ ଲଭିଲି ବନଜାକ୍ଷି ଶୋଭା ବହ୍ନି । ପଦ ।

ତ୍ରିଭୁବନମୋହ୍ନ          ଜୀବନ ପୂରେଇ
ବେନ ଘଟ ଥିଲି ଥୋଇ,
ଯମୁନା ତୀରରେ          ଏହି ସମୟରେ
ପ୍ରବେଶ ମୁଁ ହେଲି ଯାଇଁ । ୧ ।
ବେନ କରେ କୁମ୍ଭ          ତୋଳିବା ଆରମ୍ଭ
କରୁଁ କରକରଦନା।
ବୃଷଧ୍ୱଜ ଶିର          ମଣ୍ଡନେ ତତ୍ପର
ବିହ୍ୱାସ୍ୟସେକ ଚନ୍ଦ୍ରମା । ୨ ।
ସେ କାଳରେ ଦୃଶ୍ୟ          ହେଲି ଏକ ପାର୍ଶ୍ୱେ
ବକ୍ଷୋଜ କକ୍ଷ ରୋମାଳି
ରତ୍ନ ସାନୁ ସନ୍ଧି—          କଟେ ନବଘନ
ଉଦୟ ପରାଏ ଝଳି । ୩ ।
ଜଳସକୁ ରଖି          ଶିରେ ପ୍ରିୟସଖୀ
ଇଙ୍ଗିତାସ୍ୟେ ବହ୍ନୁଁ ମୋତେ
ଗଣିଲି ପ୍ରବାଳ          ସଂପୁଟକୁ ଝାର
ଝଟକି ଆସିଲି ସତେ । ୪ ।
ଶ୍ୟାମ ରମ୍ୟ ବାଣୀ          ସୁଧାସମ ମଣି
ଆନନ୍ଦିତ ସଖୀ ବୃନ୍ଦ
ମୋହନ ବିଗ୍ରହ          ଚକ୍ଷୁ ଯୁଗ୍ମ ବନ୍ଦେ
ଭ୍ରମରବର ନରେନ୍ଦ୍ର । ୫ ।

---

ଜୀବନ—ଜଳ । ବକ୍ଷୋଜ—ସ୍ତନ । ସଂପୁଟ—ଫରୁଆ ।

ମର୍ଦ୍ଦରାଜ

## ଶ୍ରୀକୃଷ୍ଣଙ୍କ ନବାନୁରାଗ

( ରାଗ—ଚୋଢ଼ି )

ସୁନ୍ଦରୀ ନେଲା ଚିତ୍ତ ମୋହରେ
ସଜନୀ କରେ କର— ଦେଇ ରମଣୀ ବର
ମଣ୍ଡି ଯେ ଆସୁଥିଲା ମଞ୍ଚରେ

ମନ୍ଦ ମନ୍ଦରେ ହସି ମୋ ନେତ୍ର ଗଲା ଚୋପିରେ
ଚଞ୍ଚଳାପାଙ୍ଗ କୋଣେ ଚାହିଁରେ । ପଦ ।

ଆହା ସେ ରୂପ ଶୋଭା ନୟନ ମନ ଲୋଭା
ବଚନେ କେ ପାରିବ କହିରେ । ୧ ।

ଦେଖିଲା ବେଳୁଁ ତାର ଲାବଣ୍ୟ କଳେବର
ହେଲି ମୁଁ ତାର କିଣା ଦାସୀରେ । ୨ ।

କହିବା ଭଙ୍ଗି ରହି— ଆସିବା ଭଙ୍ଗି କାହିଁ
ନାହିଁ ନୋହିବ ଥିବ ନାହିଁରେ । ୩ ।

କହଇ ମର୍ଦ୍ଦରାଜ ଶୁଣ ନାଗର ବ୍ରଜ—
ରମଣୀ ଶିରୋମଣି· ସେହିରେ । ୪ ।



# ନବାନୁରାଗିଣୀ ରାଧା

## ସଖୀ ପ୍ରତି ଶ୍ରୀରାଧା

( ରାଗ—କାମୋଦୀ )

କହ କହ ସଖୀ ସେ କାହା ନନ୍ଦନ ଗୋ
କୋଟି କୋଟି କାମ ନୁହଁଇ ସମାନ ଗୋ
ଦେଖିଲା ବେଳୁଁ ମୋହର    ମନକୁ ପଶି ସେ ଶର
ପ୍ରାୟେ ହର ବହରଇ ମନ ଗୋ । ୦ ।

ଉଭା ହୋଇ ତ୍ରିଭଙ୍ଗିରେ    ବଜାଇ ବଂଶୀ ରଙ୍ଗରେ
ଚାହାଁନ୍ତି ଅପାଙ୍ଗେ ହରଷରେ ଗୋ
ତନୁ ନିନ୍ଦେ ଇନ୍ଦୀବର    କଟିତଟେ ପୀତାମ୍ବର
ଦେଖିଲି କଦମ୍ବ ପାରୁଶର ଗୋ । ୧ ।

ବେନି ଶ୍ରବଣେ ମକର—    କୁଣ୍ଡଳ ସୁଶୋଭା କର
ନିନ୍ଦଇ ସୁଧାକର ଶ୍ରୀମୁଖ ଗୋ
ନାଶାରେ ମୋତି ସୁଷମ    ନାହିଁ ତ୍ରିଭୁବନେ ସମ
ଜିଏ ନବ ବିଷମ ବିଶିଖ ଗୋ । ୨ ।

ମନ୍ଦହାସେ ବିମ୍ବାଧରେ    ହାର ଶୋଭଇ କନ୍ଧରେ
ଚନ୍ଦ୍ରକୁ ଧରେ ତା ସୁଷମା ଗୋ
କେ ତାହା ମୁଖେ କହିବ    ନୟନେ ଯେବେ ଚାହିଁବ
ତା'ର ବଶ ନୋହିବ କେ ବାମା ଗୋ । ୩ ।

ଏତେ କହୁଅଛୁ ଜୀବ    ସଖୀ ସେ ମୁଖ ରାଜୀବ
ଦେଖାଇ ମୋ'ର ଜୀବନ ରଖ ଗୋ
ଭଣେ ମର୍ଦ୍ଦରାଜ ରସେ    କହେ ସଜନୀ ହରଷେ
ହୋଇବ ତୁମ୍ଭର ସେହି ସୁଖ ଗୋ । ୪ ।

ଅପାଙ୍ଗ—ଚକ୍ଷୁକୋଣ ।

ମଧୁ ଦାସ

## ରୂପାନୁରାଗିଣୀ ଚୋପକା

ସଜନୀ ପଥେ ଛକେ ଗୋବିନ୍ଦ
ଗୋପାଙ୍ଗନା ନେତ୍ର-ଚକୋର ଚନ୍ଦ୍ର । ୦ ।
ଚୂଡ଼ା ସୁରପାଖେ କେତକୀ ବେଢ଼ା
ନାରୀ ମନ ମୀନ ବଡ଼ଶୀ ଖଡ଼ା । ୧ ।
ଛଇଲ ପୁରୁଷ ମୋହନ ବେଶ
ଯୁବା ଯୁବତୀଙ୍କ ଅନଙ୍ଗ ପାଶ । ୨ ।
ଇନ୍ଦ୍ର ନୀଳମଣି ଜିଣି ତା ତନୁ
ରାଧିକା ଶ୍ରୀମୁଖ କୋମଳ ଭାନୁ । ୩ ।
ହାସ ମନ୍ଦ ମନ୍ଦ ବଙ୍କ ଚାହାଣୀ
ପ୍ରେମ ଧନେ ଦାସ ମଧୁକୁ କିଣି । ୪ ।

## ରାଧା ମିଳନୋତ୍ କଣ୍ଠିତା

କେ ଦେବ ଶ୍ୟାମ ବନ୍ଧୁଙ୍କୁ ଆଣି
ଲକ୍ଷ ଦେବି ତାକୁ ନାସା ବସଣୀ ଗୋ । ୦ ।
ନିରେଖି ତାହାର ବଦନ ଠାଣି
ଓଷ୍ଠ ସୁଧା ଦେଇ ରଖନ୍ତୁ କିଣି । ୧ ।
ମୋ ଉର ଶେଯରେ ଶୁଆନ୍ତୁ ଆଣି
ଶେଷ ହୋଇଯିବା ଯାଏ ରଜ୍ୟେଣୀ । ୨ ।
ଯେତେବେଳେ ମୋ ପାଶରୁ ମେଲାଣି
ଦିଅନ୍ତୁ ଗଣ୍ଡେ ଚୁମ୍ବ ଟାଣି ଗୋ । ୩ ।
ଏ ବଚନ ପ୍ରିୟେ ସଖୀର ଶୁଣି
ତୋଷେ ଦାସ ମଧୁ ଏଗୀତେ ଭଣି । ୪ ।

ମହେନ୍ଦ୍ର ସିଂହ

## ବିରହୀ କୃଷ୍ଣ

### ଶ୍ରୀରାଧାଙ୍କ ପ୍ରତି ସଖୀ

( ରାଗ—ଭୈରବୀ । ଆଡ଼ତାଳି )

ନବ ନୀପ କୁଞ୍ଜେ, ନଟବର ବିଜେରେ, ନାଚ ରଙ୍ଗେ । ପଦ ।

ନିଖିଳ ତେଜ ତୋ ସ୍ମରଣେ ରସନ୍ତ
ନୀରଜ ନୟନୁ ନୀର ବରଷନ୍ତ
ନୀରସ ବଦନ ଖେଦେ ନ ହସନ୍ତ,
ନାହାନ୍ତି ସଖୀ ସମାଜେରେ । ୧ ।

ନାଗ ଗମନେ ଗମନେ ଅବଲମ୍ବ
ନିଷ୍ଟମ୍ଭ ମାନସେ କର ଅବଲମ୍ବ
ନିଶା ଅର୍ଦ୍ଧ ହେଲା ହେଲା ନୋହୁ ଲବ,
ନିର୍ମଳ ସରଣୀ ସାଜେରେ । ୨ ।

ନୀଳମଣି ଜିଣି ଝଳ ଶଳା ତନୁ
ନିଶାକର ରଙ୍ଗେ ମଣ୍ଡି ଅଛ କାହ୍ନୁ
ନିଶିତ ନାରାଚ ପ୍ରହାରେ ଅତନୁ
ନିଚିତ ପୁଲକ ପୁଞ୍ଜେରେ । ୩ ।

ନ୍ୟସ୍ତକର ତୋଷେ ମସ୍ତକେ ମଲ୍ଲୀକ
ନତୁଲ ନିଚ୍ଛେଳ ଦୁକୂଳ ବଲ୍ଲୀ କା
ନିଜ ଅଙ୍ଗେ ଯେନ ବିରଚ ଚୂଳିକ
ନୃପ ସୁତ ତୋତେ ଭଜେରେ । ୪ ।



---

ନୀପ—କଦମ୍ବ । ନୀରଜ—ପଦ୍ମ । ନାଗ—ହସ୍ତୀ । ସରଣୀ—ମାର୍ଗ ।
ଅତନୁ - କନ୍ଦର୍ପ ।

# ମାଧବୀ ଦାସୀ

## ଶ୍ରୀକୃଷ୍ଣଙ୍କ ପ୍ରେମ ବୈଚିତ୍ର୍ୟ

( ବିହାଗଡ଼ା )

ରାଧା ମାଧବ ବିଲସଇ କୁଞ୍ଜକ ମାହ୍ଁ ।
ତନୁ ତନୁ ସରସ ପରଶ-ରସ ପୀବଇ
କମଲିନ ମଧୁକର-ରାଜ ॥ ଧ୍ରୁ ॥

ସଚକିତେ ନାଗର କାଁପଇ ଥର ଥର
ଶିଥିଳ ହୋୟଲ ସବ ଅଙ୍ଗ ।
ଗଦ ଗଦ କହୟେ ରାଇ ଭେଲ ଅଦରଶ
କବେ ହୋୟବ ତଛୁ ସଙ୍ଗ ।
ସୋ ଧନ-ଚାଁଦ-ବୟନ କଏ ହେରବ
ଶୁନବ ଅମିୟାମୟ ବୋଲ ।
ଇହ ମଝୁ ହୃଦୟକ ତାପ କଏ ମେଟବ
ସୋଇ କରବ କଏ କୋଲ ।
ଐଛନ କତହୁଁ ବିଲପଇ ମାଧବ
ସହଚର ଦୂରହି ହାସ ।
ଅପରୂପ ପ୍ରେମେ ବିଷାଦିତ ଅନ୍ତର
କହତହି ମାଧବୀ ଦାସ ॥ ୨ ॥

---

ପୀବଇ—ପିଏ । ହୋୟଲ—ହୋଇଲା । ସବ—ସବୁ । ଭେଲ—ହେଲା । ତଛୁ—ତାହାର । ହୋୟବ—ହେବ । ସୋ—ସେ । ବୟନ—ବଦନ । ହେରବ—ଦେଖିବ । ଶୁନବ—ଶୁଣିବ । ବୋଲ—କଥା । ଇହ—ଏଇ । ମଝୁ—ମୋର । କଏ—କିଏ । ସୋଇ—ସିଏ । ଐଛନ—ଏପରି । କତହୁଁ—କେତେ । କହତହି - କହେ ।

# ନୀଳାଚଳେ ଶ୍ରୀ ଗୌରାଙ୍ଗ

( ରାଗ—ବରାଡ଼ୀ )

କଲହ୍ନି କରିଯା ଛଲ　　　　　　ଆଗେ ପହୁଁ ଚଲି ଗେଲ
ଭେଟିବାରେ ନୀଳାଚଲ ରାଯ୍ ।
ଯତେକ ଭକତ ଗନ　　　　　　ହୈଯା ସକରୁନ ମନ
ପଦ-ଚିହ୍ନ-ଅନୁସାରେ ଧାଯ୍ ।
ନିତାଇ ବିରହ୍ନି-ଅନଲେ ଭେଲ ଧନ୍ଦ ।
ସେ ଆଠାରନାଲା ହୈତେ　　　　　　କାନ୍ଦିତେ କାନ୍ଦିତେ ପଥେ
ଯାଯ୍ ନିତାଇ ଅବଧୌତ ଚନ୍ଦ ।
ସିଂହ ଦୁଆରେ ଗିଯା　　　　　　ମରମ ବେଦନା ପାଇଯା
ଦାଁଡ଼ାଇଲ ନିତ୍ୟାନନ୍ଦ ରାଯ୍ ।
ହରେ କୃଷ୍ଣ ହରି ବଲେ　　　　　　ଦେଖିଯାଛ ସନ୍ୟାସିରେ
ନୀଳାଚଲ ବାସୀରେ ସୋଧାଯ୍ ।
ଜାମ୍ବୁନଦ-ହେମ ଜିନି　　　　　　ଗୌର ବରନ-ଖାନି
ଅରୁନ ବସନ ଶୋଭେ ଗାଯ୍ ।
ପ୍ରେମ ଭରେ ଗର ଗର　　　　　　ଆଁଖି ଯୁଗ ଝର ଝର
ହରି ହରି ବୋଲ ବଲି ଧାଯ୍ ।
ଗୁଢ଼ ନାଗରାଲି-ବେଶେ　　　　　　ଭ୍ରମେ ପହୁ ଦେଶେ ଦେଶେ
ଏବେ ଭେଲ ସନ୍ୟାସୀର ବେଶ ।
ମାଧବୀ ଦାସେତେ କଯ୍　　　　　　ଅପରୂପ ଗୋରା ରାଯ୍
ଭକ୍ତ ଗୃହେ କରଲ ପ୍ରବେଶ । ୧ ।

●

---

ପହୁଁ—ପ୍ରଭୁ । ସୋଧାଯ୍—ପ୍ରଶ୍ନ କରେ । ଗାଯ୍—ଦେହରେ ।

ମାନଗୋବିନ୍ଦ ହୋତା

## ନବାନୁରାଗିଣୀ ଶ୍ରୀରାଧା

ଦଶିଲା ଜଳ ଜଳ ନୀଳ ରତନ ତନୁ
ନୟନେ ଗଲା ମୋର ମିଶି । ପଦ ।

ଛନ୍ଦ ଛଡ଼ା ହେବା ଚରଣ ଭଙ୍ଗିରେ
ବନ୍ଧାଇଲା ମୋର ନେତ୍ର କୁରଙ୍ଗୀରେ
ସନ୍ଧନେତ୍ର ଶର ଭ୍ରୁ ଧନୁ ଭଙ୍ଗିରେ
ବିନ୍ଧି ପ୍ରାଣନେଲା ହସି । ୧ ।

ସଖି ଗୁଣ୍ଡିଲିନ ଆହାର ବେଭାର
ବହୁଣ ଭୁଜଙ୍ଗ ପରି ଗଳାହାର
କହିବ ଏ ଦୁଃଖ ଆଗରେ କାହାର
ସନ୍ତାପରେ ଗଲି ଝାସି । ୨ ।

କି ଶୀତଳ ଲାଗୁଥିଲା ଦେଖାବେଳେ
ଇଷିତ ମାନକେ ଦେହ ପୁଣି ଜଳେ
ରସିତ ଟଲା ମୋ ଚିତ୍ତ ପ୍ରେମ ଖେଳେ
ନ ଜାଣିଲି ଦବାନଳି । ୩ ।

କହେ ଦ୍ୱିଜମାନ ଗୋବିନ୍ଦ ଶ୍ରୀମନ୍ତ
ରହେ କାହା ଦମ୍ଭ ଦେଖିଲେ ସେ ମୂର୍ତ୍ତି
ସ୍ନେହେ ତୋଷେ ଯେହୁ ମୋହନ ପିରୁଲା
ନାଶିବ ଏ ବ୍ରଜ ବାସୀ । ୩ ।



# ବାତ୍ସଲ୍ୟ

ଉଠରେ ଧନ ହେଲାଣି ଦିନ
ମଠ ନକର ବନମାଳୀରେ । ୦ ।

ବୋଲ ନ ମାନ ବୁଲିଲୁ ଘନ ବନ ଗଳିରେ
ଶ୍ରୀ ଅଙ୍ଗରେ ଯାଇଥିବ କଣ୍ଟା ଗଳିରେ । ୧ ।

ସଙ୍ଗ କରିବାକୁ ଗୋପସୁତ ହେଲେ ମେଳିରେ
ଚମ୍ପକ ଲବଙ୍ଗଲତା ଘେନକରୁ କେଳିରେ । ୨ ।

ବଳରାମ ବସ୍ତ୍ର କମ୍ପା ପିନ୍ଧକୁ ବଦଳିରେ
କାଳି କାହ୍ନା ସଙ୍ଗେ ଧନ କରୁଥିଲୁ କଳିରେ । ୩ ।

ଏହା ଶୁଣି ଶ୍ରୀମୁଖରୁ ଉଠେ ଜୃମ୍ଭାବଳୀରେ
ଭଣିଲେ ମାନଗୋବିନ୍ଦ ଲୁଟି ଯାଇ ମହିରେ । ୪ ।



ଜୃମ୍ଭା—ହାଇ ।

**ମୁକୁନ୍ଦଦେବ**

# କଳହାନ୍ତରିତା

( ରାଗ—ସୌରାଷ୍ଟ୍ର । ତାଳ—ଝୁଲା )

ପାସୋର ଦେଲେ କି ମନୁ ସେ ନନ୍ଦ କାହ୍ନୁ । ଘୋଷା ।

ଦିନେ ଅନ୍ତରଙ୍ଗ ବହିରଙ୍ଗ
ମେଳେ ପରିହାସ ରଙ୍ଗ
କରୁକି ଏ ଅନୁଚିତ,
ବୋଲି ଭର୍ତ୍ସିଲେ ସେ ଦିନୁ । ୧ ।

ଦିନେ ଯମୁନା ସ୍ନାହାନ କାଳେ
ବସନ କଦମ୍ବ ଡାଳେ
ରଖିବାର ସଖି ମେଳେ
ରୋଷେ ଭର୍ତ୍ସିଲି ସେଦିନୁ । ୨ ।

ଦିନେ ସାଜି ତଳପରେ ବେଶ
ଗୃହିଁ ନଗି ହେଲି ଶେଷ
ପ୍ରବେଶନ୍ତେ ପୀତବାସ
ଯା ଯା ଭର୍ତ୍ସିଲି, ସେଦିନୁ । ୩ ।

ଶ୍ରୀ ମୁକୁନ୍ଦ ଦେବ, କ୍ଷିତି—
ପତି ଭର୍ତ୍ସିଲେ ଭାରତୀ
ନାଶିଲେ ଗୁପତ ପ୍ରୀତି
ଦୁଃଖେ ଭର୍ତ୍ସିଲୁ, ସେଦିନୁ । ୪ ।



ପଦ୍ମମଣି ମହାପାତ୍ର

## ତିମିରାଭିସାରିକା—ରାଧା

କୁଟିଳ କୁନ୍ତଳ ନୀଳ କଦମ୍ବ
ସାଜ ଶ୍ରୀଅଙ୍ଗେ ଘେନଛୁ କସ୍ତୁମ୍ବ
ଅସିତ ରତ୍ନ ମଣ୍ଡନେ ‘ବନ୍ଧୁର
ହୋଇଛୁ ହରଷ ନବ କଶୋମ୍ବ
ପିନ୍ଧିଛୁ ନୀଳ ଶାଢ଼ି କି କରି
ସଙ୍କେତ କର କମ୍ବଗଣ୍ଡ କର । ୧ ।

ବରଷେ ନୀରଦ ନିରତେ ନୀର
ପଙ୍କିଳ ପଥେ କରଇ ସଞ୍ଚାର
ଖସନ୍ତେ ଚରଣ ରମାମଣିର
ବହେ ଜଳଧାର ହୁଏ କାତର
କରଇ ଭାବ ମାନ ବନ୍ଧୁର । ୨ ।

ଘୋଟିଛୁ ଘନ ଘୋର ଅନ୍ଧକାର
ନେତ୍ରକୁ କିଛୁ ନୋହୁଛୁ ଗୋଚର
ଫଣୀ ମଣିରେ ଉହାଡ଼ି ଶ୍ରୀକର
କରଇ ତାଙ୍କ ଆଲୋକ ନିବାର
ମଦନେ ମନ ସ୍ତନ ଏ ତାର । ୩ ।

ଅଙ୍ଗେ ମାନସକୁ ରଜୁଡ଼ି ଦେଇ
ଅନଙ୍ଗ ମନ୍ତ୍ରୀ ବଳରେ ଚଳଇ
ଉତ୍କଣ୍ଠାକମ୍ବ ଉପରେ ଆରୋହି
ଅଛୁ ସେ ପ୍ରେମ କବଚ ଲଗାଇ
ସୁରତ ରଣେ ଭୟ ନ ପାଇ । ୪ ।

କାଳନ୍ଦୀ କୂଳେ କଦମ୍ବ ମୂଳରେ
କୃଷ୍ଣ ବସିଛନ୍ତି ସ୍ନେହ ଭୋଳରେ
ଚନ୍ଦ୍ର ରାଧା ରୂପ ହୃଦ ସ୍ଥଳରେ
ମିଳିଲେ ସେ ଯାଇ ସେହ୍ନ କାଳରେ
ଭଣିଲେ ମାନଧାତା ଭୋଳରେ ।୫।

ରଘୁନାଥ ମହାପାତ୍ର

## ଖଣ୍ଡିତା ଶ୍ରୀରାଧା

### ଶ୍ରୀକୃଷ୍ଣଙ୍କ ପ୍ରତି ଶ୍ରୀରାଧା

( ରାଗ—ଲଳିତ । ତାଳ—ଏକତାଳୀ )

ଏତେ ବେଳକୁ ଯେ    ମୁଖ ଦର୍ଶିଗଲ ଆଜ
ପଥବଣା ହୋଇଲକ ବ୍ରଜ ଯୁବରାଜ । ଘୋଷା ।
ତୁମ୍ଭ ଆସିବା ସମୟ    ଜାଣିହୋଇ ତୋଟମୟ
ଜଗି ବସିଥିଲି କୁଂଜେ ସାଜି ଫୁଲ ଶେଯ ।
ପରସ୍ତ୍ରୀର ନବ ପ୍ରୀତି    ଆନ ରମଣୀରେ ମାତି
ମୋ ପାଶକୁ ଆସିବାକୁ ପାଇଲକ ଲାଜ ।୨।
ଯା ଭୁଲେ ମାତିଲ କଣା    ସେ'ବା କେମନ୍ତ ସୁରସା
ବୁଝିବାକୁ ଲୋଡ଼ୁଥିଲେ ମୋ ସଖୀ ସମାଜ ।୩।
ମିଳିବାରୁ ଓଷ୍ଠ ସୁଧା    ପିବାରୁ ଅନଙ୍ଗ ବାଧା
ତେବେକୁ ଏବେ ଶ୍ରୀଅଙ୍ଗ ଦଶେ ଭିନ୍ନ ତେଜ ।୪।
ଶୁଣି ରାଧା ଭଙ୍ଗୀ ଗୀର    ମଥା ପୋତିଲେ କିଶୋର
ଭାବ କହେ ରଘୁନାଥ କବି ଦ୍ୱିଜରାଜ ।୫।



# ଖଣ୍ଡିତା

## ଶ୍ରୀକୃଷ୍ଣଙ୍କ ପ୍ରତି ଶ୍ରୀରାଧା

ଶ୍ୟାମ ସୁନ୍ଦର ହେ ଜଣାଗଲା ତୁମ୍ଭ ରୀତି
କେଉଁ ବାଳା ପ୍ରୀତିରୁ ହୋଇଲ ଏତେ ଗତି । ଘୋଷା ।
ଅଙ୍ଗେ ଅଳସ ଅନଙ୍ଗ ରତି ପରସଙ୍ଗ ମୋଦକ ବେଗରୁ
ରଙ୍ଗ ଦିଶଇ କୁରଙ୍ଗ ନେତ୍ର ତରଙ୍ଗ ରହିତ ଉଦାରରୁ
ଅଙ୍ଗନାର ତୁଙ୍ଗ କୁଚ ଦରସଙ୍ଗ ରସ ସମ୍ଭୋଗରୁ
କର ଶୋଭେ ଚନ୍ଦନ କସ୍ତୁରୀ ସଂଯୋଗରୁ । ୧ ।
ଜାର ନଖର କହ୍ଲାର କ୍ଷତକୁ ସ୍ୱୀକାର କରୁଛ ଅପାର ହେ
ସାର ଏଥକୁ ଭୂଷାର କର ଗନ୍ଧସାର ଲେପ ବସ୍ତ୍ର ହେ
ସାର ଝଁଗଡ଼ି ସୁସାର ତନୁ ସୁକୁମାର ନନ୍ଦକୁମର ହେ
ଲୁଚିଇଲେ ଲୁଚଇ କି ବିଟପ ବେଶ୍ୱର ହେ । ୨ ।
ବାରମ୍ବାର ବିନତି କର ଏବେ ଉଚ୍ଚାର କର ଧୃଷ୍ଟ ଉତ୍ତର ଗୀରମାନରେ
ମାର ମୁକୁର ମୁଦାହର ସୁଖ ହତସାର କହ କି ନିଦାନ ରେ
ଜାରମଣି ଯା ରମଣୀ ମନକୁ ମଜା ରମଣ ରସ ଦାନରେ
କଥା କହୁ ମଥା ତ ନ ପୋତ ବଦନରେ । ୩ ।
କପଟ ପଟୁତର ରଚିଲେ ବଟି ନକି ପାର ହେ
ଲମ୍ପଟ କର ବ୍ରଜୁ ଉରୁବଟ ପିନ୍ଧି ଆସିଛ କି ତାର ହେ
ଜୀବଟି ତୁଟି ତୁଟିକି ସୁଖକୁଟି ହଟିବଟି ବସ୍ତ୍ର ହେ
ହାଟକୁ ପାର ନଖଟ ଝିଟ ଛଟ କର । ୪ ।
ବାଳ ଅର୍କ ପ୍ରବାଳ ଛବି ସୁରସାଳ ଅଳକ ହାଲରେ
ଝାଳ ପଡ଼ିତ ସୁଝାଳ ତନୁକୁ ସମ୍ଭାଳ ନମଣ ଖାଲରେ
ତା ଲଲାଟରେ ଲାଲ ସିନ୍ଦୂର ଭାଲରେ ଅଛୁ ହାଲରେ
କହେ ବିପ୍ର ରଘୁନାଥ ପଡ଼ିଲ ପାଲରେ । ୫ ।

ରାମକୃଷ୍ଣ

## ପ୍ରୀତି ପ୍ରଭାବ

( ରାଗ—ପୂରବୀ । ତାଳ—ମାଠ )

ପ୍ରାଣ ମିତ ! ପ୍ରୀତି ରୀତି ଅକଥନ ଅଲୌକିକ ଗୋ
କେଉଁ ଦଶା ନେହେ ତହିଁ ଦେଲେ ଚିତ୍ତ । ପଦ ।

ଯେବେ ତା ଶ୍ରୀମୁଖ ଦେଖୁଥାଇ
ଇନ୍ଦ୍ର ପଦ ପଦେ ରଖୁଥାଇ
କ୍ଷୁଧାତୁର ଅଳି          ଗ୍ରାସେ ଅସନ୍ତୋଷ
ହେଲାପରି ଲୋଭ ବଢୁଥାଇ । ୧ ।

ଅନାସ୍ମୃତେ ଅଗ୍ନି ସ୍ୱଧି ବଣେ
ପାଶେ ଯେମନ୍ତ ନ ଥାଇ ଲେଶେ
ଦଣ୍ଡକ କୋଟି          କଳପ ମଣୁଥାଇ
ପଦ୍ମଣ୍ଡକ ମଣୁଥାଇ କୋଣେ । ୨ ।

ମୁରୁଚ୍ଛ ନୋହଇ ପାଶେ ଥିଲେ
ଅନ୍ତର ଜନେ ଅନ୍ତର ହେଲେ
ଜଳସ୍ଥାନ ମୀନ          ପରି କେତେ ବଞ୍ଚି—
ଥାଇ ତା ନାମ ମନ୍ତ୍ରର ବଳେ । ୩ ।

ନ ଦେଖି ମୁରୁଚ୍ଛ ନୋହେ କ୍ଷଣେ
ଭ୍ରମୁଥାଇ ମନ ଏଣେତେଣେ
ବାତୁଳ, ଜଡ଼          ବଧୀର ପରି ହୋଏ
ଶୁଣି ସ୍ନେହ ଭାବ ସ୍ମରଣେ । ୪ ।

ଭଣେ ରାମ କୃଷ୍ଣ ପ୍ରୀତି ଦଣ୍ଡେ
ଗୁଡ଼ ନୋହେ ପ୍ରାଣ ଥିଲେ ପିଣ୍ଡେ
ପାଶୁ ଅନ୍ତର          ହେବା ଯୋଗ ଜାଣିଲେ
ବଜ୍ର ପଡ଼ି ଯାଉ ଥାଇ ମୁଣ୍ଡେ । ୫ ।

# ପ୍ରୀତି ପ୍ରଭାବ

( ତାଳ—ପଡ଼ିତାଳ )

ଯାହାମନ ଯହିଁରେ ରହେ
ତା' ବିନା ତାହାକୁ ଆନ ନ ଦିଶେ
ତାହା ସୁଖ ତାହା ପରଶେ
ବୋଲୁଥାଇ ମୁଁ ତା'ର ସେ ମୋର ସେ । ୦ ।
ପାଶେଥିଲେ ସୁରସରିତ
ରସଇ କି ତହିଁ ଚାତକ ଚିତ୍ତ
ଚିତ୍ତ ହେଲେ ଯେତେ ଆରତ
ଘନ ଜଳ ବିନା ତାର ଜୀବିତ । ୧ ।
ନିଜ ତନୁ ହେଲେ ବିଭୂତି,
ପ୍ରଦୀପ ଶିଖାରେ ପତଙ୍ଗ ପ୍ରୀତି
ତନୁ ଦେଇ ରଖେ ଖ୍ୟାତି
ଜୀବ ଗଲେ ସେହୁ ଅଛୁ ବିରତି । ୨ ।
ଦୁଷ୍ଟ ନକ୍ର ତହିଁ ଥିଲେ,
ନିଦାଘ ତପନ ତାପ ହିଁ ହେଲେ
ପୁଣି ମୀନ ଧୀବର ଜାଲେ
ଦେଖି ଦେଖି ମୀନ ଜଳ ନ ଭୁଲେ । ୩ ।
ଭିନ୍ନ କଲେ ସାରସ କୁଳ,
କ୍ଷୀର ସଙ୍ଗତକ ଛାଡ଼ିଇ ଜଳ
ହେଲେ ହେଲେ ସେ ତହୁଁ ମେଳ
ଖୋଜିଲେ କେବେହେ ତହିଁ ଦେଖିଲ । ୪ ।
ରସାଳସା ପ୍ରେମ ଏ ସତ
ରାମକୃଷ୍ଣ କବିଚନ୍ଦ୍ର ଭଣିତ
ଶ୍ରୀ କଣୋଗୀ ବୋଲନ୍ତି ମିତ,
ସ୍ୱାମୀ ପ୍ରୀତି ବିନା ମୋର ଜୀବିତ । ୫ ।

ସୁରସରିତ—ଗଙ୍ଗା । ନକ୍ର—କୁମ୍ଭୀର । ସାରସ—ହଂସ ।

## ଶ୍ରୀରାଧାଙ୍କ ରସୋଦ୍‌ଗାର

( ରାଗ—କନଡ଼ା )

**ସେ ନବୀନ ଯୁବାବର ମୋ ନୟନେ ନାଚନ୍ତି । ପଦ ।**

ସେ ସ୍ନେହକୁ ସ୍ମରି ଭାବି ପୁଲକ ଅଶ୍ରୁରେ ଦ୍ରବି
ମନ ତାକୁ ଧନପରି ନିତି ହୃଦେ ସଞ୍ଚନ୍ତି । ୧ ।

କେ ଜାଣଇ କାହା ଚିତ୍ତ କେ କରୁଛି କାହା ହିତ
ଯାହାକୁ କହିଲେ ସେତ ମୋ ପ୍ରାଣ ପାଞ୍ଚନ୍ତି । ୨ ।

ପ୍ରୀତି ମାଦକରେ ବୁଡ଼ି ଗଲେ କେ ପାରିବ ଛାଡ଼ି
କେ ଶୁଣିଛି ପ୍ରୀତି ତେଜି କେ ମସ୍ତାରେ ବଞ୍ଚନ୍ତି । ୩ ।

ଦଅନ୍ତୁ ଅବା ମୁରୁଛି ସେ ତ ପାଶକୁ ଧରିଛି
ଜୀବ ଗଲେ ଯିବ ସେ ମୋ ମନରୁ ନ ଘୁଞ୍ଚନ୍ତି । ୪ ।

ରାମକୃଷ୍ଣ କବି ଶଶୀ ସ୍ୱପେ ଶ୍ରୀ କଶୋସ୍ୱା ସ୍ୱପି
ଜାଣିଲି ମୋ ଦୁଃଖ ଲତା ଫଳ ଫଳି ପାଚନ୍ତି । ୫ ।



# ପଥାବରୋଧ

## ଶ୍ରୀକୃଷ୍ଣଙ୍କ ପ୍ରତି ଶ୍ରୀରାଧା

( ତାଳ—ଏକତାଳି )

ହାଟ ନ କର ମୋରେ ବାଟରେ କାହ୍ନା
ହାଟକ ଲୋଡ଼ିଲେ ମୋ ତାଟଙ୍କ ଦେବି
ପାଟକ କୁଳଟା 'ଅବାଟକୁ ଯାନା । ପଦ ।

ପାଦ ନ ଚଳେତି ପ୍ରମାଦ୍‌ ତୋ ପ୍ରୀତି
ଆଦର କରି ଅପବାଦ ଲଗାନା । ୧ ।

ସାଗର ପରତୋ ସୁହାଗର ରୀତି
ଦାଗ ରହୁଛି ନଟ ନାଗର ବାନା । ୨ ।

କାଳକ ନ ଗଣି ତୋ ବାଳକ ଗୁଳି
ଗୁଳିକ ପଥେତି କାନ୍ଦକୁ ଧାନା । ୩ ।

ଯା କର ଧରି ମୁଁ ତୋ ଗୁକର ବୋଲୁ
ତା କର ଧରି ଏତେ ଠାକର ଖାନା । ୪ ।

ରାମକୃଷ୍ଣ ବଦତି ପାମର ଲୋକେ
ଗ୍ରାମରେ ନ ଥୋଇବେ ଶ୍ୟାମ ଭୁଖାନା । ୫ ।



ହାଟକ—ସୁବର୍ଣ୍ଣ । ତାଟଙ୍କ—କର୍ଣ୍ଣଭୂଷଣ ।

# ଶ୍ରୀରାଧାଙ୍କ ନବାନୁରାଗ

## ସଖୀ ପ୍ରତି ଶ୍ରୀରାଧା

( ରାଗ—ଇମନ )

ବ୍ରଜ ଯୁବରାଜ ଆଜ ମନକୁ ତ ମୋର ମୋହି ନେଲା ଗୋ । ପଦ ।

ଶ୍ୟାମଘନ ଛବି କି ଦେଖି
ଆଖିତ ମୋ ରହିଲା ଲାଖି
କାହୁଁ କାହୁଁ କେତେ ଭଙ୍ଗୀ କି ଶିଖିଛୁ
ଯାହୁଁ ଯାହୁଁ ଚେତା ବୁଡ଼ି ଗଲାରେ । ୧ ।
ବିମ୍ବଦମ୍ଭହର ଅଧର
ଦରହାସ କେଡ଼େ ମଧୁର
ହୃଦୁ ଯହିଁ ଯାରୁ ଭ୍ରୂରୁ କମ୍ପାଇ
ତରଳ ନୟନେ ଠାର ଦେଲା ଗୋ । ୨ ।
ନୋହେ ତାର ନୟନ ଠାର
ସେକି ଧୃତି କାଷ୍ଠ କୁଠାର
ଯେତୁ ଯେତୁ ତାର ନବ ନବ ଗ୍ରୀତ
ତନୁ ଯାକ ମୋର ଥରି ଗଲା ଗୋ । ୩ ।
ନ ଦିଶିଲା ଆନ ଶରଣ,
ନ ଚଳିଲା ପଦେ ଚରଣ
କୁଳବତୀ ସତୀ ବରତ, କୁଳତ
ଦେଖୁ ଦେଖୁ ମୋର ସରି ଗଲା ଗୋ । ୪ ।
ରାମକୃଷ୍ଣ କହେ ସଜନୀ
ହେବ ତାର ପ୍ରୀତି ଭଜନୀ
ଜାଣିତ ନ ଥିଲି ଏଡ଼େ ପରମାଦ
ଅଜାଗେ ତା ଭେଟ ପଡ଼ିଗଲା ଗୋ । ୫ ।



# ନବାନୁରାଗୀ ଶ୍ରୀକୃଷ୍ଣ

( ରାଗ—ମେହ୍ଵନା )

ମନ ଉନ୍ମାଦ ମାଦକ ତୋହର ଗୀତରେ, ପ୍ରାଣ ପ୍ରୀତ । ଘୋଷା ।

ଢୁଲ ଚାହାଁଣିରେ ଜଗାଜଗି  ଦରହାସ ରସ ଲଗାଲଗି
ଝାଙ୍କି ମୋ ଦମ୍ଭକୁ ଝୁଙ୍କାଇ ଦଅଇ, ଧନ ତୋର ଚୁରୁ ଭୁରୁ ଭଙ୍ଗିରେ ।୧।

ଗୋରଚନା ଚାରୁ ଆଡ଼ ଗାର  ସିନ୍ଦୂର ବିନ୍ଦୁ ତହିଁକି ତୋର
ମୃଗମଦ ରସ କଳଙ୍କ ଦେଖିଲେ ଜ୍ଞାନ ବୁଡ଼ି ମନ ହୋଏ ଚୋର ।୨।

କେଡ଼େ ଯତ୍ନ ରତ୍ନ ଦଣ୍ଡିଗୁଣା  ଲୋଭ ବଳା ନୀଳା ନାକଚଣା
ସେକ କମ୍ପୁଥାଇ ମୋ ତନୁ କମ୍ପାଇ, ଚାହିଁ ମୋ ବୁଦ୍ଧି କରୁଥାଇ ବଣା ।୩।

ଭାବେ ଯାଉଥାଇ ବନ୍ଧୁ ବନ୍ଧୁ  ଅଳପ ଗେଲାଇ ଚାହିଁ ଚାହିଁ
ଫୁଲାଇ ନାସିକା କହୁଛୁ ପଦକ, ପଦକ ପର ଅଛୁ ମୁଁ ବନ୍ଧୁ ।୪।

ଘେନ ବା ନ ଘେନ ହୃଦ୍ୟଚରେ  ମୋ ମନ ତ ଛାଡ଼ୁ ନାହିଁ ତୋତେ
ବୀଣା ବଚନୀର କଣା ଲୋକ, ବୋଲି ନାଗର ବାଜୁଛୁ ଏ ଜଗତେ ।୫।

ରାମକୃଷ୍ଣ ଏହୁ ରସେ ଭଣି  ହସି ରାସନ୍ତ ମୁରଲି ପାଣି
ସବୁଠାରୁ ମନ ଛାଡ଼ଇ ଦେବାକୁ, ତୁ ମୋର ସତ ଅମୋହ ମଣି ।୬।



# ପ୍ରେମ ବୈଚିତ୍ତ୍ୟ

## ସଖୀ ପ୍ରତି ଶ୍ରୀରାଧା

ମୁଁ ରତ ହେଲି ଯହିଁରେ ମୋର ତ ନୋହିଲାରେ । ପଦ ।

ଯା କୋଳ ସୁଖକୁ ମଣି ଗୁରୁଜନ ମୁଁ ନ ଗଣି
ମୋ ଦୁଃଖ ଶୁଣି ଏବେ ସେ ନିଷ୍ଠୁର ହୋଇଲାରେ । ୧ ।

ତୁମ୍ଭେ ମୋ କେଡେ ସୁହୃଦ ପ୍ରାଣରୁ ପ୍ରୀତି ଅଭେଦ
ତୁମ୍ଭଙ୍କୁ ଯା ଦେଲି ଖେଦ ଏତିକ ରହିଲା ଗୋ । ୨ ।

ସଖୀମାନଙ୍କ ଅଭ୍ୟାସ ସହି ନ କଲି ଲାଳସ
ଯେ ଥିଲା କୁଳ ମୁହାଁସ ଏଣିକି ସରିଲା ଗୋ । ୩ ।

ଯେ ଦେଲା ଦୁଃଖ ଦୁଃସହ ଶୁଣି ତହିଁ ଲାଗେ ସ୍ନେହ
ଧିକ ଏ ପ୍ରାଣକୁ ଦେହ କାହିଁକି ଆଉଲା ଗୋ । ୪ ।

ଯା ପ୍ରେମ ଉନ୍ମାଦ ରସ ଆଶାରେ ହେଲି ଲାଳସ
ଯା ଲାଗି ମୋର ଉଲ୍ଲାସ ସେ ମୋତେ ଦହିଲା ଗୋ । ୫ ।

ରାମକୃଷ୍ଣ କବି ଭଣି ଭାବେ ଶ୍ରୀକଶୋଷ ଋଷି
ଅସର ସନ୍ତାପ ଗଣି ଏ ଦେହ ସହିଲା ଗୋ । ୬ ।



# କଳହାନ୍ତରିତା ଶ୍ରୀରାଧା

ନନ୍ଦ ନନ୍ଦନ ହୃଦ ଚନ୍ଦନକୁ ମନ୍ଦ ମତିରେ କେଡ଼େ ଦ୍ୱନ୍ଦ୍ୱ କଲି ।୦।

ବାଲିଶ ବୁଦ୍ଧି ବଳେ — କାଳୀ ଲଗାଇ କୁଳେ
କାଳି ପୀରତି ଲତା ଖଳି ମଲି ।୧।

ଟାଣ ପଣରୁ ଜାଣ — ଲଭିଲି ଜନ୍ତୁରାଣ—
ପାଣିକି ଆଣି ନିଜ ପ୍ରାଣ ଦେଲି ।୨।

ବାସ ପ୍ରସାର ନିଜ — ଦାସକୁ କି ନିରାଶ
ବୋଲି ନ ଶୁଣି ଉଦାସ ହେଲି ।୩।

ମଦନ ପରମାଦେ — ପଡ଼ିଲି କି ବିଷାଦେ
ସୁଧାକୁ ଦେଲି ବାଦେ ପାଦେ ପେଲି ।୪।

ନ ପାଇ ଗଲେ ଫାଶି — ବସିଲି ମରୁ ନାଶି
ଭାଷିତ ରାମକୃଷ୍ଣ ଭାସିଗଲି ।୫।



---

ବାଲିଶ—ମୂର୍ଖ ।

**ରାମଚନ୍ଦ୍ର ଦେଓ**

## ବାସକ ସଜ୍ଜା—ରାଧା

( ରାଗ— ଲଳିତ କାମୋଦୀ । ତାଳ— ଆଦ୍ୟ )

କାହ୍ନୁଁକ ନଇଲେ ଶ୍ୟାମ ଏ ଯାମିନୀରେ
ଯହୁଁକ ଥିଲା ମୋ ଆଶା ଗଲା ବୃଥାରେ । ଘୋଷା ।
ମଣ୍ଡନ କେଲି ବାସକୁ କଲି ବିଧିରେ (ସଖୀରେ)
ଖଣ୍ଡନ କଲେ ମୋ ଆଶା ନ ଆସି ମାଢ କା ପୁରେ । ୧ ।
ଭଲ ସେ ମୁଁ ବସିଥିଲି ଦିବ୍ୟ ବେଶରେ (ସଖୀରେ)
ଭଲ ସେ ନାଗର ବର ବିନ୍ଧିଲେ ସନ୍ତାପ ମୋରେ । ୨ ।
ରଜନୀ କର ମିଶାଇ ଗନ୍ଧ ସାରରେ (ସଖୀରେ)
ରଜନୀ ମୁଁ ରଖିଥିଲି ନାଗବଲ୍ଲୀ ସନ୍ଧୃତରେ । ୩ ।
ଆଣ ଯା ବଂଶୀ ପାଣିଙ୍କି ଏବେ ସତ୍ୱରେ (ସଖୀରେ)
ଭଣେ ରାମଚନ୍ଦ୍ର ଦେଓ କୃଷ୍ଣଙ୍କୁ ଭାବ ମନରେ । ୪ ।

●

## ବଂଶୀ-ବିଭବ

( ରାଗ—ବେଲାବଳୀ । ତାଳ— ଝୁଲା )

**ସଖୀ ପ୍ରତି ଶ୍ରୀରାଧା**

ପ୍ରାଣ ସଙ୍ଗିନୀରେ ହେଲା ବଡ଼ ପରମାଦ
ଶ୍ରୁତି କି ରଞ୍ଜନ ଧୈର୍ଯ୍ୟ ଗଞ୍ଜନ
ମୋହନ ମୁରଲୀ ନାଦ (ଘୋଷା)

ଡାକେ ସରସରେ ନ ରସେ ବାସରେ
ନରତେ ଲାଗି ବିବାଦ ।
ଶୁଣିବା ମାତ୍ରକେ ଅନ୍ୟ ତା ବ୍ୟଞ୍ଜକେ
ମନରେ ହୁଏ ବିଷାଦ । ୧ ।

ଥିଲେ ଗୁରୁଜନ ହେଲେ ତରଜନ
ଝିଙ୍କି ହୁଏ ଧର ପାଦ ।
ହୋଇଣ ପ୍ରବଳ କରାଏ ବିକଳ
ମଦନ ମନ ଉନ୍ମାଦ । ୨ ।

କି ମଧୁର ଧ୍ୱନି    ଲାଗଇ ସେ ଧୁନି
ସୁଧାରୁ ବଳି ସୁଆଦ ।
ମତାଇ ରଙ୍ଗରେ    ପଞ୍ଚ ବରଣରେ
ନାଦ କରେ ପଞ୍ଚବାଦ । ୩ ।
ରାମଚନ୍ଦ୍ର ଦେଓ    ବୋଲେ ନୁହେଁ ଆନ
ଚନ୍ଦ୍ର ସେ ଗୁଣାନୁବାଦ ।
ବୋଇଲେ କଣୋଣି    ଡଳେକ ପାଶୋରି
ନୋହେଁ ତାହା ଆହ୍ଲାଦ । ୪ ।

## ମାଥୁର

( ରାଗ—ଡମାଳି । ତାଳ—ଝୁଲା )

ସଖୀ ଚାଲ ସବେଁ ଯିବା ମିଳି ମଥୁରା ପୁର
ଦେଖିବା ପରା ସକଳେ ହଟନାଗର । ଘୋଷା ।

ସେ ମୋହନ ବେଶଧରି    ମୋହିଲେ ଅମର ପୁରୀ
ଯାହାଙ୍କର ବେଶେ ଭୋଗୀ ହେଲେ ଶଙ୍କର । ୧ ।
ଯେ କରେ ମନ୍ଦର ଧରି    ରଖିଥିଲେ ଗୋପପୁରୀ
ଫେରି ପଡ଼ିଗଲେ ଇନ୍ଦ୍ର ନିଜ ମନ୍ଦିର । ୨ ।
ଯାହାଙ୍କ ମୁରଲୀ ଧ୍ୱନି    ମୋହିତ କରେ ଅବନୀ
ଗୋପାଙ୍ଗନା ସବେଁ ପରା ଛାଡ଼ନ୍ତି ଘର । ୩ ।
ସେ ମୋହନ ରୂପ ଦେଖି    ସଫଳ କରିବା ଆଖି
ପାପତାପ ଶୂନ୍ୟ ହେବ ଆମ୍ଭ ଶରୀର । ୪ ।
ଏ ମନ୍ତ୍ର ସକଳ ନାଶି    ଚରଣେ ଧ୍ୟାନ କରି ହରି
ରାମଚନ୍ଦ୍ର ଦେଓ ବୋଲେ ହେଲେ ବାହାର । ୫ ।

# ବାତ୍ସଲ୍ୟ

କୃଷ୍ଣ ଚନ୍ଦ୍ର ବନକୁ ନ ଯିବୁରେ
ଧନକୁ ମାଗୁଣି ଏତେ
କଂସ ନଗର ବନରେ ବୁଲୁଥିବେ
ଧରି ଘେନି ଯିବେ ତୋତେ ଗୋପା ।

ବରତନ ଦେଇ ରଖାଅ ବାକ୍ସୁ
ଘର ଧନ ତଳ ଦେଇ ।
କର ଧରି ବାବୁ ତୋତେ ମୁଁ କହୁଛି
ଏ ପୁରୁ ଯିବାକୁ କାହିଁ ।୧।
ସରିଲେ କାଢ଼ିବା ପୁରୁଣା ସେ ମାଲ
ଗଢ଼ିବା ଦଧି ପଣସ ।
ଆଖି ପାଖୁଁ ତୋତେ ଦଣ୍ଡେ ନ ଛାଡ଼ିବ
ତୁ ମୋର ଦୁଃଖ ପାଶୋରା ।୨।
ଲାଜକୁ କସ୍ତୁର ଥିଲେ ହେଁ ଆମ୍ଭର
ମଜାରେ ଅଲପ ଖିଆ ।
ବଜାରେ ଲୋକରେ ଥିଲେ ହେଁ କି ହେବ
ବଜାରେ ବୁଲିବା କାଠ ।୩।
ପୋଡ଼ିଯାଉ ମୋର ଏ ଶିଶୁ ସମ୍ପତ୍ତି
ଜଳିଯାଉ ବୃନ୍ଦାବନ
ବୋଲେ ରାମଚନ୍ଦ୍ର ନୃପତି ବଦତି
ତୁ ମୋର ଜୀବ ଜୀବନ ।୪।



ରାୟ ରାମାନନ୍ଦ

## କଲହାନ୍ତରିତା

### ଶ୍ରୀକୃଷ୍ଣଙ୍କ ଦୂତୀ ପ୍ରତି ଶ୍ରୀରାଧା

( ରାଗ—ଭୈରବୀ )

ପହିଲହି ରାଗ ନୟନ-ଭଙ୍ଗ ଭେଲ ।
ଅନୁଦିନ ବାଢ଼ଲ ଅବଧି ନା ଗେଲ ॥

ନା ସୋ ରମଣ ନାହାମ ରମଣୀ ।
ଦୁହୁଁ ମନ ମନୋଭାବ ପେଶଲ ଜାନି ॥

ଏ ସଖି ସୋ ସବ ପ୍ରେମ-କାହିନୀ ।
କାନୁଠାମେ କହବି ବିଛୁରହି ଜନି ॥ ଧ୍ରୁ ॥

ନା ଖୋଁଜଲୁଁ ଦୂତି ନା ଖୋଁଜଲୁଁ ଆନ ।
ଦୁହିଁକ ମିଲନେ ମଧ୍ୟତ ପାଁଚ-ବାନ ॥

ଅବ ସୋ ବିରାଗେ ତୁହିଁ ଭେଲି ଦୂତି ।
ସୁପୁରୁଖ-ପ୍ରେମକ ଐଛନ ରୀତି ॥

ବର୍ଦ୍ଧନ-ରୁଦ୍ର-ନରାଧିପ-ମାନ ।
ରାମାନନ୍ଦ ରାୟ କବି ଭାଣ ॥ ୭ ॥



ଖୋଜଲୁ—ଖୋଜିଲି । ଦୁହଁକ—ଦୁହିଁଙ୍କ । ମଧ୍ୟତ—ମଧ୍ୟସ୍ଥ । ସୁପୁରୁଖ—ସୁପୁରୁଷ । ଭାଣ—ଭଣିଲେ ।

ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା

## ଶ୍ରୀଚୈତନ୍ୟ ଜଣାଣ

( ଯୋଇବାଣୀ )

ଆହେ କୃଷ୍ଣ ଚଇତନ୍ୟ ପତିତପାବନ,
ଏ ଦୀନରେ ଦାରେ କୃପାକର
କୋଟି କୋଟି ଦୁସ୍ତର କରିଛ ଉଦ୍ଧାର
ଦ୍ରବୀଭୂତ ହୁଅ ଏକବାର । ୧ ।
ତୁମ୍ଭ ବିନା ଏ ସଂସାର ଭିତରେ ମୋହର
କେ ଅଛି ଶରଣ ମନେକର ।
ଯେବେ କରୁଅଛ ହେଳା, ଭବ ଜଳେ ଭେଳା
ବୁଡ଼ିଲାଣି ହେ ଉଦ୍ଧର ଧର । ୨ ।

× × × ×

ତବ ପ୍ରିୟ ଗଦାଧର ସେଠାରେ ତାଙ୍କର,
ଯେଉଁ ରୂପେ ହେବ ସେବାକାଶ ।
ତହୁଁ ତୁମ୍ଭେ ଯେଉଁ ମୂର୍ତ୍ତି ତୁମ୍ଭ ତାଙ୍କ ପ୍ରୀତି
ଆସ୍ୱାଦିବ ସଦା ମନଭରି । ୧୩ ।
ଜାଣ ଚତୁର୍ଦ୍ଦଶ ପଦ ସମ୍ପୂର୍ଣ୍ଣ ଏ ଗ୍ରନ୍ଥ
ଗଉର ଚନ୍ଦ୍ରଙ୍କୁ ଏ ଜଣାଣ ।
ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଲଭ୍ୟ କାର୍ଯ୍ୟ
ପଢ଼ିଲେ ପାପରୁ ପରିତ୍ରାଣ । ୧୪ ।



# ଶ୍ରୀ ରାଧାକୃଷ୍ଣ ଝୁଲଣ

— ୧ —

"କୁଞ୍ଜମନ୍ଦିରେ ଦମ୍ପତି । ଝୁଲେ ସୁରସ ସମ୍ପତି ।୧।
ରଙ୍ଗ ତରଙ୍ଗ ହିନ୍ଦୋଳେ । ଝଙ୍କୃତ ଘଣ୍ଟି କନ୍ଦଳେ ।୨।
କର୍ଣ୍ଣେ ମକର କୁଣ୍ଡଳ । ଆନ୍ଦୋଳେ ଗଣ୍ଡ ମଣ୍ଡଳ ।୩।
ବୃଷ୍ଟି ଶବଦ ଝର୍ଝର । ଆନନ୍ଦ କବି ସୂର୍ଯ୍ୟର" ।୪।

— ୨ —

"ରତ୍ନ ଖଚିତ ହିନ୍ଦୋଳେ । ଝୁଲନ୍ତି ରସେ ଯୁଗଳେ ।୧।
ମେଘଙ୍କର ଘଡଘଡି । ମଣ୍ଡୂକ ଡାହୁକ ରଡି ।୨।
ବୃଷ୍ଟି କରଇ ଝର୍ଝର । ନୀରଧାର ମନୋହର ।୩।
ବିଜୁଳି ଚହଟି ଉଠେ । କୃଷ୍ଣ ଭୁଜ ରାଧାକଣ୍ଠେ ।୪।
ଗୁଞ୍ଜପୁଞ୍ଜ ଗାଲେ ଗୀତ । କବିସୂର୍ଯ୍ୟ ବ୍ରହ୍ମାରଚିତ" ।୫।

— ୩ —

"ଝୁଲଣ କୁଞ୍ଜେ ଝମ ଝମ ପାହୁଡରେ ।
କେ ବୋଲେ ଝିଙ୍କ ଦଉଡ଼ିକ ଦଉଡ଼ିରେ ।୧।
କର କଙ୍କଣ ଝମ ଝମ ପ୍ରବଳରେ ।
ପବନରାଜ ବଜାୟୁ ପ୍ରବଳରେ ।୨।
ଘନଘନ ଘଡଘଡି· ଧଂସା ରଜନୀରେ ।୩।
ଡାହୁକ ଡାକେ ଝୁଣ୍ଟିଆ ଗର୍ଜନରେ ।
ଠେଙ୍କିକା ଗାଲେ ଏ ରସ ଉଚ୍ଛୁଳରେ ।
ଶ୍ରବଣେ କବିସୂର୍ଯ୍ୟର ବୈଭବରେ" ।୪।

— ୪ —

"କୁଞ୍ଜେ ଅଳି ଗୁଞ୍ଜେମିଳି ରଞ୍ଜକ ସ୍ୱର ଗୋପୀକା ।
ଝୁଲେ..... ନାଗରବର ମୋହନସହ ରାଧିକା ।
ଗୁଡ ପ୍ରେମ ନଳକୁବେର କବି ସୂର୍ଯ୍ୟର ବରସାଧିକା ।"

— ୫ —

"ଚନ୍ଦ୍ର ବଦନ ସୁଧା ପ୍ୟାସୀ । ଯୌବନ ମଦ ରସତେ ଘାଈ ।
ଝୂଲତମ୍ ଏ ମତ୍ ହାଥ୍ ଯେ ସେ ବାଂଶରୀ
ଦୌନ ମଗନ୍ ଦୋହେ ପ୍ରବୀନ୍ ଭଗତ୍ ସଓ ସୁରୁସୀ ।
ବାଜକା କୁଲ୍ ତାଲ୍‌ସ୍ୱେ କବିସୂର୍ଯ୍ୟ ବ୍ରହ୍ମା ବବର" ।

— ୬ —

ଦୋ କୁଞ୍ଜେ ଝୂଲେ । ଗଣ୍ଡମଣ୍ଡଲେ କୁଣ୍ଡଲ୍ ଦୋଲେ ।
ଜୈସେ ଦାସୀ ଯେ ଜଗମଗାଓ ।
ସଜଲ ଜଲଦ୍ ସେ ଏ କବିସୂର୍ଯ୍ୟ ବ୍ରହ୍ମା ଗାଓ ।

●

**ସାଲବେଗ**

## ବଂଶୀ ବଭବ

( ତାଳ—ଝୂଲ )

ସଖୀ କୁଞ୍ଜବନେ ବଂଶୀ କେ ବଜାଇଲା ଗୋ । ପଦ ।

ଶୁଷ୍କ ତରୁମାନେ ଥିଲେ ଧ୍ୱନି ଶୁଣି ପଲ୍ଲବିଲେ
ପବନ ସ୍ତମ୍ଭିତ ହୋଇ ରହିଲା ଗୋ । ୧ ।
ପାଷାଣ ଦ୍ରବନ୍ତ ପାଣି ଯମୁନା ଟେକେ ଉଜାଣି
ଜଳ ତେଜି କୂଳେ ମୀନ ରହିଲା ଗୋ । ୨ ।
ବାଜ ଧୀରେ କ୍ଷୁଦ୍ର ଘଣ୍ଟି ଲଜ୍ଜା ବନ୍ଧ ଗଲା ଫିଟି
ବସନ ପିନ୍ଧନ୍ତେ ତର ନୋହିଲା ଗୋ । ୩ ।
ଋଷିଙ୍କ ଆସନ ଟଳି ରସରେ ପଡ଼ିଲା ଢଳି
ବ୍ୟାଘ୍ର ପଛେ କୁରଙ୍ଗୀ ଗୋଡ଼ାଇଲା ଗୋ । ୪ ।
କହେ ସାଲବେଗ ହୀନ ଜାତିରେ ଅଟେ ଯବନ
ରାଧାକୃଷ୍ଣ ପଦେ ଚିତ୍ତ ରହିଲା ଗୋ । ୫ ।

# ସାଲ ବେଗ

## ମିଳନ

ବାଜେ ସଖୀଗଣ ବିବିଧ ବାଜଣ
ବାଜେ ଅତି ଅନୁପାମ ରେ ।
ମୃଦଙ୍ଗ ଚଙ୍ଗ ଉପାଙ୍ଗ ସୁମଧୁର
ସପ୍ତ ସ୍ୱର ତିନ ଗାମ ରେ ॥
କୋଇ ନାଚତ ତାଲ ବଜାୟତ
ନାଚତ ଶ୍ୟାମା ଶ୍ୟାମ ରେ ।
ଆନନ୍ଦେ ତରଙ୍ଗିତ ବହଇ ଯମୁନା
ଏ ରୂପ ସଖି ସୁଖ ଧାମ ରେ ॥

ନବ ନାଗର କାନୁ ରାଧା ସେ ତରୁଣୀ ।
ନବ ଜଲଧରେ ଜନ୍ମେ ଶୋଭିତ ଦାମିନୀ ।
ମୋହିତ ନାରଦ ସୁର-ନର-ମୁନି
ମୋହିତ ବ୍ରହ୍ମା ଶଙ୍କରେ ।
ବୃନ୍ଦ କରନହି ବିକଶି କୁମୁଦନୀ
ଶୋଭିତ ଶ୍ୟାମ ସରୋବରେ ॥
ହଂସ ସାରସ ରବ କି ତାଣ୍ଡବ
ତାହୁକ ଶବଦ ମନୋହରେ ।
ସାଲବେଗ ପିଯ଼ୁ ନିରଖି ଲୋଚନ
ବରନି ନହି ଜନୁ ହୋୟ ରେ ॥



# ସିଂହ (ଭୂପତି)

## ବର୍ଷା ବିରହିଣୀ ଶ୍ରୀରାଧା

( ରାଗ— ମଲ୍ଲାର )

ମୋର ବନ ବନ ଶୋର ଶୁନତ
ବାଢ଼ତ ମନମଥ ପୀଡ଼ ।
ପ୍ରଥମ ଗ୍ରୁର ଆଷାଢ଼ ଅଓଲ
ଅବହୁଁ ଗଗନ ଗମ୍ଭୀର ॥
ଦିବସ ରଯ୍ୟନୀ ଆର ସଖି କୈଛେ
ମୋହନ ବିନେ ଯାଓଯେ ॥
ଆଓଯେ ଶାଙ୍ଗନ ବରଖେ ଭାଙ୍ଗନ
ଘନ ଶୋହାୟନ ବାର ।
ପଞ୍ଚଶର ଶର ଛୁଟତ ରେ କୈଛେ
ଜୀୟେ ବିରହିନ ନାର ॥
ଆଓଯେ ଭାଦୋ ବେଗର ମାଧୋ
କାକୋ କହି ଇହି ଦୁଖ ।
ନିଡରେ ଡରଡର ଡାକେ ଡାହୁକ
ଛୁଟତ ମଦନ କନ୍ଦୁକ ॥
ଅଛୁହି ଆଶିନ ଗଗନ ଭ୍ରି-ଖିନ
ଘନନ ଘନ ଘନ ରୋଲ ।
ସିଂହ ଭୂପତି ଭନୟେ ଐଛନ
ଚତୁର ମାସକ ବୋଲ ॥

ବନେ ବନେ ମୟୂରର ଶବ୍ଦ ଶୁଣି ମୋର, ମନମଥ ପୀଡ଼ା ବଢ଼ୁଛି ॥ ପ୍ରଥମେ ଗ୍ରୁର ଆଷାଢ଼ ଆସିଲା, ଗଗନ ଏବେ ଗମ୍ଭୀର । ସଖି ମୋହନ ବିନା ଏଇ ଦିନ ରଜନୀ କିପରି କଟାଇବି ? ଶ୍ରାବଣ ଆସିଲା, ଶୋଭନ ଭଙ୍ଗିରେ ଜଳ ବର୍ଷୁଛି । ମଦନର ବାଣ ଛୁଟୁଛି, ବିରହିଣୀ ନାରୀ କିପରି ବଞ୍ଚିବେ ? ଭାଦ୍ର ଆସିଲା, ମାଧବ ଛଡ଼ା ଏ ଦୁଃଖ ଆଉ କାହାଆଗେ କହିବି ? ନିର୍ଭୟରେ ଡାହୁକୀ ଡର ଡର ଧ୍ୱନି କରୁଛି । ଯେପରି ମଦନର କନ୍ଦୁକ ଛୁଟିଛି । ଆଶ୍ୱିନ ଆସିଲା, ଗଗନ ମୁଖର ହୋଇ ଉଠିଲା । ମେଘର ଘନ ଘନ ରୋଳ ଉଠୁଛି । ସିଂହ ଭୂପତି ଏଇ ବିରହର ଚତୁର୍ମାସ୍ୟା ବର୍ଣ୍ଣନା କରୁଛନ୍ତି ।

**ସୋମନାଥ ସିଂହ**

## ହୋରି

ବରଜନାରୀ, କୁଂଜବନେ ଗିରଧାରୀ,
ଆସ ସହଚରୀ ଖେଳିବା ଗୋ ହୋରି ବୋଲି ଡାକଇ ବାଂଶରୀ । ୦ ।

ଶୁଣିକରି ତାଳ — ହୋଇଲେ ଉତ୍ସୁକ
ଚଉକୁ ହରଷ କରି
କେ ବୋଲଇ ମିତ — ଆସ ଗୋ ତୁରିତ
ବୋଲି ଧାମନ୍ତ ଚତୁରୀ । ୧ ।
କେଉଁ କଂଜ ନେତ୍ରୀ — ଅବିର ଧରନ୍ତି
ଫୁଲଧନୁକେହୁ ଧରି
କା ହାତେ କଂସାଳ — କେ ଅବା ମର୍ଦ୍ଦଳ
ସିଂଘା ବାଇଁଶୀ ମହୁରୀ । ୨ ।
ସର୍ବେ ଚନ୍ଦ୍ରହାସୀ — ନବୀନ ବୟସୀ
ଏକେ ସେତ ସୁକୁମାରୀ
ବେଶ ଅସମ୍ଭାଳ — ବାସ ଲେଟେ ତଳ
ଗ୍ଲାନି ଗଜଗତି ଧରି । ୩ ।
କେ କାହାକୁ ବଳି — ଯାଇ ପାଶେ ମିଳି
ବେଢ଼ିଲେ ଦେଖି ଶ୍ରୀହରି.
ହରଷ କରଣ — ନଟବର ମନ
କହରୁକେ ଫଗୁ ମାରି । ୪ ।
ସୋମନାଥ ସିଂହ — ବାରବର ବୋଲେ
ସେ ଶୋଭା କେ କହି ପାରି
ଖେଳନ୍ତି ଖେଳନ୍ତି ଭୂପା — ରଙ୍ଗମଣ୍ଡ ଦଶେ
ବଜାଇଣ ଶଙ୍ଖ ଭେରି । ୫ ।



# ପ୍ରେମବୈଚିତ୍ର୍ୟ

ନାଗର ମୋହନ ରୂପ ମୋହିଲାରେ, ମୋହିଲା କ୍ଷଣି ଅତନୁ ଦହିଲାରେ
ଥର ଥର କରଦେଲା ଦେହ    ଝର ଝର ନେତ୍ରୁ ନୀର ବହି
ମାର ମାରଣତ କହି, ନୋହିଲାରେ । ଘୋଷା ।

ସଦନେ ରହି ନୁହଇ ଅନୁକ୍ଷଣେ, ଚିତ୍ତ ବଳଇତ ହୁଏ ତାହା ବନେ
ରସେ ରସିବାକୁ ଚିତ୍ତ    ହୁଅଇ ଅନବରତ
ନ ରଖେ ସତୀବରତ, କି ହେଲାରେ । ୧ ।

ଦମ୍ଭ ଖେଦ ବିବେକ ଗୁଣ ପାଶୋରଇ, ଅଧିକେ ଲୋଭ ଯତନେ ପଲ୍ଲବଇ
ପାରିବେକି ଏହା ସହି    ସହିଲେ ନ ରହେ ରହି
ଆଉ କାହିଁ ଏବେ ଦେଖା, ନୋହିଲାରେ । ୨ ।

ବିଷମ ହେଲାଣି ଦଶାର ସାଗରେ, ମୋହର ଜୀବନ ଉତ୍ତୁଛି ସନ୍ତାପରେ
ଅଳି ଏତେ ଜାଲେ ଏହା    କହିଲେ କର୍ଣ୍ଣୁ ଛୁଆ
ଆନ କେହି ନାହିଁ ସାହା, କହିଲାରେ । ୩ ।

ପରମାଦ ପୀରତିକି କରେ ଖ୍ୟାତ, ଏବେ ହେଲାଣି ନିକର ସେହି ଗତ
କି କରିବି କରେ ମୋହ    ଥିଲେ କି ଉପାୟ କହ
ଏବେ ବଢ଼ୁତ ସନ୍ଦେହ ଲାଗିଲାରେ । ୪ ।

ଜଣାଗଲାଣି ଏଥର ବଞ୍ଚି ନୋହେ, ନିଶ୍ଚୟ ଜାଣ ବୁଡ଼ିବି ତାଙ୍କ ସ୍ନେହେ
ଏଣିକି ନାହିଁ ବିଲ୍ବର    ନଇଲେ ଶ୍ୟାମ ସୁନ୍ଦର
ସୋମନାଥ ବୀରବର, ଭଣିଲାରେ । ୫ ।

# ଶ୍ରୀକୃଷ୍ଣ ରୂପଶ୍ରୀ

ସଖି ଅନାଅ ରେ ଏ ବ୍ରଜ ଦାଣ୍ଡର
ବତ୍ସ ବୃନ୍ଦଘେନି କୃଷ୍ଣ ଆସେ ସଙ୍ଗର । ଘୋଷା ।

ବଳରାମ ଭାଇ ତାଙ୍କ ଗୋପାଳ ଆବର
ଚନ୍ଦ୍ରମା ପରାଏ ଦିଶେ ଯଶୋଦା କୁମର । ୧ ।

ନୀଳକଣ୍ଠ ପୁଚ୍ଛ ଚୂଳ ଦିଶଇ ସୁନ୍ଦର
କି ଯତନେ ସାଜିଅଛୁ ବେଣୀକି ତାହାର । ୨ ।

ଭାଲେ ଗୋରଚନା ଚିତା ଅତି ମନୋହର
ଝଟିଝଟି ଦିଶେ ନାଶେ ମୁକୁତା ତାହାର । ୩ ।

ହୃଦରେ ପଦକ ଶୋହେ ନାନା ଅଲଙ୍କାର
କରରେ ମୁରଲୀ ତାର ଯୁବାଜନ ମାର । ୪ ।

ଏ ଛବି ଦେଖିଣ କେହୁ ନୋହିବ କାତର
ଭଣେ ସୋମନାଥ ରାଜା ମୋ ମନ ଅଧୀର । ୫ ।



**ଶ୍ୟାମ କଢ଼େଶାର**

## ମାନଭଞ୍ଜନ ଗୀତ

ଆରେ ବନ୍ଧୁ ଆରେ ବନ୍ଧୁ, ଟେକ ମୁଖ ଇନ୍ଦୁ । ପଦ ।

ହେଲା ବେଳକୁ କଲୁ ନଖାନା, ମୁହିଁ ତୋର ସିନା, ଆରେ ମସ୍ତ ମନ୍ତ୍ରନା ।
କେ କି କହୁଛି ଘେନୁନା, ଦ୍ୱିରଦ ଗମନାରେ,
ତୁଟି ମୋର ଦୋଷ କର ଶେଷ, ଦାସ ନାଶ, ଯଶଲେଶ ଶୁଣିନାହୁଁ କି । ୧ ।

ଜହ୍ନୁ କାହିଁକି ଏଡ଼େ ବିମନା ଆରେ ପୀନ ସ୍ତନା, ନଖେ ମସ୍ତ ଲେଖନା ।
ନୟନୁ ନୀର ଢେଳନା, ସୁହେମବରନାରେ,
ଭାଷ ମୃଦୁ ଭାଷା, ନକର ସାରସ ଦୁଶା, ଲୋକହସା ଏ ତୋର ସାଧକ । ୨ ।

କର ମନେ ତୁ ଆରେ ସୁମନା, ମୋର ଦୋଷ କିନା, ପର ହାଥେ ମାରନା
ଆରେ କୋକିଲ ବଚନା, ମୋର ଦୁଃଖ ମୋଚନାରେ,
ଆରେ ପ୍ରାଣସଖୀ, ମୋତେ ଦହୁ, କାମ ରହୁ ଅଛୁ ସୁହିଁ ବ୍ୟର୍ଥେ ମସ୍ତକ । ୩ ।

କଲା ଷୀଣକୁ ସ୍ଥିର ତୋ ବିନା, ତୁ ମାନ କରନା ଆରେ କୁନ୍ଦ ରଦନା ।
କହେ ଶ୍ୟାମ ମୋରେ ଅନା କୋପନା କୋପନାରେ,
କୃଷ୍ଣ ମୁଖ ଗୀର, ଶୁଣିକରି, ନାଶିବର, କଲେଦୂର, ଶେଷ ମଣ୍ଡକ । ୪ ।



# ବିରହୀ କୃଷ୍ଣ

( ରାଗ—ବଙ୍ଗଳାଶ୍ରୀ )

ସଚେତନ କେତକୀ ଗୋଷ୍ଠୀ ଥିବ ଜୀବ ଧରିରେ
ରଚେତନ ମୋତେ ତୋଷିବ ବାରେ ବିମ୍ବାଧରୀରେ । • ।

ମଦନ ଶରେ ମୋ ଧନ ହୋଇଣ ବିରସରେ
କଦନେ ରମଣୀ ମଣି ଲୋଟିବ ରସାରେ
ବଦନ ପୋଡି ତେଜୁଥିବ ଶ୍ୱାସ    ରଦନଚ୍ଛଦେ ନଥିବ ସେ ହାସ
ଅଶନ ମଣୁଥିବ ସେ ଯେ ବିଷ    ସଦନ ହିଁ ହେବ କାରା ସଦୃଶ । ୧ ।

କରମରେ ମୋର ଏହା ଥିଲା ସିନା ବିହିରେ
ଭରମରେ ତା ଅନ୍ୟଥା ନ କଲିତ ବିହିରେ
ହରି ମନ ମୋହିନୀ ଆରେ ସହି
ଭରମ ଅଙ୍ଗୀ ମୋର ବିନୁ କେହି    ପରମ ସୁନ୍ଦରୀ ବଞ୍ଚିବ ତହିଁ
ଦରମରି ହୋଇଥିବ ଯେ ରହି । ୨ ।

ନୀରଜ ନୟନୁଁ ନୀର ନିରନ୍ତରେ ବହିରେ
ଜର ଜର ହେଉଥିବ ଉରଜତା ବହିରେ
ଗରଜନରେ ପିକ ଭୃଙ୍ଗ ତତି    ତରଜନା ଦେଉଥିବେ ଯେ ଅତି
ବରଜ ନାଗରୀ ବର ଯେ ନତି    କରଜରେ ଚିରୁଥିବେ ସେ କ୍ଷିତି । ୩ ।

ହସାଇ ହେଲା ସପନ ସୁନ୍ଦର ବଦନୀରେ
ଲୁହଁଇ ଏବେ ନଷ୍ଟପ୍ରେ ସହି ଏ ବେଦନାରେ
ବହଇ ମନ୍ଦରେ ମଧୁ ପବନ    ଦହଇ ବିରହୀ ଜନ ଜୀବନ
ଶୋହଇ ପୁଷ୍ପେ ଉପବନ ମାନ    କହଇ ଶ୍ୟାମ କିଶୋର ଏସନ । ୪ ।



ହରି (ବୈଶ୍ୟ)

## ବାସକସଜ୍ଜା

( ତାଳ—ପହପଟ )

ଗୋ ପ୍ରାଣନାଥ କଲେ ନୈରାଶ,
କେତେ ଆଶାରେ ମୁଁ ହୋଇଥିଲି ସୁବେଶ । ଘୋଷା ।


ପୋଡ଼ିଯାଉ ସଜନୀ ମୋ କପାଳ ଦୋଷ
କାହା ପୁରେ ରହିଲେ ସେ ରସିକ ପୁଂସ
ପାହି ଯାଉଛି ରାତି, ନଇଲେକି ଶ୍ରୀପତି
ବିରହେ ସରିଲି ମୁଁ କି କରିବି ଗୋ ଦୂତୀ
କୃଷ୍ଣଚନ୍ଦ୍ର ବଦନ ଦର୍ଶନେ ସୁଖ ପ୍ରାପ୍ତି
ଘର ବର ତେଜିଲି ଶ୍ୟାମ ସ୍ନେହରେ ମାତି
କୁସୁମେ ମଣ୍ଡିଲି କେଳି ବାସ । ୧ ।

ଗଣ୍ଡେ ମୋର ଚୁମ୍ବଦାନ ଦ୍ୟନ୍ତେ ଅବଶ୍ୟ
ସ୍ୱାର୍ଥ ଲଭନ୍ତା ମୋ ନବଯୁବା ବୟସ
ବାଞ୍ଛା କଲେ କି ହେବ, ବାମ ହେଲେ ଦଇବ
ଭରସା ଦେଇ ମନୁ ପାସୋରିଲେ ମାଧବ
ତାଙ୍କ ଗୁଣ ସୁମରି ମୋର ଜୀବନ ଯିବ
ଖାଇବି ନିଶ୍ଚେ ମହୁରା ବିଷ । ୨ ।

ଜାଳି ଚନ୍ଦ୍ରୋଦୟା ଦୀପ ହୋଇ ହରଷ
ବିସ୍ତରିଲ ରସ ରସେ ଯିବ ମୋ କ୍ଲେଶ
ବନକ ଗୋଳି କେଳି ମନ୍ଦର କଲ୍‌ଚିଣ୍ଡ
ଲେଖିଲ ଶୁଆସାରୀ ରାଜହଂସ ପ୍ରଭୃତ
ନାନାଦି ତରୁଲତା ସିଂହ ଶାର୍ଦ୍ଦୂଳ ନୃତ୍ୟ
ଚଉଷଠି ବନ୍ଧରେ କାମେ କାମିନୀ ରତ
ଦେଖିଲେ ଗୋବିନ୍ଦ ହୋନ୍ତେ ତୋଷ । ୩ ।

ଭଣେ ସ୍ଥିର ବୈଶ୍ୟ ହରି ସର୍ବସ୍ୱ ଶେଷ
ଶ୍ରୀମତୀ ବୋଲନ୍ତି ଦୂତୀ ମନ ବିରସ
ଶୀଘ୍ରେ ଗମନ କଲା, ରଙ୍ଗ କୁଞ୍ଜେ ମିଳିଲା
ଗବାକ୍ଷ ମାର୍ଗେ ଗୁହ୍ନି, ପଶା ଖେଳ ଦେଖିଲା
ଫୁଲେ ଅଟାଉ ଲେଖି, ଚତୁରୀ ଫିଙ୍ଗି ଦେଲା
ପଢ଼ି ଜାଣିଲେ କୃଷ୍ଣ, ଖେଳ ଭୁଲି ହୋଇଲା
ତେଜିଲେ ଚନ୍ଦ୍ରାବଳୀର ପାଶ । ୪ ।





# ସଖୀ-ଉପଦେଶ

## ଶ୍ରୀରାଧାଙ୍କ ପ୍ରତି ସଖୀ

ଶ୍ୟାମ ବନ୍ଧୁରେ ନକର ସଖୀମାନରେ
କାହ୍ନ ବନ୍ଧୁରେ ନକର ସଖୀମାନରେ । ଘୋଷା ।

କେତେ ବିନୟ ହୁଅର  କହୁଛୁ ମୁରଲୀଧର
କହୁଛୁ ରୁ ନକର ଝଦାନ । ୧ ।

ଅନେକ ବିନୟ କରି  କହୁଛୁ ମୁରଲୀଧାରୀ
ତେଜ ମାନ ମନୁ ଗୁମାନ । ୨ ।

ମାଧବୀ ଲତାର ତଳେ  ମୁରଲୀ ଦେଇ ଅଧରେ
ହୃଦରେ ଘୋଷଇ ତୋର ନାମ । ୩ ।

ସହଚରୀ ବାଣୀ ଶୁଣି  ଉଠିଲ ତରୁଣୀମଣି
ସଖୀ ସଙ୍ଗେ କରଇ ପ୍ରୟାଣ । ୪ ।

ଚଲେ ରାଇ ଧୀର ଧୀର  ବାଜଇ ବୀଣା ମର୍ଦ୍ଦଳ
ଆଗେ ଶୁକ ସାରି ପଢ଼େ ନାମ । ୫ ।

ଜୟ ଶଙ୍ଖ ଧୂନ କର  ବାଜଇ ପଞ୍ଚ କାହାଳୀ
ଭେଟିଲେ ନବୀନ ଘନଶ୍ୟାମ । ୬ ।

ଅରକ୍ଷିତ ହରି ଦାସ  ଯୁଗଳ ଚରଣେ ଆଶ
ରାଧାକୃଷ୍ଣ ବିନୁ ନାହିଁ ଆନ । ୭ ।



ହରିବନ୍ଧୁ

## ଗୋଷ୍ଠ ପ୍ରତ୍ୟାଗତ ଶ୍ରୀକୃଷ୍ଣ

( ରାଗ ମାୟାମାଳବ ଗୌଡ଼ା । ତାଳ—ମିଶ୍ରରୂପ )

ବିପିନରୁ ସହି  ଆସୁଛନ୍ତି ରହି ରହି, ବୁହିଁ । ।ପଦ।

ଗୋଧୂଳି ହୋଇ ମଣ୍ଡିତ  ଗୋପ ମେଳେ ନନ୍ଦସୁତ ।
ବଂଶୀକି ବଜାଇ ମିତ  ମୋହି ନେଉଅଛୁ ଚିତ୍ତ ।୧।

ନୀଳ ଜୀମୂତ ବରନ  ପୀତାମ୍ବର ପରିଧାନ ।
ମୋଡ଼ା ଦୋପଡ଼ା ଯତନ  ବନସ୍ରଜରେ ମଣ୍ଡନ ।୨।

ଶିରରେ ଶିଖଣ୍ଡ ଚୂଳ  ନାସା ପୁଟରେ ବର୍ତ୍ତୁଳ—
ମୁକୁତା କର୍ଣ୍ଣେ କୁଣ୍ଡଳ  ଶୋହେ ଶ୍ରୀମୁଖ ମଣ୍ଡଳ ।୩।

ଆହା ତ୍ରିଭଙ୍ଗ ଭଙ୍ଗିମା  ଦେଖି ଦେଲେ କେଉଁ ବାମା ।
ପତି ବରତ ଗାରିମା  ରଖି ପାରିବକି ଗୋ ମା ।୪।

କୋମଳ କମଳ ପଦେ  ନୂପୁର କିଙ୍କିଣି ନାଦେ
ହରିବନ୍ଧୁ ଅତି ମୋଦେ  ମଜ୍ଜି ରହିଲି ଆନନ୍ଦେ ।୫।



# ଶ୍ରୀ ଗୌରଚନ୍ଦ୍ର ବନ୍ଦନା

( ରାଗ—ଝିଞ୍ଜୋଟି । ତାଳ—ରୂପକ ).

ଭଜମାନସ ଗୌରଚନ୍ଦ୍ର ଶ୍ରୀନବଦ୍ୱୀପ ବିହାରି
କୁନ୍ଦନ କତ ସୁନ୍ଦର ତନୁ ଜଗଜନ ମନୋହାରି ।୧।

ଶୁକ ସନକ ବ୍ରହ୍ମ ଯୋଗୀ ଧ୍ୟାନ କରେ ଯାହାର
ଶରଦାମ୍ବୁଜ ଅରୁଣ ତେଜ ଦତ ଚରଣ ମାଧୁରୀ ।୨।

କୋଟି ମଦନ ଦର୍ପଦଳନ ମୋହନ ରୂପଧାରୀ
ଶର୍ବରୀ ପତି ଗର୍ବ ଖର୍ବ କରୁଛି ଯା ମୁଖଶଶୀ ।୩।

କୁନ୍ଦ ଦଶନ ମନ୍ଦ ହସନ ବେଦବଚନ ସଂଚୁରୀ,
କଞ୍ଜ ନୟନ ଭକ୍ତନିକର ରଞ୍ଜନ ଦୁଃଖହାରୀ ।୪।

ଅଗ୍ରଜ ଅବଧୂତ ପ୍ରଭୁ ଅଦ୍ୱୈତ ଅବତରୀ
ସଙ୍ଗରେ ଅତି ରଙ୍ଗରେ ନିଜ ଭକ୍ତି ଯେ ପ୍ରଚାରି ।୫।

ହରି କୀର୍ତ୍ତନ ନର୍ତ୍ତନାବଧି ପ୍ରେମାମୃତବାରି
ବନ୍ଦୁ ନ ଲଭି ହରିବନ୍ଧୁର ଆଖିରୁ ବହେ ବାରି ।୬।



ଶର୍ବରୀ ପତି—ଚନ୍ଦ୍ର ।

# ନବାନୁରାଗ

( ରାଗ—ହୁସେନା । ତାଳ—ତିଶ୍ରଗତି )

### ଶ୍ରୀରାଧାଙ୍କ ପ୍ରତି ସଖୀ

କଞ୍ଜନେତ୍ରୀ ଅଞ୍ଜନ ପୁଞ୍ଜ ବରନକୁରେ ।
ଦେଖିଲାକ୍ଷଣି ରଞ୍ଜାଇ ମୋହୁଛୁ ମନକୁରେ । ୧ ।

ଅଙ୍ଗୁଳି ନିର୍ଦ୍ଦେଶ କର ନୁହାଁନା ତାହାକୁରେ ।
ଦେଖି ଜଣଙ୍କେ ନାରୀଙ୍କି ଠାରୁଛୁ ରହକୁରେ । ୨ ।

କୁଞ୍ଜେ ବୁଲୁଛୁ ଦେବତା ବୋଲିଣ ଯାହାକୁରେ ।
ଡର କହୁଥାନ୍ତି ସେ ଏ ଦେଖନ୍ତା ମୁହଁକୁରେ । ୩ ।

ରହୁ ଫୁଲ ତୋଳା ସଖି ଯିବା ସଦନକୁରେ ।
ଟାପରା ନୁହଇ ଏବେ କର ଗମନକୁରେ । ୪ ।

ମତ୍ତି ହୋଇଛୁ ସୁମନ ଗୁଞ୍ଜି ଗୁଞ୍ଜରକୁରେ ।
ଶିରେ ଶିଖିଚୂଳ ବଂଶୀ ନ୍ୟାସ ଅଧରକୁରେ । ୫ ।

ମୁହାଁ ମୁହିଁ ହୋଇ ଯିବା ବୋଲି ଏ ଭାଷାକୁରେ ।
ଲଷ୍ମୁ ବିଶାଖା ଶ୍ରୀକୃଷ୍ଣ ଆସିଲେ ପାଶକୁରେ । ୬ ।

ଶ୍ରୀରାଧା ଗୋବିନ୍ଦଙ୍କର ଭାବ ମିଳନକୁରେ ।
ବଳେଇକଲା ହରବନ୍ଧୁ ମଜ୍ଜାଇ ମନକୁରେ । ୭ ।



# ଯଶୋଦା ବାତ୍ସଲ୍ୟ

( ରାଗ—ଧନଶ୍ରୀ । ତାଳ—ମିଶ୍ରରୂପ )

( ମୋହନ ରାତ୍ର ଚନ୍ଦ୍ରା ପଡ଼ିଲା ମା । ପ୍ରଭୃ )

ଆସିକେ ନେବ ନାଥ ମୋ ଧନରେ ।
ଡୋଳା ପିତୁଳା ଜୀବ ଜୀବନରେ । ପଦ ।

ଶୁଣିବାକୁ ଶ୍ରୀଦାମ, ସୁଦାମ ବଳରାମ
ଏକା ନ ରଖି ଘୋର କାନନରେ । ୧ ।

ଶିରୀଷରୁ କୋମଳ, ଶ୍ୟାମଳ କଳେବର ।
ନାସ ନବାଜୁ ରବ କରଣରେ । ୨ ।

ଅସ୍ତନୋହୁଁ ତପନ, ଆଣିଦେବ ବହନ
ସ୍ୱହୁଁ ଥିବଟି ନଷ୍ଟେ ଅସ୍ୱନରେ । ୩ ।

ପିଣ୍ଡ୍ରରଖି ପସାଣ, କରୁଛୁ ସମର୍ପଣ
ମୋର ଗୋପାଳ ଦୁଗ୍ଧ ବଦନରେ । ୪ ।

କ୍ଷୀର ଅନ୍ନରେ ପୁଣି, ଢାଳ ନନ୍ଦ ଗୃହିଣୀ ।
ଧରି ଶ୍ରୀମୁଖେ ଦେଲେ ଚୁମ୍ବନରେ । ୫ ।

ବୀର ପ୍ରତାପେଶ୍ୱର, ଭାବି କହେ ଏକର
ସେ ପୁଣ୍ୟ ବତ୍ସଳାଙ୍କ ସ୍ୱଦନରେ । ୬ ।



# ନବାନୁରାଗ

( ରାଗ—କଳହଂସପ୍ରିୟା ତାଳ—ମିଶ୍ରରୂପ )

( ମାନସଭାବ । ରାଧାମାଧବ । ପ୍ରତି )

ସଜନୀ ଶ୍ୟାମଳ ସୁନ୍ଦର ତନୁ । ରଜନୀ ବାସର ନ ଯାଏ ମନୁ । ୦ ।

କି ଯୋଗେ ଯମୁନା ଯାଇରେ ସୁମନା
ଦେଖିଲି ବେଳୁ ଶ୍ରୀ ଗୋପେଶ ସୂନୁ ।
ସେତିକି ବେଳରୁ ମୋ ହୃଦେ ରମ୍ଭୋରୁ
ପ୍ରହାରୁଛି କୋପେ ଶର ଅତନୁ । ୧ ।

କାହା ସମକରି କହିବ ନାଗରୀ
ଗୋ ଚାରଣି କରି ଆସୁସେ ବନୁ ।
ତ୍ରିଭଙ୍ଗି ସୁନ୍ଦର ବଂଶୀନ୍ୟାସାଧର
ଶିରେ କେକି ଚୂଳ କି ଇନ୍ଦ୍ରଧନୁ । ୨ ।

ଯାହାପାଇଁ ସଖି ଯମୁନାକୁ ଯାଇ
ନିତିକି ନିତି ମୁଁ ପୂଜୁଛି ଭାନୁ ।
ଧଇର୍ଯ୍ୟକୁ ଧରି ପାରୁନାହିଁ ଗୋରୀ
ଯେଣେ ଚାହିଁଲେ ନ ଦିଶେ ତା ବିନୁ । ୩ ।

ଗୁରୁ କୁଳ ଶୀଳ ଛାଡ଼ିଲି ସକଳ
ତା ରୂପେ ମଜ୍ଜି ପାସୋରିଲି ତନୁ ।
ଶ୍ରୀ ଗୌର ଚନ୍ଦ୍ର ଗଜପତି ଭୂପତି
ଭାଷେ ନିଷେଧ କହିଲେ ନ ମାନୁ । ୪ ।



# ଯଶୋଦା ବାତ୍ସଲ୍ୟ

( ରାଗ—ପୂରବୀ । ତାଳ—ଆଦି )

ଆସ ବାବୁ ଗୋଷ୍ଠାଚଳ ଚନ୍ଦ୍ରମା ମୋ'ହରରେ ।
କୋଳେଧରି ଚୁମ୍ବଦେବି ଶ୍ରୀମୁଖେ ତୋହରରେ । ପଦ ।

କାହିଁକି କରୁ ରୋଦନ, କି ନାହିଁ ମୋର ସଦନ
ଚନ୍ଦ୍ରା ହଜ ଚନ୍ଦ୍ରାମଣି ରତନର ହାରରେ । ୧ ।

କ୍ଷଣେ ତୁନି ହୁଅ ଧନ, କରାଇବି ସ୍ତନ୍ୟପାନ
ମ୍ଳାନ ନ କର ବଦନ, ଦେବି କ୍ଷୀର ସରରେ । ୨ ।

ଯାଇ ବଳରାମ ସଙ୍ଗେ, ନର୍ତ୍ତନ କରରେ ରଙ୍ଗେ
ତୋ ନର୍ତ୍ତନ ଦେଖି ନେତ୍ର କରିବି ସୁଫଳରେ । ୩ ।

ଶ୍ରୀ ନାରାୟଣ ସେବାର, ଫଳଟି ତୁହି ମୋହର
ଠୁଲ ହୋଇ ଲଭ୍ୟ ହେଲୁ ମୋ ଶ୍ୟାମ ସୁନ୍ଦରରେ । ୪ ।

ଘଲାଙ୍କେ ହେଲେ ଅନ୍ତର, ସ୍ମରୁନାହିଁ କୃତ୍ୟମୋର
ଦଣ୍ଡ ଦଣ୍ଡ ଯାକ ମୋତେ ଦିଶଇ ଅନ୍ଧାରରେ । ୫ ।

ହେଳାରେ ମୁଁ ଥିଲେ ରହି, ଖେଳାରେ ଗୋପୀ ଏ ନେଇ
ଭୋଳାରେ ଲୁଚ୍ଛଇଥାନ୍ତି ନ କହିଣ ଗିରରେ । ୬ ।

କୃଷ୍ଣଙ୍କୁ ପ୍ରବୋଧି ଧୀରେ, ଯଶୋଦା ଦଧି ମନ୍ଥିଲେ
ଭାବେ ହରିବନ୍ଧୁ ମଗ୍ନ ହୋଇ କହିବାରରେ । ୭ ।



## ମାନଭଞ୍ଜନ ଲାଗି ସଖୀ ପରାମର୍ଶ

### ସଖୀ ପ୍ରତି ଶ୍ରୀରାଧା

( ରାଗ—ଖମ୍ବାଚ । ତାଳ—ଚଉତାଳ )

ଯୋଷାମଣି ଶ୍ୟାମେ ରୁଷା ବହୁଥିବୁକରେ ।
ହରପର ଶରୁ ତାଙ୍କୁ ନ ରଖିବୁକରେ । ପଦ ।

ଶିରୀଷ କୋମଳ ତନୁ, ପକାଇ ଦେଇ ଅତନୁ
ହାତରେ ସଦା ସୁଦନୁ ସତାଇବୁକରେ । ୧ ।

ନୂଆ ନଟବର ମୂର୍ତ୍ତି, ପରେ ଥରେ ରସବତୀ
ଦୃଷ୍ଟି କୃପାମୃତ ବୃଷ୍ଟି ନ କରବୁକରେ । ୨ ।

ଆହାରେ ନବ କିଶୋରୀ, ନବୀନ ପ୍ରେମ ପାସୋରି
ଦେଇ ଚିନ୍ତା ଜଳଧିରେ ଭସାଇବୁ କରେ । ୩ ।

କି ଦୋଷ କଲେରେ ସେହୁ, ନ କହୁରୁ ଚନ୍ଦ୍ରମୁହିଁ
କ୍ଷଣେ ନମୁରୁଛୁ ଛୁଡ଼ି ରହୁଥିବୁକରେ । ୪ ।

ହରିବନ୍ଧୁ ବୋଲେ ବାଣୀ, ଆଲୋରେ ଶ୍ରୀମତୀ ଗୁଣି
ମାନ ତେଜି ବଜେକର ବୃନ୍ଦାଟବୀକରେ । ୫ ।



# ଶ୍ରୀକୃଷ୍ଣ ବନ୍ଦନା

( ରାଗ—ଝିଞ୍ଜୋଟି । ତାଳ—ରୂପକ )

( ରସ ମାନସ ରାଧିକେଶ ଜାର ରସ କଥାରେ—ସ୍ତଢ )

ଜୟ ଗୋପାଳ ଜୟ ଗୋପାଳ ଜୟ ଗିରିଧର ଧାରୀ ।
ଜୟ ଜୟ ଶ୍ରୀରାଧାମାଧବ ବ୍ରଜବଧୂ ମନୋହାରୀ । ୧ ।

ଗୋପବାଳ ଗୋପୀରମଣ ଗୋକୁଳ ହିତକାରୀ ।
ବଂଶୀବଦନ କଞ୍ଜନୟନ କୁଞ୍ଜବନ ବିହାରୀ । ୨ ।

ନନ୍ଦ ନନ୍ଦନ କୁନ୍ଦରଦନ ବୃନ୍ଦାବନଚାରୀ ।
ବୃନ୍ଦାରନ୍ଦ ବୃନ୍ଦବନ୍ଦ୍ୟ ଚନ୍ଦ୍ରମୁଖ ମାଧୁରୀ । ୩ ।

ନାରାୟଣ ପରାୟଣ କରୁଅଛୁ ହେ ମୁରାରି ।
ହେ ନାଗର ରାସେଶ୍ୱର ରସ ସେବାରେ ଉଦ୍ଧାର । ୪ ।



# ପରିଶିଷ୍ଟ

## ରଘୁନାଥ ପରିଚ୍ଛା (କବିଚନ୍ଦ୍ର)

### ପଥାବରୋଧ

( ରାଗ—ଆଶାବରୀ । ତାଳ—ଆଠତାଳୀ )

ଆଉ ବାଟ ଓଗାଳ, ଛୁଟ ନକର ବନମାଳୀ ହେ । ପଦ ।

ହେଲ ଉଚ୍ଛୁର, ଯିବ ଏଥର, ପୂଜିବ ମୁଁ କରମାଳ ହେ । ୧ ।
ଏ ଚାପଲ୍ୟକୁ, ସହିଯିବାକୁ, ମୁଁ ନୁହଁଇ ଚନ୍ଦ୍ରାବଳୀ ହେ । ୨ ।
ପଦ୍ମାକ୍ଷ ସଖୀ, ଦେଖି ନ ସହି, ଦେବେ ସିନା କରତାଳ ହେ । ୩ ।
ଏପରି ଗେଲେ, ଅଟକ କଲେ, ରହିବେ କି ସଙ୍ଗ ଅଳ ହେ । ୪ ।
ନିଶାମୁଖରେ, ନ ଗଲେ ପୁରେ, ଶାଶୂ ହେବେ ସିନା ଚଳ ହେ । ୫ ।
ଭଙ୍ଗି ଭ୍ରମର, ଦେଖିଲେ ମୋର ପଦ ହେଉ ନାହିଁ ଚାଳି ହେ । ୬ ।
କହେ ରଘୁନାଥ, କବି ନିଶାନାଥ ଧ୍ୟାୟି ରାଧା କୃଷ୍ଣ କେଳି ହେ । ୭ ।

●

ଅଜ୍ଞାତ—

### କଳହାନ୍ତରିତା

### ସଖୀ ପ୍ରତି ଶ୍ରୀରାଧା

(ରାଗ— ପୁନ୍ନାଗ । ତାଳ — ଆଠ ତାଳି )

ସଖୀରେ ମୁଁ କି କୁହୁଡ଼ିଲି
ଦାରୁଣ ମାନକୁ ଭଜି, ଶ୍ୟାମ ବନ୍ଧୁକୁ ଗୁଞ୍ଜିଲି । ପଦ ।

ବସନ ପ୍ରସାରି ମୋତେ ବନସ୍ତ ଖୁମ୍ପିଲେ ଯେତେ
ଚରଣ ତଳେ ପଡନ୍ତେ, ନ ଲୁହିଁ ମୁଖ ମୋଡ଼ିଲି । ୧ ।

ଅନାଦର ଦେଖି ମୋର ନୟନରୁ ବୁହାଇ ନୀର,
ବହିଲେ ନାଗର ବର, ଯାଉଁ ପଥ ନ ଆଡ଼ିଲି । ୨ ।

ସଜନୀଙ୍କ ହୃତ ବାଣୀ          ଅଦ୍ଭୁତ ପଗ୍ରେ ମଣି
ପରହର ଦେଲୁପାଣି, ଶୋକ ସଲଳେ ବୁଡ଼ିଲ । ୩ ।

ଗାୟକ ରତନ ମତେ          ପ୍ରବୋଧି କହିଲ ଯେତେ
ବପ ପଗ୍ର ମଣି ଚରେ, କରୁ ସୁଧାକୁ ଏଡ଼ିଲ । ୪ ।

●

**ଗୌରହର ପଣ୍ଡା**

## ଅଭିସାରିକା ବେଶ

### ରାଧା ପ୍ରତି ସଖୀ

ହୋଇଥାରେ ବେଶ କୁଂଜକୁ ଯିବୁ ପରା
ଦେଇଛନ୍ତି ସଙ୍କେତ ସେ ମୁରଲୀଧରା । ୦ ।

କାମ ଚମରକୁ ଜିଣି—          ଦାର କୁନ୍ତଳକୁ ବେଣୀ
ଯତନେ ସଜାଡ଼ ଖଞ୍ଜି କେତକୀ ଝରା । ୧ ।

କଞ୍ଜ ଖଞ୍ଜରୀଟ ନେତ୍ର—          ଯୁଗଳେ କର ରଞ୍ଜିତ
ସ୍ମର କାଣ୍ଡ ମାର୍ଗ ଭୁଲି ଅଞ୍ଜନ ଗିରା । ୨ ।

ଉଚ୍ଚ କୁଚ ଯୁଗେ ଚର୍ଚ୍ଚ—          ଲେଖି ମୃଗନାଭି ପତ୍ର
ଉରରେ ଲମ୍ବାଇ ସ୍ଥୂଳ ମୁକୁତା ହାରା । ୩ ।

ଭଜ ଆଜ ଶ୍ୟାମ ପାଶେ          ପିନ୍ଧ ନୀଳ ଚେଲ ତୋଷେ
ପ୍ରତି ଅଙ୍ଗ ଆଭରଣରେ କର ତୋରା । ୪ ।

ଗୌର ହର ସତେ ଗୀତେ          ଦୂତୀ ବୋଇଲେ ସୁରତେ
କାନ୍ତ ସଙ୍ଗରେ ମଜ୍ଜିବୁ ନାଗରୀ ସାରା । ୫ ।



# କଳାହାନ୍ତରିତା

## ସଖୀ ପ୍ରତି ଶ୍ରୀରାଧା

କେଡ଼େ ମନ୍ଦ ପଣ ମୁଁ କଲି, ଆରେ ସଖି
କହୁ କହୁ ଥିଲେ ଯା' ନ ଘେନିଲି ।
କରଗତ ହେବା କୁନ୍ଦନ ରତନ, କାଢ଼ି ଯାହା ଫିଙ୍ଗି ଦେଲି । ୦ ।

ସାଧୁଥିଲେ କେତେ ପରି
ନ ଶୁଣିଲେ ଥରେ   ମୋ ଶ୍ରୁତି ପଥରେ
ରୋଷକୁ ଯାହା ବଢ଼ାଇଲି ।୧।
କେ ଜାଣେ ଏମନ୍ତ   ତେଜି ଯିବେ କାନ୍ତ
କୁଞ୍ଜରୁ ବିମୁଖ ହୋଇ
ରଜନୀ ଜାଗର   ମଞ୍ଚାରେ ଥିବାରୁ
ମଞ୍ଚାଇ କହିଲି ନାହିଁ ।୨।
କି ହେବ ଉପାୟ   କହରେ ମୋ ଜୀବ—
ରହିବାର ତେଣେ ଆଉ
ଯାହା କଲେ ମାନ   ତହିଁରୁ ଦ୍ୱିଗୁଣ
ହୋଇ ବଳିଗଲା ଦାଉ ।୩।
ହେଲେ ହେଁ ଦଇବ   ଛଳେ ତା' ନଘେନ
କଳଙ୍କ କରିବା ଫଳ
ଫଳିଲା ତା' ଏତେ—   କାଳକୁ ସମ୍ପ୍ରତେ
ଭାଳିବାର ହେଲା ମୂଳ ।୪।
ଗୌରବରୁ ବୋଲେ   ଗୌରବ ନ ଥିଲେ
ସରସ ହୁଏ କି ପ୍ରୀତି
ଘର ସୁଆଳି କି   ଧରି ଗୁଞ୍ଜିଲେ କି
କରଇ ଉଦର ଶାନ୍ତି ?।୫।



# ହୋରି

( ରାଗ—ଘଣ୍ଟାରବ । ତାଳ—ଏକତାଳୀ )

ମାତିଲେ ହରି ରାଧା ସଙ୍ଗେ
ମୋଦରେ ହୋରିରେ ରଙ୍ଗରେ । ପଦ ।

ଚୁଆ ଚନ୍ଦନ ଅତର ଗୁଲାଲକୁ
ଜୋରରେ ବୋଳି ଅଙ୍ଗରେ । ୧ ।

କୁଞ୍ଜେ କୁଞ୍ଜେ ସୁରସରେ ବିହରିଲେ
ରଞ୍ଜନେ ମଦନ ତରଙ୍ଗରେ । ୨ ।

ନାଗରୀ କିଶୋରୀଙ୍କି ବାମ ଭାଗେ ରଖି
ନାଚିଲେ ମଧୁର ତ୍ରିଭଙ୍ଗୀରେ । ୩ ।

ଦୁହେଁ ଦୁହିଁଙ୍କ ମାନସ ତୋଷିଲେ
ମୋହନ ଲଳିତ ତ୍ରିଭଙ୍ଗୀରେ । ୪ ।

କହେ ରଘୁନାଥ କବି ନିଶାନାଥ
କୃଷ୍ଣ ଚରିତ ପ୍ରସଙ୍ଗରେ । ୫ ।



## ଖଣ୍ଡିତା

### ଶ୍ରୀକୃଷ୍ଣ ପ୍ରତି ଶ୍ରୀରାଧା

( ରାଗ—ଲଳିତ । ତାଳ—ଏକ ତାଳି )

ଏତେ ବେଳକୁ । ଏତେ ବେଳକୁ ମୁଖ ଦର୍ଶିଲ ଆଜ
ପଥ ବଣା ହୋଇଲ କି ବ୍ରଜ ଯୁବରାଜ । ପଦ ।

ପରନ୍ଧ୍ରୀର ଚିର ପ୍ରୀତି ଆନ ରମଣୀରେ ମାତି
ମୋ ପାଶକୁ ଆସିବାକୁ ପାଇଲ କି ଲାଜ । ୧ ।

ଯା ତୁଲେ ମାତିଲ ନିଶା ସେ ବା କେମନ୍ତ ସୁରସା
ବୁଝିବାକୁ ଲୋଡ଼ୁଥିଲେ ମୋ ସଖୀ ସମାଜ । ୨ ।

ମିଳିବାରୁ ଓଷ୍ଠ ସୁଧା ଯିବାରୁ ଅନଙ୍ଗ ବାଧା
ତେବୁରୁ ଏବେ ଶ୍ରୀଅଙ୍ଗ ଦଶେ ଭିନ୍ନ ତେଜ । ୩ ।

ତୁମ୍ଭ ଆସିବା ସମୟ ଜାଣି ହୋଇ ତୋଷମୟ
ଜଗି ବସିଥିଲେ କୁଞ୍ଜେ ସାଜି ଫୁଲ ଶେଜ । ୪ ।

ଶୁଣି ରାଧା ଭଙ୍ଗୀ ଗିର ମଥା ପୋତିଲେ କିଶୋର
ଭକ୍ତ କହେ ରଘୁନାଥ କବି ଦ୍ୱିଜ ରାଜ । ୫ ।



## ମଦନମୋହନ ସିଂହ

### ଶ୍ରୀରାଧାଙ୍କ ପ୍ରତି ସଖୀ

( ରାଗ—ସାରଙ୍ଗ । ତାଳ—ଝୁଲା )

ଆସରେ ରାସରଙ୍ଗିଣୀ ଯିବା ନିକୁଞ୍ଜ ବାସକୁ
ବସିଥିବେ କ୍ଷୀରସରେ ସେ ଶ୍ୟାମ କର ଆଶକୁ । ପଦ ।

କେଶ ସଜାଡ଼ାଇ ବର ବାସକୁ ଶ୍ରୀଅଙ୍ଗେ ଭର
ବାସ କୁସୁମ ଭୂଷାରେ ହୋଇ ମଧୁର ବେଶକୁ । ୧ ।

ସେ ବ୍ରଜରାଜ ତନୁଜ ତନୁରେ ନ ଥିବ ତେଜ
ଦେଖି ତୋ ମୁଖ ସରୋଜ ହେବ ଆଜ ହରଷକୁ । ୨ ।

ପରିଣତ ବିମ୍ବାଧରି ହରି ଅଙ୍କରେ ବିହରି
ହରିବୁ ମାନସ ଧରି ଅଧରେ ମନ୍ଦ ହାସକୁ । ୩ ।

ସଖୀବାଣୀ ଶୁଣି ରାଧା ଖଣ୍ଡିବାକୁ କାମବାଧା
ମଣ୍ଡିଣ ପଦ ମଞ୍ଜୀରେ ଗମିଲେ କୃଷ୍ଣ ପାଶକୁ । ୪ ।

ଭାବ ସେ ସମସ୍ତ ଭାବ ଧରାକୋଟି ଧରାଧବ
ମଦନମୋହନ ସିଂହ ମାଗଇ କୃପା ଲେଶକୁ । ୫ ।



## ସଖୀ ପ୍ରତି ବିରହୋତ୍କଣ୍ଠିତା ଶ୍ରୀରାଧା

( ରାଗ—ସିନ୍ଧୁ କାମୋଦ । ତାଳ—ଆଡ଼ )

ଶ୍ୟାମବନ୍ଧୁ ଛାଡ଼ି ଯା ରହିଲେ ଗୋ ଦେଇ ମତେ ଦୁଃଖ ଦଶା
କୋଟିଏ କଳପ ହୋଇଲାଣି ସଖୀ ଗୋ ଗୋଟିଏ ପାପ ନିଶା । ପଦ ।

କି ଦୋଷରୁ ମୋର ସେ ରସିକବର ମାନସରେ ପର ପର
ବିସ୍ମରିବାରୁ ହରିର ପଞ୍ଚଶରେ ହେଲିଣି ଯେ ଏତେ ଜର । ୧ ।

ଧରିବି କପଟ ପରାଣ କହୁଛୁ ହରି ବିନା ଏକକ୍ଷଣ
ସବବାର ମୂଳ ହେଲା ଯେ କେବଳ ନୋହିଲା କୃପା ଈକ୍ଷଣ । ୨ ।

ବିଷ ହୋଇଲାଣି ସୁବାସ ପ୍ରସୂନ ମଳୟଜ ଘନସାର
କିସ କହିବି ମୁଁ ସୁଧାଂଶୁ ମୟୂଖ ହେଲାଣି ପ୍ରଚଣ୍ଡକର । ୩ ।

ଦଂଶଯାକ ମତେ ଦଂଶିଲାଣି ତମ ବୁହାଇ ନୀର ନେତ୍ରରୁ
ଅଞ୍ଜନରୁ ମନ ତେଜିଲା ବନ୍ଧନ ବସନ ହେଲାଣି ଗରୁ । ୪ ।

ଝଟପେ ଏ ରସେ ଧର୍ମକୋଠ ନରେଶ ରାଧାଖେଦ ଦୂତୀବାଣୀ
କହିଲେ ବନସ୍ତେ ମୋହନଙ୍କୁ ଆଜ ଭେଟାଇ ଦେବି ମୁଁ ଆଣି । ୫ ।



ଶ୍ୟାମସୁନ୍ଦର ଭଂଜ

## ଶ୍ରୀକୃଷ୍ଣ ରୂପ ବନ୍ଦନା

ଜୟ ଜୟ ଭବ ବନ୍ଧୁ ଜୟହେ ଜୟ ନବ ନଟୁଆର
ନନ୍ଦ ବରଜ ବାଲକ କେଲି କୁଞ୍ଜ ନଟନ ପାର ।

ଝୁନୁ ଝୁନୁ ଶୁଭେ ବଙ୍କ ଗଜ, ଗୁନୁଗୁନୁ ସ୍ୱଏ କ ଅଲିବ୍ରାଜ
ଘନ କୋଲେ ବକ ପନ୍ତି ଯେନ ଗଲିତେ ମୋତି ହାର ।୧।

ମାଝେ ପୀତ ବାସ ରାଜେ, କାଲ ତନୁକୁ ଭଲ ସାଜେ
ମନ୍ଦ ମଧୁର ବାଣୀ ତା'ର କନ୍ଦରୁ ବଳି ସାର ।୨।

ଅଧର ପୁଟ ଅତିହିଁ ନାଲ, ଯେମନ ଝଟକେ ମନ ପ୍ରବାଲ
ମାଥେ ମୟୂର ଚନ୍ଦ୍ରକ ଚୂଲ ନାସା ନୟନ କାର ।୩।

ନୟନ ନୀଲ କମଲ ସାର ଗାନ୍ଧ ଛବିକେ ହେରିତେ ତା'ର
ଦାନବ ସୁର ମାନବ କଏ ନାହିଁବେ ମତୁଆର ।୪।

ସ୍ୱର ମହିମା କାହିଁ ପାର, କାହିଁ ସଦୟ ମତିକେ ଆର
ଯାର ଶ୍ରୀମୁଖେ ଦରହାସ ଯଇଛେ ଝରଯେ ପୀୟୂଷ ଧାର ।୫।

ଜାର ମନ୍ତ୍ରରେ ଅଛୁ ଜ୍ଞାନ, ତାର ଗୁନକେ କରିବ ଗାନ
କାଲ ଦୁରିତ ଜାଲ ଛୁଟଏ ଭାବିତେ ପଦ ଯାର ।୬।

ବଂଶୀ ବଦନ ରସିକ ରାଏ ଅରୁଣ ଚରନ କଶଣ ଧ୍ୟାଏ
ପାମର ମତି ଶ୍ୟାମ କରଏ ପ୍ରେମରେ ଜଇବାର ।୭।



# ବର୍ଣ୍ଣାନୁକ୍ରମିକ ଆଦ୍ୟଛତ୍ର ସୂଚୀ


| ବିଷୟ | | ପୃଷ୍ଠାଙ୍କ |
| --- | --- | --- |
| ଆହ୍ୱାକେ ଗଢ଼ିଛୁ ଭଲ | ରୂପାନୁରାଗ | ୪ |
| ଅଜ କା ରଙ୍ଗେ ରସିଲେ | ବିରହୋତ୍କଣ୍ଠିତା | ୧୨ |
| ଆଉ କାହିଁ ପାଇଁ ହେଲା | ଶୁକ୍ଳାଭିସାରିକା | ୧୮ |
| ଆହ୍ୱା କି ଶୋଭା ମାଧୁରୀ | ଯୁଗଳ ମିଳନ | ୩୩ |
| ଆସ ମୋ ଜୀବନ ଧନ | ବାତ୍ସଲ୍ୟ | ୫୭ |
| ଆହ୍ୱା କି ଶୋଭା | ଯୁଗଳ ମିଳନ | ୫୨ |
| ଆରେ ସଖୀରେ | ବାସକସଜ୍ଜା | ୬୨ |
| ଆହ୍ୱାରେ ଗଜଗମନା | ଶ୍ରୀକୃଷ୍ଣଙ୍କ ବିରହାନୁଚିନ୍ତା | ୮୫ |
| ଆହ୍ୱା ମୋହନା | ଆକ୍ଷେପାନୁରାଗ | ୯୯ |
| ଆଉ ବାଟ ଓଗାଳ | ପଥାବରୋଧ | ୨୦୫ |
| ଆରେ ସଜନୀ | ସ୍ୱାଧୀନ ଭର୍ତ୍ତୃକା | ୧୦୭ |
| ଆହେ ଶ୍ରୀକୃଷ୍ଣ ଚୈତନ୍ୟ | ଗୌର ବନ୍ଦନା | ୧୪୮ |
| ଆହେ କୃଷ୍ଣ ଚଇତନ୍ୟ | ଚୈତନ୍ୟ ବନ୍ଦନା | ୧୮୪ |
| ଆରେ ବନ୍ଧୁ ଆରେ ବନ୍ଧୁ | ମାନଭଂଜନେ ଗୃଷ୍ଟୁ | ୧୯୨ |
| ଆଲି ! ବନମାଳୀ ଗୁଣ | ଆକ୍ଷେପାନୁରାଗ | ୧୫୫ |
| ଆସ ବାବୁ | ବାତ୍ସଲ୍ୟ | ୨୦୨ |
| ଆସରେ ରାସ ରଙ୍ଗିଣୀ | ସଖୀ ପ୍ରରୋଚନା | ୨୧୦ |
| ଆଜ ନିଶା ଥିଲ | ନବାନୁରାଗୀ ଶ୍ରୀକୃଷ୍ଣ | ୧୫୯ |
| ଆସ କେ ନେବ | ଯଶୋଦା ବାତ୍ସଲ୍ୟ | ୨୦୦ |
| ଉଠିଲୁ ଏଡ଼େ ବେଗି କାହିଁକରେ | ବାତ୍ସଲ୍ୟ | ୨୭ |
| ଉଠ ଉଠ ବେଣୁପାଣି | ପ୍ରଭାତ ଅବକାଶ | |
| ଉଠରେ ଧନ | ବାତ୍ସଲ୍ୟ | ୧୬୭ |
| ଏତେ ଦିନେ ଜାଣିଲି | ସଖୀ ଛଳୋକ୍ତି | ୪୯ |
| ଏହ୍ୱା ଥିଲା କରମରେ | ଆକ୍ଷେପାନୁରାଗ | ୫୩ |
| ଏକାଳେ ମୋ ବନ୍ଧୁ | ବିରହୀ ଶ୍ରୀକୃଷ୍ଣ | ୬୮ |
| ଏତେ ବେଳକୁ ଯେ | ଖଣ୍ଡିତା | ୨୦୯ |
| ଏତେ ବେଳକୁ ମୁଖ | ଖଣ୍ଡିତା | ୧୭୦ |

| ବିଷୟ | | ପୃଷ୍ଠାଙ୍କ |
|---|---|---|
| ଓଁହେ ମାଧବ ତବ ବିରହେ | ବିପ୍ରଲବ୍ଧା | ୧୦୩ |
| କହଗୋ ଦୂତି ମୋତେ | ବିରହୋତ୍କଣ୍ଠିତା | ୭ |
| କେତେ ସୁନ୍ଦର ସ୍ୱପନ ରାତିରେ | ବାତ୍ସଲ୍ୟ | ୨୦ |
| କଦମ୍ବବନେ ବଂଶୀ ବାଜିଲାରେ | ବଂଶୀ ବିଭବ | ୨୩ |
| କହ ଗୋ କହ ଶ୍ୟାମବନ୍ଧୁ | ମାଥୁର | ୧୪୭ |
| କେଶର କୁଞ୍ଜ ଶେଜରେ | ଶ୍ରୀରାଧାଙ୍କ ପୌଗଣ୍ଡ | ୩୪ |
| କେତେ ମନ୍ଦ ପଣ ମୁଁ କଲି | କଳହାନ୍ତରିତା | ୨୦୭ |
| କୁଞ୍ଜକୁ ସଜ ହୁଅ | ସଖୀ ପରାମର୍ଶ | ୯୭ |
| କେ ବୋଲେ ପୀରତି ଭଲ | ପ୍ରୀତି ପ୍ରଭବ | ୭୩ |
| କାହାନ୍ତି ମୋ ପ୍ରାଣନାଥ | ପ୍ରୋଷିତ ଭର୍ତ୍ତୃକା | ୧୦୩ |
| କାହ୍ନୁ ଆସିବେ ରେ | ଉତ୍କଣ୍ଠିତା | ୧୦୫ |
| କହୁଛ ଯାହା କାହ୍ନୁ | ଖଣ୍ଡିତା | ୧୨୨ |
| କି ଦେଖିଲି ଆଜ ନେତ୍ର | ପୂର୍ବରାଗ | ୧୧୦ |
| କୃଷ୍ଣହେ ଦଅ | ବନ୍ଦନା | ୧୪୦ |
| କାହିଁରେ ମନ ସଖି | ରସୋଚ୍ଛ୍ୱାସ | ୧୦୬ |
| କହହେ ନିମାଇଁ | ଗୌରାଙ୍ଗ ସନ୍ୟାସ | ୧୫୦ |
| କଏ ସେ ସଜନୀ | ନବାନୁରାଗ | ୧୫୧ |
| କେବେ କାଳନ୍ଦୀ ତଟ | ପ୍ରୋଷିତ ଭର୍ତ୍ତୃକା-ମାଥୁର | ୧୫୨ |
| କହ କହ ସଖୀ ସେ | ନବାନୁରାଗିଣୀ ରାଧା | ୧୬୧ |
| କେ ଦେବ ଶ୍ୟାମ ବନ୍ଧୁଙ୍କୁ | ମିଳନୋତ୍କଣ୍ଠିତା | ୧୬୨ |
| କଳହ ଭରିଆ ଛଳା | ଗୌର ଲୀଳା | ୧୬୫ |
| କୁଟିଳ କୁନ୍ତଳ | ତମିସ୍ରାଭିସାରିକା | ୧୬୯ |
| କ'ହିଁକି ନଇଲେ ଶ୍ୟାମ | ବାସକସଜ୍ଜା | ୧୮୦ |
| କୃଷ୍ଣଚନ୍ଦ୍ର ବନକୁ ନ ଯିବୁରେ | ବାତ୍ସଲ୍ୟ | ୧୮୨ |
| କୁଞ୍ଜ ମନ୍ଦିରେ ଦମ୍ପତି | ଝୁଲଣ | ୧୮୫ |
| କଞ୍ଜନେତ୍ରୀ | ନବାନୁରାଗ | ୧୯୯ |
| କଂସ କଟକରେ ହରି | ଶ୍ରୀକୃଷ୍ଣଙ୍କ ଚଟାଉ | ୯୨ |
| କରିବି କି ବେଶ ଗୋ | ଶ୍ରୀକୃଷ୍ଣଙ୍କ ସେବା ଅଭିଳାଷ | ୮ |
| କାହିଁ ରଖିବି ଏ ନେତ୍ର | ରସୋଚ୍ଛ୍ୱାସ | ୪୩ |
| ଗାନ କର ହରିନାମ ମନୁଆ | ଶ୍ରୀକୃଷ୍ଣ ବନ୍ଦନା | ୩୯ |

| ବିଷୟ | | ପୃଷ୍ଠାଙ୍କ |
| --- | --- | --- |
| ଗୁମାନକର ଗୋଷ୍ଠ | ସଖୀ ଛଳୋକ୍ତି | ୫୦ |
| ଗୋପାଳ ମାନେ ଯେ | ପହ୍ଲୀ | ୬୧ |
| ଗତକର ସ୍ନେହ ହର | ବିରହୋତ୍କଣ୍ଠିତା | ୬୬ |
| ଗୋପୀ ସଙ୍ଗେ ବନମାଳୀ | | |
| ଗୋ ପ୍ରାଣ ନାଥ | ବାସକସଜ୍ଜା | ୧୯୪ |
| ଘନ ବରନ ଏ କସ | ବିପ୍ରଲବ୍ଧା | ୬୬ |
| ଘନ ଘନ ଗର୍ଜନ | ବିରହିଣୀ | ୬୬ |
| ଘନ ଘନ ଶୁକ ବଚନ ଶୁଣି | କୁଞ୍ଜ ଭଙ୍ଗ | ୧୦୧ |
| ଘେନ ଘେନ ମନ ଘନ | ଶ୍ରୀକୃଷ୍ଣ ବନ୍ଦନା | ୧୨୪ |
| ଚୁଲ ଚୁଲରେ | ଅଭିସାର ପ୍ରରୋଚନା | ୧୪୩ |
| ଚଉରାଶି କୋଶ ମଧ୍ୟରେ | ଯୁଗଳ ମିଳନ | ୧୫୮ |
| ଛାଡ଼ ମୋତେ ବାଟ | ଘାଟ ସଧା | ୬୦ |
| ଜେ ଜେ ଚୈତନ୍ୟ ଚନ୍ଦ୍ର | ଗୌର ଚନ୍ଦ୍ରିକା | ୪୪ |
| ଜୟ ହେ ବ୍ରଜରାଜ ନନ୍ଦନ | ବନ୍ଦନା | ୧୧୨ |
| ଜୟ ଗୋପାଳ ଜୟ | ଶ୍ରୀକୃଷ୍ଣ ବନ୍ଦନା | ୨୦୪ |
| ଜୟ ଶ୍ରୀ ନନ୍ଦ ନନ୍ଦନ | ,, | ୧୩୫ |
| ଜୟ ରାଧାକୃଷ୍ଣ | ଯୁଗଳ ବନ୍ଦନା | ୫୯ |
| ଜୟ ଜୟ ଭବବନ୍ଧୁ | ବନ୍ଦନା | ୨୧୨ |
| ଝର ଝର ନୀରଧାର | ଶ୍ରୀକୃଷ୍ଣଙ୍କ ବିରହାନୁଚିନ୍ତା | ୮୦ |
| ଝୁଲନ୍ତ ରଙ୍ଗେ ରାଇ | ଝୁଲଣ | ୧୧୫ |
| ଠୁଛାରେ ଯାହା ମୁଁ ଶ୍ୟାମେ | ଆକ୍ଷେପାନୁରାଗ | ୬ |
| ଡୋଳ ଡୋଳ ଏହୁ ଫୁଲ | ବନ ବିହାର | ୯୩ |
| ତୋ ଲାଗି ଗୋପ ଦାଣ୍ଡ | ଘାଟ ଲୀଳା | ୧୧୪ |
| ତାର ଗିରେ କ ବିଶ୍ୱାସ | ଆକ୍ଷେପାନୁରାଗ | ୧୩୩ |
| ତୁହିପରି ମୋ ହୃଦୟ | ଦୂତୀ | ୧୩୨ |
| ଥିଲ କାହିଁ ଗୋ ଶ୍ୟାମ | ଖଣ୍ଡିତା | ୯୪ |
| ଦୁଃଖି ସଙ୍ଗାଳି | ବାତ୍ସଲ୍ୟ | ୧୦୮ |
| ଦଶିଲା ଜକ ଜକ | ନବାନୁରାଗିଣୀ ଶ୍ରୀରାଧା | ୧୬୬ |
| ଦେଖିଲେ କାହ୍ନିଙ୍କ | ପ୍ରେମ ବୈଚିତ୍ର୍ୟ | ୧୪୯ |
| ଦିବସ ତାପଇ ତପନ ଖରତର | ବିରହିଣୀ | ୬୮ |

| ବିଷୟ | | ପୃଷ୍ଠାଙ୍କ |
|---|---|---|
| ଦଧିମନ୍ଥନ ଧ୍ୱନି ଶୁଣି | ବାତ୍ସଲ୍ୟ | ୫୬ |
| ଦନୁଦଳନ ନନ୍ଦ ତନୟ | ନବାନୁରାଗ | ୧୧୩ |
| ଦୟା ନକରନ୍ତୁ ମୁଁ ଦାସୀ ହିନାରେ | ନବାନୁରାଗ | ୨୫ |
| ଦେଖିଲେ ଦେଖିଲି ପର | ବନବାହୁଡ଼ା ରୂପଶ୍ରୀ | ୨୪ |
| ଦେଖିଲିଟିକି କୃଷ୍ଣଙ୍କୁ ଗୋ | ନବାନୁରାଗ | ୩ |
| ଧୁଡକ ଧର କେନ୍ଦୁ | ଭାବୋଚ୍ଛ୍ୱାସ | ୪୮ |
| ନଜାଣି ମୁଁ କଲି ପୀରତି | ଆକ୍ଷେପାନୁରାଗ | ୮୯ |
| ନନ୍ଦ କୋଳେ ଗୋବିନ୍ଦ | ବାତ୍ସଲ୍ୟ | ୪୬ |
| ନାଗର ମୋହନ ରୂପ | ପ୍ରେମବୈଚିତ୍ର୍ୟ | ୧୯୦ |
| ନ ତେଜିବ ମୁରଲୀଧର | ରସୋଚ୍ଛ୍ୱାସ | ୧୧୬ |
| ନବ ନୀପ କୁଞ୍ଜେ | ବିରହି ଶ୍ରୀକୃଷ୍ଣ | ୧୬୩ |
| ନାହିଁ କରନାହିଁ ତ ମୁଁ | ଆତ୍ମ ସମର୍ପଣ | ୧୩୧ |
| ନୂଆ ଛଇଲରେ | ମିଳନ ମାଧୁରୀ | ୧୪୪ |
| ନବଘନ ବରନ ଶୋଭା | ଚୈତନ୍ୟ ବନ୍ଦନା | ୧୩୭ |
| ନାଗର ଗଣେ ସାର | ରୂପାନୁରାଗ | ୮୮ |
| ନନ୍ଦ ନନ୍ଦନ ହୃଦ ପଦ୍ମ | କଳହାନ୍ତରିତା | ୧୭୯ |
| ନନ୍ଦ ନନ୍ଦନ ହୃଦପଦ | କଳହାନ୍ତରିତା | ୧୬ |
| ନୀଳମଣି ଏତେ ମୁଁ ମାଗୁଛି | ବାତ୍ସଲ୍ୟ | ୧୩୯ |
| ପୂତନାଦି ବକ ଶକଟ | ଶ୍ରୀକୃଷ୍ଣ ବନ୍ଦନା | ୫୭ |
| ପ୍ରାଣସଜନୀ ପବିତ୍ର ହେଲି | ନବାନୁରାଗ | ୬୯ |
| ପାହି ପାହି ଆ | ଶ୍ରୀକୃଷ୍ଣ ବନ୍ଦନା | ୮୩ |
| ପ୍ରବର ଅନଙ୍ଗ ରଙ୍ଗେ | ହୋରି | ୯୫ |
| ପାଶୋର ଦେଲେ କି ମନୁ | କଳହାନ୍ତରିତା | ୧୬୮ |
| ପ୍ରାଣମିତ ! ପ୍ରୀତି ଘଟି | ପ୍ରୀତି ପ୍ରଭାବ | ୧୭୨ |
| ପ୍ରାଣ ସଙ୍ଗିନୀରେ | ବଂଶୀବିଭବ | ୧୮୦ |
| ପଦ୍ମଲୟ ରାଗ ନୟନ | କଳହାନ୍ତରିତା | ୧୮୩ |
| ପ୍ରବେଶି ପୌର୍ଣ୍ଣମାସୀ | ବାତ୍ସଲ୍ୟ | ୧୩୭ |
| ଫେରିଯାଅ ମୋ ପାଶରୁ | ଖଣ୍ଡିତା | ୫୧ |
| ବ୍ରଜ ଯୁବରାଜ ଆଜ | ନବାନୁରାଗିଣୀ ରାଧା | ୧୭୬ |
| ବୃନ୍ଦାବନମେ | କୁଳଶଯାବା | ୪୨ |

| ବିଷୟ | | ପୃଷ୍ଠାଙ୍କ |
|---|---|---|
| ବନ୍ଦେ ଶ୍ରୀ ଶଚୀ ସୁତ | ଚୈତନ୍ୟ ବନ୍ଦନା | ୮୪ |
| ବ୍ରଜେନ୍ଦ୍ର କୁମାର | ନୌକାବିଳାସ | |
| ବ୍ରଜବଧୂ ପରି ମୋତେ | ରସୋଚ୍ଛ୍ୱାସ | ୨୯ |
| ବ୍ରଜକୁ କୈହ୍ନ ଆସିଛୁ | ବାତ୍ସଲ୍ୟ | ୨୮ |
| ବଢ଼ିଦ ଶ୍ରେ ମହାନନ୍ଦ ସିନ୍ଧୁ | ଚୈତନ୍ୟ ବନ୍ଦନା | ୭୦ |
| ବାଜେ ମୋହନ ବାଂଶରୀ | ବଂଶୀବିଭବ | ୭୫ |
| ଛଳିଭରୀ ରତନ ମୋ ସର୍ବସ୍ୱଧନ | ଶ୍ରୀକୃଷ୍ଣଙ୍କ ବିରହାନୁଚିନ୍ତା | ୮୨ |
| ବାଟ ଛାଡ଼ି ସୁହଟ ନାଗର | ପଥାବରୋଧ | ୧୧୧ |
| ବନ୍ଧୁ ନାରୀ କର ମୋତେ | ସୁଦୂର ପ୍ରବାସ | ୧୧୭ |
| ବିଚିତ୍ର ବେଶ ମଞ୍ଜୁଳା | ସଖୀ ପରିହାସ | ୧୩୪ |
| ବିପିନରୁ ଧସି | ଗୋଷ୍ଠ ପ୍ରତ୍ୟାବୃତ୍ତ କୃଷ୍ଣ | ୧୯୭ |
| ବରି ବରନାରେ ମୋ କି ଦୋଷ | ସ୍ୱଉକ୍ତି | ୯୦ |
| ବରଜନାରୀ କୁଂଜବନେ | ହୋରି | ୧୮୯ |
| ବାସ୍ତେ ସଖୀ ଗନ | ମିଳନ | ୧୮୭ |
| ଭବଭୟ ଭଂଜନ | ଗୌରହରି ବନ୍ଦନାଷ୍ଟକ | ୫ |
| ଭଲତା ମୁଖ ଛବି | ଶ୍ରୀକୃଷ୍ଣଙ୍କ ରୂପାନୁରାଗ | ୧୦୪ |
| ଭଜ ମାନସ | ଶ୍ରୀ ଗୌରଚନ୍ଦ୍ର ବନ୍ଦନା | ୧୯୮ |
| ମୋହନ ହେଲାଟ ଭ୍ରମର | ଖଣ୍ଡିତା | ୫ |
| ମଲ୍ଲୀମାଳ ଶ୍ୟାମକୁ ଦେବ | ଭାବୋଚ୍ଛ୍ୱାସ | ୨ |
| ମାଧବଲେ ହରି ରାଧା ସଙ୍ଗେ | ହୋରି | ୨୦୯ |
| ମୁହାଁ ମୁହିଁ କିଶୋର ଚନ୍ଦ୍ରମାଙ୍କର | ରସୋଚ୍ଛ୍ୱାସ | ୩୦ |
| ମୋତେ ଲଗାନ ରେ | ଆକ୍ଷେପାନୁରାଗ | ୨୭ |
| ମୋହନ ରାଧ ଚନ୍ଦ୍ରା | ବିରହୋତ୍କଣ୍ଠିତା | ୧୩ |
| ମୋ କାନ୍ତ ମୋହର | ପ୍ରୋଷିତଭର୍ତ୍ତୃକା | ୭୩ |
| ମଧୁ ଋତୁ ସଂଗରେ | ହୋରି | ୬୯ |
| ମଧୁ ନଗରୀରେ ହରି | ବିରହୀକୃଷ୍ଣ | ୯୧ |
| ମୋହନ ମନ ମୋହନ | ବଂଶୀ ବିଭବ | ୯୩ |
| ମୁଁ କି ହୁଡ଼ିଲି | କଳହାନ୍ତରିତା | ୮୭ |
| ମୋ ରାଣଟିରେ କହ୍ନାଇ | ଗୋଷ୍ଠ | ୧୦୨ |
| ମୁରଲୀ ପାଣି | ସ୍ୱପ୍ନମିଳନ | ୧୩୨ |

| ବିଷୟ | | ପୃଷ୍ଠାଙ୍କ |
|---|---|---|
| ମାଧବ ସଙ୍ଗେ ଖେଳିଲି ପଶା | କ୍ରୀଡ଼ାମାଧୁରୀ | ୧୫୭ |
| ମନଉନ୍ମାଦ ମାଦକ | ନବାନୁରାଗୀ ଶ୍ରୀକୃଷ୍ଣ | ୧୭୭ |
| ମୁଁ ରତ ହେଲି ଯହିଁରେ | ପ୍ରେମ ବୈଚିତ୍ର୍ୟ | ୧୭୮ |
| ମୋର ବନ ବନ | ବର୍ଷା ବିରହିଣୀ ରାଧା | ୧୮୮ |
| ମିତ କହୁ ସତ | ଉତ୍କଣ୍ଠିତା | ୯୭ |
| ଯେ ଯେ ବୃଷଭାନୁ ନନ୍ଦିନୀ | ଯୁଗଳ ବନ୍ଦନା | ୪୦ |
| ଯେ ଯେ ବ୍ରଜରାଜ ତନୟ | ଶ୍ରୀକୃଷ୍ଣ ବନ୍ଦନା | ୪୧ |
| ଯାଅ ଯାଅ ମୋ ପାଶରୁ | ଖଣ୍ଡିତା | ୧୬ |
| ଯୋଷାବରରେ | ସ୍ତୁତି | ୧୩୦ |
| ଯାହା ମନ ଯହିଁରେ ରସେ | ପ୍ରୀତି ପ୍ରସ୍ତାବ | ୧୭୩ |
| ଯୋଷାମଣି | ମାନଭଂଜନ ଲାଗି ସଖୀ ପରାମର୍ଶ | ୨୦୩ |
| ରାଧାମାଧବ ବିଳସଇ | ପ୍ରେମ ବୈଚିତ୍ର୍ୟ | ୧୬୪ |
| ରସମାନସ ରାଧିକେଶ | ଶ୍ରୀକୃଷ୍ଣ ବନ୍ଦନା | ୩୮ |
| ରେ ସଂଗିନୀ କୃଷ୍ଣାନୁରାଗିଣୀ | କୃଷ୍ଣାଭିସାରିକା | ୧୯ |
| ରାଧିକେ ଅକଳଙ୍କ ଚନ୍ଦ୍ରମୁହଁ | ଶ୍ରୀକୃଷ୍ଣ ବିରହ | ୭୬ |
| ରାଧେ ହୋଇଥା ବେଶ | ସଖୀକର୍ମ | ୭୭ |
| ରେ ସଂଗୀ ମୁଁ ହୃଡ଼ିଲି | ଆକ୍ଷେପାନୁରାଗ | ୮୧ |
| ରେ ସଂଗାତ ଗୃହାଁ | ଶ୍ରୀକୃଷ୍ଣ ରୂପଶ୍ରୀ | ୧୩୮ |
| ରେ ସଂଗାତ ରୂପି ମୁଁ ବସିଲି | ରସୋଚ୍ଛ୍ୱାସ | ୧୨୮ |
| ରେ ସଂଗାତ ନନ୍ଦିଲେ ନନ୍ଦିବେ | ରସୋଚ୍ଛ୍ୱାସ | ୧୨୯ |
| ରସମୟୀ ଶ୍ରୀ କିଶୋରୀ | କୁଂଜ ଅଭିସାର | ୧୫୩ |
| ଶ୍ରୀମନ୍ତ ଶ୍ରୀପତି ବୃନ୍ଦାବନେ | ଯୁଗଳ ମିଳନ | ୧ |
| ଶ୍ୟାମବନ୍ଧୁ ଆସିବେ | ବାସକସଜ୍ଜା ଶ୍ରୀରାଧା | ୧୯ |
| ଶ୍ରୀ ଗୌରଚନ୍ଦ୍ର ପଦ ବନ୍ଦରେ ମାନସ | ଗୌର ବନ୍ଦନା | ୨୧ |
| ଶୁଣ ହେ ମାଧବ ତୁମ୍ଭେ | ବିପ୍ରଲବ୍ଧା | ୧୫ |
| ଶୁଣ ସଖୀ ଚରଣ | ବିରହିଣୀ | ୬୭ |
| ଶ୍ୟାମ ଦଶା କର ଯାଇ ଲୋକନ | ଶ୍ରୀକୃଷ୍ଣ ବିରହ | ୬୫ |
| ଶୁଣ ସଖୀରେ | କଳହାନ୍ତରିତା | ୬୪ |
| ଶରଦ ରାତି କୁନ୍ଦକାନ୍ତି | ଶ୍ରୀରାଧା ବିରହ | |

| ବିଷୟ | | ପୃଷ୍ଠାଙ୍କ |
|---|---|---|
| ଶ୍ରୀମତୀ ଅରୁଣ | ଶ୍ରୀରାଧା ପ୍ରଶସ୍ତି | ୭୦ |
| ଶ୍ୟାମ ପ୍ରୀତିରେ ସଖୀ ମୁଁ | ଆକ୍ଷେପାନୁରାଗ | ୭୯ |
| ଶ୍ୟାମ ବନେ ସଜନୀ | ଉତ୍କଣ୍ଠିତା | ୧୧୭ |
| ଶ୍ୟାମ ଶ୍ରୀଅଙ୍ଗେ ନେତ୍ର | ନବାନୁରାଗ | ୧୧୮ |
| ଶ୍ୟାମସମ କମନୀୟ | ରସୋଚ୍ଛ୍ୱାସ | ୧୨୭ |
| ଶ୍ୟାମ ବିନା ସଜନୀ | ବାସକସଜ୍ଜା | ୧୪୭ |
| ଶ୍ୟାମ ବଡ଼ ଦୁଃଖୀ | ବିରହୀ କୃଷ୍ଣ | ୧୫୪ |
| ଶ୍ୟାମ ବନ୍ଧୁ ଗୁଣିଆ | ବିରହୋତ୍କଣ୍ଠିତା | ୨୨୯ |
| ଶ୍ୟାମ ବନ୍ଧୁରେ | ସଖୀ ପରାମର୍ଶ | |
| ଶ୍ୟାମ ସୁନ୍ଦର ହେ | ଖଣ୍ଡିତା | ୧୭୯ |
| ଷଟପଦ ମାଳ କେଶା | ଗୋଧନ ବାହୁଡ଼ା କୃଷ୍ଣ | ୧୨୬ |
| ସଙ୍ଗୀନୀରେ ରସ ରଂଗିଣୀରେ | ଶ୍ରୀକୃଷ୍ଣ ସ୍ତୁତି | ୯୯ |
| ସଖୀରେ ଏ ମୋ ଦୃଢ଼ ଭରସା | ରସୋଲ୍ଲାସ | ୩୨ |
| ସଖୀରେ କର ବିଲମ୍ବ କେତେଣ | ବାସକ ସଜ୍ଜା | ୯୪ |
| ସଖି ହେ କାହେ କହୁସି | ଦୁର୍ଲ୍ଲିସ୍ଥମାନ | ୫୪ |
| ସଖୀ ଗୁହାଁ ଏ ପରା | ରୂପାନୁରାଗ | ୭୯ |
| ସଖୀ ଗୋ ଦେଖ କେତେ | ଶ୍ରୀକୃଷ୍ଣଙ୍କ ରୂପାନୁରାଗ | ୯୫ |
| ସୁନାବରନୀ ମୋରେ | ମାନଭଂଜନ ବୃନ୍ଦୁ | ୯୮ |
| ସଖୀ କି କହିବ ବନ୍ଧୁ ଗୁଣ | ରସୋଚ୍ଛ୍ୱାସ | ୧୦୦ |
| ସଙ୍ଗୀନୀରେ କେଣେ କେହି | ଅଭିସାରିକା | ୧୧୯ |
| ସର ଗଲି ଗୋ | ନବାନୁରାଗ | ୧୪୨ |
| ସଖି କଳୁଂକବନେ ବଂଶୀ | ବଂଶୀ ବିଭବ | ୧୬୦ |
| ସେ ଶ୍ୟାମ ନାଗରକୁ | ଶ୍ରୀରାଧାଙ୍କ ନବାନୁରାଗ | ୧୦୯ |
| ସୁର ନର ଶକ୍ତି ଯୁତ | ଗୌର ବନ୍ଦନା | ୨୨ |
| ସଜନୀ ନଭଲ ମନେ | ସଖୀ ପ୍ରବୋଧ | ୧୦୮ |
| ସଜ ହୋଇଥାରେ | ସଖୀ | ୧୬୩ |
| ସଜନୀ ଅଜ ରଜନୀ | ଖଣ୍ଡିତା | ୨୨୫ |
| ସଜନୀ ପଥେ ବିଜେ ଗୋବିନ୍ଦ | ରୂପାନୁରାଗିଣୀ ଗୋପୀକା | ୧୬୨ |
| ସୁନ୍ଦରୀ ନେଲ ଚଉ ମୋହି | ନବାନୁରାଗୀ ଶ୍ରୀକୃଷ୍ଣ | ୧୭୦ |
| ସଖୀ ଦେଖିଲି ଅଜ ମୁଁ | ନବାନୁରାଗ | ୧୫୬ |

| ବିଷୟ | | ପୃଷ୍ଠାଙ୍କ |
| --- | --- | --- |
| ସେ ନବୀନ ଯୁବାବର | ରସୋଲ୍ଲାସ | ୧୭୪ |
| ସଖୀ ଚାଲ ସଙ୍ଗେ ଯିବା | ମାଥୁର | ୧୮୧ |
| ସଖୀ କୁଂଜ ବନେ ବଂଶୀ | ବଂଶୀ ବିଭବ | ୧୮୬ |
| ସଟୀ ଅନାଥରେ | ଗୋଧନ ବାହୁଡ଼ା | ୧୯୧ |
| ସଖୀରେ ମୁଁ କି | କଳହାନ୍ତରିତା | ୨୦୫ |
| ସତେ କି କେତକ୍ଷ ଗୋଷ୍ଠ | ବିରସ୍ଥ ଶ୍ରୀକୃଷ୍ଣ | ୧୯୩ |
| ସଜନୀ ଶ୍ୟାମଳ ସୁନ୍ଦର | ନବାନୁରାଗ | ୨୦୯ |
| ହେ ନିର୍ଲଜ ହୃଦଗାଧ | ସ୍ୱାଧୀନଭର୍ତ୍ତୃକା | ୧୬ |
| ଦୁଷ୍ଟ ନାଗର ହେ | ପଥାବରୋଧ | ୭୪ |
| ଦୁଷ୍ଟ ନକର ମୋତେ | ପଥାବରୋଧ | ୧୭୫ |
| ହେ ମୋହନ ଯା ଯା ମୋ ପାଶୁ | ଖଣ୍ଡିତା | ୮୬ |
| ହୋଇଥାରେ ବେଶ | ଅଭିସାରିକା | ୨୦୬ |